# ଧରିତ୍ରୀ
DHARITRI

ଢେଙ୍କାନାଳ, ସୋମବାର, ନଭେମ୍ବର ୪/୨୦୧୯ (୧୬ ପୃଷ୍ଠା) Dhenkanal, Monday, November 4 / 2019 ★★★★★

୧୫ଶ ଭାଗ ୨୫୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ରକୁଲ୍‌ଙ୍କ ଫ୍ଲର୍ଟିଂ ତାଲିମ**

ବି-ଟାଉନ୍ ଅଭିନେତ୍ରୀ ରକୁଲ ପ୍ରୀତ୍ ସିଂ ତାଙ୍କ ବେଷ୍ଟଫ୍ରେଣ୍ଡଙ୍କଠାରୁ ଫ୍ଲର୍ଟିଂ ଶିଖୁଛନ୍ତି।

୦୨

୧୫

**ବାର୍ଟିଙ୍କୁ ରେକର୍ଡ ଆର୍ଥିକ ପୁରସ୍କାର**

ଅଷ୍ଟ୍ରେଲିଆର ମହିଳା ଟେନିସ ଖେଳାଳି ଆସଲେ ବାର୍ଟି ଡବ୍ଲ୍ୟୁଟିଏ ଫାଇନାଲ୍ସର ଟାଇଟଲ ଜିତିବା ସହ ରେକର୍ଡ ଆର୍ଥିକ ପୁରସ୍କାର ଲାଭ କରିଛନ୍ତି।



# ଦିଲ୍ଲୀ ପ୍ରଦୂଷଣ ଅସମ୍ଭାଳ

- ରବିବାର ଏକ୍ୟୁଆଇ ୬୨୫କୁ ବୃଦ୍ଧି
- ୩୭ ବିମାନର ଅନ୍ୟତ୍ର ଅବତରଣ
- ନୋଏଡା, ଗାଜିଆବାଦରେ ସ୍କୁଲ ଛୁଟି
- ଦୈନନ୍ଦିନ ସ୍ଥିତି ଅନୁଧ୍ୟାନ କରିବେ କ୍ୟାବିନେଟ ସଚିବ
- ଆଜିଠୁ ଲାଗୁ ହେବ ଯୁଗ୍ମ-ଅଯୁଗ୍ମ ସୂତ୍ର



ନୂଆଦିଲ୍ଲୀ,୩।୧୧(ପି.ଟି.)

ରାଜଧାନୀ ଦିଲ୍ଲୀର ବାୟୁ ବିପଜ୍ଜନକ ସ୍ଥିତିରେ ପହଞ୍ଚିଛି। ଶନିବାର ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ୪୦୭ ଥିଲାବେଳେ ରବିବାର ଏହା ୬୨୫କୁ ବୃଦ୍ଧି ପାଇଛି। ଧୂଳି ଓ ଧୂଆଁର ବହଳ ଆସ୍ତରଣ ଦିଲ୍ଲୀ ଆକାଶକୁ ଆଚ୍ଛାଦିତ କରି ରଖିବା ଫଳରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବା ସାଙ୍ଗକୁ ଶ୍ୱାସକ୍ରିୟା ମଧ୍ୟ କଷ୍ଟକର ହୋଇପଡ଼ିଛି। ଆସ୍ତରଣ ଯୋଗୁ ସ୍ୱଷ୍ଟ ଦେଖାଯାଉ ନ ଥିବାରୁ ଦିଲ୍ଲୀରେ ଅବତରଣ କରିବାକୁ ଥିବା ୩୭ଟି ବିମାନକୁ ଅନ୍ୟ ବିମାନବନ୍ଦରକୁ ପଠାଇଦିଆଯାଇଛି। ଏୟାର ଇଣ୍ଡିଆର ୧୨ଟି ବିମାନ ଜୟପୁର, ଅମୃତସର ଓ ଲକ୍ଷ୍ନୌକୁ ପଠାଯାଇଛି। ଦିଲ୍ଲୀର ସମସ୍ତ ସ୍କୁଲ ମଙ୍ଗଳବାର ପର୍ଯ୍ୟନ୍ତ ବନ୍ଦ ରଖିବା ପାଇଁ ସରକାର ନିଷ୍ପତ୍ତି ନେଇଥିଲାବେଳେ ଏଥିରେ ନୋଏଡା ଓ ଗାଜିଆବାଦର ସ୍କୁଲଗୁଡ଼ିକୁ ମଧ୍ୟ ସାମିଲ କରାଯାଇଛି। ଦିଲ୍ଲୀ ବାୟୁ ପ୍ରଦୂଷଣକୁ ନେଇ ସୁପ୍ରିମକୋର୍ଟରେ ସୋମବାର ଶୁଣାଣି ହେବାକୁ ଥିବାବେଳେ ରବିବାର ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ର ଓ କ୍ୟାବିନେଟ ସଚିବ ରାଜୀବ ଗୌବା ଏହା ଉପରେ ଆଲୋଚନା କରିଥିବା ଜଣାପଡ଼ିଛି। ବୈଠକରେ ଦିଲ୍ଲୀର ଉଚ୍ଚ ପଦାଧିକାରୀମାନଙ୍କ ସହ ପଞ୍ଜାବ ଓ ହରିୟାଣା ସରକାରଙ୍କ ପ୍ରତିନିଧିମାନେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଆଲୋଚନାରେ ଭାଗ ନେଇଥିଲେ। କ୍ୟାବିନେଟ ସଚିବ ପ୍ରତିଦିନ ଦିଲ୍ଲୀ ଓ ପଡୋଶୀ ରାଜ୍ୟଗୁଡ଼ିକର ବାୟୁ ସ୍ଥିତି ଅନୁଧ୍ୟାନ କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିପରି ଦିଲ୍ଲୀ, ପଞ୍ଜାବ ଓ ହରିୟାଣାର ମୁଖ୍ୟ ସଚିବମାନଙ୍କୁ ବିଭିନ୍ନ ଜିଲାର ସ୍ଥିତି ଅନୁଧ୍ୟାନ କରିବାକୁ କୁହାଯାଇଛି।

ଉତ୍ତର ଭାରତରେ ବାୟୁ ପ୍ରଦୂଷଣ ସ୍ତର ଅସହ୍ୟ ହୋଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଟୁଇଟ୍ କରିଛନ୍ତି। ତାଙ୍କ ସରକାର ପ୍ରଦୂଷଣ ହ୍ରାସ ପାଇଁ ଏକାଧିକ ପଦକ୍ଷେପ ଗ୍ରହଣ କରିଛନ୍ତି। କୌଣସି ଦୋଷ ନ ଥାଇ ଦିଲ୍ଲୀବାସୀ ପ୍ରଦୂଷଣଜନିତ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ମଧ୍ୟ ପ୍ରଦୂଷଣକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। କେନ୍ଦ୍ର ସରକାର ଏନେଇ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ସେ କହିଛନ୍ତି। ପଡୋଶୀ ରାଜ୍ୟଗୁଡ଼ିକରେ ଚାଷୀ କ୍ଷେତରେ ନଡ଼ା ଜାଳିବା ଏବଂ ଶିଳ୍ପସଂସ୍ଥାଗୁଡ଼ିକ ବିଷାକ୍ତ ବର୍ଜ୍ୟ ପଦାର୍ଥ ଛାଡ଼ିବା ଯୋଗୁ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଥିବା ଦର୍ଶାଇ ଏଦିଗରେ ଆବଶ୍ୟକ ପଦକ୍ଷେପ ନେବା ଲାଗି ସମ୍ପୃକ୍ତ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେବା ନିମନ୍ତେ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ କର୍ତ୍ତୃପକ୍ଷ (ଇପିସିଏ) ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଅପରପକ୍ଷରେ ପ୍ରଦୂଷଣକୁ ନେଇ ରାଜନୀତି କରାଯିବା ଉଚିତ ନୁହେଁ। ସମ୍ପୃକ୍ତ ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କର ଏକ ବୈଠକ ଡାକିବା ଲାଗି କେଜ୍‌ରିୱାଲ କେନ୍ଦ୍ର ପରିବେଶ ମନ୍ତ୍ରୀ ପ୍ରକାଶ ଜାଭଡେକରଙ୍କୁ ଅନୁରୋଧ କରିଛନ୍ତି। ତାଙ୍କ ସରକାର କାହା ଉପରେ ଦୋଷ ଲଦିବାକୁ ଚାହୁଁ ନାହାନ୍ତି, ବରଂ ନଡ଼ା ପୋଡ଼ିଜନିତ ପ୍ରଦୂଷଣ ରୋକିବା ଦିଗରେ ସମାଧାନର ସୂତ୍ର ବାହାରିବା ଆବଶ୍ୟକ ବୋଲି ଏଏପି ନେତା କହିଛନ୍ତି।

ବାୟୁ ପ୍ରଦୂଷଣ ରୋକିବା ଲାଗି ଦିଲ୍ଲୀ ସରକାର ସୋମବାରଠାରୁ ଗାଡ଼ି ଚଳାଚଳ କ୍ଷେତ୍ରରେ ଯୁଗ୍ମ-ଅଯୁଗ୍ମ ସୂତ୍ର ପ୍ରୟୋଗ କରିବାକୁ ଯାଉଛନ୍ତି। ଏହା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଫଳରେ ରାସ୍ତାରେ ଯାନବାହନ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇବ। ଜାତୀୟ ରାଜଧାନୀ ଅଞ୍ଚଳରେ ଜନସ୍ୱାସ୍ଥ୍ୟ ଜରୁରୀ ପରିସ୍ଥିତି ଜାରିହେବା ସହ ମଙ୍ଗଳବାର ପର୍ଯ୍ୟନ୍ତ ସମସ୍ତ ସ୍କୁଲ କଲେଜ ବନ୍ଦ ରଖାଯାଇଛି। ବିମାନବନ୍ଦର, ଦିଲ୍ଲୀ ମେଟ୍ରୋ ସମେତ ଜାତୀୟ ରାଜଧାନୀ ଅଞ୍ଚଳରେ ମୁତୟନ ଥିବା ହଜାର ହଜାର ଯବାନଙ୍କୁ ସିଆଇଏସ୍‌ଏଫ ତରଫରୁ ଫେସ୍ ମାସ୍କ ଯୋଗାଇଦିଆଯାଇଛି।

■ଶୁଭ୍ରାଂଶୁଙ୍କ 'ମାଭିକ୍' ଡ୍ରୋନ୍‌କୁ ନାସା କହିଲା ମିରାକିଲ୍

# ଅନୁଗୋଳ ପୁଅକୁ ଆମେରିକା ଡାକରା

- ବିଶ୍ୱର ୧୩୮ ପ୍ରତିଯୋଗୀଙ୍କ ମଧ୍ୟରେ ମିଳିଛି ଦ୍ୱିତୀୟ ସ୍ଥାନ
- ସ୍ପେଶ୍ ସେଟେଲମେଣ୍ଟ ପ୍ରତିଯୋଗିତାରେ ଭାଗନେବେ
- ୨୭ରେ ଗସ୍ତ ପାଇଁ ସହାୟତା ଦେବେ ସରକାର





ଶୁଭ୍ରାଂଶୁଙ୍କ ଦ୍ୱାରା ପ୍ରସ୍ତୁତ 'ମାଭିକ୍' ଡ୍ରୋନ୍ ।

ଅନୁଗୋଳ ଅଫିସ, ୩।୧୧

୨୪ ଘଣ୍ଟା ଆକାଶରେ ଉଡ଼ାଣ କରିପାରିବ। ୧୫ କେଜିର ଫାଷ୍ଟଏଡ୍ ନେଇ ତୁରନ୍ତ ଅପହଞ୍ଚ ଅଞ୍ଚଳର ଗୁରୁତର କିମ୍ବା ଦୁର୍ଘଟଣାଗ୍ରସ୍ତଙ୍କ ନିକଟରେ ପହଞ୍ଚାଇ ପାରିବ। ଖଞ୍ଜାଯାଇଥିବା କ୍ୟାମେରାରେ ଡାକ୍ତରଙ୍କ ସହ ଲୋକଙ୍କ ସିଧାସଳଖ କଥା କରାଇ ଜରୁରୀ ଚିକିତ୍ସାରେ ସହାୟତା କରିପାରିବ। ମାତ୍ର ୬୫ ହଜାର ଟଙ୍କାରେ ଅନୁଗୋଳ ଗାନ୍ଧୀମାର୍ଗ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୯ମ ଶ୍ରେଣୀ ଛାତ୍ର ଶୁଭ୍ରାଂଶୁ ନାୟକ ପ୍ରସ୍ତୁତ କରିଥିବା ଏହି 'ମାଭିକ୍' ଡ୍ରୋନ୍ ନାସା (ନ୍ୟାଶନାଲ ଏରୋନଟିକ୍ସ ଆଣ୍ଡ ସ୍ପେଶ୍ ଆଡମିନିଷ୍ଟ୍ରେଶନ) ଦ୍ୱାରା ମନୋନୀତ ହୋଇଛି। ଏପରି କି ୨୦୨୦ ଜାନୁୟାରୀ ପହିଲାରେ ହେବାକୁ ଥିବା ନାସା ସ୍ପେଶ୍ ସେଟେଲମେଣ୍ଟ ପ୍ରତିଯୋଗିତାରେ ଭାଗ ନେବାକୁ ଆମେରିକାରୁ ଶୁଭ୍ରାଂଶୁଙ୍କୁ ଡାକରା ମିଳିଛି।

ସାରା ବିଶ୍ୱରେ ପରିଚିତ ହେବାକୁ ଯାଉଥିବା ଛାତ୍ର ଶୁଭ୍ରାଂଶୁଙ୍କ ଘର ଅନୁଗୋଳ ସହର ଉପକଣ୍ଠ ହୁଲୁରିସିଂହାରେ। ବାପା ଲକ୍ଷ୍ମଣ ନାୟକ ବ୍ୟାଗ ତିଆରି କରି ବିକ୍ରି କରନ୍ତି। ମା' ସୁଲୋଚନା ନାୟକ ☞ପୃଷ୍ଠା-୪

# ପୁଣି ବଢ଼ିଲା ପିଆଜ ଦର

**ବର୍ଷା ସାଜିଲା କାଳ**

- ୪ ଦିନ ମଧ୍ୟରେ ପ୍ରାୟ ୨୦ ଟଙ୍କା ବୃଦ୍ଧି
- ବିଭିନ୍ନ ସହରରେ କିଲୋ ପିଛା ୬୦ରୁ ୬୫ ଟଙ୍କାରେ ବିକ୍ରି
- ଉପର ମୁଣ୍ଡରେ ବଢ଼ିଛି ପାଇକାରୀ ଦର
- କଳାବଜାର, କୃତ୍ରିମ ଅଭାବ ରୋକିବାକୁ ପ୍ରୟାସ



ଭୁବନେଶ୍ୱର,୩।୧୧(ବ୍ୟୁରୋ)

କିଛିଦିନର ବ୍ୟବଧାନ ପରେ ପିଆଜ ଦର ଅହେତୁକ ବୃଦ୍ଧି ପାଇଛି। ଭୁବନେଶ୍ୱର, ପୁରୀ ସମେତ ରାଜ୍ୟର ବିଭିନ୍ନ ସହରରେ ରବିବାର ପିଆଜ ଦର କିଲୋ ପ୍ରତି ୬୦ରୁ ୬୫ ଟଙ୍କାରେ ବିକ୍ରି ହୋଇଛି। ଶନିବାର ଏହା କିଲୋ ପିଛା ୫୫ରୁ ୬୦ ଟଙ୍କା ଏବଂ ୩/୪ଦିନ ପୂର୍ବରୁ ୪୦ରୁ ୪୫ ଟଙ୍କାରେ ବିକ୍ରି ହେଉଥିଲା। ଉପରମୁଣ୍ଡରେ ପାଇକାରୀ ଦର ବୃଦ୍ଧି ହୋଇଥିବାରୁ ଆଗାମୀ ଦିନରେ ଦର ଆହୁରି ବୃଦ୍ଧି ପାଇବା ଆଶଙ୍କା କରାଯାଉଛି।

ଗତ ୪ ଦିନ ମଧ୍ୟରେ ପିଆଜ ଦର କିଲୋ ପ୍ରତି ପ୍ରାୟ ୨୦ ଟଙ୍କା ବୃଦ୍ଧି ଖାଉଟିଙ୍କ ଚିନ୍ତା ବଢ଼ାଇ ଦେଇଛି। ସାଧାରଣ ଖାଉଟି, ଖୁଚୁରା ବ୍ୟବସାୟୀ ଏବଂ କ୍ଷୁଦ୍ର ହୋଟେଲଗୁଡ଼ିକ ପିଆଜ ବ୍ୟବହାର କମାଇ ଦେଇଛନ୍ତି। ୨ରୁ ୩ କିଲୋ ପିଆଜ କ୍ରୟ କରୁଥିବା ପରିବାର ୫୦୦ ଗ୍ରାମ କିଣିବାକୁ ବାଧ୍ୟ ହେଉଛନ୍ତି। ହୋଟେଲରେ ଖାଦ୍ୟ ପରଷିବା ପୂର୍ବରୁ ପିଆଜ ଦିଆଯିବା ଏକ ନିୟମିତ ଧାରା। ଏବେ ତାହା ବନ୍ଦ ହୋଇଯାଇଛି। ପ୍ରାୟତଃ ମହାରାଷ୍ଟ୍ରର ନାସିକ୍‌ରୁ ପିଆଜ ଆସୁଥିବାବେଳେ ସେଠାରେ ପାଇକାରୀ ଦର କିଲୋ ପିଛା ୪୦ରୁ ୪୫ ଟଙ୍କା ରହିଥିବା ଜଣାପଡ଼ିଛି। ନୂଆ ଅମଳ ହୋଇଥିବା ପିଆଜ ଆସିବା ସମ୍ଭାବନା ନାହିଁ। ଚଳିତ ମାସ ମଧ୍ୟଭାଗରେ ଆନ୍ଧ୍ରରୁ ପିଆଜ ଆସିବା ନେଇ ଆଶା କରାଯାଉଛି। ହେଲେ ଏହି ଆମଦାନୀ ସାରା ରାଜ୍ୟର ଦରକୁ ନିୟନ୍ତ୍ରଣ କରାଇବାରେ ଏତେଟା ସହାୟକ ହେବ ନାହିଁ। ଏନେଇ ଓଡ଼ିଶା ବ୍ୟବସାୟୀ ମହାସଂଘ ମହାସଚିବ ସୁଧାକର ପଣ୍ଡା କହିଛନ୍ତି ଯେ, ମହାରାଷ୍ଟ୍ର ସମେତ ପିଆଜ ଉତ୍ପାଦନ ହେଉଥିବା ପ୍ରାୟ ୪ଟି ରାଜ୍ୟ ବର୍ଷା ଦ୍ୱାରା ପ୍ରଭାବିତ ହୋଇଛି। ଅମଳ ହୋଇଥିବା ଲକ୍ଷ ଲକ୍ଷ ଟନ୍‌ର ପିଆଜ ନଷ୍ଟ ହୋଇଛି। ବର୍ତ୍ତମାନ ପରିସ୍ଥିତି ଯାହା, ନୂଆ ପିଆଜ ପାଇଁ ଆହୁରି ମାସେ ସମୟ ଲାଗିବ। ତେଣୁ ପିଆଜ ଦର ବୃଦ୍ଧି ପାଇଛି। ରବିବାର ☞ପୃଷ୍ଠା-୪

# ୮ରୁ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୩।୧୧(ବ୍ୟୁରୋ)

ରାଜ୍ୟରେ ପୁଣି ହୋଇପାରେ ବର୍ଷା। ଉତ୍ତର ଆଣ୍ଡାମାନ ସାଗର ଉପରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ ବୋଲି ପୂର୍ବାନୁମାନ କରାଯାଉଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟାରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। କ୍ରମେ ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଗତି କରି ପରବର୍ତ୍ତୀ ୨-୩ ଦିନ ମଧ୍ୟରେ ଡିପ୍ରେଶନ୍‌ରେ ପରିଣତ ହେବ। ଆସନ୍ତା ୬ କିମ୍ବା ୭ ତାରିଖ ବେଳକୁ ଆକାଶ ମେଘାଚ୍ଛନ୍ନ ରହିବ । ସେହିପରି ୮ କିମ୍ବା ୯ ତାରିଖ ବେଳକୁ ବର୍ଷା ଓ ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ପରିମାଣ ବଢ଼ିବାର ସମ୍ଭାବନା ରହିଛି। ଏହାସହ ଉପକୂଳ ଓଡ଼ିଶାରେ ଘଣ୍ଟାପ୍ରତି ପ୍ରାୟ ୫୦ କିମି ବେଗରେ ପବନ ବହିବ ବୋଲି ପୂର୍ବାନୁମାନ କରାଯାଉଛି। ☞ପୃଷ୍ଠା-୪

# ୫ ବର୍ଷରେ ବନ୍ଦ ହୋଇଛି ୩୪୨୭ ବ୍ୟାଙ୍କ ଶାଖା

ନୂଆଦିଲ୍ଲୀ, ୩।୧୧

ଗତ ୫ ବର୍ଷ ମଧ୍ୟରେ ଦେଶର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ୩୪୨୭ ବ୍ୟାଙ୍କ ଶାଖା ବନ୍ଦ କରିଥିବା ଜଣାପଡ଼ିଛି। ସୂଚନା ଅଧିକାର କର୍ମୀ ଚନ୍ଦ୍ର ଶେଖର ଗୌଡ ରିଜର୍ଭ ବ୍ୟାଙ୍କକୁ ଏ ନେଇ ମାଗିଥିବା ଏକ ସୂଚନାରୁ ଜଣାପଡ଼ିଛି। ମିଶ୍ରଣ କିମ୍ବା ବନ୍ଦ ପ୍ରକ୍ରିୟା ଦ୍ୱାରା ଏହି ଶାଖାଗୁଡ଼ିକ ବନ୍ଦ କରାଯାଇଛି। ବନ୍ଦ ହୋଇଥିବା ମୋଟ ଶାଖା ମଧ୍ୟରୁ ପ୍ରାୟ ୭୫% ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ)ର ଶାଖା ରହିଛି। ଏସ୍‌ବିଆଇ ସହ ଏହାର ୫ ସହଯୋଗୀ ବ୍ୟାଙ୍କ ଏବଂ ମହିଳା ବ୍ୟାଙ୍କର ମିଶ୍ରଣ ପରେ ଅନେକ ଶାଖା ବନ୍ଦ କରାଯାଇଥିଲା। (ବିସ୍ତୃତ ରପୋର୍ଟ ବିଜ୍‌ନେସ ପୃଷ୍ଠା)




**ଆଜିର ସମ୍ପାଦକୀୟ**

ଟ୍ୟାଙ୍ଗ ଯୁଦ୍ଧ

**ଆଜିର ମନ୍ତବ୍ୟ**

"ଭାରତୀୟ ଶିଖ୍ ଯାତ୍ରୀଙ୍କୁ ସ୍ୱାଗତ କରିବା ପାଇଁ କର୍‌ତାରପୁର ପ୍ରସ୍ତୁତ।

-ଇମ୍ରାନ୍ ଖାନ, ପାକିସ୍ତାନ ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ସେପ୍ଟେମ୍ବରରେ ଦେଶର କୋଇଲା ଆମଦାନୀ ୯.୩% ବୃଦ୍ଧି ଘଟି ୧୨୬.୯୧ ନିୟୁତ ଟନ୍ ରହିଛି।

– କୋଇଲା ମନ୍ତ୍ରଣାଳୟ


Vencobb FRESH CHICKEN — Taste the difference!

03.11.2019


| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 65 | 113 | 123 |
| CTC | 65 | 113 | 123 |
| DKL | 65 | 113 | 123 |
| BDK | 67 | 115 | 125 |
| BLS | 67 | 115 | 125 |
| ANG | 65 | 113 | 123 |
| BHM | 61 | 107 | 117 |

*Conditions Apply

Issued in the Interest of Consumers


# ଶ୍ରୀତମ୍‌ଙ୍କୁ ଅନ୍ତର୍ଜାତୀୟ ଫଟୋଗ୍ରାଫି ଆୱାର୍ଡ



ଅନ୍ତର୍ଜାତୀୟ ଫଟୋଗ୍ରାଫି ଆୱାର୍ଡ ସହ ଶ୍ରୀତମ୍ ଓ ତାଙ୍କ ଦ୍ୱାରା ଉଠାଯାଇଥିବା ଫଟୋ।

ବାଲେଶ୍ୱର ଅଫିସ, ୩।୧୧

ସ୍ମାର୍ଟଫୋନରେ ଫଟୋ ଉଠାଇ ଚର୍ଚ୍ଚାକୁ ଆସିଥିବା ବାଲେଶ୍ୱର ଜିଲା ଶୋଭାରାମ୍‌ପୁର ଅଞ୍ଚଳର ଶ୍ରୀତମ୍ କୁମାର ସେଠୀ ଚଳିତବର୍ଷ ଅନ୍ତର୍ଜାତୀୟ ଫଟୋଗ୍ରାଫି ଆୱାର୍ଡ ପାଇପାରିଛନ୍ତି। ବନ୍ୟଜନ୍ତୁ ଓ ସବୁଜିମାଭରା ପ୍ରକୃତିର ଫଟୋ ଉଠାଇବାକୁ ସେ ଅଧିକ ଆଗ୍ରହ ରଖିଥାନ୍ତି। ଗତ ହୋଲି ଉତ୍ସବ ବେଳେ ଉଠାଇଥିବା ଏକ କଳାତ୍ମକ ଫଟୋ ପାଇଁ ସେ ଏହି ଅନ୍ତର୍ଜାତୀୟ ସମ୍ମାନ ଲାଭ କରିଛନ୍ତି। ଭୁବନେଶ୍ୱରସ୍ଥିତ ହାଇଟେକ୍ ମେଡିକାଲ କଲେଜରେ ବିଫାର୍ମା ପଢୁଥିବା ଶ୍ରୀତମ ଫଟୋ ଉଠାଇବା ପାଇଁ କେବେ କୌଣସି ଦାମୀ ଡିଜିଟାଲ୍ କ୍ୟାମେରା ବ୍ୟବହାର କରି ନ ଥାନ୍ତି। ସ୍ମାର୍ଟଫୋନ୍‌ର ଉପଯୁକ୍ତ ବ୍ୟବହାର କରି ସେ ବିଭିନ୍ନ ଦୃଶ୍ୟର ଛବି ଉତ୍ତୋଳନ କରିଥାନ୍ତି। ଅନ୍ତର୍ଜାତୀୟ ଫଟୋଗ୍ରାଫି ଆୱାର୍ଡ ତାଙ୍କୁ ଏ ଦିଗରେ ଅଧିକ ଉତ୍ସାହ ଯୋଗାଇବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଶ୍ରୀତମ କହିଛନ୍ତି, ଚଳିତବର୍ଷ ଆମେରିକାର ନ୍ୟୁୟର୍କରେ ଆୟୋଜିତ ଅନ୍ତର୍ଜାତୀୟ ଫଟୋଗ୍ରାଫି ପ୍ରତିଯୋଗିତାରେ ବିଭିନ୍ନ ଦେଶରୁ ୧ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କ ଫଟୋଗ୍ରାଫି ପୁରସ୍କାର ଘୋଷଣା କରାଯାଇଥିଲା। ଏ ବାବଦରେ ତାଙ୍କୁ ମିଳିଛି ମାନପତ୍ର ସହ ୫ ହଜାର ଡଲାର ଅର୍ଥରାଶି। ଗତ ଦୁଇବର୍ଷ ପୂର୍ବରୁ ସେ ଫଟୋଗ୍ରାଫି ଉପରେ କିଛି ନୂତନତ୍ୱ ଆଣିବା ଲକ୍ଷ୍ୟ ନେଇ କାର୍ଯ୍ୟ କରି ଆସୁଥିଲେ। ଦାମୀ କ୍ୟାମେରା ଏବଂ ଆବଶ୍ୟକ ଉପକରଣ ନ ଥିବା କାରଣରୁ ସେ କେତେକାଂଶରେ ପଛରେ ପଡ଼ିଯାଇଥିବା ମନେ କରୁଥିଲେ। କିନ୍ତୁ ନିରାଶ ନ ହୋଇ ମୋବାଇଲ୍ ଫୋନ ସହାୟତାରେ ଫଟୋ ଉଠାଇବା ପ୍ରକ୍ରିୟା ଜାରି ରଖିଥିଲେ। ହୋଲି ସମୟରେ ସେ ଉଠାଇଥିବା କେତେକ ଫଟୋକୁ ନେଇ ଏକ ଡକ୍ୟୁମେଣ୍ଟାରୀ ପ୍ରସ୍ତୁତ କରି ଇନ୍‌ଷ୍ଟାଗ୍ରାମ୍‌ରେ ଶେୟାର କରିବା ସହ ନ୍ୟାଶନାଲ୍ ଜିଓଗ୍ରାଫିରେ ଛାଡ଼ିଥିଲେ। ☞ପୃଷ୍ଠା-୪



ଜାଲିଆନୱାଲା ବାଗ୍ ଗଣହତ୍ୟା ଭାରତୀୟ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା। ଏହାର ଶତବାର୍ଷିକୀକୁ ଯେପରି ଗୁରୁତ୍ୱ ଦିଆଯିବା କଥା ସେପରି ଦିଆଯାଇନାହିଁ।

-ଗୁଲଜାର, ପ୍ରଖ୍ୟାତ କବି ଓ ଗୀତିକାର

# ଫ୍ଲର୍ଟିଂ ଶିଖୁଛନ୍ତି ରକୁଲ୍ ପ୍ରୀତ୍



**ମୁମ୍ବାଇ:** ସୌନ୍ଦର୍ଯ୍ୟ ଆଉ ଟାଲେଣ୍ଟ କଥା ଉଠିଲେ ବି-ଟାଉନ୍ ଅଭିନେତ୍ରୀ ରକୁଲ୍ ପ୍ରୀତ୍ ସିଂ କାହା ତୁଳନାରେ କମ୍ ନୁହନ୍ତି। କିନ୍ତୁ ଯେତେବେଳେ ଫ୍ଲର୍ଟିଂ ବିଷୟ ଆସେ, ପଛରେ ପଡ଼ିଯାଆନ୍ତି ଏହି ସୁନ୍ଦରୀ। ରକୁଲ୍ କୁହନ୍ତି, ସେ କାଳେ ପ୍ୟାର୍, ମହୋବତ, ଇସ୍କ, ଫ୍ଲର୍ଟ ମାମଲାରେ କମ୍‌ଜୋର୍। ଏଣୁ ସେ ତାଙ୍କ ବେଷ୍ଟ-ଫ୍ରେଣ୍ଡଙ୍କ ନିକଟରେ ଏନେଇ ଟ୍ରେନିଂ ନେଉଛନ୍ତି। ଜାଣିବାକୁ ଚାହିଁବେନି ବି-ଟାଉନ୍‌ର ସେ କେଉଁ ଅଭିନେତ୍ରୀ, ଯାହାଙ୍କଠୁଁ ରକୁଲ୍ ନିଅନ୍ତି ଫ୍ଲର୍ଟିଂ ଟିପ୍ସ। ଜଣେ ଭଲ ଅଭିନେତ୍ରୀ ହିସାବରେ ଖୁବ୍ କମ୍ ସମୟ ଭିତରେ ବଲିଉଡ୍‌ରେ ନାଁ କରିସାରିଲେଣି ସୁନ୍ଦରୀ ରକୁଲ୍। କିନ୍ତୁ କାହା ସହ ଫ୍ଲର୍ଟ କରିବାରେ ସେ ଏକଦମ୍ ଜିରୋ। ଏକଥା ସେ ନିଜେ କହିଛନ୍ତି। ରକୁଲ୍ ସବୁବେଳେ ଭାବନ୍ତି ତାଙ୍କୁ ଫ୍ଲର୍ଟ କରି ଆସେନାହିଁ। ହେଲେ ସେ କୌଣସି ବ୍ୟକ୍ତିଙ୍କ ସହ ଭଲରେ କଥାବାର୍ତ୍ତା ବା ଆଲୋଚନା କିନ୍ତୁ କରିପାରନ୍ତି। ଏପରି କି ତାଙ୍କ ସହ କେହି ଫ୍ଲର୍ଟ କଲେ ମଧ୍ୟ ସେ ଜାଣିପାରନ୍ତି ନାହିଁ। ଏନେଇ ବନ୍ଧୁମାନେ ରକୁଲ୍‌ଙ୍କୁ ଜଣାଇଥାନ୍ତି, ଯାହା ସେ ଅନୁଭବ କରିପାର୍ନି ପରେ ଖୁବ୍ ହସନ୍ତି। ଏଣୁ ରକୁଲ୍ ବି ଏବେ ଫ୍ଲର୍ଟ କରିବା ଶିଖୁଛନ୍ତି। ଆଉ ତାଙ୍କୁ ଟିପ୍ସ ଦେଉଛନ୍ତି ତାଙ୍କ ବେଷ୍ଟି ରିୟା ଚକ୍ରବର୍ତ୍ତୀ। ଏ ସବୁ ମାମଲାରେ ରିୟାଙ୍କୁ ଅଭିଜ୍ଞ ବୋଲି ମାନନ୍ତି ରକୁଲ୍। ପୁରୁଷଙ୍କ ଭିତରେ କେଉଁ ଗୁଣ ତାଙ୍କୁ ଆକର୍ଷିତ କରିବାକୁ ଯଥେଷ୍ଟ ବୋଲି ଏକ ପ୍ରଶ୍ନର ଉତ୍ତରରେ ରକୁଲ୍ କୁହନ୍ତି, ସେ ବୁଦ୍ଧିମାନ ପୁରୁଷଙ୍କୁ ପସନ୍ଦ କରନ୍ତି। କାହା ସହ କଥା ହେବାକୁ ହେଲେ ବାର୍ତ୍ତାଳାପ ମଜାଦାର ହେବା ସହ ବୁଦ୍ଧିମତ୍ତାର ସହ ମଧ୍ୟ ହେବା ଆବଶ୍ୟକ। ଏପରି ନ ହେଲେ ଅଧିକରୁ ଅଧିକ ୨-୩ ଦିନ, ୨-୩ ସପ୍ତାହ କିମ୍ବା ୨-୩ ମାସ ହିଁ ସମ୍ପର୍କ ତିଷ୍ଠିପାରିବ। ତେବେ ଏଭଳି ପୁରୁଷଙ୍କ ସଂଖ୍ୟା କିନ୍ତୁ କମ୍, ଯାହାଙ୍କ ସହ ଭଲ ବିଷୟରେ କଥାବାର୍ତ୍ତା ବା ଆଲୋଚନା କରିହେବ।

## ଟିପ୍ସ ଦେଉଛନ୍ତି ତାଙ୍କ ବେଷ୍ଟି ରିୟା ଚକ୍ରବର୍ତ୍ତୀ

# ଗାଁରେ ସୃଷ୍ଟି କରିଛନ୍ତି ଜଙ୍ଗଲ



ମନରେ ଯଦି କିଛି କରିବାର ଦୃଢ଼ ଇଚ୍ଛାଶକ୍ତି ଓ ନିଷ୍ଠା ରହିଥାଏ, ସେଠାରେ ବୟସ କେବଳ ଏକ ସଂଖ୍ୟାରେ ସୀମିତ ରହିଯାଇଥାଏ। ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ ଜିଲା ଅଧୀନ ପଶାଲତ ଗ୍ରାମରେ ରହୁଥିବା ୭୬ ବର୍ଷୀୟା ପ୍ରଭା ଦେବୀ ଏହା ପ୍ରମାଣିତ କରିଛନ୍ତି। ସେ ସମୟରେ କମ୍ ବୟସରେ ଏକ ଯୌଥ ପରିବାରରେ ବିବାହ କରିଥିବା ପ୍ରଭା କେବଳ ଚାରିକାନ୍ଥ ମଧ୍ୟରେ ରହି ନ ଯାଇ ନିଜ ଗାଁ ସମେତ ସମଗ୍ର ଦେଶରେ ନିଜର ଏକ ଭିନ୍ନ ପରିଚୟ ସୃଷ୍ଟି କରିଛନ୍ତି। ବର୍ତ୍ତମାନ ସମୟରେ ବିକାଶ ନାମରେ ପ୍ରତିଦିନ ଗଛ କଟାଯାଉଥିବାବେଳେ ଏହା ଆମ ପରିବେଶ ଏବଂ ପୃଥିବୀ ପାଇଁ ମହାବିପଦ ସୃଷ୍ଟି କରୁଛି। ହେଲେ ଏଥିପ୍ରତି ସଚେତନ ଥିବା ଲୋକ କମ୍ ଅଛନ୍ତି। ଗଛକୁ ସମସ୍ତେ ଭଲ ପାଆନ୍ତି, ମାତ୍ର ଚାରାଟିଏ ଲଗାଇବା ଓ ତାହାର ଯତ୍ନ ନେବାର ମହତ୍ତ୍ୱ ସମସ୍ତେ ଜାଣନ୍ତିନି। ହେଲେ ସେ ନିଜ ପରିଣତ ବୟସରେ ଏକାକୀ ୫୦୦ରୁ ଊର୍ଦ୍ଧ୍ୱ ଗଛ ଲଗାଇ ଗାଁ ରେ ଏକ ଜଙ୍ଗଲ ସୃଷ୍ଟି କରିଛନ୍ତି। ଏପରିକି ନିଜ ଘର ପରିସରରେ ମଧ୍ୟ ବିଭିନ୍ନ ପ୍ରକାର ଫୁଲ ଓ ଫଳ ଗଛ ଲଗାଇ ସୁନ୍ଦର ଏବଂ ସୁସ୍ଥ ପରିବେଶ ସୃଷ୍ଟି କରିଛନ୍ତି। ଏହି ରାସ୍ତା ଦେଇ ଲୋକେ ଯିବା ସମୟରେ ପ୍ରଭାଙ୍କ ବଗିଚା ସମସ୍ତଙ୍କ ମନ କିଣିଥାଏ ଏବଂ ଏକ ପର୍ଯ୍ୟଟନସ୍ଥଳୀର ଭ୍ରମ ସୃଷ୍ଟି କରିଥାଏ। ଗୁରୁତ୍ୱପୂର୍ଣ୍ଣ ବିଷୟ କଥା ହେଲା, ଆଖପାଖ ଅଞ୍ଚଳରେ ମିଳୁ ନ ଥିବା ବୃକ୍ଷକୁ ମଧ୍ୟ ସେ ନିଜ ଜଙ୍ଗଲରେ ଲଗାଇ ବଢ଼ାଇବାରେ ସକ୍ଷମ ହୋଇଛନ୍ତି। ନିଜ ଗାଁ ଓ ବୃକ୍ଷ ପ୍ରତି ତାଙ୍କର ଗଭୀର ସ୍ନେହ। ତେଣୁ ଯେତେବେଳେ ଯେଉଁଠାରେ ସୁଯୋଗ ମିଳେ ସେଠାରେ ଚାରାରୋପଣ କରିଥାନ୍ତି। ଏମିତିକି ସେ ଗଛ ଗୁଡ଼ିକୁ ଛାଡ଼ି ଦିନେ ମଧ୍ୟ ଗାଁ ରୁ ବାହାରକୁ ଯାଇ ନ ଥାନ୍ତି। ନିଜ ଘରେ ଗାଈ, ମଇଁଷି ରହୁଥିବାବେଳେ ସେମାନଙ୍କ ପାଇଁ ଚାରା ଆଣିବାକୁ ଯିବା ସମୟରେ ମଧ୍ୟ ଚାରା ଗୁଡ଼ିକୁ କେବେ ମୂଳରୁ ଓପାଡ଼ି ନ ଥାନ୍ତି। ଏହା ହିଁ ପ୍ରକୃତି ପ୍ରତି ରହିଥିବା ତାଙ୍କ ପ୍ରେମକୁ ପ୍ରମାଣିତ କରେ। ବର୍ତ୍ତମାନ ଯେପରି ଜଳବାୟୁ ଓ ପରିବେଶରେ ପରିବର୍ତ୍ତନ ଘଟୁଛି, ଏଥିପାଇଁ ଯଥେଷ୍ଟ ବୃକ୍ଷର ଆବଶ୍ୟକତା ରହିଛି। ତେଣୁ ପ୍ରଭା ଦେବୀଙ୍କ ପ୍ରକୃତି ପ୍ରତି ଯୋଗଦାନ ସମସ୍ତଙ୍କ ପାଇଁ ଉଦାହରଣ ନିଶ୍ଚୟ।

## ପ୍ରଭା ଦେବୀଙ୍କ ପ୍ରକୃତି ପ୍ରେମ

**ମୁଜାଫରନଗର:** ଉତ୍ତରପ୍ରଦେଶର ମୁଜାଫରନଗର ଜିଲା ଅନ୍ତର୍ଗତ ସୋହଜାନି ଗ୍ରାମରେ ୪ ମାସର ଶିଶୁଟି ଘରେ ଶୋଇଥିଲାବେଳେ ମାଙ୍କଡ଼ ଏକ ପଥର ଖସାଇଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ କହିବା ଅନୁଯାୟୀ, ଶନିବାର ଛାତ ଉପରେ ଥିବା ମାଙ୍କଡ଼ଟି ପଥର ଖଣ୍ଡେ ଉଠାଉଥିଲାବେଳେ ତାହା ଖସିପଡିଥିଲା। ତଳ ମହଲାରେ ଶୋଇଥିବା ଶିଶୁ ଉପରେ ଉକ୍ତ ପଥର ଖଣ୍ଡ ପଡିବାରୁ ସେ ଗୁରୁତର ଆହତ ହୋଇଥିଲେ। ହସ୍ପିଟାଲକୁ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



## ମାଙ୍କଡ଼ଠାରୁ ପଥର ଖସି ଶିଶୁର ମୃତ୍ୟୁ

# ମିଳିଲା ୨.୨୮ କୋଟିର ହଜିଲା ଭାଓଲିନ୍

**ଲଣ୍ଡନ:** ସ୍ୱନାମଧନ୍ୟ ସଙ୍ଗୀତଜ୍ଞ ଷ୍ଟିଫେନ୍ ମୋରିସ୍‌ଙ୍କ ହଜିଯାଇଥିବା ଏଣ୍ଟିକ୍ ଭାଓଲିନ୍ ୧୦ଦିନ ପରେ ମିଳିଛି। ୩୧୦ ବର୍ଷ ପୁରୁଣା ଏହି ଭାଓଲିନର ମୂଲ୍ୟ ୨.୫ ପାଉଣ୍ଡ, ଯାହା ଭାରତୀୟ ମୁଦ୍ରାରେ ୨ କୋଟି ୨୮ ଲକ୍ଷ ଟଙ୍କା ହେବ। ୧୭୦୯ରେ ଡେଭିଡ ଟେକ୍ଲର ଏହାକୁ ତିଆରି କରିଥିଲେ। ୨୨ଅକ୍ଟୋବରରେ ଦକ୍ଷିଣ ଲଣ୍ଡନରେ ଟ୍ରେନ୍ ଯାତ୍ରା କରୁଥିବାବେଳେ ମୋରିସଙ୍କ ଅତିପ୍ରିୟ ଏହି ଭାଓଲିନ୍ ହଜିଯାଇଥିଲା। ଶୁକ୍ରବାର ରାତି ୧୦ଟା ୧୦ରେ କେକେନ୍‌ହମ୍ ରେଲୱେ ଷ୍ଟେଶନ ନିକଟବର୍ତ୍ତୀ ଏକ ସୁପର ମାର୍କେଟ ଅଞ୍ଚଳରେ ଜଣେ ବ୍ୟକ୍ତି ଉକ୍ତ ଭାଓଲିନ ଧରି ବୁଲୁଥିବା ଦେଖିବାକୁ ମିଳିଥିଲା। ଏ ସଂକ୍ରାନ୍ତରେ ମୋରିସ୍ ବିଧିବଦ୍ଧ ଭାବେ ପୋଲିସ ନିକଟରେ ଅଭିଯୋଗ କରିବା ପରେ ବ୍ରିଟିଶ ଟ୍ରାନ୍ସପୋର୍ଟ ପୋଲିସ ସିସିଟିଭି ଫୁଟେଜ୍ ଜାରି କରିଥିଲା। ଏହାର ୨୪ ଘଣ୍ଟା ପରେ ବ୍ୟକ୍ତି ଜଣକ ମୋରିସ୍‌ଙ୍କୁ ମେସେଜ୍ ପଠାଇ ଭାଓଲିନ୍‌ଟି ତାଙ୍କ ପାଖରେ ଥିବା କହିଥିଲେ। ଏଥିସହ ଏହାକୁ ସେ ଫେରାଇ ଦେବାକୁ ଚାହୁଁଥିବା ମଧ୍ୟ କହିଥିଲେ। ଭାଓଲିନ୍ ଫେରାଇବା ପାଇଁ ସମୟ ଏବଂ ସ୍ଥାନ ଠିକ୍ କରାଯାଇଥିଲା। ସମ୍ପୃକ୍ତ ବ୍ୟକ୍ତି ନିର୍ଦ୍ଧାରିତ ସମୟର ୨୦ ସେକେଣ୍ଡ ବିଳମ୍ବରେ ପହଞ୍ଚିଥିଲେ। ସେ ପ୍ରଥମେ ମୋରିସ୍‌ଙ୍କ ସହ ହାତ ମିଳାଇଥିଲେ। ଏହାପରେ ନିଜ ଭୁଲ ପାଇଁ କ୍ଷମା ମାଗିଥିଲେ। ଏ ସଂକ୍ରାନ୍ତରେ ମୋରିସ୍ କୁହନ୍ତି, ଅଭିଯୁକ୍ତ ତାଙ୍କୁ କ୍ଷମା ମାଗି ସାରିଛନ୍ତି। ସେ ବ୍ୟକ୍ତିଗତ ଭାବେ ତାଙ୍କୁ ଭାଓଲିନ୍ ଦେବାକୁ ଚାହୁଁଥିଲେ। ଶେଷରେ ଭାଓଲିନ୍ ତାଙ୍କ ପାଖକୁ ସୁରକ୍ଷିତ ଭାବେ ଆସି ପହଞ୍ଚିଛି। ଏଥିରେ ସେ ବେଶ୍ ଖୁସି ଥିବା କହିଛନ୍ତି। ଅନ୍ୟପଟେ ବ୍ୟକ୍ତି ଜଣକ ଭାଓଲିନ୍ ଫେରାଇବାକୁ ନିଜ ଆଡୁ ମୋରିସ୍‌ଙ୍କ ସହ କଥାବାର୍ତ୍ତା ହୋଇଥିଲେ। ତେଣୁ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ବ୍ରିଟିଶ ପୋଲିସ ପକ୍ଷରୁ କୁହାଯାଇଛି।



# ବର୍ଜ୍ୟ ଇନ୍ଧନରୁ ଦୌଡ଼ିବ କାର୍

ଲଣ୍ଡନ: ପ୍ଲାଷ୍ଟିକ୍ ବର୍ଜ୍ୟକୁ ନେଇ ଏବେ ଚିନ୍ତାରେ ବିଶ୍ୱବାସୀ। ଏହାକୁ ବ୍ୟବହାର କରିବା ଯେତିକି ସହଜ, ବ୍ୟବହାର ପରବର୍ତ୍ତୀ ପରିଚାଳନା ସେତିକି ବ୍ୟୟବହୁଳ ମଧ୍ୟ। ହେଲେ ଏହାର ଉପଯୁକ୍ତ ପରିଚାଳନା କରିବାକୁ ଚିନ୍ତା କରୁଛି ବ୍ରିଟିଶ କମ୍ପାନୀ 'ପାୱାର ହାଉସ୍ ଏନର୍ଜି'। ଏହି ସଂସ୍ଥା ପ୍ଲାଷ୍ଟିକ ବର୍ଜ୍ୟରୁ ଇନ୍ଧନ ବାହାର କରିବ, ଯାହାକୁ ହାଇଡ୍ରୋଜେନ୍ କାର୍‌ରେ ବ୍ୟବହାର କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ବ୍ରିଟେନରୁ ପ୍ରତିବର୍ଷ ୫୦ ଲକ୍ଷ ମେଟ୍ରିକ୍ ଟନ୍ ପ୍ଲାଷ୍ଟିକ ବର୍ଜ୍ୟ ବାହାରୁଛି। ସେଥିରୁ ତିନି ଭାଗରୁ ଭାଗେ ପୁନଃଚକ୍ରଣ ପାଇଁ ଅନୁପଯୁକ୍ତ। ପରିଚାଳନା ହୋଇପାରୁ ନ ଥିବା ଆବର୍ଜନାରୁ ଇନ୍ଧନ ପ୍ରସ୍ତୁତ କରିବାକୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଏଥିପାଇଁ ଏକ ବୈଷୟିକ ପ୍ରଣାଳୀ ବିକଶିତ କରାଯାଇଛି। ପ୍ରଥମେ ସଂଗୃହୀତ ବର୍ଜ୍ୟକୁ ଛୋଟ ଛୋଟ ଖଣ୍ଡରେ ବିଭକ୍ତ କରାଯିବ। ଏହାକୁ ୧୮୦୦ ଡିଗ୍ରୀ ଫାରେନହାଇଟ୍ (୮୧୫ ସେଲ୍‌ସିୟସ) ତାପମାତ୍ରାରେ ଗରମ କରାଯିବ। ଏଥିରୁ ସିନ୍ଥେଟିକ୍ ଗ୍ୟାସ ଉତ୍ପନ୍ନ ହେବ, ଯାହା ହାଇଡ୍ରୋଜେନ, ମିଥେନ ଏବଂ କାର୍ବନ ମନୋକ୍ସାଇଡ୍‌ର ମିଶ୍ରଣ। ସିନ୍ଥେଟିକ୍ ଇନ୍ଧନକୁ ଉପଯୁକ୍ତ ପ୍ରଣାଳୀରେ ଜଳାଇ ବିଜୁଳି ଶକ୍ତି ଉତ୍ପାଦନ ହେବ। ସେଥିରୁ ପୃଥକ୍ କରାଯାଇଥିବା ହାଇଡ୍ରୋଜେନ୍‌କୁ ଯାନବାହନର ଇନ୍ଧନ ଭାବେ ବ୍ୟବହାର କରାଯିବ। ବ୍ୟାଟେରି ଚାଳିତ କାର୍ ଅପେକ୍ଷା ହାଇଡ୍ରୋଜେନ ଇନ୍ଧନରେ ଚାଲୁଥିବା କାର୍ ଅଧିକ ଉନ୍ନତମାନର। ପ୍ରଥମତଃ ଏହା ଲମ୍ବା ଦୂର ଯାତ୍ରା କରିବାକୁ ସକ୍ଷମ। ଦ୍ୱିତୀୟତଃ ଏଥିରେ ଇନ୍ଧନ ଭର୍ତ୍ତି କରିବାକୁ କମ୍ ସମୟ ଲାଗିଥାଏ ଏବଂ ବ୍ୟାଟେରି ବାରମ୍ବାର ଚାର୍ଜ କରିବା ସମସ୍ୟା ନ ଥାଏ। କମ୍ପାନୀ ପକ୍ଷରୁ କୁହାଯାଇଛି, ସିନ୍ଥେଟିକ୍ ଗ୍ୟାସରୁ ଉତ୍ପନ୍ନ ଇନ୍ଧନର ଭବିଷ୍ୟତ ଉଜ୍ଜ୍ୱଳ। ହେଲେ ଏଥିରେ ଏକ ସମସ୍ୟା ରହିଛି। ଏହାକୁ ସହଜରେ ଉପଲବ୍ଧ କରାଇବାକୁ ହାତପାହାନ୍ତାରେ ପର୍ଯ୍ୟାପ୍ତ ଫିଲିଂ ଷ୍ଟେଶନ ସ୍ଥାପନ କରିବାକୁ ପଡ଼ିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ବ୍ରିଟେନ୍‌ର ୧୧ଟି ସ୍ଥାନରେ ଇନ୍ଧନ ଉତ୍ପାଦନ କରାଯିବ। ଏଥିପାଇଁ ବିଧିବଦ୍ଧ ଭାବେ ପ୍ରକ୍ରିୟା ଆରମ୍ଭ ହୋଇଛି।



# ୩୦ ବର୍ଷ ଧରି ମହିଳା ବେଶରେ ପୁରୁଷ

**ଜୌନପୁର:** ଉତ୍ତର ପ୍ରଦେଶ ଜୌନପୁରରେ ଚିନ୍ତାହରଣ ଚୌହାନ(୬୬) ନାମକ ଜଣ ବୃଦ୍ଧ ଦୀର୍ଘ ୩୦ ବର୍ଷ ହେବ ନାରୀ ବେଶରେ ରହୁଛନ୍ତି। କଥାଟା କାହାଣୀ ଭଳି ଲାଗୁଥିଲେ ବି ସତ। ହେଲେ ସେ ଯାହା କୁହନ୍ତି ତାହା ଅନ୍ଧବିଶ୍ୱାସ ଭଳି ଲାଗୁଥିଲେ ବି ତାହା ତାଙ୍କ ପାଇଁ ସତ ବୋଲି ସେ କୁହନ୍ତି। ମାତ୍ର ୧୪ ବର୍ଷ ବୟସରେ ବିବାହ କରିଥିବା ଚିନ୍ତାହରଣଙ୍କର ବିବାହର କିଛି ବର୍ଷ ମଧ୍ୟରେ ସ୍ତ୍ରୀଙ୍କର ମୃତ୍ୟୁ ହୋଇଥିଲା। ଏଥିରେ ମର୍ମାହତ ହୋଇ ସେ କୋଲକାତା ଚାଲିଯାଇ ସେଠାରେ ଏକ ଇଟାଭାଟିରେ କାମ କରିଥିଲେ। କିଛିଦିନ ପରେ ସେଠାରେ ସେ ଜଣେ ବଙ୍ଗାଳି ଝିଅଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ହେଲେ ଏଥିରେ ତାଙ୍କ ପରିବାର ଲୋକେ ଅରାଜି ହେବାରୁ ସେ ତାଙ୍କ ଦ୍ୱିତୀୟ ସ୍ତ୍ରୀଙ୍କୁ କୋଲକାତାରେ ଛାଡି ଦେଇ ଉତ୍ତର ପ୍ରଦେଶ ପଳାଇ ଆସିଥିଲେ। କିଛିଦିନ ପରେ ତାଙ୍କ ସହ ତାଙ୍କ ପରିବାର ସଦସ୍ୟଙ୍କ ଦେହ ଖରାପ ହେବା ଆରମ୍ଭ କଲା। କିଛି ରୋଗ ଚିହ୍ନଟ ପୂର୍ବରୁ ଜଣକ ପରେ ଜଣେ ଚିନ୍ତାହରଣଙ୍କ ମାତା, ପିତା, ଭାଇ, ଭାଉଜ, ପୁତୁରା ଆଦିଙ୍କର ମୃତ୍ୟୁ ହେଲା। ସେପଟେ ଦ୍ୱିତୀୟ ସ୍ତ୍ରୀ ମଧ୍ୟ ସ୍ୱାମୀଙ୍କୁ ହରାଇବା ଦୁଃଖରେ ଆତ୍ମହତ୍ୟା କରିଦେଇଥିଲେ। ଏହାଦେଖି ଚିନ୍ତାହରଣ ଭୟଭୀତ ହୋଇ ଯାଇଥିଲେ। ସେ କୁହନ୍ତି ପ୍ରତିଦିନ ତାଙ୍କ ଦ୍ୱିତୀୟ ସ୍ତ୍ରୀ ସ୍ୱପ୍ନରେ ଆସିଥାଆନ୍ତି। ଆଉ ସେ ତାଙ୍କୁ ଅଭିମାନରେ କହିଥାଆନ୍ତି ତୁମେ ଷୋଳ ଶୃଙ୍ଗାର ବେଶ ହେଲେ ମୁଁ ତୁମକୁ କ୍ଷମା ଦେବି। ଆଉ ଏହାପରେ ସେ ନାରୀ ବେଶ ଧାରଣ କରିବାରୁ ଆପଣାଛାଏଁ ସେ ସୁସ୍ଥ ହୋଇଯିବା ସହ ତାଙ୍କର ଦୁଇ ପୁଅ ବଞ୍ଚିଯାଇଥିବା ସେ କୁହନ୍ତି। ତେଣୁ ସେବେଠାରୁ ସେ ମୃତ୍ୟୁକୁ ଏକ ପ୍ରକାର ଭୟକରି ନାରୀ ବେଶ ଧାରଣ କରିଛନ୍ତି ବୋଲି କହିଛନ୍ତି।



# ମ୍ୟୁଜିୟମ୍‌ରେ ୪ ହଜାର ବାସନ

ଯଦି କେବେ ମ୍ୟୁଜିୟମ୍ ଯାଇଥିବେ ତେବେ ନିଶ୍ଚିତ ଇତିହାସ ସହିତ ଜଡ଼ିତ କିଛି ସାମଗ୍ରୀ, ବିଲୁପ୍ତ ପଶୁପକ୍ଷୀଙ୍କ କଙ୍କାଳ, ମହାପୁରୁଷମାନେ ବ୍ୟବହାର କରୁଥିବା ଜିନିଷ ଦେଖିଥିବେ। ମାତ୍ର ଭାରତରେ ଏମିତି ଏକ ମ୍ୟୁଜିୟମ୍ ଅଛି, ଯେଉଁଠି ଅଜବ ସାମଗ୍ରୀ ରଖାଯାଇଛି। ସେଗୁଡ଼ିକୁ ଦେଖିଲେ ଆଶ୍ଚର୍ଯ୍ୟ ହୋଇଯିବେ। ଗୁଜରାଟର ଅହମ୍ମଦାବାଦରେ ଏପରି ଏକ ମ୍ୟୁଜିୟମ ଅଛି, ଯେଉଁଠି କେବଳ ବାସନକୁସନ ସଂରକ୍ଷିତ ରଖାଯାଇଛି। ଏଠାରେ ୪ ହଜାରରୁ ଅଧିକ ବାସନ ରହିଛି। ସେଗୁଡ଼ିକ ହଜାରେ ବର୍ଷର ପୁରୁଣା। ଏହି ମ୍ୟୁଜିୟମ୍‌ରେ ପ୍ରତ୍ୟେକ ଧାତୁରେ ନିର୍ମିତ ବାସନ ରହିଛି। ଏହା ଭାରତୀୟ ସଂସ୍କୃତି କଳାର ମ୍ୟୁଜିୟମ୍। ସେହିପରି ଆଉ ଏକ ଅଜବ ମ୍ୟୁଜିୟମ୍ ରହିଛି ଦିଲ୍ଲୀରେ, ଯାହାର ନାଁ ଇଣ୍ଟରନ୍ୟାଶନାଲ ଶୌଚାଳୟ ମ୍ୟୁଜିୟମ୍। ଏଠାରେ ବିଭିନ୍ନ ପ୍ରକାର ଶୌଚାଳୟ ସାମଗ୍ରୀ ରଖାଯାଇଛି। ଏହି ମ୍ୟୁଜିୟମ୍‌ରେ ରୋମ ସାମ୍ରାଜ୍ୟ ବେଳର ସୁନା ଓ ରୁପାରେ ତିଆରି ଶୌଚାଳୟ ସାମଗ୍ରୀ ସଂରକ୍ଷିତ କରାଯାଇଛି।



# ଆତ୍ମହତ୍ୟାକାରୀଙ୍କୁ ଯେଉଁଠି ମିଳେ 'ବୀର'ର ମାନ୍ୟତା

ୟୁରୋପର ହଙ୍ଗେରୀରେ ଆତ୍ମହତ୍ୟାକାରୀଙ୍କୁ 'ବୀର'ର ମାନ୍ୟତା ଦିଆଯାଏ। ଏଠାରେ ଆତ୍ମହତ୍ୟାକାରୀଙ୍କ ସଂଖ୍ୟା ଅନ୍ୟ ଦେଶ ତୁଳନାରେ ଅଧିକ । ବିଭିନ୍ନ ସମସ୍ୟା ଯୋଗୁ ଏଠାରେ ଅଧିକାଂଶ ଲୋକ ଚିନ୍ତାଗ୍ରସ୍ତ ରୁହନ୍ତି । ଅପରପକ୍ଷରେ ଏଠାରେ ଅଧିକ ଲୋକ କ୍ୟାନସରରେ ଆକ୍ରାନ୍ତ ହୋଇଥାନ୍ତି । ତେଣୁ ଅନେକ ଆତ୍ମହତ୍ୟା ପଥକୁ ବାଛି ନିଅନ୍ତି । ଅନ୍ୟ ଦେଶରେ ଆତ୍ମହତ୍ୟାକୁ ଏକ ଅପରାଧ ବୋଲି ବିବେଚନା କରାଯାଉଥିବାବେଳେ ଏଠାରେ ଏଭଳି ଲୋକଙ୍କୁ 'ବୀର' କୁହାଯାଇଥାଏ ।



# ଘାତକ ଗଛ ହୋଗ୍‌ବିଜ୍

ପୃଥିବୀରେ ଥିବା ଜୀବଜନ୍ତୁଙ୍କ ମଧ୍ୟରେ ବ୍ଲାକ କୋବ୍ରାର ବିଷ ସବୁଠାରୁ ମାରାତ୍ମକ ବୋଲି କୁହାଯାଏ। ହେଲେ ତା'ଠାରୁ ଅଧିକ ବିଷାକ୍ତ ହେଉଛି 'ହୋଗ୍‌ବିଜ୍' ବା କିଲର ଟ୍ରି ନାମକ ଏକ ଘାସ(ବୈଜ୍ଞାନିକ ନାମ 'ହେରକିଲମ ମେଟାଗୋଜିଏନମ')। ଗାଜର ଘାସ ପ୍ରଜାତିର ଏହି ଗଛ ମାତ୍ର କେଇ ସେକେଣ୍ଡରେ ଯେ କୌଣସି ପ୍ରାଣୀକୁ ମାରିଦେଇପାରେ। ଏହି ଘାସର ଫୁଲ ଦେଖିବାକୁ ସୁନ୍ଦର। ଏହା ନ୍ୟୁୟର୍କ, ପେନ୍ସିଲଭାନିଆ, ମେରିଲାଣ୍ଡ, ୱାଶିଂଟନ ଓ ମିଶିଗାନରେ ଦେଖାଯାଇଥାଏ। ଯଦି ଭୁଲବଶତଃ ଏହି ଘାସ ଦେହରେ ଲାଗିଯାଏ ତେବେ ଚମଡା ଛାଡିବାଯାଏ ତାହା କୁଣ୍ଡେଇ ହୋଇଥାଏ। ଏଥିରେ 'ସେନ୍ସଟାଇଜିଂ ଫୁରାନୋକୋମାରିସ' ନାମକ ଏକ ରାସାୟନିକ ପଦାର୍ଥ ରହିଥାଏ, ଯାହା ଖୁବ ବିଷାକ୍ତ ବୋଲି ଏକ ଗବେଷଣାରୁ ଜଣାପଡିଛି। ଏହା ୧୪ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। ଏହାର ସଂସ୍ପର୍ଶରେ ଥରେ ଆସିଲେ ଦେହ କୁଣ୍ଡାଇ ହେବା ସହ ଦୃଷ୍ଟିଶକ୍ତି ଖୁବ ଶୀଘ୍ର ନଷ୍ଟ ହୋଇଥାଏ। ଗବେଷକଙ୍କ କହିବା କଥା ହେଲା ଏପର୍ଯ୍ୟନ୍ତ ଏହା ପାଇଁ କୌଣସି ଔଷଧ ବାହାର କରାଯାଇନାହିଁ।






## ସଂକ୍ଷେପରେ

### ଆଇଆର୍‌ସିଟିସି କମାଇବ ରେଳଭଡ଼ା

#### ମିଳିବ ଅନ୍‌ଲାଇନ ପେମେଣ୍ଟରେ ରିହାତି

**ଭୁବନେଶ୍ୱର, ୩।୧୧(ବ୍ୟୁରୋ):** ଆଇଆର୍‌ସିଟିସି କମାଇବାକୁ ଯାଉଛି ରେଳଭଡ଼ା। ପ୍ରତି ସଂରକ୍ଷିତ ଟିକେଟରେ ଆଦାୟ କରାଯାଉଥିବା ସେବା ଦେୟରେ ଏବେ ଯାତ୍ରୀଙ୍କୁ ରିହାତି ମିଳିବ। ଯାତ୍ରୀ ଟିକେଟ ବୁକିଂ କରିବା ସମୟରେ ଭୀମ୍ କିମ୍ବା ୟୁପିଆଇ ଜରିଆରେ ପେମେଣ୍ଟ କରିଲେ ଟିକେଟ ପିଛା ୫ ପ୍ରତିଶତ ରିହାତି ମିଳିବ। ଏଥିସହ ସୁବିଧା ଶୁଳ୍କରେ ମଧ ହ୍ରାସ ଘଟିବ। ନନ୍-ଏସି ଟିକେଟରେ ୧୦ ଟଙ୍କା ଏବଂ ଏସି ଟିକେଟରେ ୨୦ ଟଙ୍କା ସୁବିଧା ଶୁଳ୍କ ଆଦାୟ କରାଯିବ। ବର୍ତ୍ତମାନ ଆଇଆର୍‌ସିଟିସି ଟିକେଟ ପିଛା ନନ୍-ଏସିରେ ୧୫ ଟଙ୍କା ଏବଂ ଏସି ଟିକେଟରେ ୩୦ ଟଙ୍କା ସୁବିଧା ଶୁଳ୍କ ଆଦାୟ କରୁଛି। ଅନ୍‌ଲାଇନ/ଡିଜିଟାଲ ପେମେଣ୍ଟକୁ ପ୍ରୋତ୍ସାହିତ କରିବା ପାଇଁ ରେଳ ବିଭାଗ ଏହି ନିଷ୍ପତ୍ତି ନେବାକୁ ଯୋଜନା କରୁଛି ବୋଲି ଜଣାପଡ଼ିଛି।

### ଦଳୀୟ ଭିତ୍ତିରେ ବଣ୍ଟାଯାଉଛି ପିଏମ୍‌ଏୱାଇ

#### ଆନ୍ଦୋଳନକୁ ଓହ୍ଲାଇବ ଭାଜପା

**ଭୁବନେଶ୍ୱର,୩।୧୧(ବ୍ୟୁରୋ):** ବାତ୍ୟା ଫନୀ ପ୍ରଭାବିତ ୧୪ ଜିଲାରେ ପ୍ରକୃତ କ୍ଷତିଗ୍ରସ୍ତ ଲୋକ ବର୍ତ୍ତମାନ ସୁଦ୍ଧା କ୍ଷତିପୂରଣ ପାଇନାହାନ୍ତି । ଫନୀ ଜନିତ ରାଜ୍ୟର ୧୪ ଜିଲାରେ ତାଲିକାନୁଯାୟୀ ପୂର୍ଣ୍ଣ, ଗୁରୁତର ଓ ଆଂଶିକ ୩ପ୍ରକାର ଭାବେ ପ୍ରସ୍ତୁତ ହୋଇଥିବା ଘରଭଙ୍ଗା ସଂଖ୍ୟା ୩ ଲକ୍ଷ ୮୯ ହଜାର ଦର୍ଶାଯାଇ ବ୍ୟାପକ ଜାଲିଆତି କରାଯାଇଛି । ପ୍ରକୃତ ଘର ଭାଙ୍ଗିଥିବା କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣରୁ ବଞ୍ଚିତ କରାଯାଇ ଦଳୀୟ ଭିତ୍ତିରେ ଘର ଭାଙ୍ଗି ନ ଥିବା ଲୋକଙ୍କୁ ତାଲିକା ଭୁକ୍ତ କରାଯାଇଛି । ଫନୀରେ ଓଡ଼ିଶାରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା ଏବଂ କେନ୍ଦ୍ର ସରକାର ସହଯୋଗ କରିଥିଲେ । ପୂର୍ବରୁ ଏବଂ ପରେ ୩ଟି ପର୍ଯ୍ୟାୟରେ ସମୁଦାୟ ୩,୩୩୮ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗାଇ ଦେଇଛନ୍ତି । ମାତ୍ର ରାଜ୍ୟ ସରକାର ତାଲିକାକୁ ବଢେଇ ଦଳୀୟ ଭିତ୍ତିରେ ସହାୟତା ଟଙ୍କାକୁ ବାଣ୍ଟି ପ୍ରକୃତ କ୍ଷତିଗ୍ରସ୍ତ ଲୋକଙ୍କୁ ସହାୟତାରୁ ବଞ୍ଚିତ କରିଛନ୍ତି। ସେହିପରି ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ଦେଖାଦେଇଛି । ନିର୍ମାଣ ହେବାକୁ ଥିବା ୧୨ ଲକ୍ଷ ୭୫ ହଜାର ପକ୍କାଘର ତାଲିକାରେ ୮୫ପ୍ରତିଶତ ଅଯୋଗ୍ୟ ହିତାଧିକାରୀ ଅଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ଏବଂ ଫନୀ ସହାୟତା ଘର ଯୋଗାଇ ଦେବାରେ ରାଜ୍ୟ ସରକାର କରିଥିବା ବ୍ୟାପକ ଜାଲିଆତି ବିରୋଧରେ ତୀବ୍ର ଆନ୍ଦୋଳନ କରାଯିବ ବୋଲି ରାଜ୍ୟ ଭାଜପା ସମ୍ପାଦକ କାଳନ୍ଦୀ ସାମଲ ସୂଚନା ଦେଇଛନ୍ତି ।

### ନଡ଼ିଆ ଗଛରୁ ପଡ଼ି ତୋଳାଳିଙ୍କ ମୃତ୍ୟୁ

**ଖୋର୍ଦ୍ଧା ଅଫିସ,୩।୧୧:** ଶେଷରେ ପେସା ନେଇଛି ଜୀବନ। ରବିବାର ଗଛରୁ ନଡ଼ିଆ ତୋଳୁଥିବାବେଳେ ତଳକୁ ଖସିପଡ଼ି ତୋଳାଳିଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଖୋର୍ଦ୍ଧା ଜିଲା ବାଣପୁର ମଙ୍ଗରାଜପୁର ଗ୍ରାମର ମାନିଆ ପରିଡ଼ା(୫୨)। ମାନିଆଙ୍କୁ ଗୁରୁତର ଅବସ୍ଥାରେ ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମାନିଆ ଭଲ ନଡ଼ିଆ ତୋଳାଳି ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ୍ ଜଣାଶୁଣା ଥିଲେ। ବିଭିନ୍ନ ଲୋକଙ୍କ ବଗିଚାରୁ ନଡ଼ିଆ ତୋଳି ଯାହା ପାରିଶ୍ରମିକ ପାଉଥିଲେ ସେଥିରେ ପରିବାର ପ୍ରତିପୋଷଣ କରୁଥିଲେ।

# ପ୍ରଦୂଷଣମୁକ୍ତ ବାଲିଯାତ୍ରା ପାଇଁ ଶୋଭାଯାତ୍ରା

## ମୁଖ୍ୟ ବିଚାରପତି, ଜିଲାପାଳ, ଡିସିପି ସାଇକେଲ ଚଲାଇଲେ

**କଟକ ଅଫିସ, ୩।୧୧**

ଐତିହାସିକ କଟକ ବାଲିଯାତ୍ରା ଦେଖିବା ପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ଲକ୍ଷାଧିକ ଲୋକ ଆସିଥାନ୍ତି। ଏହି ସମୟରେ ସହରରେ ଯାନବାହନ ଚଳାଚଳ ଅଧିକ ହୋଇଥାଏ । ତେବେ ଯାନବାହନ ଚଳାଚଳ କମ୍ କରିବା ସହ ସହରକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ କଟକ ଜିଲା ପ୍ରଶାସନ ପକ୍ଷରୁ ଏକ ଅଭିନବ ପନ୍ଥା ଅବଲମ୍ବନ କରାଯାଇଛି। ରବିବାର ପ୍ରଶାସନ ପକ୍ଷରୁ ସାଇକେଲ ବ୍ୟବହାରକୁ ଗୁରୁତ୍ୱ ଦିଆଯାଇ ମୋ କଟକ ସାଇକେଲ ଶୋଭାଯାତ୍ରା ୨୦୧୯ ଆୟୋଜନ କରାଯାଇଥିଲା। 'ସାଇକେଲ ଚଲାଅ ସୁସ୍ଥ ରୁହ' ଏବଂ 'ପରିବେଶକୁ ପ୍ରଦୂଷଣମୁକ୍ତ ରଖ' ଭଳି ମହତ୍ତ୍ୱପୂର୍ଣ୍ଣ ବାର୍ତ୍ତା ବହନ କରୁଥିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା। ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ତତ୍ତ୍ୱାବଧାନରେ ଜିଲା ପ୍ରଶାସନ ଓ ସଂସ୍କୃତି ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହାକୁ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଉଦ୍‌ଘାଟନ କରିଥିଲେ । କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ଅନନ୍ୟା ଦାସ, ଜଷ୍ଟିସ ସି.ଆର. ଦାସ, ଜଷ୍ଟିସ ବି.ଆର୍. ଷଡଙ୍ଗୀ, ଆଇନ ବିଭାଗ ମୁଖ୍ୟ ସଚିବ ଶଶିକାନ୍ତ ମିଶ୍ର, ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ, ଡିସିପି ଅଖିଳେଶ୍ୱର ସିଂ, ଜେଲ ବିଭାଗ ଡିଜି ସତ୍ୟଜିତ୍ ମହାନ୍ତି ପ୍ରମୁଖ ଏହି ଶୋଭାଯାତ୍ରାରେ ଯୋଗଦେଇଥିଲେ । ସହରର ଲୋକମାନେ ଯାନବାହନ ଚଳାଚଳ କମ୍ କରି ସାଇକେଲ ଚଳାଇବା ଉପରେ ଅଧିକ ଗୁରୁତ୍ୱ ଦେବା ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା । ଏହା ଦ୍ୱାରା ଶରୀର ସୁସ୍ଥ ରହିବା ସହ ପରିବେଶକୁ ପ୍ରଦୂଷଣ ମୁକ୍ତ କରାଯାଇପାରିବ ବୋଲି ଶୋଭାଯାତ୍ରାରେ ଭାଗ ନେଇଥିବା ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ଏହି ଶୋଭାଯାତ୍ରା ପାଇଁ କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ (ସିଆରୟୁଟି) ଓ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଯଥାକ୍ରମେ ୨୦୦ ଓ ୧୫୦ଟି ସାଇକେଲ ଯୋଗାଇ ଦିଆଯାଇଥିଲା। ଏଥିସହ ବାଲିଯାତ୍ରା ପଡିଆରୁ ରିକ୍ସା ଚାଳକମାନେ ଶୋଭାଯାତ୍ରାରେ ବାହାରି ସହର କରିଥିଲେ ।



ପ୍ରଦୂଷଣମୁକ୍ତ ବାଲିଯାତ୍ରା ପାଇଁ ବାହାରିଥିବା ସାଇକେଲ ଶୋଭାଯାତ୍ରା।

# ପୂଜାପାଠ ଆଳରେ ମହିଳାଙ୍କୁ ମଶାଣିକୁ ନେଇ ଅସଦାଚରଣ

## ଛେଚା ଖାଇ ଗିରଫ ହେଲେ ଭଣ୍ଡବାବା

**ବାସୁଦେବପୁର, ୩।୧୧ (ଡି.ଏନ.ଏ.)**

ଜଣେ ଭଣ୍ଡବାବା ଶନିବାର ନିଶାର୍ଦ୍ଧରେ ଜଣେ ନିଃସନ୍ତାନ ମହିଳାଙ୍କୁ ମଶାଣିକୁ ନେଇ ପୂଜାପାଠ କରିବା ଆଳରେ ତାଙ୍କୁ ଅସଦାଚରଣ କରିବା ଭଳି ଘଟଣା ପଦାକୁ ଆସିଛି । ଗ୍ରାମବାସୀ ଓ ମହିଳାଙ୍କ ପରିବାର ଲୋକେ ଭଣ୍ଡବାବାଙ୍କୁ ଧରି ନିସ୍ତୁକ ମାଡ଼ ମାରି ପୋଲିସ ଜିମା ଦେଇଛନ୍ତି। ଏଭଳି ଏକ ଘଟଣା ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଚୂଡ଼ାମଣି ସାମୁଦ୍ରିକ ଥାନା ଅଞ୍ଚଳରେ ଘଟିଛି। ଚୂଡ଼ାମଣି ଥାନା ପୋଲିସ ଏ ନେଇ ଏକ ମାମଲା(ନଂ.୫୧/୧୯) ରୁଜୁ କରି ଭଣ୍ଡବାବା ଭାନୁତାଲାଙ୍କୁ ଗିରଫ କରିଛି। ଲୋକଙ୍କ ମାଡ଼ରେ ସେ ଆହତ ହୋଇଥିବାରୁ ତାଙ୍କୁ ଡାକ୍ତରଖାନାରେ ଚିକିତ୍ସା କରାଯାଇଥିବା ଆଇଆଇସି ମହମ୍ମଦ ହାଫିଜ୍ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଗିରଫ ଭଣ୍ଡବାବା ଭାନୁତାଲାଙ୍କ ଘର ବାସୁଦେବପୁର ବ୍ଲକ କିଷ୍ଣତକୃଷ୍ଣପୁର ଗ୍ରାମରେ। ପୂଜାପାଠ କଲେ ସନ୍ତାନ ଲାଭ ସମ୍ଭବ ବୋଲି କହି ସ୍ଥାନୀୟ ଅଞ୍ଚଳର ଏକ ନିଃସନ୍ତାନ ଦମ୍ପତିଙ୍କ ମନରେ ବିଶ୍ୱାସ ଜନ୍ମାଇଥିଲେ। ତଦନୁଯାୟୀ ଶନିବାର ରାତିରେ ଗାଁ ପାଖ ମଶାଣିରେ ପୂଜାପାଠ କରିବା ଲାଗି ଆୟୋଜନ କରାଯାଇଥିଲା। ଭଣ୍ଡବାବା ଉକ୍ତ ମହିଳାଙ୍କୁ ନେଇ ରାତିରେ ଶ୍ମଶାନକୁ ଯାଇ ପୂଜାପାଠ ଆରମ୍ଭ କରିଥିଲେ। ଏହି ସମୟରେ ସେଠାରେ ସେ ମହିଳାଙ୍କୁ ଅସଦାଚରଣ କରିଥିଲେ। ମହିଳା ଜଣଙ୍କ ଏହାକୁ ବିରୋଧ କରି ପାଟିତୁଣ୍ଡ କରିବାରୁ ଗ୍ରାମବାସୀ ପହଞ୍ଚି ଭଣ୍ଡବାବାଙ୍କୁ କାବୁକରି ନିର୍ଦ୍ଧୂମ ଛେଚିଥିଲେ। ପରେ ସେମାନେ ପୋଲିସକୁ ଡାକି ଭଣ୍ଡବାବାଙ୍କୁ ଜିମା ଦେଇଥିଲେ। ପୂଜାପାଠ ମାଧ୍ୟମରେ ଏଭଳି ଅନ୍ଧବିଶ୍ୱାସ ସୃଷ୍ଟି କରାଯିବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଏ ଦିଗରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ଆର୍ମି ଏୟାର ଡିଫେନ୍ସ କଲେଜରେ ଯବାନଙ୍କ ଆତ୍ମହତ୍ୟା

**ଗୋପାଳପୁର,୩।୧୧**

ଗଞ୍ଜାମ ଜିଲା ଗୋଳାବନ୍ଧସ୍ଥିତ ଆର୍ମି ଏୟାର ଡିଫେନ୍ସ (ଏଡି) କଲେଜରେ ଶନିବାର ରାତିରେ ଜଣେ ଯବାନ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ତାମିଲନାଡୁ ଅଞ୍ଚଳର ଏନ୍. କ୍ରିଷ୍ଣା। ଏ ନେଇ ସ୍ଥାନୀୟ ପୋଲିସ ନଂ. ୨୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଗତ ୧୦ ମାସ ହେଲା ଗୋପାଳପୁର ଥାନା ଗୋଳାବନ୍ଧସ୍ଥିତ ଆର୍ମି ଏଡି କଲେଜରେ କ୍ରିଷ୍ଣା ଯବାନ ରୂପେ ଯୋଗ ଦେଇଥିଲେ। ୫ ମାସ ତଳେ ତାଙ୍କର ବିବାହ ହୋଇଥିଲା। କିନ୍ତୁ ବିଭିନ୍ନ ସମୟରେ ସେ ମାନସିକ ଚିନ୍ତାରେ ରହୁଥିଲେ। ତେଣୁ ତାଙ୍କୁ ଗୋଳାବନ୍ଧସ୍ଥିତ ଆର୍ମି ଏଡି କଲେଜ ପରିସରରେ ଥିବା ମେଡିକାଲରେ ଚିକିତ୍ସିତ କରାଯାଉଥିଲା। ଶନିବାର ରାତି ପ୍ରାୟ ୧୦ଟାରେ କ୍ରିଷ୍ଣା ମେଡିକାଲରୁ ଆସି ରହୁଥିବା ବାରାକ୍‌ର ଉପର ମହଲାକୁ ଯାଇ ଫ୍ୟାନରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ରବିବାର ପୂର୍ବାହ୍ନରେ ଅନ୍ୟ ଯବାନମାନେ କ୍ରିଷ୍ଣାଙ୍କୁ ଫ୍ୟାନରେ ଝୁଲୁଥିବା ଦେଖି ଗୋପାଳପୁର ଥାନାରେ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲା। ଯବାନଙ୍କ ପରିବାର ଲୋକ ଆସିଲେ ମୃତଦେହ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ବିବେକାନନ୍ଦ ମହନ୍ତ କହିଛନ୍ତି।

# ଅଭୟାରଣ୍ୟ, ହାତୀ କରିଡର୍ ପାଇଁ ବିପଦ ପାଲଟିଛି ଖଣି ଖାଦାନ

- ଏନ୍‌ଜିଟିଙ୍କ ଉଦ୍‌ବେଗ
- ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୩।୧୧(ବ୍ୟୁରୋ)**

ରାଜ୍ୟରେ ଅଭୟାରଣ୍ୟ ଓ ହାତୀ କରିଡର୍ ପାଇଁ ବିପଦ ସୃଷ୍ଟି କରୁଛି ଖଣି ଖାଦାନ। ଏନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ପ୍ରସଙ୍ଗରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଓଡ଼ିଶା ସରକାରଙ୍କୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି। ଅଭୟାରଣ୍ୟ ଓ ହାତୀ କରିଡର୍ ଅଞ୍ଚଳ ଭିତରେ ତଥା ଏହାର ଆଖପାଖରେ ଖଣି ଖାଦାନ କାର୍ଯ୍ୟ ଚାଲୁଥିବାରୁ ଜୀବଜନ୍ତୁ କ୍ଷତିଗ୍ରସ୍ତ ହେବା ସହ ହାତୀମାନଙ୍କ ଅବାଧ ଚଳପ୍ରଚଳରେ ବାଧା ଉପୁଜୁଥିବା ଅଭିଯୋଗ ଉଠିଥିଲା। ଏହି ପରିପ୍ରେକ୍ଷୀରେ 'ରୋକ୍' ଓ 'ଆଶା' ନାମକ ଦୁଇଟି ସାମାଜିକ ସଙ୍ଗଠନ ନୂଆଦିଲ୍ଲୀସ୍ଥିତ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲର ପ୍ରମୁଖ ବେଞ୍ଚରେ ମାମଲା ରୁଜୁ କରିଥିଲେ। ଏନେଇ ଗ୍ରୀନ୍ ଟ୍ରିବ୍ୟୁନାଲ ବିଚାର ବିଭାଗୀୟ ସଦସ୍ୟ ଜଷ୍ଟିସ୍ ଏସ୍.ପି. ୱାଙ୍ଗଡି ଓ ବିଶେଷଜ୍ଞ ସଦସ୍ୟ ଡ. ସତ୍ୟବାନ ସିଂହ ଗର୍ବିୟାଲଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ପ୍ରାଥମିକ ଶୁଣାଣି ପରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। କୁଲଡିହା ବନ୍ୟଜନ୍ତୁ ଅଭୟାରଣ୍ୟ ସହିତ ଶିମିଳିପାଳ-ହଦଗଡ଼-କୁଲଡିହା ହାତୀ କରିଡର୍ ଅଞ୍ଚଳ ଓ ଏହାର ଆଖପାଖ ସ୍ଥାନରେ ଯେପରି ଖଣି ଖନନ ଚାଲୁଛି, ସେନେଇ ଗ୍ରୀନ୍ ଟ୍ରିବ୍ୟୁନାଲ ଚିନ୍ତାବ୍ୟକ୍ତ କରିଛନ୍ତି। ଏ ପ୍ରସଙ୍ଗରେ ପୂର୍ବରୁ କମିଶନଙ୍କ ନିର୍ଦ୍ଦେଶ କ୍ରମେ ପିସିସିଏଫ୍ ବିସ୍ତୃତ ରିପୋର୍ଟ ପ୍ରଦାନ କରିଥିଲେ। ତେବେ ରାଜ୍ୟ ସରକାରଙ୍କ ଓକିଲ ଉତ୍ତର ଦାଖଲ ପାଇଁ ଅଧିକ ସମୟ ଚାହିଁଥିଲେ। ଉକ୍ତ ଅଞ୍ଚଳରେ ୯୭ ପଥର ଖଣି ଚାଲିଥିବା ପିସିସିଏଫ୍ ରିପୋର୍ଟରେ ଉଲ୍ଲେଖ ରହିଛି। ଏଥିଯୋଗୁ ହାତୀଙ୍କ ଚଳପ୍ରଚଳ ବାଧାପ୍ରାପ୍ତ ହେବା ଓ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପଡୁଥିବା ସେ ସ୍ୱୀକାର ମଧ କରିଛନ୍ତି। ତେଣୁ ଏଭଳି ଏକ ସମ୍ବେଦନଶୀଳ ଅଞ୍ଚଳରେ ବିଧି ବ୍ୟବସ୍ଥା ଅନୁଯାୟୀ ଯେପରି ଖଣି ଖାଦାନ ବନ୍ଦ ରୁହେ, ସେ ଦିଗରେ ଦୃଷ୍ଟି ଦେବାକୁ ଗ୍ରୀନ୍ ଟ୍ରିବ୍ୟୁନାଲ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି। ଏହି ଅଭୟାରଣ୍ୟ ଓ ହାତୀ କରିଡର୍ ତଥା ଏହାର ଆଖପାଖ ଅଞ୍ଚଳରେ ଖଣି ଖନନ କାର୍ଯ୍ୟ ନ କରିବା ସହ ପିସିସିଏଫ୍‌ଙ୍କ ରିପୋର୍ଟରେ ଉଲ୍ଲେଖ ସମସ୍ତ ସୁପାରିସକୁ ତୁରନ୍ତ କାର୍ଯ୍ୟକାରୀ କରିବା ଲାଗି ଗ୍ରୀନ୍ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଛନ୍ତି। ପିସିସିଏଫ୍ ତାଙ୍କ ରିପୋର୍ଟରେ ସମ୍ପୃକ୍ତ ଅଞ୍ଚଳରେ ବୃକ୍ଷରୋପଣ ସହିତ ଲଣ୍ଡା ପାହାଡ଼ଗୁଡ଼ିକୁ ସବୁଜ କରିବା ପାଇଁ କାମ୍ପା ଓ ଅନ୍ୟାନ୍ୟ ପାଣ୍ଠିର ବ୍ୟବହାର ପାଇଁ ସୁପାରିସ କରିଛନ୍ତି। ଏହାସହ ରାଜ୍ୟ ସରକାର ଏକ ମାସ ମଧ୍ୟରେ ସତ୍ୟପାଠ ସହ ଗ୍ରୀନ୍ ଟ୍ରିବ୍ୟୁନାଲରେ ରିପୋର୍ଟ ଦାଖଲ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

### ■ ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ

# ମଣ୍ଡି ଖୋଲିନି, ମିଲ୍‌କୁ ଯାଉଛି

**ବରଗଡ଼ ଅଫିସ୍, ୩।୧୧**

ବରଗଡ଼ ଜିଲାରେ ଖରିଫ ଧାନ ଅମଳ ଜୋର୍ ଧରିଛି। ହେଲେ ଧାନ ସଂଗ୍ରହ ପାଇଁ ଏ ପର୍ଯ୍ୟନ୍ତ ମଣ୍ଡି ଖୋଲିନାହିଁ। ଆସନ୍ତା ୧୦ତାରିଖରେ ଜିଲାରେ ମଣ୍ଡି ଖୋଲିବାକୁ ପ୍ରଶାସନ ନିଷ୍ପତ୍ତି ନେଇଛି। ମଣ୍ଡି ଖୋଲିବା ପୂର୍ବରୁ ଜିଲାର କେତେକ ରାଇସ୍ ମିଲ୍‌କୁ ଚାଷୀଙ୍କ ଧାନ ଯିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟଠାରୁ ଢ଼େର୍ କମ୍ ଦରରେ ମଧ୍ୟସ୍ଥିଙ୍କ ଜରିଆରେ କିଣାଯାଇଥିବା ଧାନକୁ କେତେକ ମିଲର୍ସ ମଣ୍ଡି ବଦଳରେ ସିଧାସଳଖ ରାଇସ୍ ମିଲକୁ ନେଉଥିବା ଅଭିଯୋଗ ହୋଇଛି। ତେବେ ବିଭିନ୍ନ ସ୍ଥାନରେ ନିୟନ୍ତ୍ରିତ ବଜାର କମିଟି(ଆରଏମସି)ର ତନଖି ଫାଟକ ଥିବା ସତ୍ତ୍ୱେ ସେଥିପ୍ରତି ଉଭୟ ଆରଏମସି, ଯୋଗାଣ ବିଭାଗ କର୍ତ୍ତୃପକ୍ଷ ଆଖିବୁଜି ଦେବା ସାଧାରଣରେ ଆଲୋଚନାର ବିଷୟ ହୋଇଛି।

ବରଗଡ଼ ଜିଲାରେ ଧାନ କିଣାବିକାରେ ଚାଷୀ ପରିଚୟପତ୍ରକୁ ବାଧ୍ୟତାମୂଳକ କରାଯାଇଛି। ମଣ୍ଡି ବାହାରେ ଧାନକ୍ରୟ ଉପରେ କଟକଣା ମଧ ଜାରି କରାଯାଇଛି। ଅଥଚ ଜିଲାରେ ଚିରାଚରିତ ଭାବେ ଏହାକୁ ଉଲ୍ଲଂଘନ କରାଯାଉଛି। ଏପରିକି ଚାଷୀ ପରିଚୟପତ୍ରରେ ଜାଲିଆତି, ଫଲ୍ସ ଏଣ୍ଟ୍ରି ଭଳି ଗୁରୁତର ଅଭିଯୋଗ ହେଉଥିବାବେଳେ ତଦନ୍ତ ପରେ ଏହାର ସତ୍ୟତା ସାମ୍ନାକୁ ଆସୁଛି। ମାତ୍ର ଠୋସ୍ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଫଳରେ ଚଳିତ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ନ ହେଉଣୁ ଧାନ କିଣାବିକାରେ ଅନିୟମିତତା ଆରମ୍ଭ ହୋଇଯାଇଛି।

ଜିଲାସ୍ତରୀୟ ଖରିଫ ଧାନ ସଂଗ୍ରହ କମିଟିର ନିଷ୍ପତ୍ତିକ୍ରମେ ଆସନ୍ତା ୧୦ତାରିଖରେ ମଣ୍ଡି ଖୋଲିବ। ଜିଲାରେ ଏଥିପାଇଁ ସମୁଦାୟ ୧୬୯ଟି ମଣ୍ଡି ଖୋଲାଯିବ। ସେଥିମଧ୍ୟରେ ବରଗଡ଼ ଆରଏମସି ଅଧୀନରେ ୫୮, ଅତାବିରା ଆରଏମସି ଅଧୀନରେ ୫୧ ଏବଂ ପଦ୍ମପୁର ଆରଏମସି ଅଧୀନରେ ୬୦ଟି ମଣ୍ଡି ରହିଛି। ଏଥର ଧାନ କିଣାବିକାରେ ଟୋକନ ମାଧ୍ୟମରେ ମଣ୍ଡିଗୁଡ଼ିକରେ ଧାନ ସଂଗ୍ରହ ହେବ ଏବଂ ତାକୁ ଧାନକ୍ରୟ ସଂସ୍ଥା କିଣିବେ ବୋଲି ସରକାରୀସ୍ତରରେ ନିଷ୍ପତ୍ତି ନିଆଯାଇଛି। ମାତ୍ର ବିନା ଟୋକନ ଏବଂ ଏଣ୍ଟ୍ରିରେ ମଣ୍ଡିକୁ ଧାନ ନ ଆସି ଧାନ ସଂଗ୍ରହ ପ୍ରକ୍ରିୟା ପୂର୍ବରୁ ମିଲ୍‌ଗୁଡ଼ିକୁ ଯିବା ଘଟଣା ଜିଲାର ଧାନ କିଣାବିକାରେ ସ୍ୱଚ୍ଛତା ନେଇ ସନ୍ଦେହ ପ୍ରକାଶ ପାଇଛି।

ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ନ ହେଉଣୁ ଏଭଳି ଅନିୟମିତତା ମଧ୍ୟରେ କିଣାଯାଇଥିବା ବହୁ ପରିମାଣର ଧାନ କେତେକ ରାଇସ ମିଲ୍‌ରେ ଗଚ୍ଛିତ ରହିଥିବା ଅଭିଯୋଗ ହୋଇଛି। ଏପରିକି ପୂର୍ବରୁ ଭିଜିଲାନ୍ସ, ଯୋଗାଣ ବିଭାଗର ଖୋଳତାଡ଼ ପରେ ଏଭଳି ଅନିୟମିତତା ପଦାକୁ ଆସିଥିବା ନଜିର ରହିଛି। ହେଲେ ଠୋସ୍ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଏଭଳି ଅନିୟମିତତାରେ ପୂର୍ଣ୍ଣଚ୍ଛେଦ ପଡୁନାହିଁ। ଅନ୍ୟପକ୍ଷେ ପୁଣି ସେଭଳି ଅନିୟମିତତା କରିବା ପାଇଁ ତାହା ସୁଯୋଗ ଦେଉଥିବା ବିଭିନ୍ନ ମହଲରେ ମତପ୍ରକାଶ ପାଇଛି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଶ୍ରୀକର ମାଝିଙ୍କୁ ତାଙ୍କ ମୋବାଇଲ ନଂ.୯୪୩୮୨୦୦୦୩୩ରେ ଯୋଗଯୋଗ କରାଯାଇଥିଲା। ହେଲେ ସୁଇଚ୍ ଅଫ୍ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।


ଟ୍ରାକ୍ଟରରୁ ଟ୍ରକକୁ ଧାନ ସ୍ଥାନାନ୍ତର ହେଉଛି।



## ଜନ୍ମଦିନର ଶୁଭେଚ୍ଛା


ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................



(ପିୟୁଷ୍)
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅରଜିଲା ଧନ ପରକୁ ଦେଇ
ଗରଜି ମରୁଛୁ ଯାହା
ଦରଜ ନ ମେଣ୍ଟି ହଇରାଣ ହେଲୁ
ଦରଜ ହେଲାଣି ବାହା ।**

ଟଙ୍କା ଯାଏ ସିଧା ଆସେ ବଙ୍କା। ଟଙ୍କା ପଇସା ଅନ୍ୟକୁ ଉଧାର ଦେଲେ ତାହା ଠିକ୍ ସମୟରେ ଫେରି ପାଇବାର କୌଣସି ନିଶ୍ଚିତତା ନ ଥାଏ। ନେବା ଲୋକ ଆଜି ଦେବା କାଲି ଦେବା କହି ଦିନ ଗଡ଼ାଇ ଚାଲୁଥିବା ବେଳେ ତାଙ୍କ ପଛରେ ଗୋଡ଼େଇ ଗୋଡ଼େଇ ନିରାଶା ଭୋଗିବା ସାର ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଅଙ୍ଗୁଳି ସନ୍ଧିରେ ମଳି
ଭିତରେ ଭିତରେ ସଲାସୁତୁରାଲୋ
ଉପରେ ଉପରେ କଳି ।**

ଲୋକେଜାଣିବାକୁଦୁହିଁଙ୍କମଧ୍ୟରେପ୍ରବଳଶତ୍ରୁତାଅଥଚନିଜନିଜଉପରେବୁଝାମଣାଏକଦମ୍ଠିକ୍। ସ୍ୱାମୀ ସ୍ତ୍ରୀଙ୍କ ସମ୍ବନ୍ଧ ପରି ଘନିଷ୍ଠ ସମ୍ବନ୍ଧ। କପଟୀ ବ୍ୟକ୍ତିଙ୍କ ଏପରି ଭିତିରିଆ ମନ୍ଦ ସ୍ୱଭାବକୁ ବାହାର ଲୋକେ ସହଜରେ ଜାଣି ନ ପାରି ଧୋକା ଖାଇଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

ଭବାନୀପାଟଣାରେ ଏସ୍‌ପି ଅଫିସ, ରିଜର୍ଭ ପୋଲିସ ଗୃହ ଉଦ୍‌ଘାଟନ ପ୍ରସଙ୍ଗ

# ବିରୋଧୀ ଦଳ ନେତାଙ୍କୁ ନିମନ୍ତ୍ରଣ ନ ହେବାରୁ ଭାଜପାର ସମାଲୋଚନା

**ଭୁବନେଶ୍ୱର,୩।୧୧(ବ୍ୟୁରୋ)**

ଭବାନୀପାଟଣାଠାରେ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଏବଂ ରିଜର୍ଭ ପୋଲିସର ନୂତନ ଗୃହ ଉଦ୍‌ଘାଟନ ସମାରୋହରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକଙ୍କୁ ନିମନ୍ତ୍ରଣ କରାଯାଇ ନ ଥିବା ଭାଜପା ଅଭିଯୋଗ କରିଛି। ଏହି ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଦଳ ପକ୍ଷରୁ କୁହାଯାଇଛି। ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ଘଟଣାରେ ସିବିଆଇ ତଦନ୍ତ ଦାବି ଏବଂ ପୋଲିସର କାର୍ଯ୍ୟଦକ୍ଷତା ଉପରେ ବିରୋଧୀ ଦଳ ନେତା ପ୍ରଶ୍ନ ଉଠାଇବା ଯୋଗୁ ତାଙ୍କୁ ଏହି କାର୍ଯ୍ୟକ୍ରମକୁ ଡକାଯାଇ ନାହିଁ ବୋଲି ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି ରବିବାର କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି, ଉଦଘାଟନ ସମାରୋହରେ ପୋଲିସ ମହାନିର୍ଦ୍ଦେଶକ ବିଜୟ କୁମାର ଶର୍ମା, ଗୃହ ରାଜ୍ୟ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ଉପସ୍ଥିତ ଥିଲେ। ମାତ୍ର ସ୍ଥାନୀୟ ଜନପ୍ରତିନିଧିଙ୍କୁ ଏହି ଅବସରରେ ଡକା ନ ଯିବା ରାଜନୈତିକ ଅସହିଷ୍ଣୁତା ନୁହେଁ କି ବୋଲି ସମୀର ପ୍ରଶ୍ନ କରିଛନ୍ତି । ସ୍ଥାନୀୟ ଅଞ୍ଚଳର ସରକାରୀ କାର୍ଯ୍ୟକ୍ରମରେ ଜନପ୍ରତିନିଧିଙ୍କ ଉପସ୍ଥିତି ଅଧିକ ଗୁରୁତ୍ୱ ରଖିଥାଏ । ମାତ୍ର ଶାସକ ଦଳ ଏହାକୁ ହୀନ ରାଜନୀତିର ରଙ୍ଗ ଦେବାକୁ ବସିଛି । ରତ୍ନଭଣ୍ଡାର ଖୋଲିବା ଓ ଅଡିଟ କରିବା ଏବଂ ୫-ଟିକୁ ନେଇ ସରକାରଙ୍କୁ ବିରୋଧୀ ଦଳ ନେତା ଅଡୁଆରେ ପକାଇଛନ୍ତି। ଏଥିଯୋଗୁ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଏବଂ ରିଜର୍ଭ ପୋଲିସ ଗୃହ ଉଦଘାଟନ ସମାରୋହରେ ହୀନ ରାଜନୈତିକ ଉଦ୍ଦେଶ୍ୟ ରଖି ପ୍ରଦୀପ୍ତଙ୍କୁ ନିମନ୍ତ୍ରଣ କରାଗଲା ନାହିଁ ବୋଲି ସମୀର ଅଭିଯୋଗ କରିଛନ୍ତି।

**ଘାରିଛି ରେକର୍ଡ ନିଶା**

# ୩୦୦ ମିଟର ହାତରେ ଚାଲିଲେ ଯୁବକ

**ଖୋର୍ଦ୍ଧା ଅଫିସ,୩।୧୧:** ଖୋର୍ଦ୍ଧା ଜିଲା ବୋଲଗଡ ବ୍ଲକ ଅସରଳା ପଞ୍ଚାୟତ ମାଗୁରା ଗାଁର ସୌଭାଗ୍ୟ ବରାଡ (୨୪) ରେକର୍ଡ କରିବା ପାଇଁ ୩୦୦ ମିଟର ହାତରେ ଚାଲିଛନ୍ତି। ଆଗକୁ ଅଧିକ ଚାଲିବାର ଲକ୍ଷ୍ୟ ରଖିଛନ୍ତି। ଲିମ୍‌କା, ଗ୍ରିନିଜ ରେକର୍ଡରେ ତାଙ୍କ ନାଁ ସ୍ଥାନ ପାଉ। ନିଜ ଗାଁ ଓ ଜିଲାକୁ ସମସ୍ତେ ଜାଣନ୍ତୁ। ଏଣୁ ସୌଭାଗ୍ୟ ଦୁଇବର୍ଷ ହେଲା ହାତରେ ଚାଲିବାର ଅଭ୍ୟାସ କରି ସଫଳତାର ପାହାଚ ଚଢ଼ିବାରେ ଲାଗିଛନ୍ତି। ସୌଭାଗ୍ୟ ଇଲେକ୍ଟ୍ରିକାଲ ଡିପ୍ଲୋମା ସାରି ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଚାକିରି କରିଛନ୍ତି। ଅବସର ସମୟରେ ସେ ହାତରେ ରାସ୍ତା ଚାଲିବାର ନିଶାକୁ ସଫଳ କରିବାରେ ଲାଗିଛନ୍ତି। ବୟସ ତାଙ୍କର ୨୪। ବାପା ଜେଜେ ବାପାଙ୍କର ପାଇକ ଖେଳ ତାଙ୍କୁ ଏ ପ୍ରେରଣା ଦେଇଥିଲା। କାରଣ ପାଇକ ଖେଳର କଳା କୌଶଳ ସେ ଶିଖିଥିଲେ। ଅନ୍ୟପକ୍ଷେ ପିଲାଟି ଦିନରୁ କିଛି ନୂଆ କରି ରେକର୍ଡ କରିବାର ତାଙ୍କ ମନରେ ଉଙ୍କି ମାରୁଛି। ସେହି ରେକର୍ଡ ନିଶା ତାଙ୍କୁ ହାତରେ ଚାଲିବାର ବାଟ ଦେଖାଇଛି। ଆଶା ରଖିଛନ୍ତି ହାତରେ ଚାଲିବା ତାଙ୍କୁ ସଫଳତାର ଶ୍ରେୟ ଦେବ ବୋଲି ସୌଭାଗ୍ୟ କହିଛନ୍ତି।

ଦିଲ୍ଲୀ ବିମାନବନ୍ଦରରେ ପ୍ରଦୂଷଣ

# ୪ ଏୟାର ଇଣ୍ଡିଆ ବିମାନ ବାତିଲ୍

**ଭୁବନେଶ୍ୱର, ୩।୧୧(ବ୍ୟୁରୋ)**

**୧୨ଟିର ପଥ ପରିବର୍ତ୍ତନ**

ଦିଲ୍ଲୀ ବିମାନବନ୍ଦରରେ ପ୍ରଦୂଷଣଜନିତ ଖରାପ ପାଗ ଯୋଗୁ ଏୟାର ଇଣ୍ଡିଆ ରବିବାର ୪ଟି ବିମାନ ବାତିଲ୍ କରିଦେଇଛି। (ଏଆଇ୪୬୭/୪୬୮) ଦିଲ୍ଲୀ-ବିଜୟୱାଡ଼ା-ଦିଲ୍ଲୀ, (ଏଆଇ୪୭୩/୪୭୪) ଦିଲ୍ଲୀ-ଭୁବନେଶ୍ୱର-ଦିଲ୍ଲୀ, (ଏଆଇ୮୫୩/୮୫୪) ଦିଲ୍ଲୀ-ପୁନେ-ଦିଲ୍ଲୀ, (ଏଆଇ୮୦୧/୮୦୨) ଦିଲ୍ଲୀ-ବେଙ୍ଗାଲୁରୁ-ଦିଲ୍ଲୀ ବିମାନକୁ ବାତିଲ୍ କରାଯାଇଛି। ପ୍ରଦୂଷଣ ଯୋଗୁ ଆକାଶରେ ଧୂଆଁ ଓ ଧୂଳି ଭର୍ତ୍ତି ହୋଇଥିବାରୁ ଆଲୋକ କମ୍ ଅର୍ଥାତ୍ ପଥ ଦୃଶ୍ୟମାନ ହେଉ ନ ଥିବାରୁ ଏହି ୪ଟି ବିମାନ ବାତିଲ୍ କରାଯାଇଛି। ଏଥିସହ ପଥ ପରିବର୍ତ୍ତନ, ଉଡ଼ାଣରେ ବିଳମ୍ବ ଓ ପରିଚାଳନାରେ ସମସ୍ୟା ହେଉଥିବା ଜଣାପଡ଼ିଛି। ରବିବାର ଦିଲ୍ଲୀକୁ ଉଡ଼ାଣ ଭରୁଥିବା ୧୨ଟି ବିମାନର ଗତିପଥ ଅପରାହ୍ଣରେ ପରିବର୍ତ୍ତନ କରାଯାଇଥିଲା। ତନ୍ମଧ୍ୟରୁ ୬ଟିକୁ ଜୟପୁର, ୪ଟି ଅମୃତସର ଓ ୨ଟିକୁ ଲକ୍ଷ୍ନୌକୁ ପଥ ପରିବର୍ତ୍ତନ କରାଯାଇଥିଲା। ଏହା ବ୍ୟତୀତ ଅନ୍ୟ ଘରୋଇ ବିମାନ ସଂସ୍ଥାର ୧୧ଟି ବାତିଲ୍ ଏବଂ ୨୫ଟିର ପଥ ପରିବର୍ତ୍ତନ କରାଯାଇଛି।

ପ୍ରଥମ ପୃଷ୍ଠାରୁ...

## ଅନୁଗୋଳ ପୁଅକୁ

ଗୃହିଣୀ। ଜଣେ ମେଧାବୀ ଛାତ୍ର ଭାବେ ପରିଚିତ ଶୁଭ୍ରାଂଶୁ ବର୍ଷେ ତଳୁ ସ୍କୁଲର ଅଟଳ ଟିଙ୍କରିଙ୍ଗ୍ ଲ୍ୟାବ୍ (ଏଟିଏଲ୍)ରୁ ହିଁ ଆରମ୍ଭ କରିଥିଲେ ତାଙ୍କ ଗବେଷଣା। ଗତବର୍ଷ ହାତ ଭାଙ୍ଗିଯାଇଥିବା ବେଳେ ସେ ଘରେ ବସି 'ମାଭିକ' ଡ୍ରୋନର ପରିକଳ୍ପନା କରିଥିଲେ। ପରିବାର ଲୋକେ ତାଙ୍କୁ ଏଥିପାଇଁ ଏକ ଲାପଟପ୍ ଓ ସମସ୍ତ ଉପକରଣ ଯୋଗାଇ ଦେଇଥିଲେ। ମାତ୍ର ୩ ମାସର ପରିଶ୍ରମ ଓ ସ୍କୁଲର ତିନି ଜଣ ଶିକ୍ଷକଙ୍କ ସହାୟତାରେ ସେ ଉକ୍ତ ପ୍ରକଳ୍ପ ସମ୍ପୂର୍ଣ୍ଣ କରିପାରିଥିଲେ। ତାଙ୍କ ଦ୍ୱାରା ପ୍ରସ୍ତୁତ ଏହି ଡ୍ରୋନ୍ ଗୁଗଲ୍ ମ୍ୟାପ ଦ୍ୱାରା ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବିନା ପ୍ରତିବନ୍ଧକରେ ଯାଇପାରିବ। ଏପରି କି ବଡ଼ ବଡ଼ ଅଟ୍ଟାଳିକା ବା ଗଛ ଥିଲେ ଅଟୋ ସେନସର ଦ୍ୱାରା ଏହା ଗତିପଥ ବଦଳାଇ ପାରିବ। ଦୁର୍ଗମ ଅଞ୍ଚଳ ଓ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ତ୍ୱରିତ ପ୍ରାଥମିକ ଚିକିତ୍ସା ସେବା ଯୋଗାଇବାରେ ସହାୟକ ହୋଇପାରିବ। ୧୫ କିଲୋଗ୍ରାମ ଓଜନର ଫାଷ୍ଟଏଡ୍ ଧରି ଏହି ଡ୍ରୋନ୍ ପହଞ୍ଚିବା ପରେ ଘଟଣାସ୍ଥଳରେ ଥିବା ଲୋକ କ୍ୟାମେରାରେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ରୋଗୀର ଚିକିତ୍ସା କରିପାରିବ। ୨୪ ଘଣ୍ଟାର ଉଡ଼ାଣ କ୍ଷମତା ଥିବା ଏହି ନାଭିକ୍‌ରେ ସୋଲାର ସିଷ୍ଟମ ଲଗାଗଲେ ଅଧିକ ସମୟ ଓ ଅଧିକ ବାଟ ମଧ୍ୟ ଯାଇପାରିବ। ଏହି ପ୍ରକଳ୍ପ ନାସାର ପସନ୍ଦ ଆସିଛି। ବିଶ୍ୱରେ ୧୩୮ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ତାଙ୍କୁ ଏଥିପାଇଁ ଦ୍ୱିତୀୟ ସ୍ଥାନ ମିଳିଥିବା ନେଇ ମେ ୧୦ରେ ସ୍କୁଲକୁ ଆସିଥିବା ଚିଠିରେ ନାସା ପକ୍ଷରୁ ଉଲ୍ଲେଖ କରାଯାଇଥିବା ଶୁଭ୍ରାଂଶୁ କହିଛନ୍ତି। ଇତିମଧ୍ୟରେ ଦିଲ୍ଲୀରୁ ପ୍ରଫେସର ଆସି ତାଙ୍କୁ ୧୦ ଦିନର ପ୍ରଶିକ୍ଷଣ ମଧ୍ୟ ଦେଇସାରିଛନ୍ତି। ଆସନ୍ତା ଜାନୁୟାରୀ ପହିଲାରେ ହେବାକୁ ଥିବା ଉକ୍ତ ପ୍ରତିଯୋଗିତା ପାଇଁ ସ୍କୁଲର ବିଜ୍ଞାନ ଶିକ୍ଷକଙ୍କ ସହ ସେ ଆସନ୍ତା ୨୭ ତାରିଖରେ ଆମେରିକା ଗସ୍ତ କରିବେ। ଏହି ଗସ୍ତ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଜିଲା ପ୍ରଶାସନ ଓ ଜିଲା ଶିକ୍ଷା ଅଧିକାରୀ ମଧ୍ୟ ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଆଗାମୀ ଦିନରେ ଭଏସ କଣ୍ଟ୍ରୋଲ କାର ଓ ନନ୍ ଆକସିଡେଣ୍ଟ କାର ନିର୍ମାଣ ନିମନ୍ତେ ସେ ଉଦ୍ୟମ ଜାରି ରଖିଥିବା ଶୁଭ୍ରାଂଶୁ ପ୍ରକାଶ କରିଛନ୍ତି।

## ୮ରୁ ବର୍ଷା...

ସେପଟେ ପାଣିପାଗ ବିଶେଷଜ୍ଞଙ୍କ ଆକଳନ ଯଦି ଠିକ୍ ହୁଏ ତାହେଲେ ଡିପ୍ ଡିପ୍ରେଶନ୍ ଅଧିକ ଘନୀଭୂତ ହୋଇ ବାତ୍ୟାର ରୂପ ନେଇପାରେ। ଇଣ୍ଡିଆନ୍ ନ୍ୟାଶନାଲ୍ ସେଣ୍ଟର ଫର୍ ଓସେନ୍ ଇନଫରମେଶନ୍ ସର୍ଭିସ୍ ପକ୍ଷରୁ ଜାରି ହୋଇଥିବା ଏକ ଚିତ୍ରରେ ସମ୍ଭାବ୍ୟ ବାତ୍ୟା ନଭେମ୍ବର ୧୦ କିମ୍ବା ୧୧ ବେଳକୁ ଜଗତ୍‌ସିଂହପୁରରୁ କେନ୍ଦ୍ରାପଡ଼ା ମଧ୍ୟରେ ସ୍ଥଳଭାଗ ଛୁଇଁପାରେ ବୋଲି ଆକଳନ କରାଯାଉଛି। ସମ୍ଭାବ୍ୟ ବାତ୍ୟା ନେଇ ଏଯାଏ ପାଣିପାଗ ବିଭାଗ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନ ଥିଲେ ମଧ୍ୟ ଆସନ୍ତା ସପ୍ତାହ ଶେଷ ଭାଗରେ ବର୍ଷା ସମ୍ଭାବନା ଥିବା କୁହାଯାଇଛି। ଏପଟେ ସମ୍ଭାବ୍ୟ ବାତ୍ୟା ଓ ବର୍ଷା ଖବର ଶୁଣିବା ପରେ ଚାଷୀମାନେ ଚିନ୍ତାରେ ପଡ଼ିଲେଣି। କାରଣ ଏବେ ଧାନ ଅମଳର ସମୟ ଥିବାବେଳେ ବର୍ଷା ଭୟରେ କିଛି ସ୍ଥାନରେ ତରବରିଆ ଭାବେ ଚାଷୀ ବିଲରୁ ଧାନ କାଟି ନେଉଛନ୍ତି। ସେପଟେ କୃଷି ବିଭାଗ କହିଛି ପାଣିପାଗ ବିଭାଗର ସୂଚନା ଆଧାରରେ ଆଡ୍‌ଭାଇଜରି ଜାରି କରାଯିବ।

## ଶ୍ରୀତମ୍‌ଙ୍କୁ ଅନ୍ତର୍ଜାତୀୟ ...

ସେତେବେଳେ ଏହି ଫଟୋ ଭାଇରାଲ୍ ହେବା ସହ ଏପ୍ରିଲ ୧୨ ତାରିଖରେ ଇୟରସଟ୍ କମ୍ୟୁନିଟିରେ ପ୍ରକାଶ ପାଇଥିଲା। ଗତ ମେ'ରେ ରେଟ୍ରୋ କଲିକତା ଅର୍ଗାନାଇଜେଶନ୍ ତରଫରୁ କଲିକତାରେ ହୋଇଥିବା ଅନ୍ତର୍ଜାତୀୟ ଫଟୋଗ୍ରାଫି ଓ ପେଣ୍ଟିଂ ପ୍ରତିଯୋଗିତାରେ ଉକ୍ତ ଫଟୋ ସ୍ଥାନ ପାଇବାରୁ ସେ ପୁରସ୍କୃତ ହୋଇଥିଲେ। ରୋମାନିଆ ମର୍ ଆର୍ଟ ପ୍ଲିସ୍ ଗ୍ୟାଲେରିରେ ମଧ୍ୟ ଏହି ଫଟୋ ପ୍ରଦର୍ଶିତ ହୋଇଥିଲା। ଏଥିପାଇଁ ତାଙ୍କୁ 'ଇଭେଣ୍ଟ ଫଟୋଗ୍ରାଫ୍ ଅଫ୍ ଦି ଇୟର୍ ଆୱାର୍ଡ' ମିଳିପାରିଥିବା ସେ କହିଛନ୍ତି। ହୋଲି ଉତ୍ସବକୁ ପାଳନ ନେଇ ଜଣେ ଯୁବକ କେତେ ଉତ୍ସାହିତ ରହିଛନ୍ତି ତାହା ତାଙ୍କ ପୁରସ୍କୃତ ଫଟୋଟି ଦର୍ଶାଉଛି। ମା' ମମତା ଓ ବାପା ଶରତ ଚନ୍ଦ୍ରଙ୍କର ସେ ଏକମାତ୍ର ସନ୍ତାନ। ତାଙ୍କ ଫଟୋଗ୍ରାଫି ସମଗ୍ର ଦେଶ ପାଇଁ ଗୌରବ ଆଣିଦେଇଥିବାରୁ ତାଙ୍କ ମାତାପିତା ଖୁସିରେ ଆତ୍ମହରା ହୋଇପଡିଥିବା କହିଛନ୍ତି।

## ପୁଣି ବଢ଼ିଲା...

ନାସିକରେ ପିଆଜ କୁଇଣ୍ଟାଲ ପିଛା ୫୦୦୦ଟଙ୍କାରୁ ୫୧୦୦ ଟଙ୍କାରେ ବିକ୍ରି ହେଉଛି। ତେଣୁ ପରିବହନ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ସହ ଦର ବୃଦ୍ଧି ପାଇଛି। ପ୍ରଶାସନ ପକ୍ଷରୁ ଆମଦାନୀ ହେଉଥିବା ପିଆଜକୁ ରଖିବା ପାଇଁ ଅଧିକରୁ ଅଧିକ ଶୀତଳଭଣ୍ଡାରର ଆବଶ୍ୟକତା ରହିଛି ବୋଲି ସୁଧାକର କହିଛନ୍ତି।

ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଦର ନିୟନ୍ତ୍ରଣ ଏବଂ କଳାବଜାର ରୋକିବା ପାଇଁ ସୋମବାର ବୈଠକ ବସିବ ବୋଲି ଜଣାପଡିଛି। ଯୋଗାଣ ବିଭାଗର ଜଣେ ଅଧିକାରୀଙ୍କ କହିବାନୁଯାୟୀ, ସାରା ଦେଶରେ ଆବଶ୍ୟକତା ଅନୁଯାୟୀ ଚଳିତବର୍ଷ ପିଆଜ ଉତ୍ପାଦନ ହୋଇନାହିଁ। ଏହାଦ୍ୱାରା ସବୁ ଅଞ୍ଚଳର ଲୋକ ପ୍ରଭାବିତ ହୋଇଛନ୍ତି। ଏହି ସମସ୍ୟା ୩ରୁ ୪ ମାସ ହେବ ଅନୁଭୂତ ହେଉଛି। ହେଲେ ବିଭାଗ ପକ୍ଷରୁ କଳାବଜାର, ବେଆଇନ ପିଆଜ ଯୋଗାଣ, କୃତ୍ରିମ ଉପାୟରେ ମହଜୁଦ କରି ରଖିବା ଉପରେ ନଜର ରହିଛି। ସର୍ବନିମ୍ନ ଆବଶ୍ୟକତା ପାଇଁ ପିଆଜ ଯେପରି ଅଭାବ ନ ହେବ, ସେଥିପ୍ରତି ବିଭାଗ ସଚେତନ ଥିବା ଅଧିକାରୀ ଜଣକ କହିଛନ୍ତି।


# classifieds Everyday
0674-2580101, 2549302





**SALE**

4BHK duplex with gated community at Balianta (Land-1400 & construction-2200 @ 60,00,000/-, 2600 @ 70,00,000/-) Mplanets: 9938219397, 9861022055. D-14975

Bhubaneswar Kesura SBI Colonyକୁ ଲାଗି ଘରବାଡି ପ୍ଲଟ ପାଚେରି ସହ ମିଳୁଅଛି। 9777100826. D-68407

NH-16 ପିତାପଲ୍ଲୀ ଛକରେ ସ୍ଥିତିବାନ ପ୍ଲଟ୍ ପୋଜେସନ୍ ଥାଇ 399/ରେ ମିଳୁଛି। 7873894075. D-68415

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-68416

ଭୁବନେଶ୍ୱର Airport ଠାରୁ 5K.M ଦୂରତାରେ ସୁନ୍ଦରପଦାରେ ବାସୋପଯୋଗୀ ପ୍ଲଟ୍ Possession ସହ ମିଳୁଛି। 9040008777. D-68414

ଭୁବନେଶ୍ୱର ପଟିଆ ଛକ ନିକଟରୁ 700mtr. 676 ବର୍ଗଫୁଟର ଘରବାରି plot । 5 ଗୁଣ୍ଠ ଚାଷଜମି, ଭୁବନେଶ୍ୱର, ପୁରୀ Bypass Road କଡ଼ରେ sqft. Rs.1300/- ଲକ୍ଷ୍ମୀସାଗର ମୌଜା, ମାଲିକ କରିବେ ବିକ୍ରି। 7504825560. D-15065

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। possession, registration immediately. Contact: 9178660666. D-68155

କଟକ-ଗୋପାଳପୁର ଧାକୁଲେଇପୀଠରୁ 3k.m sqft.250/-, ଭୁବନେଶ୍ୱର ବାଳକାଟି ବଜାରରୁ 2k.m 550/-, ନଖରା DPS ପାଖରେ sqft.700/- ଘରବାରି ପ୍ଲଟ୍ ମିଳୁଅଛି। 9348020724, 7978939440. D-68409

Ready to move 2BHK/ 4BHK flat near Hotel Mayfair, Jaydev Vihar, Price Rs.5800/- per sqft. & triplex and duplex at Rangabazar near BJEM English Medium School-II. Price start Rs.47 lakhs. Contact: 9040046767, 9040007267. D-68152

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

NH-16ରୁ 200mtr. ଦୂର TATA Motors ସାମ୍ନାରେ BDA plot 30' road, Electric ସହିତ ପିତାପଲ୍ଲୀଠାରେ ମିଳୁଅଛି। 6371719107, 6355839720, 8658046978. D-15037





Ground floor 1600 sqft. for Bank/ Office/ Godown (light goods) at NH-16, Rasulgarh, Bhubaneswar, near Vishal. 9437904071, 9777156770. D-14985

4 Acres highland near NH side, Kuradhamal, Khordha Contact for longterm lease, rent or outrate sale: 7381035667, 9337105357. D-68157

**ଦଶମ ଜନ୍ମଦିନ ଶୁଭେଚ୍ଛା**



**ସତ୍ୟଜିତ୍ (ପିୟୁଷ୍)**
କାଠଗଡ଼ା, ଢେଙ୍କାନାଳ
ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି କାମନା ତୋତେ ସର୍ବଦା ଭଲରେ ରଖନ୍ତୁ।
**ଶୁଭେଚ୍ଛା ସହ:**
ବାପା, ମା', ଜେଜେ, ଜେଜେମା', ଅଜା, ମାମୁ, ପ୍ରିତି ।
ଧ-୧୫୦୬୭





Rejuvenate and ayurvedic full body massage by smart therapist. 9114402304. D-68145

Full body herbal massage with refreshment expert therapist. 7381239385, 06742540855. D-68146

Experience full body massage with us (expert). Call: 7377048581, 06742597822. D-68147

Herbal full body massage by smart / expert therapist. Contact: 8338067247. D-68148

Summer special mesmerizing offer expert therapeutic refreshing massage appointment. 9668374480. D-68149

Refresh your mind and soul with best therapy at Orchid Salon/Spa. 9937287222. D-66991

Ayurvedic full body massage ladies & gents smart therapist. 9040900385. D-66992

Newly open full body massage by ladies, gents therapist. 8018656899 D-60847


Ayurvedic full body massage by ladies, gents therapist. 7008773793 D-60848

Ayurvedic herbal body massage trend therapist Mob: 8018246332. D-66993





Part time business start କରନ୍ତୁ। Monthly:- 5,000/- 15,000/- କମାନ୍ତୁ। Mob: 9777434078. D-15040





ଖବରଦାର କଳାଇଲମ, ଶ୍ମଶାଣୀ ଶକ୍ତି ଦ୍ୱାରା ବାବା ସିକନ୍ଦର ସ୍ପେଶାଲିଷ୍ଟ- ମହାବଶୀକରଣ, ପ୍ରେମବିବାହ, କାନ୍ଦୁଥିବାକୁ ହସେଇବା, ମୁଠକରଣୀ, ଜଟିଳରୁ ଜଟିଳ ସମସ୍ୟାର ସମାଧାନ (କାମ ନ ହେଲେ ପଇସା ଫେରସ୍ତ) 9997928820, 9780806657. D-14886

ସଠିକ୍ ଜାତକ ଭାବଭବିଷ୍ୟବାଣୀ, ଦଶାଭବିଷ୍ୟବାଣୀ, ବାସ୍ତୁ, ଯୋଡିମେଳକ, ମଙ୍ଗଳ ଦୋଷ ପ୍ରତିକାର ପାଇଁ 7978736177. D-68212


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ଅଭାବରୁ କୌଣସି କାମ କରିବା ସକାଶେ ମନ ଚାହୁଁଥିଲେ ମଧ୍ୟ ତାହା କରିପାରିବେ ନାହିଁ। କିନ୍ତୁ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ। କଳ କାରଖାନା, ଜଳଜାତ ଦ୍ରବ୍ୟ ତୈଳ କିମ୍ବା ବିଦ୍ୟୁତ ବ୍ୟବସାୟରୁ ଲାଭବାନ ହେବେ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ । ଜଣେ ବନ୍ଧୁଙ୍କଠାରୁ ଅର୍ଥ ସାହାଯ୍ୟ ପାଇ ଖୁସି ହେବେ।

**ବୃଷ** ନୂତନ କର୍ମାରମ୍ଭ ପ୍ରତିପ୍ରଦ ରହିବା ସାଙ୍ଗକୁ ଅର୍ଥନୈତିକ ଦୃଷ୍ଟିକୋଣରୁ ବହୁତ ଉନ୍ନତି କରିବେ। ବନ୍ଧୁଙ୍କ ନିକଟରୁ ଯାହା ଓ ଯେତିକି ପାଉଛନ୍ତି ତାହାକୁ ଆଦରର ସହିତ ଗ୍ରହଣ କରିବା ଭଲ ହେବ। ନିଜ ସମ୍ପର୍କୀୟମାନଙ୍କ ସହଯୋଗରୁ ଉପକୃତ ହେବେ ଓ କାର୍ଯ୍ୟସିଦ୍ଧି ଅବଶ୍ୟ ଘଟିବ। ଦୂରଦର୍ଶିତା ଅଭାବରୁ କୌଣସି କ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ମିଥୁନ** ଆଜି ଭଲ ସମ୍ପର୍କ ନ ଥିବା ବନ୍ଧୁମାନେ ଯେତେ ବିରୋଧ କଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଅବଶ୍ୟମ୍ଭାବୀ। କର୍ମକ୍ଷେତ୍ର ଓ ପାରିବାରିକ କ୍ଷେତ୍ରରେ ସମସ୍ୟା ରହିଛି ଓ ରହିବ କିନ୍ତୁ ହଠାତ୍ କୌଣସି ଦୃଢ଼ ପଦକ୍ଷେପ ନେଲେ ଝାମେଲା ଅଧିକ ବଢ଼ି ଯାଇପାରେ। ଜମିଜମା ବିବାଦ କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ ।

**କର୍କଟ** ଛୋଟ ଛୋଟ କଥାକୁ ନେଇ ପାରିବାରିକ କ୍ଷେତ୍ରରେ କେହି ଜଣେ ବିନା କାରଣରେ କିଛି ଅଭିଯୋଗ ଆଣିପାରନ୍ତି। ଅଫିସିଆଲି କୌଣସି ବିବାଦୀୟ ଘଟଣାରେ ଆପଣଙ୍କ ଆଶଙ୍କା ଅପରାହ୍ଣେ ଦୂର ହୋଇଯିବ। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। ପରିବହନ, ବ୍ୟବସାୟ ଓ ସଙ୍ଗଠନ କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**ସିଂହ** ଆଜି ଆର୍ଥିକ ସମସ୍ୟା ମଧ୍ୟରେ ପିଲାମାନଙ୍କ କୌଣସି ଅଭିଯୋଗକୁ ନେଇ ମନ ଅସ୍ଥିର ରହିବ। ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ସରକାରୀ ଆଦେଶ ପ୍ରାପ୍ତ ହୋଇ ବାଧ୍ୟବାଧକତାରେ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହେବେ। ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ଶାନ୍ତ ହେବେ ଓ ମାନସିକ ସ୍ଥିତି ଠିକ୍ ହୋଇଯିବ।

**କନ୍ୟା** ଆଜି ସକାଳୁ ସକାଳୁ କୌଣସି ଶୁଭ ଖବର ପାଇ ମନଟି ଏକପ୍ରକାର ଖୁସି ହୋଇଯିବ। ଯାତ୍ରା ସମୟରେ ପରିଚିତ ଲୋକଟି ମିତ୍ରତା ଛଳରେ ପାଖେଇ ଆସିବା ହେତୁ ବିରକ୍ତି ଅନୁଭବ କରିବେ। ବହୁତ ଦିନ ହେଲା ଇଚ୍ଛା କରୁଥିବା ଜିନିଷଟି ପାଇ ପାଇ ଖୁସି ହେବେ। ବାଣିଜ୍ୟ ଓ ବ୍ୟବସାୟରେ ସମସ୍ୟା ଲାଗି ରହିଥିଲେ ମଧ୍ୟ ତାହା ବିଶେଷ ଉତ୍କଟ ହେବ ନାହିଁ।

**ତୁଳା** ଆଜି ଯାହା ଓ ଯେମିତି ଚାହୁଁଛନ୍ତି ସେମିତି କାମ କରନ୍ତୁ, କିନ୍ତୁ ବିବାଦରୁ ଦୂରେଇ ରୁହନ୍ତୁ, କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଦୀର୍ଘ ଦିନରୁ ପ୍ରଶାସନିକ ସ୍ତରରେ ରହିଥିବା ସମସ୍ୟାର ସମାଧାନ ହୋଇଯିବ। ହଠାତ୍ ଜଣେ ବନ୍ଧୁଙ୍କ ପାଇଁ ମନ ଛଟପଟ ହେବ, ଫଳରେ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ବିଛା** କର୍ମକ୍ଷେତ୍ର କିମ୍ବା ପରିବାରର ବିଭିନ୍ନ ସମସ୍ୟା ମୂଳକ ବିଷୟ ଚିନ୍ତାକରି ମାନସିକ ସୁସ୍ଥତା ରହିବ ନାହିଁ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ। କଳା,ସାହିତ୍ୟ, ସାମ୍ବାଦିକତା ଓ ରାଜନୀତି କ୍ଷେତ୍ରରେ ବେଶ୍ ଆଦୃତ ହେବେ। ଆନୁଷ୍ଠାନିକ କାମରେ ନେତୃତ୍ୱ ନେଇ ପ୍ରଶଂସିତ।

**ଧନୁ** ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟରେ ଚଳିବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। କିଛି ଗୁପ୍ତକଥା, କଳାଧନ, କଚେରି ମାମଲା, ଅନ୍ୟମାନଙ୍କ ଘରୋଇ କଥାର ଆଲୋଚନା ସମ୍ପର୍କିତ ଅଯଥା ଚିନ୍ତା କରି ପାରନ୍ତି। ପରିବହନ, ବ୍ୟବସାୟ, ଶିଳ୍ପ, ବାଣିଜ୍ୟରେ ଉନ୍ନତି କରିବେ। ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ।

**ମକର** ଆପଣ ଅଯଥା ମୂଲ୍ୟହୀନ କଥାରେ ତର୍କବିତର୍କ କରି ପରିବାରରେ କଳହ ଲାଗିପାରେ। ପ୍ରତ୍ୟେକ କ୍ଷେତ୍ରରେ ବିଶେଷ ଖର୍ଚ୍ଚାନ୍ତ ହେବେ ସିନା କାମ ସୁବିଧାରେ ହୋଇଯିବ। ମାଲିମକଦ୍ଦମା, ନିର୍ମାଣ, ପରିବହନ ଓ ପ୍ରଶାସନିକ କ୍ଷେତ୍ର, ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ।

**କୁମ୍ଭ** ବନ୍ଧୁଙ୍କ ନିକଟରୁ ପ୍ରାପ୍ତି ଆଶା ନିରର୍ଥକ ହେବ ନାହିଁ କିନ୍ତୁ ସହଜରେ ପାଇବା କାଠିକର ପାଠ ହୋଇପାରେ। ନିଜ ପରିସରରେ ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିବ,ଏଣୁ ସତର୍କ ରହିବା ଭଲ। କଠୋର ପରିଶ୍ରମ କାରଣରୁ ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରି ପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ ।

**ମୀନ** କୌଣସି ବନ୍ଧୁଙ୍କ ସାହାଯ୍ୟରୁ ଯାନବାହନ, ନୂତନ ମେଶିନାରୀ ଜିନିଷ କିଣି ପାରନ୍ତି। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ ଏଣୁ ମନ ହାଲ୍କା ହୋଇଯିବ। ଗତକାଲି ରାତିରେ ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। ଗସ୍ତ କାର୍ଯ୍ୟକ୍ରମ ବଦଳି ଯାଇପାରେ କିନ୍ତୁ ଆର୍ଥିକ ସ୍ଥିତିରେ ସୁଧାର ଆସିବାର ପୂର୍ଣ୍ଣ ସମ୍ଭାବନା ରହିଛି ।

ଆଜି କାର୍ତ୍ତିକ ଶୁକ୍ଳପକ୍ଷର ଗୋଷ୍ଠାଷ୍ଟମୀ ସୋମବାର, ନଭେମ୍ବର ୪ ତାରିଖ,ଜଗମୋହନ ଭୋଗ, ଗୋବନ୍ଦାପନା, ରାଶି ନକ୍ଷତ୍ର- ଶ୍ରବଣା/ମକର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୨୨ମି. ମଧ୍ୟେ, ଘ୮।୫୨ମି. ଗତେ ଘ୧୧।୦୭ମି. ମଧ୍ୟେ ଅମୃତବେଳା। ଦିବା ଘ୮।୦୫ମି. ଗତେ ଘ୧୦।୧୮ମି. ମଧ୍ୟେ, ଘ୧୧।୪୯ମି. ଗତେ ଘ୧।୧୦ମି. ମଧ୍ୟେ, ଘ୨।୩୫ମି. ଗତେ ଘ୪।୦୦ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ୭।୧୭ମି. ଗତେ ଘ୮।୪୧ମି. ମଧ୍ୟେ ରାହୁକାଳ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ସ୍ୱୟଂଶ୍ରୀ ବେହେରା




ସ୍ୱୟଂସିଦ୍ଧ ପଣ୍ଡା

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

### ଥମୁନି ସ୍ମିତାରାଣୀ ମୃତ୍ୟୁ ରାଜନୀତି

# ୫ରେ ସବୁ ଜିଲାପାଳଙ୍କ ଅଫିସ ଆଗରେ ଭାଜପାର ବିକ୍ଷୋଭ

**ଭୁବନେଶ୍ୱର,୩।୧୧(ବ୍ୟୁରୋ)**

- ଯାଜପୁର ଏସ୍‌ପି, ମହିଳା କମିଶନ ଅଧ୍ୟକ୍ଷାଙ୍କ ବହିଷ୍କାର ଓ ସିବିଆଇ ତଦନ୍ତ ଦାବି
- ସମର୍ଥନ ଲୋଡ଼ିଲେ ବିଧାନସଭାରେ ସମର୍ଥନ ଦେବ କଂଗ୍ରେସ



ପ୍ରଭାତି ପରିଡ଼ା

ଯାଜପୁର ଜିଲା ହରିଦାସପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁକୁ ୧୮ ଦିନ ବିତିଯାଇଛି। ସ୍ମିତାରାଣୀଙ୍କୁ ନ୍ୟାୟ ଦେବା ପାଇଁ ବାରମ୍ବାର ଦାବି କରାଯାଇଥିଲେ ମଧ୍ୟ ରାଜ୍ୟ ସରକାର ଓ ଜିଲା ପୋଲିସ ପ୍ରଶାସନ ଏ ପର୍ଯ୍ୟନ୍ତ ଚୁପ୍ ବସିଥିବା ଭାଜପା ଅଭିଯୋଗ କରିଛି। ଏପରିକି ଝିଅର ମୃତ୍ୟୁ ପରେ ନିଜ ଜୀବନ ପ୍ରତି ବିପଦ ରହିଥିବା ଦର୍ଶାଇ ସ୍ମିତାରାଣୀଙ୍କ ବାପା, ମା ଗାଁ ଘର ଛାଡିଛନ୍ତି। ତେଣୁ ଏହି ଘଟଣାକୁ ନେଇ ଆସନ୍ତା ୫ ତାରିଖରେ ରାଜ୍ୟର ସମସ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଭାଜପା ପକ୍ଷରୁ ବିକ୍ଷୋଭ କରାଯିବ ବୋଲି ମହିଳା ମୋର୍ଚ୍ଚା ସଭାପତି ପ୍ରଭାତି ପରିଡ଼ା କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଭାତି କହିଛନ୍ତି ଯେ, ପୋଲିସ କେବଳ ରୂପେଶ ଭଦ୍ରଙ୍କୁ ଗିରଫ କରି ଘଟଣା ସମୟରେ ଉପସ୍ଥିତ ଅନ୍ୟ ୨ଜଣ ବିଜେଡି ନେତା ଏବଂ ସିମେଣ୍ଟ କମ୍ପାନୀ ଅଧିକାରୀଙ୍କୁ ତଦନ୍ତ ପରିସରଭୁକ୍ତ ଏ ଯାଏ କଲାନାହିଁ। ଯାଜପୁର ଏସ୍‌ପି ମୃତା ସ୍ମିତାରାଣୀଙ୍କ ବୃତ୍ତିଗତ ତଦନ୍ତ ନ କରି ବ୍ୟକ୍ତିଗତ ତଦନ୍ତ କରି ଚରିତ୍ରହନନ କରିଛନ୍ତି। ଶାସକ ଦଳ ଚାପରେ ଘଟଣାକୁ ଚପେଇ ଦେବା ପାଇଁ ଅପଚେଷ୍ଟା କରାଯାଉଛି। ମହିଳା କମିଶନ ଅଧ୍ୟକ୍ଷା ତଦନ୍ତ ନ କରି ମାମଲା ସରିଗଲାଣି ବୋଲି କହି ସମଗ୍ର ମହିଳା ସମାଜକୁ ନିନ୍ଦିତ କରିଛନ୍ତି। ଅପରପକ୍ଷରେ କେନ୍ଦ୍ରାପଡ଼ାର ଜଣେ ବିଜେଡି ନେତା ଜୈନିକ କର୍ମଜୀବୀ ମହିଳାଙ୍କୁ ପଦୋନ୍ନତି ଲୋଭ ଦେଖାଇ ନିର୍ଯାତନା ଦେଉଥିଲେ। ମହିଳା ଜଣକ ପୋଲିସ ନିକଟରେ ଅଭିଯୋଗ କରିବା ପରେ ମଧ ଶାସକ ଦଳ ଚାପରେ କୌଣସି ପଦକ୍ଷେପ ନିଆଯାଉନାହିଁ। ରାଜ୍ୟ ସରକାର ମହିଳା ସଶକ୍ତୀକରଣ, ମୋ ସରକାର, ମୋ ପୋଲିସ, ମୋ ପରିବାର ଏବଂ ୫-ଟି କଥା କହୁଥିବାବେଳେ ଜଣେ ମହିଳା ସରକାରୀ କର୍ମଚାରୀଙ୍କ ମୃତ୍ୟୁ ପରେ ତାଙ୍କୁ ନ୍ୟାୟ ମିଳୁନାହିଁ। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା। ମୃତା ସ୍ମିତାରାଣୀଙ୍କ ହତ୍ୟା ଘଟଣାର ସିବିଆଇ ତଦନ୍ତ ଏବଂ ଯାଜପୁର ଏସ୍‌ପି ଏବଂ ମହିଳା କମିଶନ ଅଧ୍ୟକ୍ଷାଙ୍କୁ ବହିଷ୍କାର ଏବଂ ମହିଳାଙ୍କ ସୁରକ୍ଷା ନେଇ ଜିରୋ ଟଲେରାନ୍ସ ଗ୍ରହଣ କରିବା ଆଦି ଦାବି ନେଇ ଆସନ୍ତା ୫ ତାରିଖରେ ମହିଳା ମୋର୍ଚ୍ଚା ପକ୍ଷରୁ ରାଜ୍ୟର ସମସ୍ତ ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ କରାଯିବ ବୋଲି ପ୍ରଭାତି କହିଛନ୍ତି। ପ୍ରଭାତି କେନ୍ଦ୍ରାପଡ଼ା ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ କରିବା ସହ ପୀଡ଼ିତା ମହିଳା ଓ ତାଙ୍କ ପରିବାର ସହ ସାକ୍ଷାତ୍ କରିବେ ବୋଲି ସୂଚନା ଦେଇଛନ୍ତି। ତେବେ ଏହି ଘଟଣାକୁ ନେଇ କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ ମଧ୍ୟ ଶାସକ ଦଳ ଉପରେ ବର୍ଷିଛନ୍ତି। ସୁର କହିଛନ୍ତି, ପିଇଓ ସ୍ମିତାରାଣୀଙ୍କ ମୃତ୍ୟୁ ଘଟଣାରେ ସିବିଆଇ ତଦନ୍ତ କରାଯିବା ଆବଶ୍ୟକ। ବିଧାନସଭା ଚାଲିବାବେଳେ ଭାଜପା ଚାହିଁଲେ ଏହି ପ୍ରସଙ୍ଗରେ କଂଗ୍ରେସ ସମର୍ଥନ ଦେବ ବୋଲି ସୁର କହିଛନ୍ତି।

# ଅସୁସ୍ଥ ଭଉଣୀଙ୍କୁ ସିଟ୍ ନ ମିଳିବାରୁ ବସ୍ ଆଗରେ ଶୋଇଲେ ଭାଇ

**ପଦ୍ମପୁର, ୩।୧୧ (ଡି.ଏନ.ଏ.)**

ଅସୁସ୍ଥ ଥିବା ଭଉଣୀଙ୍କୁ ଚିକିତ୍ସା କରାଇବାକୁ ଚାନ୍ଦବାଲିରୁ ଭଦ୍ରକ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇ ଯିବାବେଳେ ବସ୍‌ରେ ସିଟ୍ ନ ମିଳିବାରୁ ତାଙ୍କ ଭାଇ ଗାଡ଼ିରୁ ଓହ୍ଲାଇ ରାସ୍ତାରେ ଶୋଇ ପ୍ରତିବାଦ ଜଣାଇଥିଲେ। ଏଥିଲାଗି ପ୍ରାୟ ୪୫ ମିନିଟ୍ ଧରି ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ପୋଲିସ ପହଞ୍ଚି ପ୍ରତିବାଦ ଜଣାଉଥିବା ଯୁବକଙ୍କୁ ବୁଝାଶୁଝା କରିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

ସାବରଙ୍ଗ ଫାଣ୍ଡି ପୋଲିସ ସୂଚନା ଅନୁଯାୟୀ, ରବିବାର ପୂର୍ବାହ୍ନରେ ଚାନ୍ଦବାଲି ଅଞ୍ଚଳର ଏହି ଭଉଣୀଭାଇ ଏକ ବସ୍‌କୁ ଚଢ଼ିବା ପରେ ସିଟ୍ ନ ଥିବା ଦେଖି କଣ୍ଡକ୍ଟରଙ୍କୁ ଗୋଟିଏ ସିଟ୍ ଦେବାକୁ ଅନୁରୋଧ କରିଥିଲେ। କିନ୍ତୁ ଅସୁସ୍ଥ ଥିବା ଯୁବତୀଙ୍କୁ ସିଟ୍ ମିଳି ନ ଥିଲା। ବସ୍ ଆସି ଭଦ୍ରକ ସଦର ବ୍ଲକ ଇଚ୍ଛାପୁରଠାରେ ପହଞ୍ଚିବା ପରେ ଯୁବକ ଜଣଙ୍କ ଓହ୍ଲାଇ ଜଣେ ରୋଗୀଙ୍କୁ ସିଟ୍ ନ ମିଳିବା ଘଟଣାରେ ପ୍ରତିବାଦ ଜଣାଇ ମଧ୍ୟାହ୍ନ ୧୨ଟା ବେଳେ ବସ୍ ଆଗରେ ରାସ୍ତାରେ ଶୋଇ ରହିଥିଲେ। ଏଭଳି ପରିସ୍ଥିତିରେ ରାସ୍ତାର ଦୁଇପାର୍ଶ୍ୱରେ ଅନେକ ଯାନବାହନ ଅଟକି ରହିଥିଲା। ଭଦ୍ରକ-ଚାନ୍ଦବାଲି ରାସ୍ତା ସମେତ ଏହାକୁ ସଂଯୋଗ କରୁଥିବା ଭଦ୍ରକ-ବାସୁଦେବପୁର ରାସ୍ତାରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସାବରଙ୍ଗ ଫାଣ୍ଡି ଅଧିକାରୀ ରଞ୍ଜନ କୁମାର ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଯୁବକ ଜଣଙ୍କ ତାଙ୍କ ଭଉଣୀଙ୍କୁ ଅନ୍ୟ ଏକ ଗାଡ଼ିରେ ନେଇ ଭଦ୍ରକ ଯାଇଥିଲେ।




ବସ୍ ସମ୍ମୁଖରେ ଲୋକଙ୍କ ଭିଡ଼।

# ଗଣମାଧ୍ୟମରେ ରହିବାକୁ ଭାଜପାର ପ୍ରୟାସ: ବିଜେଡି

**ଭୁବନେଶ୍ୱର,୩।୧୧(ବ୍ୟୁରୋ)**

ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ଘଟଣାକୁ ନେଇ ଶାସକ ଦଳକୁ ଭାଜପା ବାରମ୍ବାର ଟାର୍ଗେଟ କରିଚାଲିଛି। ଅନ୍ୟପଟେ ଭାଜପା ଅଭିଯୋଗ ଉପରେ ବିଜେଡି କଡା ପ୍ରତିକ୍ରିୟା ପ୍ରକାଶ କରିଛି। ବିଜେଡି ମୁଖପାତ୍ର ସୁଲତା ଦେଓ କହିଛନ୍ତି, ପୀଡ଼ିତା ପରିବାରକୁ ନ୍ୟାୟ ଦେବା ନାଁରେ ଭାଜପା ପ୍ରତିଦିନ ଖବରଦାତା ସମ୍ମିଳନୀ ଜରିଆରେ ଫାର୍ସ କରୁଛି। ଏହାଦ୍ୱାରା ଦଳ ମାମଲାର ତଦନ୍ତକୁ ଅଧିକ ବାଟବଣା କରିବାକୁ ଚେଷ୍ଟା କରୁଛି। ଭାଜପା ନେତ୍ରୀ ପ୍ରଭାତି ପରିଡ଼ାଙ୍କ ପ୍ରତିକ୍ରିୟାର ଜବାବରେ ସୁଲତା ଦେଓ କହିଛନ୍ତି ଯେ, ପ୍ରତିଦିନ ଏଣୁତେଣୁ କହିବା ଅପେକ୍ଷା ଯଦି ଦଳ ନିକଟରେ କିଛି ତଥ୍ୟ ଅଛି ତାହା ପୋଲିସ କିମ୍ବା ଅଦାଲତ ନିକଟରେ ଦାଖଲ କରିବା ଉଚିତ। ମାତ୍ର ଦଳ ମିଛର ଆଶ୍ରୟ ନେଇ କେବଳ ମନଗଢ଼ା କଥା କହୁଥିବାରୁ ଏଥିରୁ ତା'ର ହତାଶାଭାବ ସ୍ପଷ୍ଟ ବାରିହୋଇ ପଡୁଛି। ଦଳର କିଛି ହାରିଥିବା ନେତା ଏଭଳି ସମ୍ବେଦନଶୀଳ ଘଟଣାକୁ ନେଇ ହୀନ ରାଜନୀତି କରିବାକୁ ପଛାଉ ନାହାନ୍ତି। ଯାଜପୁର ଘଟଣାରେ ଭାଜପା ମିଛ କହିବାର ସବୁ ସୀମା ଟପିଗଲାଣି। ଯଦି ଗଣମାଧ୍ୟମରେ ରହିବା ପାଇଁ ଭାଜପା ଏଭଳି ମନଗଢା ଓ ଭିତ୍ତିହୀନ ଖବର ଆଧାରରେ ପ୍ରତିଯୋଗିତା କରୁଥାଏ ତେବେ କିଛି ଅସୁବିଧା ନାହିଁ। ଏହି ଘଟଣାରେ ପୀଡ଼ିତା ପରିବାରକୁ ନ୍ୟାୟ ଦେବା ପାଇଁ ସରକାର ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ବୋଲି ସୁଲତା କହିଛନ୍ତି।



## ଜିଲା ଟିଠି
### କେନ୍ଦ୍ରାପଡ଼ା

# ଜୈବ ମଣ୍ଡଳର ସୁରକ୍ଷା

ପ୍ରକୃତିର ବରଦାନ ଜାତୀୟ ଉଦ୍ୟାନ ଭିତରକନିକା। ବଙ୍ଗୋପସାଗରର ଲୁଣା ଜଳ ସହିତ ବ୍ରାହ୍ମଣୀ ଓ ବୈତରଣୀ ନଦୀର ମଧୁର ଜଳ ସମ୍ମିଶ୍ରଣରେ ଗଢ଼ିଉଠିଥିବା ଏହି ଅଞ୍ଚଳ ପର୍ଯ୍ୟଟକଙ୍କ ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ୬୭୨ ବର୍ଗ କିଲୋମିଟର ପରିବ୍ୟାପ୍ତ ଭିତରକନିକା ଜୈବ ବିବିଧତାରେ ପରିପୂର୍ଣ୍ଣ। ଏଠାରେ ୭୨ ପ୍ରକାର ହେନ୍ତାଳ ଜାତୀୟ ବିରଳ ବୃକ୍ଷ ଓ ୬୪ ପ୍ରକାର ଔଷଧୀୟ ବୃକ୍ଷ ଅଛି। ଦେଢ଼ଶହରୁ ଅଧିକ ପ୍ରଜାତି ଦେଶୀୟ ପକ୍ଷୀଙ୍କର ଏହା ସ୍ଥାୟୀ ବାସସ୍ଥାନ। ଏହାବ୍ୟତୀତ ନଭେମ୍ବରରୁ ଫେବୃୟାରୀ ମାସ ମଧ୍ୟରେ ଉତ୍ତରଭାରତ, ହିମାଳୟ ପାଦଦେଶ, ଆଫଗାନିସ୍ତାନ, ଫ୍ରାନ୍ସ, ବେଲ୍‌ଜିୟମ, ଅଷ୍ଟ୍ରେଲିଆ, ମାନସରୋବର, ସାଇବେରିଆ, କାସ୍ପିଆନ୍ ସାଗର ଓ ହଙ୍ଗେରୀରୁ ଖାଦ୍ୟ ଅନ୍ୱେଷଣରେ ବିଦେଶାଗତ ପକ୍ଷୀମାନେ ଏଠାକୁ ଆସି ଏପ୍ରିଲରେ ଫେରି ଯାଇଥା'ନ୍ତି। ଲୁଣା କୁମ୍ଭୀରର ଆବାସସ୍ଥଳୀ ଭାବେ ପରିଚିତ ଏହି ସ୍ଥାନର ଧଳା କୁମ୍ଭୀର ଗୋରୀ ଓ ମଲ୍ଲୀ ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିପାରିଛି। ସେହିପରି ବିରଳ ଅଲିଭ୍‌ରିଡଲେଙ୍କ ସଙ୍ଗମସ୍ଥଳ ଭାବେ ଭିତରକନିକାର ଗହୀରମଥା ବିଶ୍ୱବିଦିତ। ତେବେ ବିଭିନ୍ନ କାରଣରୁ ଭିତରକନିକାର ଜୈବ ମଣ୍ଡଳକୁ ଏବେ ସୁରକ୍ଷା ଜରୁରୀ ହୋଇପଡ଼ିଛି। ଦେଶୀୟ ପକ୍ଷୀଗଣନା ସମୟରେ ଏହାର ନମୁନା ଦେଖିବାକୁ ମିଳିଛି। ପୂର୍ବରୁ ଦେଶୀୟ ପକ୍ଷୀ ଭିତରକନିକାର ବଗଗହନରେ ବସା ବାନ୍ଧୁଥିଲେ। ତେବେ ଗତ କିଛିବର୍ଷ ହେବ ବଗଗହନ ଅଞ୍ଚଳ ସୁରକ୍ଷିତ ନ ହେବାରୁ ମଠଆଡ଼ିଆରେ ବସା ବାନ୍ଧୁଛନ୍ତି। ଚଳିତବର୍ଷ ଦେଶୀୟ ପକ୍ଷୀମାନେ ଲକ୍ଷ୍ମୀପ୍ରସାଦଆଡ଼ିଆରେ ବସା ବାନ୍ଧି ପରିବେଶ ସନ୍ତୁଳନରେ ହୋଇଥିବା ପରିବର୍ତ୍ତନର ସୂଚନା ଦେଇଛନ୍ତି। ଅପରପକ୍ଷରେ ଗ୍ଲୋବାଲ ୱାର୍ମିଂ ଯୋଗୁ ସମୁଦ୍ରର ଜଳପତ୍ତନ ବଢ଼ିବାରେ ଲାଗିଛି। ଏହାର ପ୍ରଭାବ ଭିତରକନିକା ଉପରେ ମଧ ପଡୁଛି। ସମୁଦ୍ର ତଟକ୍ଷୟ ଏକ ସମସ୍ୟା ହୋଇଛି। ଏପରିକି ଏହି ଅଞ୍ଚଳରେ ଥିବା ହେନ୍ତାଳବଣର ଦ୍ରୁତ ଅବକ୍ଷୟ ହୋଇଚାଲିଛି। ଚିଙ୍ଗୁଡ଼ି ଘେରିର ବିଷାକ୍ତ ଜଳ ହେନ୍ତାଳବଣକୁ ନଷ୍ଟ କରୁଛି। ରାଜ୍ୟ ସରକାର ୧୯୭୫ରେ ଭିତରକନିକାକୁ ବନ୍ୟଜନ୍ତୁ ଅଭୟାରଣ୍ୟ ଓ ୧୯୮୮ରେ ଏହାକୁ ଜାତୀୟ ଉଦ୍ୟାନ ଘୋଷଣା କରିଛନ୍ତି। ତେବେ ଏଠାରେ ଅନୁପ୍ରବେଶ ସମସ୍ୟା ଲାଗି ରହିଥିବାବେଳେ ଜୀବଜନ୍ତୁଙ୍କ ହତ୍ୟା ବୃଦ୍ଧି ପାଇବାରେ ଲାଗିଛି। ଦିନ ଥିଲା ଜୈବମଣ୍ଡଳର ସୁରକ୍ଷା ପାଇଁ କନିକା ରାଜବଂଶ ବହୁ କଠୋର ନୀତି ପ୍ରଣୟନ କରିଥିଲେ। ଏହାର ଉଦାହରଣ ୧୯୨୨ ମସିହାରେ ବିପ୍ଳବୀ କବି ଆନନ୍ଦ ଜେନାଙ୍କ ଦୁଃଖିନୀ କନିକା କବିତାରେ ଦେଖିବାକୁ ମିଳେ। ୫୮ତମ ପଦରେ ସେ ଲେଖିଛନ୍ତି ଯେ, ଆମେ ତ ଚିରକାଳ ପାଇଁ, ଜଙ୍ଗଲ ଜମି କର ଦେଉଥାଇ। ଏହେତୁ ଜଙ୍ଗଲ ଆମର, ନାହିଁ ଇଷ୍ଟେଟ୍ ଅଧିକାର। ତାଙ୍କର ଏହି କବିତା ସ୍ଥାନୀୟ ଲୋକଙ୍କ ପାଇଁ ଅଧିକାର ମାଗିବା ନିମନ୍ତେ ହୋଇଥିଲେ ମଧ୍ୟ ୧୯୫୨ ମସିହାରେ ଜମିଦାରୀ ଉଚ୍ଛେଦ ପୂର୍ବରୁ କନିକା ରାଜାଙ୍କ କଡ଼ା କଟକଣା ଯୋଗୁ ଜୈବ ବିବିଧତା ସୁରକ୍ଷିତ ହୋଇଥିଲା। ସାଂପ୍ରତିକ ସମୟରେ ଏହାର ସୁରକ୍ଷା ଦ୍ୱାରା ମନୁଷ୍ୟ ବଞ୍ଚିବା ପାଇଁ ରାହା ପାଇବ।

– ଜଗନ୍ନାଥ ଧଳ

## ଟ୍ରକ୍-ଟ୍ରାକ୍ଟର ମୁହାଁମୁହିଁ, ୩୦ରୁ ଊର୍ଦ୍ଧ୍ୱ ଆହତ

**ପଡ଼ିଆ,୩।୧୧(ଡି.ଏନ୍.ଏ.):** ମାଲକାନଗିରି ଜିଲା ପଡ଼ିଆ ସଦର ମହକୁମାର ରାମମନ୍ଦିର ଛକ ନିକଟରେ ଏକ ଟ୍ରକ୍ ଏବଂ ଟ୍ରାକ୍ଟର ମୁହାଁମୁହିଁ ହୋଇଛି। ଫଳରେ ଟ୍ରାକ୍ଟର ଡାଲା ଓଲଟିଯିବାରୁ ୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ଲୋକେ ପଡ଼ିଆ ଚିକିତ୍ସାଳୟକୁ ପଠାଇଥିଲେ। ସୀମାନ୍ତ ଛତିଶଗଡ଼ର ଦରନାପାଲ ଅଞ୍ଚଳରୁ ଏକ ଟ୍ରାକ୍ଟର ଯୋଗେ ୩୦ରୁ ଊର୍ଦ୍ଧ୍ୱ ଯୁବତୀଯୁବକ ପଡିଆକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଆସି ରବିବାର ଭୋର ୪ଟା ବେଳେ ଦରନାପାଲ ଫେରୁଥିଲେ। ଏହି ସମୟରେ ରାମମନ୍ଦିର ଛକ ନିକଟରେ ଟ୍ରକ୍ ଏବଂ ଟ୍ରାକ୍ଟର ମୁହାଁମୁହିଁ ଧକ୍କା ହୋଇଥିଲା। ଚିକିତ୍ସାଧୀନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ ତେଲଙ୍ଗାନା ରାଜ୍ୟ ଖମାମ୍ ଜିଲାର ଭଦ୍ରାଚଲମ୍ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।


### ଜୁନାଗଡ଼ ଅଞ୍ଚଳରେ ଭିନ୍ନକ୍ଷମଙ୍କୁ ବଳାତ୍କାର ଘଟଣା

# ନ୍ୟାୟ ପାଇଁ ପୀଡ଼ିତା ଏସ୍‌ପିଙ୍କ ଦ୍ୱାରସ୍ଥ

**ଜୁନାଗଡ,୩।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ଥାନା ଅଞ୍ଚଳରେ ଗତ କିଛି ଦିନ ତଳେ ଜଣେ ଯୁବତୀଙ୍କୁ ଗଣବଳାତ୍କାର କରାଯିବା ଘଟଣା ମନରୁ ନ ଲିଭୁଣୁ ବର୍ତ୍ତମାନ ପୁଣି ଏକ ଲଜ୍ଜା ଘଟଣା ସାମ୍ନାକୁ ଆସିଛି। ଠିକ୍ ଭାବେ କହିପାରୁ ନ ଥିବା ଓ ଶୁଣିପାରୁ ନ ଥିବା ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର କରାଯିବା ପରେ ସେ ଏବେ ୭ ମାସର ଗର୍ଭବତୀ ଥିବା ଅଭିଯୋଗ ହୋଇଛି। ଏ ନେଇ ପୀଡ଼ିତା ନ୍ୟାୟ ପାଇଁ ରବିବାର କଳାହାଣ୍ଡି ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ପୀଡ଼ିତାଙ୍କ ବୟାନ ଅନୁଯାୟୀ, ଗ୍ରାମର ଗୋନ୍ତିଆଙ୍କ ଘରେ ଦୀର୍ଘ ଦିନ ହେବ ସେ କାମ କରୁଥିଲେ। ଗୋନ୍ତିଆଙ୍କ ବିବାହିତ ପୁଅ ଅମୂଲ୍ୟ ବିଶ୍ୱାଳ ବାରମ୍ବାର ତାଙ୍କୁ ବଳାତ୍କାର କରୁଥିଲେ। ଯୁବତୀ ଗର୍ଭବତୀ ହେବା ପରେ ଗାଁରେ ଏ ନେଇ ଏକ ବୈଠକ ବସିଥିଲା। ଏହି ସମୟରେ ସର୍ବ ସମ୍ମୁଖରେ ପୀଡ଼ିତା ଅମୂଲ୍ୟଙ୍କୁ ଅଭିଯୁକ୍ତ ବୋଲି କହିଥିଲେ। କିନ୍ତୁ ସମ୍ପୃକ୍ତ ବ୍ୟକ୍ତି ତଥା ତାଙ୍କ ପରିବାର ଲୋକେ ଏପରି ଅଭିଯୋଗକୁ ଖଣ୍ଡନ କରିଥିଲେ। ସମ୍ପୃକ୍ତ ବ୍ୟକ୍ତି ଗ୍ରାମର ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ କଙ୍ଗାରୁ କୋର୍ଟରେ ମଧ କୌଣସି ନିଷ୍ପତ୍ତି ନ ଶୁଣାଇ ହାତ ଟେକି ଦେଇଥିଲେ। ଶେଷରେ ନ୍ୟାୟ ପାଇଁ ଏବେ ସେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। କଳାହାଣ୍ଡି ଏସ୍‌ପିଙ୍କ ପାଖରେ ପୀଡ଼ିତା ଦ୍ୱାରସ୍ଥ ହେବା ପରେ ମହିଳା ସେଲ ଦାୟିତ୍ୱରେ ଥିବା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗୋପୀନାଥ ମଣିପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଜୁନାଗଡ ଥାନାରେ ଏକ ମାମଲା (ନଂ.୨୬୮/୧୯) ରୁଜୁ ହୋଇଛି। ବର୍ତ୍ତମାନ ଡାକ୍ତରୀ ରିପୋର୍ଟ ଅନୁଯାୟୀ ପୀଡ଼ିତା ଜଣକ ୭ ମାସର ଗର୍ଭବତୀ।



# ଗ୍ୟାଙ୍ଗ ଯୁଦ୍ଧ

ଭାରତୀୟ ପରମ୍ପରା ସହିଷ୍ଣୁତାର ଶିକ୍ଷା ଦେଇଥାଏ। ଆମ ଦର୍ଶନ ଓ ସମ୍ବିଧାନରେ ସହିଷ୍ଣୁତାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ହେଲେ ଗତ କିଛି ବର୍ଷ ହେବ ଭାରତରେ ଅସହିଷ୍ଣୁତା ଏକ ବିକଟାଳ ରୂପ ଧାରଣ କରିଚାଲିଛି। ଧର୍ମ, ରାଜନୀତି, ସାହିତ୍ୟ, ସଙ୍ଗୀତ, କଳା ଏବଂ ସିନେମାଠାରୁ ଆରମ୍ଭ କରି ଚାଲିଚଳନ ଯାଏ ମଣିଷର ପ୍ରତିଟି କ୍ଷେତ୍ରରେ ଅସହିଷ୍ଣୁତା ବସାବାନ୍ଧି ଗଲାଣି। ସଡ଼କରେ ଗଲା ବେଳେ ଯଦି ଜଣେ ନିୟମ ଭାଙ୍ଗି ଆଗକୁ ଚାଲିଯାଇ ଅନ୍ୟ ଜଣଙ୍କୁ ଧକ୍କା ଦେଉଛି, ସେତେବେଳେ ତାହାକୁ ପ୍ରତିବାଦ କଲେ ବଳବାନ୍ ବ୍ୟକ୍ତି ନିଜ ମାଂସପେଶୀର ବ୍ୟବହାର କରୁଛି। କେହି ଯେପରି କାହା ପରିସ୍ଥିତି ବା କାହାରି କଥା ଶୁଣିବାକୁ ପ୍ରସ୍ତୁତ ନୁହନ୍ତି। ୨ ନଭେମ୍ବର ୨୦୧୯ରେ ନୂଆଦିଲ୍ଲୀର ତିସ୍ ହଜାରି କୋର୍ଟ ପରିସରରେ ଅସହିଷ୍ଣୁତାର ଏକ ବିକୃତ ଚିତ୍ର ଦେଖିବାକୁ ମିଳିଛି। କୋର୍ଟ କମ୍ପ୍ଲେକ୍ସରେ ଜଣେ ଆଇନଜୀବୀ ତାଙ୍କ କାର୍‌କୁ ପାର୍କିଂ କରିବା ବେଳେ ପୋଲିସର ଏକ ଭ୍ୟାନ୍‌କୁ ଧକ୍କା ଦେଇଥିଲା। ସେତିକିରେ ସବୁକିଛି ବିଗିଡ଼ିଗଲା। ଏହାର ପରିଣତି ଆଇନଜୀବୀ ଓ ପୋଲିସ ସଂଘର୍ଷରେ ରୂପାନ୍ତରିତ ହୋଇଗଲା। ପୋଲିସ ଭ୍ୟାନ୍ ପୋଡ଼ାଯିବା ସହିତ ୧୭ଟି ଗାଡ଼ି ଭଙ୍ଗାରୁଜା ହୋଇଛି। ପୋଲିସ ଗୁଳିରେ ଜଣେ ଆଇନଜୀବୀ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ୧୦ ଜଣ ପୋଲିସ ଓ ଅନେକ ଓକିଲ ଆହତ ମଧ୍ୟ ହୋଇଛନ୍ତି।

ଭାରତର ସହରାଞ୍ଚଳରେ ପର୍ଯ୍ୟାପ୍ତ ଲୋକଙ୍କ ହାଉଜାଉ ସହ ଗାଡ଼ିମୋଟରର ସଂଖ୍ୟା ଯେଉଁଭଳି ଭାବେ ବଢ଼ି ଚାଲିଛି, ପାର୍କିଂ ସବୁଠାରୁ ବଡ଼ ସମସ୍ୟା ଭାବେ ଉଭା ହେବା ସ୍ୱାଭାବିକ। ଗାଡ଼ି ରଖିବାକୁ ଜାଗାର ଘୋର ଅଭାବ। ଦେଖାଯାଉଛି ଅନେକ ଘର ମାଲିକ ଯାନ ରଖିବା ଲାଗି ବ୍ୟବସ୍ଥା ନ କରି ତାହାକୁ ରାସ୍ତା ଉପରେ ରଖୁଛନ୍ତି। ଆବାସିକ ଅଞ୍ଚଳରେ ଏଭଳି ଦୁରବସ୍ଥା ଦେଖାଦେଇଥିବା ବେଳେ କାର୍ଯ୍ୟାଳୟଗୁଡ଼ିକ ନିକଟରେ ସ୍ଥାନାଭାବ ଏହି ସମସ୍ୟାକୁ ଅଧିକ ଜଟିଳ କରିଦେଲାଣି। ଏଭଳି କି ସୁପ୍ରିମକୋର୍ଟ ନିକଟରେ ଥିବା କାକାନଗର ଏକ ଆବାସିକ ଅଞ୍ଚଳ ହୋଇଥିବା ବେଳେ ସେଠାରେ ଆଇନଜୀବୀମାନେ ମନଇଚ୍ଛା ଏବଂ ଜୋରଜବରଦସ୍ତ ଗାଡ଼ି ପାର୍କିଂ କରି ବାସିନ୍ଦାମାନଙ୍କୁ ଡରାଇ ରଖିଥିବା ଉଦାହରଣ ବାରମ୍ବାର ଶୁଣିବାକୁ ମିଳେ।

ଓଡ଼ିଶାର କଟକ, ଭୁବନେଶ୍ୱର, ପୁରୀ, ବାଲେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା, ରାୟଗଡ଼ା, ଅନୁଗୋଳ, ଯାଜପୁରର କଳିଙ୍ଗନଗର ଭଳି ଅଞ୍ଚଳକୁ ଦେଖିଲେ ସହରାଞ୍ଚଳର ପାର୍କିଂ କେଉଁ ସ୍ତରରେ ରହିଛି ତାହା ଭୁକ୍ତଭୋଗୀ ଅନୁଭବ କରିପାରୁଥିବେ। ଏଠାରେ ପାର୍କିଂଜନିତ ସମସ୍ୟା କିଭଳି ଉଗ୍ର ରୂପ ଧାରଣ କରି କୋର୍ଟ କଚେରି କାର୍ଯ୍ୟକୁ ଦୀର୍ଘଦିନ ଧରି ଅଚଳ କରିପାରେ, ତାହାର ଏକ ଘଟଣା ନଜରକୁ ଆସୁଛି। ଗତବର୍ଷ ଓଡ଼ିଶା ହାଇକୋର୍ଟ ପରିସରରେ ଜଣେ ଆଇନଜୀବୀଙ୍କ ଗାଡ଼ି ପାର୍କିଂକୁ ନେଇ ତୁମୁଳକାଣ୍ଡ ଘଟିଥିଲା। ଫଳରେ ଓକିଲମାନେ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ କୋର୍ଟ କାର୍ଯ୍ୟକୁ ଦୁଇ ମାସରୁ ଊର୍ଦ୍ଧ୍ୱ ସମୟ ବନ୍ଦ କରିଦେଇଥିଲେ। ଏବେ ଦିଲ୍ଲୀର ତିସ୍ ହଜାରି କୋର୍ଟ ପରିସରରେ ଘଟିଥିବା ଘଟଣା ଲାଗି ୪ ନଭେମ୍ବରରେ ସେଠାକାର ଓକିଲ ସଂଘ ପକ୍ଷରୁ ବନ୍ଦ ଡାକରା ଦିଆଯାଇସାରିଲାଣି। ୩ ନଭେମ୍ବରରେ ଦିଲ୍ଲୀ ହାଇକୋର୍ଟ ଏହି ଘଟଣାରେ କେନ୍ଦ୍ର, ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ, ବାର୍ କାଉନ୍‌ସିଲ୍ ଅଫ୍ ଦିଲ୍ଲୀ ଏବଂ ଦିଲ୍ଲୀ ହାଇକୋର୍ଟ ବାର୍ କାଉନ୍‌ସିଲ୍‌କୁ ନୋଟିସ ଜାରି କରିଛନ୍ତି। ଏଥିସହିତ ଘଟଣାର ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି।

ଏଠାରେ ଗୋଟିଏ ବିଷୟ ମନକୁ ଆସେ। ଭାରତର ଐତିହ୍ୟ ଏବଂ ସଂସ୍କୃତି ସମ୍ପର୍କରେ ଅନେକେ ଗୌରବାନ୍ୱିତ ହେଉଥିବା ବେଳେ ବାସ୍ତବରେ ତାହା ପ୍ରତିଦିନ ଜୀବନରେ ଦେଖିବାକୁ ମିଳୁନାହିଁ। ଭାରତୀୟଙ୍କ ଚରିତ୍ରରେ ସାହସିକତାର ଘୋର ଅଭାବ ରହିଛି ବୋଲି କୁହାଯାଇପାରେ। ଏହି ଦେଶରେ ଜୋର ଯା'ର ମୁଲକ ତା'ର ଧ୍ୱନିକୁ ଦେଖିଲେ ବୁଝାପଡ଼େ ଯେ ବ୍ୟକ୍ତିଗତ ସାହସ ନୁହେଁ, ଗୋଷ୍ଠୀବଦ୍ଧ ହୋଇ ଜୁଲମ କରିବା ହୋଇଗଲାଣି ଆମ ସମସ୍ତଙ୍କ ଚରିତ୍ର। ଗ୍ରାମାଞ୍ଚଳକୁ ଦେଖିଲେ ଯେଉଁ ପରିବାରରେ ପାଞ୍ଚ ସାତ ଜଣ ଶକ୍ତିଶାଳୀ ପୁତ୍ର, କକା କିମ୍ବା ଦାଦା ଥିବେ, ସେହି ପରିବାର ସମଗ୍ର ଗାଁ ଉପରେ ଅକ୍ତିଆର କରି ବସିପାରୁଛି। କେବଳ ସେତିକି ନୁହେଁ, ମହିଳାମାନଙ୍କୁ ଅସଦାଚରଣ ଏବଂ ଦୁର୍ବଳଙ୍କ ପ୍ରତି ଅନ୍ୟାୟ କଲେ ମଧ୍ୟ ଅନ୍ୟମାନେ ନିରବତାର ସହ ବାଟ ଆଡ଼େଇ ପଳେଇ ଯାଉଛନ୍ତି। ଅସାମାଜିକ ବ୍ୟକ୍ତିମାନଙ୍କ ପାଇଁ ଏକଜୁଟ ହେବା ଆମର ସାମାଜିକ ବାସ୍ତବତା ପାଲଟିଲାଣି। ସମ୍ଭବତଃ ସେଥିପାଇଁ ଦିଲ୍ଲୀ କଚେରିରେ ମଧ୍ୟ କେହି ପ୍ରଶ୍ନ କରିବାକୁ ନାହାନ୍ତି ଯେ କେଉଁ କାରଣରୁ ଓକିଲମାନେ ଏକାଠି ହୋଇ ପୋଲିସ ଉପରେ ଆକ୍ରମଣ କଲେ। ଅନ୍ୟପଟେ ଶାନ୍ତି ରକ୍ଷା କରିବା ପରିବର୍ତ୍ତେ ଏବଂ ପ୍ରୟୋଜନ ହୋଇଥିଲେ ସେହି ସ୍ଥାନରୁ ଓହରି ଯିବା ଭଳି କାର୍ଯ୍ୟ କରିବାକୁ ପୋଲିସ ମଧ୍ୟ ଅନିଚ୍ଛୁକ। କେହି କାହାଠାରୁ କମ୍ ନୁହେଁ ବୋଲି ଦେଖେଇ ହେବା ହେଉଛି ଆଧୁନିକ ଭାରତର ଚରିତ୍ର। ଆଜି ଦିଲ୍ଲୀ, ଗତ କିଛିମାସ ପୂର୍ବେ ଓଡ଼ିଶା ଏବଂ ଭବିଷ୍ୟତରେ ଅନ୍ୟ କେଉଁଠି ମଧ୍ୟ ଏହିଭଳି ଅସହିଷ୍ଣୁତାର ଚିତ୍ର ଗ୍ୟାଙ୍ଗ ଯୁଦ୍ଧରେ ଦେଖିବାକୁ ମିଳିବ।

# ପ୍ଲାଷ୍ଟିକ୍ ପଞ୍ଝାରେ ପୃଥିବୀ



ଡ. ପ୍ରଫୁଲ୍ଲ କୁମାର ସାହୁ

ପରିବେଶ ପ୍ରଦୂଷଣ କହିଲେ ଆଗେ ଧୂଆଁ ଦ୍ୱାରା ବାୟୁ ଏବଂ ସହରୀ ଓ କାରଖାନା ବର୍ଜ୍ୟ ଦ୍ୱାରା ଜଳ ପ୍ରଦୂଷଣକୁ ନେଇ ବ୍ୟାପକ ଚର୍ଚ୍ଚା ହେଉଥିଲା, ମାତ୍ର ଏବେ ତାକୁ ପଛରେ ପକେଇଦେଇଛି ପ୍ଲାଷ୍ଟିକ ଦ୍ୱାରା ସର୍ବତ୍ର ପ୍ରଦୂଷଣ। ଯେଉଁ ଜୈବିକ ରାସାୟନିକ ପଦାର୍ଥରେ ପ୍ଲାଷ୍ଟିକ ତିଆରି ହେଉଛି, ବିଜ୍ଞାନ ଭାଷାରେ ତାକୁ କୁହାଯାଉଛି ପଲିମର୍ ଏବଂ ପରିବେଶ ପ୍ରତି ତାହା ଅତ୍ୟନ୍ତ ବିପଜ୍ଜନକ। ୧୯୩୩ ମସିହାରେ ଇଂଲଣ୍ଡର ନର୍ଥଉଇଚଠାରେ ଥିବା ଏକ ରାସାୟନିକ କାରଖାନାରୁ ପ୍ରଥମେ ଆବିଷ୍କୃତ ହୋଇଥିଲା ପଲିଥିନ୍ ନାମକ ପଲିମର୍। ତା' ପରଠୁ କାଠ, କାଗଜ ଓ ଅନ୍ୟାନ୍ୟ ଧାତୁର ଉପଯୋଗ ହ୍ରାସ କରିବା ପାଇଁ ବୃଦ୍ଧିପାଇଲା ପ୍ଲାଷ୍ଟିକ୍‌ର ଉତ୍ପାଦନ ଓ ବ୍ୟବହାର। ପ୍ଲାଷ୍ଟିକ୍‌ରେ କଳଙ୍କି ଲାଗେନି ଏବଂ ଏହା ତାପ ଓ ବିଦ୍ୟୁତ୍ କୁପରିବାହୀ ହୋଇଥିବାରୁ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ସେ ଆଧିପତ୍ୟ ବିସ୍ତାର କଲା ବିକଳ୍ପହୀନ ଭାବରେ। ସାଧାରଣତଃ କାଠ ବା ଧାତୁନିର୍ମିତ ସାମଗ୍ରୀଠାରୁ ପ୍ଲାଷ୍ଟିକ୍ ଶସ୍ତା, ସୁନ୍ଦର ଓ ହାଲୁକା ହୋଇଥିବାରୁ ଦୈନନ୍ଦିନ ଜୀବନରେ ତା'ର ବ୍ୟବହାର ଏତେ ସହଜ, ଆରାମଦାୟକ ଓ ଚମକପ୍ରଦ ହେଲା ଯେ ଉପଭୋକ୍ତାଙ୍କଠାରୁ ଉତ୍ପାଦନକାରୀ ଯାଏ କେହି ଚିନ୍ତା କଲେନି ପରିବେଶ ଉପରେ ପଡୁଥିବା ତା'ର ପ୍ରତିକୂଳ ପ୍ରଭାବ କଥା। ତେଣୁ ପାଦରେ ଚପଲଠୁ ଆରମ୍ଭକରି ମଥାରେ ଟୋପି ପର୍ଯ୍ୟନ୍ତ ଆମର ସବୁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ତିଆରି ହେଲା ପ୍ଲାଷ୍ଟିକ୍‌ରେ। ସକାଳୁ ଉଠି ଦାନ୍ତ ଘଷିବାଠାରୁ ରାତିରେ ଶୋଇବା ପର୍ଯ୍ୟନ୍ତ ଆମର ଜୀବନଚର୍ଯ୍ୟା ସହିତ ଓତପ୍ରୋତ ଭାବରେ ଯୋଡ଼ି ହୋଇଗଲା ପ୍ଲାଷ୍ଟିକ। ସବୁକୁ ଟପିଗଲା ପ୍ଲାଷ୍ଟିକ ବ୍ୟାଗ୍, ପାଣି ବୋତଲ ଓ ପ୍ଲାଷ୍ଟିକ୍ ପ୍ୟାକିଂ ଖାଦ୍ୟପଦାର୍ଥ। ଭାଇରସ୍ ଭଳି କାୟା ବିସ୍ତାର କଲା ପ୍ଲାଷ୍ଟିକ୍ ପାଉଚ। ଆମ ଜୀବନଧାରାକୁ ସମ୍ପୂର୍ଣ୍ଣ ଗ୍ରାସ କରିଗଲା ୟୁଜ୍ ଆଣ୍ଡ୍ ଥ୍ରୋ ସଂସ୍କୃତି।

ପ୍ଲାଷ୍ଟିକ୍ ବ୍ୟାଗର ପ୍ରଚଳନ ପରେ ଅବସାନ ହେଲା ହାତରେ କପଡ଼ା ବ୍ୟାଗ୍ ଧରି ବଜାରକୁ ଯିବାର ଯୁଗ। ଯାହା କିଛି କିଣିଲେ ବି ପଲିଥିନ୍ ଥଳିରେ ପୂରାଇ ହାତକୁ ବଢ଼ାଇଦେଲା ଦୋକାନୀ। ଆଉ ରହିଲାନି ବ୍ୟାଗ୍ ଧୋଇବା ଓ ମରାମତି କରିବା ଚିନ୍ତା। ପ୍ଲାଷ୍ଟିକ୍ ବ୍ୟାଗ୍‌ର ଚାହିଦା ବଢ଼ିବା ସହିତ ସ୍ୱତଃ ମୃତ୍ୟୁବରଣ କଲା ଠୁଙ୍ଗା ଶିଳ୍ପ। ଜୀବିକା ହରାଇ ବସିଲେ ଠୁଙ୍ଗା ତିଆରି କରି ପେଟ ପୋଷୁଥିବା ଅନେକ ଶ୍ରମଜୀବୀ। ପ୍ଲାଷ୍ଟିକ୍ ଡବା ଓ ବୋତଲର ପ୍ରଚଳନ ପରେ ଉଭାନ ହୋଇଗଲା ଟିଣଡବା ଓ କାଚ ବୋତଲ ଇତ୍ୟାଦି। ଗାଁ ଗଣ୍ଡାରେ ଆଉ ଦେଖିବାକୁ ମିଳିଲାନି ଗରା, ମାଠିଆ ଓ ଗଡୁ। ଭୋଜିଭାତ ବେଳେ ପ୍ଲାଷ୍ଟିକ୍ ପ୍ଲେଟ୍ ଓ ଗ୍ଲାସ୍‌ର ଚାହିଦା ଆଗରେ କୋଣଠେସା ହୋଇ ରହିଗଲା କଦଳୀ ପତ୍ର, ପଦ୍ମପତ୍ର ଓ ଶାଳପତ୍ର ତିଆରି ଖଲି ଓ ପତ୍ରଠୋଲା। ଭୋଜିପର୍ବ ପରେ କିନ୍ତୁ କେହି ଚିନ୍ତା କରେନି ଗଦାଗଦା ହୋଇ ପଡ଼ିଥିବା ପ୍ଲାଷ୍ଟିକ୍ ଆବର୍ଜନା ଉଠାଇବା କଥା। ଏସବୁ ଖରାଦିନେ ପବନରେ ଉଡ଼େ ଏବଂ ବର୍ଷାଦିନେ ପାଣିରେ ଭାସିବୁଲେ ଏଣେତେଣେ। ପ୍ଲାଷ୍ଟିକ୍ କପ୍‌ର ଦ୍ରୁତ ପ୍ରସାର ଯୋଗୁ ଚା ଦୋକାନରେ ଆଉ ରହିଲାନି ଗ୍ଲାସ୍ ବା କପ୍ ଧୋଇବାର ଝିନ୍‌ଝଟ। ଏଥିରେ ଖୁସିହେଲେ ଉଭୟ ଗରାଖ ଓ ଦୋକାନୀ। ମାତ୍ର ରାସ୍ତାକଡ଼ରେ ପଡ଼ିରହିଲା ଗଦାଗଦା ପ୍ଲାଷ୍ଟିକ୍। ଫାଷ୍ଟଫୁଡ୍ ଦୋକାନଠାରୁ ରେଷ୍ଟୁରାଣ୍ଟ ପର୍ଯ୍ୟନ୍ତ ସବୁଠି ସୃଷ୍ଟିହେଲା ପଲିଥିନ୍ ପାହାଡ଼। ସେ ପାହାଡ଼ ତଳେ କେଉଁଠି ମାଟି ଅଦୃଶ୍ୟ ହେଲା ତ କେଉଁଠି ତା'ର ପ୍ରଭାବରେ ଟାଙ୍ଗରା ପାଲଟିଗଲା ସବୁଜ ଖେତ। ପ୍ଲାଷ୍ଟିକ୍ ଆବର୍ଜନାର ବାଧା ଅତିକ୍ରମ କରି ସମ୍ପୂର୍ଣ୍ଣ ନିମ୍ନଗାମୀ ହୋଇପାରିଲାନି ଭୂପୃଷ୍ଠ ଜଳ। ପୁନଃଭରଣା ନ ହୋଇପାରିବା କାରଣରୁ ହ୍ରାସ ପାଇବାକୁ ଲାଗିଲା ଭୂତଳ ଜଳସ୍ତର। ନାଳନର୍ଦ୍ଦମାରେ ପଡ଼ିରହିଥିବା ପ୍ଲାଷ୍ଟିକ୍ ଆବର୍ଜନା ଭିତରେ ବଂଶବୃଦ୍ଧି କରିଚାଲିଲେ ମ୍ୟାଲେରିଆ ଓ ଡେଙ୍ଗୁ ଆଦି ରୋଗର ବାହକ। ପ୍ଲାଷ୍ଟିକ୍ ବର୍ଜ୍ୟ ଯୋଗୁ ଅବରୋଧ ହେଲା ନଦୀନାଳର ପଥ। ସୃଷ୍ଟି ହେଲା କୃତ୍ରିମ ବିପର୍ଯ୍ୟୟ। ଏ ସମ୍ପର୍କରେ 'ପ୍ରକୃତିକୁ ଆମେ ଯାହା ଦେଇଥିଲେ (କପ୍, ପ୍ଲେଟ, ବୋତଲ ଆଦି ପ୍ଲାଷ୍ଟିକ ବର୍ଜ୍ୟ) ପ୍ରକୃତି ତାହା ଆମକୁ ଫେରାଇ ଦେଇଛି' ଶୀର୍ଷକ ଏକ ବିମର୍ଶକର ଖବର ଓ ଫଟୋ ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇଥିଲା ଗତବର୍ଷ କେରଳ ବନ୍ୟା ପରେ। ଏଥିରେ ପ୍ରଦର୍ଶିତ ପ୍ଲାଷ୍ଟିକ୍ ଆବର୍ଜନା ଭର୍ତ୍ତି ପୋଲଟି ଥିଲା ଏର୍ନାକୁଲମ୍ ଜିଲାର ମାଲାୟାଟୁର–କୋଡ଼ାନାଡ଼ ପୋଲ। ଆବର୍ଜନା ଦ୍ୱାରା ପୋଲଟି ଏମିତି ଆଚ୍ଛାଦିତ ହୋଇପଡ଼ିଥିଲା ଯେ, ଆଦୌ ଦିଶୁ ନ ଥିଲା ତା'ର କଂକ୍ରିଟ୍ ଅଂଶ। ଅର୍ଥାତ୍ ଏ ବନ୍ୟା ତାଣ୍ଡବ ମୂଳରେ କେବଳ ପ୍ରକୃତିର କ୍ରୋଧ ନ ଥିଲା, ଏଥିସହିତ ଥିଲା ପ୍ଲାଷ୍ଟିକ୍ ଆବର୍ଜନାର ଏକ ବିଶେଷ ଯୋଗଦାନ।

ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର ଯୋଗୁ କେବଳ ପରିବେଶ ପ୍ରଦୂଷଣ ନୁହେଁ, ଆମ ଶରୀର ଭିତରେ ବଢ଼ିବାରେ ଲାଗିଛି ପ୍ଲାଷ୍ଟିକ୍ ବର୍ଜ୍ୟର ବିଷ। କିଛିମାସ ତଳେ ଆମେରିକାର ବୈଜ୍ଞାନିକମାନଙ୍କ ଦ୍ୱାରା ପ୍ରକାଶ ପାଇଥିବା ଏକ ସୂଚନା ଅନୁସାରେ ୟୁଜ୍ ଆଣ୍ଡ ଥ୍ରୋ କପ୍ ଆମ ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ। ଏଥିରେ ଗରମ ଚା ବା କଫି ପିଇଲେ ତା'ର କିଛି ଅଂଶ ତରଳିଯାଇ ପାନୀୟ ସହିତ ମିଶି ପେଟ ଭିତରକୁ ଯାଏ ଏବଂ ଆମ ଶରୀରରେ ସୃଷ୍ଟିକରେ ମାରାତ୍ମକ ରୋଗ। ଆମେ ବ୍ୟବହାର କରୁଥିବା ପଲିଥିନ୍ ଥଳି ବିଶେଷ କରି ମାଛ, ମାଂସ ଓ ଫଳ ଆଣିଲା ବେଳେ ଦୋକାନୀ ଯେଉଁ କଳା ରଙ୍ଗର ପତଳା ପଲିଥିନ୍ ଥଳି ଦେଉଛି, ତାହା ଏତେ ମାରାତ୍ମକ ଯେ ସେଥିରେ ବେଶି ସମୟ ରହିଲେ ବିଷାକ୍ତ ହୋଇଯାଏ ଖାଦ୍ୟ ପଦାର୍ଥ। ବିଶେଷଜ୍ଞଙ୍କ ମତରେ ଏଭଳି ଜରିରେ ରହୁଥିବା ଖାଦ୍ୟପଦାର୍ଥ ନିୟମିତ ଖାଇଲେ ବଢ଼ିଯାଏ କର୍କଟ ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା। ବୁଲା ଗୋରୁ ଓ ଅନ୍ୟ ଜୀବଜନ୍ତୁଙ୍କ ପାଇଁ ମଧ୍ୟ ଘାତକ ସାବ୍ୟସ୍ତ ହୋଇଛି ପଲିଥିନ୍। ଖାଦ୍ୟ ପଦାର୍ଥ ଲାଗିଥିବା ପଲିଥିନ୍ ଥଳି ଏଣେତେଣେ ପଡ଼ିବା ଦ୍ୱାରା ତାକୁ ଗୋରୁ ଖାଇ ଯାଆନ୍ତି, ଯାହା ତାଙ୍କ ପାକସ୍ଥଳୀରେ ଜମାହୋଇ ବନ୍ଦ କରିଦିଏ ହଜମ ପ୍ରକ୍ରିୟା। ଏହାଦ୍ୱାରା ସେମାନେ ଆଉ ଖାଦ୍ୟ ଖାଇପାରନ୍ତିନି ଓ ମୃତ୍ୟୁବରଣ କରନ୍ତି ଅକାଳରେ। ଗଣମାଧ୍ୟମରେ ପ୍ରକାଶିତ ସୂଚନାନୁସାରେ ଏହି କାରଣରୁ ପ୍ରତିମାସରେ ହାରାହାରି ଦୁଇଟି ଷଣ୍ଢ ମରୁଛନ୍ତି କେବଳ ରାଜଧାନୀ ଭୁବନେଶ୍ୱରରେ। ପ୍ଲାଷ୍ଟିକ୍‌ର ସହନଶୀଳତା ଏତେ ବେଶି ଯେ ଶହଶହ ବର୍ଷ ପର୍ଯ୍ୟନ୍ତ ତା'ର ବିଘଟନ ଘଟେନି ମାଟିରେ। ତାକୁ ନିଆଁରେ ପୋଡ଼ିଲେ ସେଥିରୁ ନିର୍ଗତ ଧୂଆଁ ବି ପଲିଥିନ୍‌ଠାରୁ ଅଧିକ ବିଷାକ୍ତ। ଅଧିକଦିନ ଖରାବର୍ଷା ସଂସ୍ପର୍ଶରେ ଆସିଲେ ପ୍ଲାଷ୍ଟିକ୍ ଭାଙ୍ଗିବାକୁ ଆରମ୍ଭକରେ ଏବଂ କ୍ରମଶଃ ଅତି କ୍ଷୁଦ୍ର ଅଣୁରେ ପରିଣତ ହୋଇ ମିଶିଯାଏ ପାଣି ଓ ପବନରେ। ଅର୍ଥାତ୍ ନଦୀରୁ ପାଇପ୍ ଯୋଗେ ଆସୁଥିବା ଆମ ପାନୀୟ ଜଳ ଏପରି କି ଆମେ ଶ୍ୱାସକ୍ରିୟା କରୁଥିବା ପବନରେ ବି ପ୍ଲାଷ୍ଟିକ୍ ଅଣୁ ଅଦୃଶ୍ୟ ଭାବରେ ବିଦ୍ୟମାନ। ସେହି ଦୂଷିତ ପାଣି ଓ ପବନ ବ୍ୟବହାର କରି ନୀରବ ମୃତ୍ୟୁ ଆଡ଼କୁ ଗତିକରୁଛି ମଣିଷ। ଏବେ ପୃଥିବୀରେ ଏମିତି କୌଣସି ସ୍ଥାନ ନାହିଁ ଯେଉଁଠି ପ୍ଲାଷ୍ଟିକ୍ ଜାହିର କରୁନି ତା'ର ସ୍ଥିତି। ମେରୁ ଅଞ୍ଚଳଠାରୁ ଅତଳ ସମୁଦ୍ର ଯାଏ ପ୍ଲାଷ୍ଟିକ୍ ଆବର୍ଜନାରେ ଅଣନିଃଶ୍ୱାସୀ ହୋଇଗଲାଣି ପୃଥିବୀ। ଗାଁ ସହର ବିଲବାଡ଼ି ରାସ୍ତାଘାଟ ନଈନାଳ ଡେଇଁ ସମୁଦ୍ରକୁ ସମାଧି ବନେଇ ସାରିଲାଣି ଗଦାଗଦା ପ୍ଲାଷ୍ଟିକ୍ ବର୍ଜ୍ୟ। ତଥ୍ୟ କହେ ପ୍ରତି ମିନିଟ୍‌ରେ ସମୁଦ୍ରରେ ମିଶୁଛି ଗୋଟିଏ ଟ୍ରକ୍ ପ୍ଲାଷ୍ଟିକ୍ ବର୍ଜ୍ୟ। ପ୍ଲାଷ୍ଟିକ୍ ଟୁକୁରା ଖାଇ ମୃତ୍ୟୁମୁଖରେ ପଡୁଛନ୍ତି ଅସଂଖ୍ୟ କଇଁଛ, ଡଲଫିନ୍ ଓ ପେଙ୍ଗୁଇନ୍ ଆଦି ସାମୁଦ୍ରିକ ଜୀବ। ପ୍ଲାଷ୍ଟିକ୍ ସଂସ୍ପର୍ଶରେ ଆସିଥିବା ମାଛକୁ ଧରିଆଣି ଖାଇବା ଦ୍ୱାରା ରୋଗକୁ ଆମନ୍ତ୍ରଣ କରୁଛି ମଣିଷ। ଏତଦ୍‌ଭିନ୍ନ ସମୁଦ୍ର ଓ ହ୍ରଦ ଜଳରୁ ପ୍ରସ୍ତୁତ ଲୁଣରେ ବି ମିଶୁଛି ପ୍ଲାଷ୍ଟିକ୍‌କଣିକା। ବଜାରରେ ଉପଲବ୍ଧ ନାମୀଦାମୀ କମ୍ପାନୀର ଲୁଣରେ ମିଳୁଛି ପ୍ଲାଷ୍ଟିକ୍ ଅଣୁର ସନ୍ଧାନ। ଅର୍ଥାତ୍ ଆମକୁ ଚାରିପଟରୁ ଘେରିଗଲାଣି ପ୍ଲାଷ୍ଟିକ୍‌ବଳୟ। ମାଟିପାଣିପବନ ସବୁଥିରେ ଭରିଗଲାଣି ବିଷ। ସାଂଘାତିକ ହେଲାଣି ସ୍ଥିତି। ଏ ସମସ୍ତ ଅସ୍ୱସ୍ତିକର ଖବର ଭିତରେ ଭଲ ଖବରଟି ହେଉଛି ଗତ ଅକ୍ଟୋବର ୨ରୁ ପଲିଥିନ୍ ବ୍ୟବହାର ଉପରେ କଟକଣା ଜାରି କରିଛନ୍ତି ସରକାର। ଏହି ପରିପ୍ରେକ୍ଷୀରେ ଆମେ ଜାଣିରଖିବା ଦରକାର କୌଣସି ଦେଶଭକ୍ତିଠାରୁ ବି କିଛି କମ୍ ନୁହେଁ ପରିବେଶ ସୁରକ୍ଷା। ସେଥିପାଇଁ ପରିବେଶ ସୁରକ୍ଷା ଉପରେ ସର୍ବାଧିକ ଗୁରୁତ୍ୱ ଦେଉଥିଲେ ଜାତିର ପିତା ମହାତ୍ମା ଗାନ୍ଧୀ। ସେ କହୁଥିଲେ, ସ୍ୱଚ୍ଛ ଭାରତ ହିଁ ସୁଖୀ ଭାରତ ଗଠନର ସମୃଦ୍ଧ ଆଧାର। ଏହି ଆହ୍ୱାନକୁ ନିଷ୍ଠାର ସହିତ ଗ୍ରହଣ କଲେ ପ୍ଲାଷ୍ଟିକ୍ ଦାନବ କବଳରୁ ମୁକ୍ତ ହେବ ମଣିଷ। ଯେହେତୁ ପ୍ଲାଷ୍ଟିକ୍ ଦାନବର ମୃତ୍ୟୁ ନାହିଁ, ତାକୁ ଆମ ଜୀବନଶୈଳୀରୁ ବାଦ୍ ଦେବା ହିଁ ସମୟର ଆହ୍ୱାନ। ଏ ଆହ୍ୱାନ କେବଳ ଓଡ଼ିଶା କିମ୍ବା ଭାରତବାସୀଙ୍କ ପାଇଁ ନୁହେଁ ସମଗ୍ର ମାନବ ଜାତି ପାଇଁ। ଏ ଆହ୍ୱାନକୁ ନିଷ୍ଠାର ସହିତ ଗ୍ରହଣ ନ କଲେ ପ୍ଲାଷ୍ଟିକ୍ ପଞ୍ଝାରୁ କେବେ ବି ମୁକୁଳିପାରିବନି ପୃଥିବୀ।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ,
ମୋ– ୯୪୩୮୮୫୫୦୮୮

# ମୋ ସରକାର: ଗାନ୍ଧୀରୁ ନବୀନ



ତୁଷାରକାନ୍ତ

ମହାତ୍ମା ଗାନ୍ଧୀ ଆମ ସମସ୍ତଙ୍କ ପାଇଁ ତିନୋଟି ଗୁରୁତ୍ୱପୂର୍ଣ୍ଣ କଥା କହିଯାଇଛନ୍ତି– ତାହା ହେଉଛି (୧) ପ୍ରକୃତି ସମସ୍ତଙ୍କ ଚଳିବା ପାଇଁ ଯଥେଷ୍ଟ ଦେଇଛି, ଲୋଭର ପରିପୂରଣ ପାଇଁ ନୁହେଁ, (୨) ଯୋଜନାଟିଏ କଲାବେଳେ ଲକ୍ଷ୍ୟ ରଖିଥିବ, ତାହାଦ୍ୱାରା ସମାଜର ସବୁଠାରୁ ତଳେ ଥିବା ଲୋକଟି କେତେ ମାତ୍ରାରେ ଉପକୃତ ହେଉଛି ଓ (୩) ତୁମ ପାଖକୁ ଯେଉଁ ଲୋକଟି କୌଣସି କାମ ପାଇଁ ଆସୁଛି, ସେ ତୁମ କାମର ବାଧକ ନୁହଁ, ତୁମ ନିୟୋଜନ ତାଙ୍କରି ପାଇଁ। ଏହି ତିନୋଟି କଥା ଯେଉଁମାନଙ୍କ ପାଇଁ ଅଭିପ୍ରେତ, ସେମାନେ ସେଗୁଡ଼ିକୁ କେତେ ମାତ୍ରାରେ ନିଜ ନିଜ କ୍ଷେତ୍ରରେ ପାଳନ କରୁଛନ୍ତି, ତାହା ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଜଳବାୟୁ ପରିବର୍ତ୍ତନଜନିତ ପୃଥିବୀର ଅସ୍ତିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟିହେବା ଅବସରରେ, ତାଙ୍କର ପ୍ରଥମ କଥାଟି ଆଜିର ଆବଶ୍ୟକତା ହୋଇପଡ଼ିଛି, କିନ୍ତୁ ନିଜ ଦେଶର ଅର୍ଥନୈତିକ ପ୍ରଗତି ପାଇଁ ପ୍ରତ୍ୟେକ ରାଷ୍ଟ୍ରମୁଖ୍ୟ କହୁଛନ୍ତି, ଅନ୍ୟମାନେ ସେ ଦିଗରେ ଆଗ୍ରହ ଦେଖାନ୍ତୁ।

ତାଙ୍କର ଦ୍ୱିତୀୟ କଥାକୁ ବିସ୍ତାରିତ ଭାବେ କହିଲେ ହେବ: 'ମୁଁ ତୁମକୁ ଗୋଟିଏ ପରାମର୍ଶ ଦେଉଛି। ଯେତେବେଳେ ତୁମେ ସଂଶୟରେ ଅଛ ବା ନିଜ ଚିନ୍ତାରେ ଘାରି ହେଉଛ, ସେତେବେଳେ ଏହି ପରାମର୍ଶଟିକୁ ପ୍ରୟୋଗ କର। ତୁମେ ଦେଖିଥିବା ସବୁଠାରୁ ଗରିବ ଏବଂ ଅସହାୟ ଲୋକଟିର କଥା ମନେପକାଅ ଏବଂ ନିଜକୁ ନିଜେ ପଚାର ଯେ ତୁମେ ଯାହା କରିବାକୁ ଯାଉଛ, ତାହା ସେହି ଲୋକଟିର କୌଣସି ଉପକାରରେ ଲାଗିବ କି? ଏହା ତାକୁ ତା' ନିଜ ଜୀବନ ଓ ଭାଗ୍ୟରେ ପରିବର୍ତ୍ତନ ଆଣିବାରେ ସହାୟକ ହେବ କି? ସେତେବେଳେ ତୁମର ସଂଶୟ ଓ ସ୍ୱାର୍ଥଭାବନା ଆପେ ଆପେ ଦୂରେଇ ଯିବ।

ସେଇଟିକୁ ଗତ ସ୍ୱାଧୀନତା ଦିବସ ପାଳନ ଅବସରରେ ଆମ ମୁଖ୍ୟମନ୍ତ୍ରୀ ଲୋକସେବାଭବନର ଅଂଶ ରୂପେ ନବନିର୍ମିତ 'ଖାରବେଳ ଭବନ'ରେ 'ପରଶମଣି' ସ୍ୱରୂପ ମାର୍ବଲ ଫଳକରେ ସ୍ଥାନିତ କରିଛନ୍ତି ବୋଲି ଖବର ପ୍ରକାଶ ପାଇଥିଲା। ପରଶମଣି ଏପରି ଏକ ପଦାର୍ଥ, ଯାହା ସଂସ୍ପର୍ଶରେ ଆସିଲେ ପଥର ମଣି ବା ମାଣିକ୍ୟ ହୋଇଯିବ। ଅତଏବ ଗାନ୍ଧୀଙ୍କର ସେଇ ଅବ୍ୟର୍ଥ ଉପଦେଶକୁ ଯଦି ସବୁ ସରକାରୀ କର୍ମଚାରୀ ପାଳନ କରନ୍ତେ ତେବେ ସେମାନଙ୍କର ଅପୂର୍ବ ରୂପାନ୍ତର ସମ୍ଭବ ହୁଅନ୍ତା ଓ ଜନସେବାରେ ସେମାନେ ନିଜକୁ ଉତ୍ସର୍ଗ କରି ପାରନ୍ତେ।

ଗାନ୍ଧିଜୀଙ୍କ ଭାବନାରେ ଉଦ୍‌ବୁଦ୍ଧ ହୋଇ ଆମ ମୁଖ୍ୟମନ୍ତ୍ରୀ ଗତ ଗାନ୍ଧୀ ଜୟନ୍ତୀ ଦିବସରୁ 'ମୋ ସରକାର' ଯୋଜନାର ଶୁଭାରମ୍ଭ କରିଛନ୍ତି। ଏଥିପାଇଁ ଖବରକାଗଜରେ ପ୍ରକାଶିତ ବିଜ୍ଞାପନରେ ଗାନ୍ଧିଜୀଙ୍କ କଥିତ 'ମୋ ସରକାର' ଓ ନବୀନଜୀଙ୍କ ସ୍ଥିରୀକୃତ 'ମୋ ସରକାର' ବାବଦରେ ଲେଖାମାନ ପ୍ରକାଶ ପାଇଛି। ଅବଶ୍ୟ, ଗାନ୍ଧିଜୀ 'ମୋ ସରକାର' ଭଳି ଶୀର୍ଷକ ଜରିଆରେ ଏପରି କହିଥିଲେ କି ନାହିଁ, ତାହା ଜଣାନାହିଁ। ଦୁଇଟି ଯାକର ଉପସ୍ଥାପନାର ଆବଶ୍ୟକତା ଅନୁଭୂତ ହେଉଥିବାରୁ ନିମ୍ନରେ ସେହି ଦୁଇଟି ପ୍ରଦତ୍ତ ହେଲା–

ଗାନ୍ଧିଜୀଙ୍କ ମୋ ସରକାର: ଯଦି ତୁମେ ଜଣେ ପୋଲିସ କର୍ମଚାରୀ, ତେବେ ତୁମେ ଲାଞ୍ଚଠାରୁ ଦୂରେଇ ରୁହ। ଗରିବ ଲୋକମାନଙ୍କୁ ଖରାପ ବ୍ୟବହାର ନ କରି ସେମାନଙ୍କ ପ୍ରତି ସହାନୁଭୂତିଶୀଳ ହେବା ପାଇଁ ସଂକଳ୍ପବଦ୍ଧ ହୁଅ। ତୁମେ ବୁଝିବା ଦରକାର ଯେ ତୁମେ ଲୋକମାନଙ୍କ ସେବକ, ସେମାନଙ୍କର ମାଲିକ ନୁହଁ। ସେମାନଙ୍କର ଅସୁବିଧା ସମୟରେ ସେମାନଙ୍କୁ ସାହାଯ୍ୟ କରିବା ତୁମର ନୈତିକ କର୍ତ୍ତବ୍ୟ। – ମହାତ୍ମା ଗାନ୍ଧୀ, ୧୯୧୬

ନବୀନଜୀଙ୍କ ମୋ ସରକାର: ଜନସାଧାରଣ ହେଉଛନ୍ତି ଗଣତନ୍ତ୍ରର ଆତ୍ମା। ଗଣତନ୍ତ୍ରରେ ପ୍ରତିଟି ଅନୁଷ୍ଠାନ ଲୋକଙ୍କ କଲ୍ୟାଣ ପାଇଁ, ଲୋକଙ୍କ ପଇସାରେ, ଲୋକଙ୍କ ସେବା ଓ ସଶକ୍ତୀକରଣ ପାଇଁ ସୃଷ୍ଟି କରାଯାଇଛି। ପୋଲିସ ଥାନା, ଡାକ୍ତରଖାନା, ସରକାରୀ କାର୍ଯ୍ୟାଳୟ ଲୋକଙ୍କ ସେବା ପାଇଁ ଅଛି। ଲୋକମାନେ ହିଁ ଏହାର ପ୍ରକୃତ ମାଲିକ। ଏହିସବୁ କାର୍ଯ୍ୟାଳୟକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରାଯିବା ସହ ବୃତ୍ତିଗତ ଏବଂ ସେବା ମନୋଭାବ ନେଇ ସେମାନଙ୍କ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଉ। ଲୋକମାନେ ହେଉଛନ୍ତି ପ୍ରକୃତ ସରକାର ଏବଂ ଏଠାରେ କାମ କରୁଥିବା ସମସ୍ତ କର୍ମଚାରୀ ଲୋକଙ୍କ ପଇସାରେ ହିଁ ବେତନ ପାଉଛନ୍ତି।

ଏଠି ମନେପଡ଼ିଯାଉଛି ୨୦୦୫ ମସିହା ନିର୍ବାଚନ ପରର କଥାଟିଏ। ବିଜେଡି ଓ ଭାଜପାର ମିଳିତ ଶକ୍ତି ବିଧାନସଭା ନିର୍ବାଚନରେ ଜିତିବା ପରେ ମୋ ପାଖକୁ ନବୀନ ପଟ୍ଟନାୟକଙ୍କ କଣ୍ଠରୁ କମ୍ପ୍ୟୁଟରୀକୃତ ବାର୍ତ୍ତାଟିଏ ଆସିଥିଲା, ଯାହା ଶୁଦ୍ଧ ଓଡ଼ିଆ ଭାଷାରେ ହେଉଛି, ''ଆମକୁ ଜିତାଇଥିବାରୁ ଧନ୍ୟବାଦ। ଆପଣଙ୍କର କିଛି କହିବାର ଥିଲେ, ଏହା ପରର 'ପିପ୍' ଶବ୍ଦ ପରେ ଆପଣ କହିପାରନ୍ତି।'' ତା'ପରେ ବାର୍ତ୍ତା ସରିଯାଇଥିଲା, 'ପିପ୍' ଶବ୍ଦ ଶୁଭିଥିଲା ଓ ମୁଁ କହିଥିଲି, 'ରାଜ୍ୟର କେତେକ ସମସ୍ୟା ଉପରେ ଆଲୋଚନା ଲାଗି ମୁଁ ଆପଣଙ୍କୁ ୫ ମିନିଟ୍ ପାଇଁ ଭେଟିବାକୁ ଚାହୁଁଛି।' ସେଇଦିନୁ ଚାହିଁଛି ଓ ଏ ପର୍ଯ୍ୟନ୍ତ ଭେଟିବାର ସୁଯୋଗ ମିଳିନାହିଁ। ରାଜ୍ୟବାସୀଙ୍କ ସ୍ୱାର୍ଥସମ୍ବଳିତ କିଛି ବିଷୟ ଉପରେ ୨୦୧୦ ଜୁନ୍ ମାସଠାରୁ ଏପର୍ଯ୍ୟନ୍ତ ପ୍ରାୟ ୨୦ଟି ଚିଠି ଉପରେ କାର୍ଯ୍ୟାନୁଷ୍ଠାନ ଛାଡ଼ନ୍ତୁ, ଅନୁରୋଧ ସତ୍ତ୍ୱେ ପ୍ରାପ୍ତିସ୍ୱୀକାର ବି ମିଳିନାହିଁ।

ଆମ ଓଡ଼ିଆରେ ଢଗଟିଏ ଅଛି, 'ବଡ଼ ବଡ଼ ଗଲେ ଫସର ଫାଟି, ସାନ ଆଇଲେ ବେସର ବାଟି'। ଯେଉଁଠି ଗାନ୍ଧିଜୀଙ୍କ ବାଣୀସମୂହ ଓ 'ମୋ ସରକାର' (ସତ୍ୟ ଉପରେ ଆଧାରିତ) ଫସରଫାଟି ଗଲା, ସେଠି ନବୀନଜୀଙ୍କ 'ମୋ ସରକାର' କିଛି ତଳସ୍ତରର ସରକାରୀ କର୍ମଚାରୀଙ୍କ ଦୁର୍ନୀତିଜନିତ ନିଲମ୍ବନ ବା ବରଖାସ୍ତରେ ଯେ ସୀମିତ ରହିବ, ତାହା କିଏ କହିବ? ସେମାନେ ସେହି ଦୁର୍ନୀତି ଯେଉଁମାନଙ୍କ ପାଇଁ କରି ଭାଗ ଦିଅନ୍ତି, ସେମାନଙ୍କୁ ଛୁଇଁବା ଅସମ୍ଭବ, କାରଣ ସେମାନେ ତ ଦଣ୍ଡ ପ୍ରଦାନକାରୀ। ତେବେ ଏ ଆରମ୍ଭ ଶୁଭଙ୍କର ହେଉ, ଏହା ହିଁ କାମନା।

ମୋ– ୮୮୯୫୮୫୭୩୧୮

## ଏଇ ଭାରତରେ

ବର୍ଷେ କି ଦୁଇ ବର୍ଷ ନୁହେଁ ଦୀର୍ଘ ୧୪ ବର୍ଷ ଏକ ସ୍କୁଲ ବନ୍ଦ ରହିବା ପରେ ଏବେ ଖୋଲିଛି। ଛତିଶଗଡ଼ ବିଜାପୁର ଜିଲାର ନକ୍ସଲ ପ୍ରଭାବିତ ଉସୁର ବ୍ଲକ୍ ମୁଖ୍ୟାଳୟଠାରୁ ୩୫ କିମି ଦୂର ମଲ୍ଲେମପେଣ୍ଟା ଗାଁରେ ଏହି ସ୍କୁଲ ଅବସ୍ଥିତ। ଏଥିରେ ୬୦ ପିଲା ନାମ ଲେଖାଇଛନ୍ତି। ଏହି ସ୍କୁଲ ଗାଁରେ ଥିବା ଏକ ଝୁମ୍ପୁଡି ଘରେ ଆରମ୍ଭ କରାଯାଇଛି। ସରକାରୀ ଶିକ୍ଷକ ବି ନାହାନ୍ତି। ପଢାଇବା ଦାୟିତ୍ୱ ନେଇଛନ୍ତି ଦୁଇଜଣ ବେକାର ଯୁବକ। ଗାଁଲୋକେ ଟଙ୍କା ଆଦାୟ କରି ପିଲାମାନଙ୍କୁ ସିଲଟ, ଖଡି ଓ ପେନ୍‌ସିଲ ଦେଇଛନ୍ତି। ସ୍କୁଲ୍ ଏକ ମାସ ହେବ ଖୋଲିଲାଣି। କିନ୍ତୁ ଶିକ୍ଷା ବିଭାଗ ଏଯାଏ ପିଲାଙ୍କ ପାଖରେ ପହଞ୍ଚିପାରିନି କି କିଛି ସାମଗ୍ରୀ ମଧ୍ୟ ଦେଇନାହିଁ। ଛତିଶଗଡ଼ରେ ମାଓବାଦୀଙ୍କ ବିରୋଧରେ ସାଲୱା ଜୁଡୁମ୍ ଆରମ୍ଭ କରାଯିବା ପରେ ଏହି ସ୍କୁଲ୍ ସମେତ ଅନ୍ୟ କେତୋଟି ପ୍ରାଥମିକ ସ୍କୁଲ୍‌କୁ ମଧ୍ୟ ବନ୍ଦ କରିଦିଆଯାଇଥିଲା। ଏହି ସ୍କୁଲଗୁଡିକ ମଧ୍ୟରେ ଥିଲା ମଲ୍ଲେମପେଣ୍ଟାର ସ୍କୁଲ। ଅନେକ ସ୍କୁଲ୍‌କୁ ଦୁର୍ଗମ ଅଞ୍ଚଳରୁ ମୁଖ୍ୟରାସ୍ତା କଡକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ପିଲାମାନେ ଏହିସବୁ ସ୍କୁଲ୍‌କୁ ଆସିବା ଏତେ ସହଜ ନ ଥିଲା। କିନ୍ତୁ ଦୀର୍ଘ ବର୍ଷ ପରେ ପୁଣି ସ୍କୁଲ୍ ମଲ୍ଲେମପେଣ୍ଟାରେ ଖୋଲାଯାଇଥିବାରୁ ଗାଁ ଲୋକେ ବହୁତ ଖୁସି ଅଛନ୍ତି। ଆସନ୍ତା ମାସଠାରୁ ଏହି ସ୍କୁଲ୍‌ରେ ମଧ୍ୟାହ୍ନଭୋଜନ ଦିଆଯିବ ବୋଲି ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

## ଚିରନ୍ତନୀ

ସିକ୍ତ ଅଧର ମମ
ସିକ୍ତ ମୋ ଲପନ
ସିକ୍ତ ଏ ଦେହ ମନ ଜୀବନ
ଅନ୍ତରେ ଅନ୍ତରେ
ସେ ପରଶ ସଞ୍ଚରେ
ପୂରିଉଠେ ଜାଗରଣ ସପନ
ସିକ୍ତ ଏ ଦେହ ମନ ଜୀବନ!
(ଶିଶିର–ହାସ୍ୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସାପ୍ତାହିକ ପଞ୍ଜିକା

ଅକ୍ଟୋବର ୨୮– ଉତ୍ତରପଶ୍ଚିମ ସିରିଆରେ ଆମେରିକାର ଗୁପ୍ତ ଚଢ଼ାଉରେ କୁଖ୍ୟାତ ଆତଙ୍କବାଦୀ ସଙ୍ଗଠନ ଆଇଏସ୍‌ଆଇଏସ୍ ମୁଖ୍ୟ ଅବୁ ବକ୍କର ଅଲ୍ ବାଗ୍‌ଦାଦୀ ନିହତ ହୋଇଛନ୍ତି।

୨୯– ଜମ୍ମୁ–କଶ୍ମୀରର ସ୍ଥିତି ଅନୁଧ୍ୟାନ ପାଇଁ ଏକ ୟୁରୋପୀୟ ପ୍ରତିନିଧି ଦଳ ଶ୍ରୀନଗରରେ ପହଞ୍ଚିଛନ୍ତି।

୩୦– ଆଜିଠାରୁ ଜମ୍ମୁ–କଶ୍ମୀର ଓ ଲଦାଖ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ରୂପେ ପରିଣତ ହେଲା।

୩୧– ପାକିସ୍ତାନର ପୂର୍ବ ପଞ୍ଜାବ ପ୍ରଦେଶସ୍ଥିତ ଲିଆକତପୁର ନିକଟରେ ଏକ ଯାତ୍ରୀବାହୀ ଟ୍ରେନ୍‌ରେ ଭୟାବହ ଅଗ୍ନିକାଣ୍ଡ ଘଟି ୭୪ ଜଣ ଜୀବନ୍ତ ଦଗ୍ଧ ହୋଇଛନ୍ତି।

ନଭେମ୍ବର ୧– ଜମ୍ମୁ–କଶ୍ମୀରର ଉପରାଜ୍ୟପାଳ ଗିରୀଶ ଚନ୍ଦ୍ର ମୁର୍ମୁଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେଇଥିବାରୁ ପିଡିପି ରାଜ୍ୟ ସଭା ସଦସ୍ୟ ନାଜିର ଅହମଦ ଲୱେଙ୍କୁ ଦଳରୁ ବହିଷ୍କାର କରାଯାଇଛି।

## ଆମ ସମସ୍ୟା

### ଟ୍ରାଫିକ ନିୟମକୁ ସ୍ୱାଗତ

ମହାଶୟ,

ସରକାରଙ୍କ ଟ୍ରାଫିକ୍ ନିୟମକୁ ସ୍ୱାଗତ। ଭାରତରେ ଅଧିକାଂଶ ଲୋକ ନିଜ ଜୀବିକା ନିର୍ବାହ ପାଇଁ ଏବଂ ଛୋଟ ବ୍ୟବସାୟ କରି ଚଳିବା ଲାଗି ବିଭିନ୍ନ ପ୍ରକାର ପୁରୁଣା ଗାଡି ଉପରେ ନିର୍ଭର କରିଥାଆନ୍ତି। ଏମାନେ କୌଣସି ନୂଆ ଗାଡି କିଣିପାରି ନ ଥାନ୍ତି। ଯିଏ ବା ଗାଡି ବିକ୍ରି କରିବ ନୂଆ ଗାଡିକୁ ୧୦/୧୫ ବର୍ଷ ପରେ ବିକ୍ରି କରିବ। ଅନ୍ୟପକ୍ଷରେ ଭାରତରେ ଅନେକ ଶିକ୍ଷିତ ବେକାର କିଛି ଉପାୟ ନ ପାଇ ବାଧ୍ୟ ହୋଇ ନୂଆ କିମ୍ବା ପୁରୁଣା ଅଟୋମାନ କିଣି ଜୀବିକା ନିର୍ବାହ କରିଥାଆନ୍ତି। ଯଦି ସରକାର ନୂଆ ଗାଡି କିଣି ପାରୁ ନ ଥିବା, ପୁରୁଣା ଗାଡି କିଣି ନିଜର ପରିବାର କିମ୍ବା ଜୀବିକା ନିର୍ବାହ କରୁଥିବା ଲୋକଙ୍କୁ ଚିହ୍ନଟ କରି ଏମାନଙ୍କୁ ନୂଆ ଗାଡ଼ି କିଣିବା ପାଇଁ ଆର୍ଥିକ ସହଯୋଗ କରନ୍ତେ କିମ୍ବା ଛୋଟବଡ ସରକାରୀ ଚାକିରିଟିଏ ଦିଅନ୍ତେ, ତା'ହେଲେ ନୂଆ ଟ୍ରାଫିକ୍ ନିୟମକୁ ନେଇ କାହାରି କିଛି ଅଭିଯୋଗ ରହନ୍ତା ନାହିଁ।

ସଂଗ୍ରାମ ସେନାପତି, ଭିଆଇପି ରୋଡ, ପୁରୀ

### ଓଡ଼ିଆ ଭାଷା ଓ ଟିଭି ଚାନେଲ

ରାଜ୍ୟରେ ନବେ ଦଶକ ଆରମ୍ଭରେ ଦୂରଦର୍ଶନ ଦ୍ୱାରା ପ୍ରସାରିତ ହିନ୍ଦୀ ସିରିଏଲ ଓ ଚଳଚ୍ଚିତ୍ର ଓଡ଼ିଆ ଭାଷା ପ୍ରତି ବିପଦ ସୃଷ୍ଟି କରିଥିଲା। ନବେ ଦଶକ ଶେଷ ଆଡ଼କୁ ଆରମ୍ଭ ହେଲା ଘରୋଇ ଟିଭି ଚାନେଲ ଯୁଗ। ରାଜ୍ୟର ଲୋକେ ଏବେ ହିନ୍ଦୀ ସିରିଏଲଠୁ ଦୂରେଇଯିବା ଓଡ଼ିଆ ଭାଷା ପାଇଁ ଶୁଭ ଲକ୍ଷଣ। ଥିଲାବାଲା ନୂଆ ଓଡ଼ିଆ ଚଳଚ୍ଚିତ୍ର ସିନେମା ହଲ୍‌ରେ ନ ଦେଖି ଟିଭିରେ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା କୃପଣତାର ପରିଚୟ। ରାଜ୍ୟରେ ଆଲବମ୍ ସଙ୍ଗୀତ ଶିଳ୍ପ ଭୁଶୁଡି ପଡିଥିବା ବେଳେ ପଡ଼ୋଶୀ ରାଜ୍ୟମାନଙ୍କରେ ଭୋଜପୁରୀ ଓ ଅନ୍ୟ ଭାଷାର ଆଲବମ୍ ଶିଳ୍ପ ଆଗକୁ ଆଗକୁ ବଢିଚାଲିଛି। ସେମାନଙ୍କଠୁ ଆମେ ଶିଖିବା ଦରକାର।

ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## sudoku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | E | | | 8 | 6 | 4 | D | | | 1 | | | 3 |
| | | 1 | | 5 | | | 7 | | 2 | A | | D | | |
| 4 | | | | | 1 | | 3 | | B | | | | | |
| | | | 4 | | C | B | | 8 | | D | | 6 | | |
| | | | | | | | | | 6 | 0 | 3 | 2 | | |
| | 9 | A | | C | | | 5 | | 0 | B | | | | |
| 7 | B | D | | 2 | | | | | | | A | | | 1 |
| 2 | | | | 4 | | | 1 | 0 | E | | | 7 | | |
| | C | | | | | E | | 4 | | | | 5 | | D |
| | | | | 0 | A | | | | | | 5 | | | B |
| | | | | D | | | 6 | | 3 | | | | | 0 |
| | | | 1 | | | 5 | 2 | | | | | | | |
| | | 4 | 5 | 8 | | D | | A | C | 9 | | | | |
| 0 | | 6 | B | | | 7 | 8 | | A | E | | | | |
| 9 | | B | | | 7 | 1 | | | | | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 1 | 0 | 2 | 7 | B | 3 | 5 | 8 | A | D | 9 | 4 | E | C |
| 2 | 5 | 7 | 1 | C | 3 | A | D | 4 | 0 | E | 6 | 8 | 9 | B |
| A | 8 | E | 9 | 5 | D | 6 | 2 | 1 | C | B | 4 | 0 | 7 | 3 |
| B | C | D | 6 | 8 | 4 | 0 | E | 9 | 7 | 3 | 1 | 5 | 2 | A |
| 4 | 9 | 3 | E | A | 0 | 7 | C | B | 2 | 8 | 5 | 1 | D | 6 |
| C | 4 | B | 5 | 2 | E | 1 | 9 | 6 | D | 0 | A | 3 | 8 | 7 |
| 9 | 0 | 6 | B | 1 | 8 | D | 7 | 3 | 5 | 4 | 2 | C | A | E |
| 1 | 3 | 8 | C | D | 6 | E | A | 5 | B | 9 | 7 | 2 | 4 | 0 |
| 7 | 2 | 5 | 0 | 9 | A | 4 | 8 | C | 3 | 1 | E | 6 | B | D |
| D | E | A | 3 | 4 | 7 | B | 0 | 2 | 6 | C | 8 | 9 | 1 | 5 |
| 5 | 6 | 4 | 7 | E | C | 8 | 1 | D | 9 | A | 3 | B | 0 | 2 |
| 3 | A | 1 | 4 | B | 2 | 9 | 6 | 0 | E | 7 | C | D | 5 | 8 |
| 0 | B | 2 | A | 6 | 9 | C | 4 | 7 | 8 | 5 | D | E | 3 | 1 |
| E | D | C | 8 | 3 | 1 | 5 | B | A | 4 | 2 | 0 | 7 | 6 | 9 |
| 8 | 7 | 9 | D | 0 | 5 | 2 | 3 | E | 1 | 6 | B | A | C | 4 |

ଗତକାଲିର ଉତ୍ତର

## ସଂକ୍ଷେପରେ

### ଫାଶୀ ଲଗାଇ ମହିଳାଙ୍କ ଆତ୍ମହତ୍ୟା

ଅନୁଗୋଳ ଅଫିସ, ୩।୧୧- ଦାମ୍ପତ୍ୟ କହଳକୁ କେନ୍ଦ୍ର କରି ଜଣେ ମହିଳା ବେକରେ ଲୁଗା ଲଗାଇ ରବିବାର ଆତ୍ମହତ୍ୟା କରିଛନ୍ତି। ଅନୁଗୋଳ ଥାନା କୁମଣ୍ଡ ଅଞ୍ଚଳରେ ଏହି ଘଟଣା ଘଟିଛି। ମୃତାଙ୍କ ନାମ ତେଜସ୍ୱିନୀ ପରିଡା(୨୦) ବୋଲି ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ତେଜସ୍ୱିନୀ ୨ ବର୍ଷ ପୂର୍ବରୁ ପିଣ୍ଟୁ ସାହୁଙ୍କୁ ବିବାହ କରିଥିଲେ। ଉଭୟଙ୍କର ୯ ମାସର ଏକ ଶିଶୁକନ୍ୟା ଅଛି। ସକାଳେ ତେଜସ୍ୱିନୀ ଝିଅକୁ ତେଲ ଲଗାଇଦେଉଥିବାବେଳେ ଝିଅ କାନ୍ଦିବାରେ ଲାଗିଥିଲା। ଏହାକୁ ନେଇ ପିଣ୍ଟୁ ତେଜସ୍ୱିନୀଙ୍କ ଉପରେ ବିରକ୍ତ ହେବାରୁ ତେଜସ୍ୱିନୀ ଘର ଭିତରେ ପଶି ବେକରେ ଲୁଗା ଲଗାଇଦେଇଥିଲେ। ଖବରପାଇ ପୋଲିସ ସେଠାରେ ପହଞ୍ଚିବା ସହ କବାଟ ଭାଙ୍ଗି ମୃତଦେହ ଉଦ୍ଧାର କରିଛି। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

### ଦୁର୍ଘଟଣାରେ ସିଆଇଏସ୍ଏଫ୍ କର୍ମଚାରୀ ମୃତ

କଣିହାଁ,୩।୧୧(ଡି.ଏନ.ଏ.)- କଣିହାଁ ବ୍ଲକ ଏନ୍‌ଟିପିସି ପ୍ରକଳ୍ପରେ କାର୍ଯ୍ୟରତ ଜଣେ ସିଆଇଏସଏଫ କର୍ମଚାରୀ ବାଇକ୍ ଦୁର୍ଘଟଣାରେ ଶନିବାର ପ୍ରାଣ ହରାଇଛନ୍ତି। ସେ ହେଲେ ବିହାରର ବିକାଶ କୁମାର।

ଏନ୍‌ଟିପିସି ଥାନା ସୂତ୍ରରୁ ପ୍ରକାଶ, ବିକାଶ କାର୍ଯ୍ୟ ସାରି ନିଜ ବାଇକରେ ସହଯୋଗୀଙ୍କୁ ବସାଇ ରାତି ୧୦ଟାପରେ ପ୍ରକଳ୍ପସ୍ଥିତ କ୍ୱାର୍ଟର୍ସକୁ ଯାଉଥିବାବେଳେ ସାପ୍ତାହିକ ବଜାର ନିକଟରେ ଭାରସାମ୍ୟ ହରାଇ ଏକ ପାଚେରିକୁ ଧକ୍କା ଦେଇଥିଲେ। ଏଥିରେ ତାଙ୍କ ସହଯୋଗୀ ଆହତ ହୋଇଥିବାବେଳେ ବିକାଶ ଗୁରୁତର ହୋଇଥିଲେ। ବିକାଶଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଏନ୍‌ଟିପିସି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଡାକ୍ତର ତାଙ୍କୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ନଂ. ୧୧୪/୧୯ରେ ଏକ ମାମଲା ରୁଜୁ କରାଯାଇଛି।

### ଅଷ୍ଟପ୍ରହର ନାମଯଜ୍ଞ

ଛେଣ୍ଡିପଦା,୩।୧୧(ଡି.ଏନ.ଏ.)- ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ବଡକେରଜାଙ୍ଗ ପଞ୍ଚାୟତ ଅଧୀନ ତେନ୍ତୁଳି ସାହି ଓ କଦମ୍ବପଡା ଗ୍ରାମରେ ୩ ଦିନ ଧରି ଚାଲିଥିବା ୧୦ମ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଅଧିବାସ, କଳସଯାତ୍ରା, ନଗରକୀର୍ତ୍ତନ, ଅନ୍ନ ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମସଂକୀର୍ତ୍ତନ ପରିବେଷଣ କରିଥିଲେ। ଅଞ୍ଚଳର ବହୁ ଶ୍ରଦ୍ଧାଳୁ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସ୍ଥାନୀୟ ଗ୍ରାମ ପରିଚାଳନା କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ଧିମେଇଛି ଆବାସ ଯୋଜନା
# ସମ୍ପୂର୍ଣ୍ଣ ହୋଇପାରିନି ଶତାଧିକ ଘର



ବଅଁରପାଳ,୩।୧୧ (ଡି.ଏନ୍.ଏ)

ଅନୁଗୋଳ ଜିଲା ବଅଁରପାଳ ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ କାର୍ଯ୍ୟାଦେଶ ପାଇଥିବା ଅନେକ ହିତାଧିକାରୀଙ୍କ ଘର କାମ ସମ୍ପୂର୍ଣ୍ଣ ହୋଇ ନ ପାରି ଅଧପନ୍ତରିଆ ଭାବେ ପଡିରହିଛି। ଯୋଜନାର ସଫଳ କାର୍ଯ୍ୟକାରିତା ଦିଗରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଉ ନ ଥିବା ଯୋଗୁ ଏପରି ହୋଇଥିବା ଅଭିଯୋଗ ହେଉଛି। ସେହିପରି ବିଜୁ ପକ୍କାଘର ଯୋଜନାରେ ମଧ୍ୟ କାର୍ଯ୍ୟାଦେଶ ପାଇଥିବା ବହୁ ହିତାଧିକାରୀଙ୍କ ଗୃହ ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇ ପଡିରହିଛି।

ବ୍ଲକ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୨୦୧୮-୧୯ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୬୯୭ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି। ସେଥିମଧ୍ୟରୁ ୫୭୪ ଜଣଙ୍କ ଘର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାବେଳେ ୧୨୩ଟି ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇ ପଡିରହିଛି। ସେହିପରି ୨୦୧୯-୨୦ ବର୍ଷରେ ଏହି ଯୋଜନାରେ ୪୯୮ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ସେଥିରୁ ମାତ୍ର ୧୨୮ ଘର ନିର୍ମାଣ ଶେଷ ହୋଇଥିବାବେଳେ ୩୭୦ ଘର କାମ ଚାଲିଛି। ଅନ୍ୟପକ୍ଷରେ ବିଜୁ ପକ୍କାଘର ଯୋଜନାରେ ଗତ ବର୍ଷ ୧୨୫ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ସେଥିମଧ୍ୟରୁ ୨୨ଟି ଘର ଅସମ୍ପୂର୍ଣ୍ଣ ହୋଇପଡ଼ି ରହିଥିବା ଜଣାପଡିଛି। ଗତ ବର୍ଷ ନିର୍ମାଣ ଶ୍ରମିକ ପକ୍କାଘର ଯୋଜନାରେ ୨୪ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବାବେଳେ ଏ ପର୍ଯ୍ୟନ୍ତ କାହାରି ଘର ସମ୍ପୂର୍ଣ୍ଣ ହୋଇନାହିଁ। ଏଥିପ୍ରତି ପ୍ରଶାସନିକ ଅଧିକାରୀ ଆଦୌ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ବ୍ଲକର ୩୫ଟି ପଞ୍ଚାୟତରେ ଯୋଜନାରେ ଏପରି ସ୍ଥିତି ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବଅଁରପାଳ ବିଡିଓ ଡ. ସ୍ୱରୂପାନନ୍ଦ ସାହୁ କହିଛନ୍ତି, ଯୋଜନାର ଅଗ୍ରଗତି ଦିଗରେ ଦୃଷ୍ଟି ଦିଆଯିବ। ବହୁ ହିତାଧିକାରୀ ଟଙ୍କା ପାଇବା ପରେ ମଧ୍ୟ ଠିକ୍ ସମୟରେ ଘର ନିର୍ମାଣ କରୁନାହାନ୍ତି। ଏ ଦିଗରେ ଧ୍ୟାନ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ଫେରାର ଅଭିଯୁକ୍ତ ଗିରଫ

ବଇଣ୍ଡା,୩।୧୧(ଡି.ଏନ.ଏ.)

ହଣ୍ଡପା ପୋଲିସ ଶନିବାର ଜଗତସିଂହପୁର ଜିଲା ଅଞ୍ଚଳରେ ଚଢାଉ କରି ଫେରାର ଥିବା ଅଭିଯୁକ୍ତ ହଣ୍ଡପା ଗ୍ରାମର ଦିବାକର ସାହୁ, ବଇଶିଣା ଗ୍ରାମର ଲିଟୁ ନାୟକ, ମିଳନ ଦେହୁରି, ଜରପଡା ଥାନା ଡୁବେ ଗ୍ରାମର ସାଗର ସାହୁଙ୍କୁ ଗିରଫ କରିଛି। ତାଙ୍କ ନାମରେ ଥାନାରେ ପୂର୍ବରୁ ମାମଲା ଥିବାବେଳେ ସେ ଦୀର୍ଘଦିନ ହେବ ଫେରାର ଥିଲେ। ଜଗତସିଂହପୁର ଅଞ୍ଚଳରେ ଥିବା ଖବରପାଇ ହଣ୍ଡପା ଆଇଆଇସି ଲବ ବୋଡା, ସେକେଣ୍ଡ ଅଫିସର ସରୋଜ କୁମାର ଦାସ, ଏଏସଆଇ କୁନି ବାରିକ ଚଢାଉ କରି ଗିରଫ କରିଥିଲେ। ଏ ନେଇ ନଂ. ୧୭୯/୧୯ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ରବିବାର ଆଠମଲ୍ଲିକ କୋର୍ଟ ଚାଲାଣ କରାଯାଇଛି।



## ପୋଲ ତଳକୁ କାର୍ ଖସି ଚାଳକ ମୃତ



ତାଳଚେର,୩।୧୧(ନି.ପ୍ର.)

ତାଳଚେର ଥାନା ଗୋଡ଼ିବନ୍ଧ-କନ୍ଧବେରେଣୀ ରାସ୍ତାର କନ୍ଧବେରେଣୀ ଗ୍ରାମ ନିକଟ ପୋଲ ତଳକୁ ଶନିବାର ରାତିରେ ଏକ କାର୍ ଖସି ପଡିବାରୁ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ତାଳଚେର ପୌରାଞ୍ଚଳ ବୀରବରପଲ୍ଲିର ଅରୁଣ ସିଂହଙ୍କ ଏକମାତ୍ର ପୁଅ ଅମିତ ସିଂହ (୨୭)। ଅମିତ ରାତି ୧୧ଟାରେ ନିଜ ଦାଦାଙ୍କୁ କାର୍ (ନଂ. ଓଡି୩୫-୫୮୮୩)ରେ ନେଇ ଘରକୁ ଫେରୁଥିବା ବେଳେ ଗାଡ଼ିଟି ପୋଲ ତଳକୁ ଖସିପଡିଥିଲା। କୌଣସି ମତେ ଦାଦା ଗାଡ଼ିରୁ ବାହାରକୁ ଚାଲି ଆସିଥିଲେ ହେଁ ଅମିତ କାର୍ ଭିତରୁ ବାହାରି ପାରି ନ ଥିଲେ। ଖବରପାଇ ନିକଟସ୍ଥ ବଲାଙ୍ଗୀ ଗ୍ରାମବାସୀ ପହଞ୍ଚି ଅମିତଙ୍କୁ ଉଦ୍ଧାର କରି ଉପଖଣ୍ଡ ଡାକ୍ତରଖାନା ପଠାଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ ପୋଲର ଉଭୟ ପାର୍ଶ୍ୱରେ ସୁରକ୍ଷା ବାଡ଼ ନ ଥିବାରୁ ଏଠାରେ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ରବିବାର ତାଳଚେର ପୋଲିସ ଅମିତଙ୍କ ମୃତଦେହ ଉପଖଣ୍ଡ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି। ତାଳଚେର ଥାନାରେ ଏ ସଂକ୍ରାନ୍ତରେ ଏକ ମକଦ୍ଦମା ରୁଜୁ କରାଯାଇଛି।

## ମନ୍ଦିର ନିର୍ମାଣ ପାଇଁ ଅର୍ଥଦାନ



ତାଳଚେର,୩।୧୧(ନି.ପ୍ର.)

ତାଳଚେର ବ୍ଲକ ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳାଙ୍କ ନୂତନ ଭବ୍ୟ ମନ୍ଦିର ନିର୍ମାଣ ନିମନ୍ତେ ମଲ୍ଲିବନ୍ଧ ଗ୍ରାମର ବାସିନ୍ଦା ପ୍ରିୟବ୍ରତ ଗଡନାୟକଙ୍କ ପକ୍ଷରୁ ମନ୍ଦିର ପାଣ୍ଠିକୁ ଅର୍ଥଦାନ କରାଯାଇଛି। ଭାରତୀୟ ତୈଳ ନିଗମରେ କାର୍ଯ୍ୟରତ ଗଡନାୟକ ରବିବାର ସପରିବାର ମା' ହିଙ୍ଗୁଳାଙ୍କୁ ଦର୍ଶନ କରିବା ପରେ ୧୫ ହଜାର ଟଙ୍କା ଦାନ କରିଥିଲେ। ଏହି ଅର୍ଥ ପ୍ରଦାନ ବେଳେ ଟ୍ରଷ୍ଟ ବୋର୍ଡ ସଦସ୍ୟ ଗଗନ ବିହାରୀ ସାହୁ, ବିନୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## କାଠ ଜବତ, ୨ ଗିରଫ

ବଇଣ୍ଡା,୩।୧୧(ଡି.ଏନ.ଏ.)

କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜ ଚାର ଖେମୁଣ୍ଡି ଜଙ୍ଗଲରେ ରବିବାର ବନବିଭାଗ ପକ୍ଷରୁ ଚଢାଉ କରାଯାଇ ୨୦ ହଜାର ଟଙ୍କାର ଶାଳ ଚଉକାଠ ଜବତ କରାଯାଇଛି। ଏହି ଘଟଣାରେ କିଶୋରନଗର ଥାନା କରଡିବାହାଳ ଗ୍ରାମର ଦୁଃଖିଶ୍ୟାମ ବାଦି, ରେଢାଖୋଲ ଥାନା କଳିନ୍ଦର ଗ୍ରାମର ଅଜୟ ପ୍ରଧାନଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ଏକ କରତ, ଟାଙ୍ଗିଆ, ଲୁହା ପଦାର୍ଥ ବନବିଭାଗ ଜବତ କରିଛି। ଉଭୟେ ଉକ୍ତ ଜଙ୍ଗଲରୁ ଶାଳ ଚଉକାଠ କାଟୁଥିବାବେଳେ ଖବରପାଇ ହଣ୍ଡପା ରେଞ୍ଜର ଚୈତନ୍ୟ ବେହେରା, ଫରେଷ୍ଟର ନନ୍ଦକିଶୋର ତ୍ରିପାଠୀ, ସଞ୍ଜୟ କୁମାର ବେହେରା, ଦୀପ୍ତିରଞ୍ଜନ ବିଶ୍ୱାଳ, ଫରେଷ୍ଟ ଗାର୍ଡ ସନ୍ତୋଷ କୁମାର ନାୟକଙ୍କ ସମେତ ଏକ ଟିମ୍ ଚଢାଉ କରିଥିଲେ।



## ୮ରୁ କାର୍ତ୍ତିକେଶ୍ୱର ପୂଜା
# ସଜେଇ ହେଉଛି ମହୀଧରପୁର





ବଅଁରପାଳ, ୩।୧୧(ଡି.ଏନ.ଏ.)

ବଅଁରପାଳ ବ୍ଲକ ମହୀଧରପୁର ଗ୍ରାମରେ ଆସନ୍ତା ୮ ତାରିଖରୁ ପ୍ରସିଦ୍ଧ କାର୍ତ୍ତିକେଶ୍ୱର ପୂଜା ପାଳିତ ହେବ। ଏଥିପାଇଁ ସମଗ୍ର ଗ୍ରାମ ସଜେଇ ହେଉଛି। ଆକର୍ଷଣୀୟ ତୋରଣ, ଆଲୋକମାଳା, ସୁନ୍ଦର ସାଜସଜ୍ଜା ପ୍ରତି ବିଶେଷ ଧ୍ୟାନ ଦିଆଯାଉଛି। ପୂଜାପାଳନ ପାଇଁ ଗ୍ରାମବାସୀଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖାଦେଇଛି। ଚଳିତବର୍ଷ ୧୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ପ୍ରଭୁଙ୍କ ପୂଜାର୍ଚ୍ଚନା କରାଯିବ। କ୍ରିଷ୍ଟା ବଜାର, ରଘୁନାଥ ବଜାର, ମା' ମଧୁକେଶରୀ ପୂଜା କମିଟି, ତଳସାହି ପୂଜା କମିଟି, ହାଟ ଛକ, ଲକ୍ଷ୍ମୀ ବଜାର, ଆନନ୍ଦ ବଜାର, ବରସାହି ଓ ଚନ୍ଦନପୁର ଅଞ୍ଚଳରେ ପୂଜା ପାଳନ କରାଯିବ। ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଏହି ପୂଜା ଅନୁଷ୍ଠିତ ହେବ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଭିନ୍ନ ପୂଜା ମଣ୍ଡପ ପକ୍ଷରୁ ପ୍ରସାଦସେବନର ବ୍ୟବସ୍ଥା କରାଯାଇଛି। ସେହିପରି ୩ ଦିନ ଧରି ମୟୂରୀ ଉତ୍ସବ ପାଳିତ ହେବ। ଭସାଣି କାର୍ଯ୍ୟକ୍ରମକୁ ଧୁମ୍‌ଧାମରେ ପାଳନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି।

## ସାଥୀ ପରିବାର ପକ୍ଷରୁ ଶୀତବସ୍ତ୍ର ବଣ୍ଟନ



ଅନୁଗୋଳ ଅଫିସ, ୩।୧୧

ଅନୁଗୋଳ ଜିଲାରେ ଥିବା ପାହାଡଘେରା ଦୁର୍ଗମ ଅଞ୍ଚଳର କେତେଜଣ ଗରିବ ବୃଦ୍ଧା, ବୃଦ୍ଧ ଓ ଅସହାୟଙ୍କୁ ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ମଧ୍ୟ ସାଥୀ ପରିବାର ପକ୍ଷରୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ନନ୍ଦପୁର ପଞ୍ଚାୟତ ବାଘୁଆପାଟ ଗ୍ରାମର ୧୮ଟି ଗରିବ ଶ୍ରେଣୀ ପରିବାରକୁ ସାଥୀ ପରିବାର କମ୍ବଳ ବଣ୍ଟନ କରିଛି। ଆଗାମୀ ଦିନରେ ଅନ୍ୟ କେତେକ ଅଞ୍ଚଳର ଗରିବ ଲୋକଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

## ଜଙ୍ଗଲରୁ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ରାଇରଙ୍ଗପୁର,୩।୧୧(ଡି.ଏନ୍.ଏ.):** ଗୋରୁମହିଷାଣୀ ଥାନା ଶୁଣ୍ଠେଳ ଗ୍ରାମ ନିକଟସ୍ଥ ନକ୍‌ସରିୟା ଜଙ୍ଗଲର ଏକ ଗଛରୁ ପୋଲିସ ରବିବାର ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ମୃତକ ଜଣକ ପ୍ରତାପ ମୁଣ୍ଡା(୬୦) ବୋଲି ଜଣାପଡ଼ିଛି। ଏଥିସହ ମୃତଦେହ ରାଇରଙ୍ଗପୁର ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୦/୧୯) ରୁଜୁ କରିଛି। ମୃତ ପ୍ରତାପଙ୍କ ମସ୍ତିଷ୍କ ବିକୃତି ଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ପୋଲିସ କହିଛି।

# ମା' କାଳୀଙ୍କୁ ବିଦାୟ



ବନ୍ତଳା, ୩।୧୧(ଡି.ଏନ.ଏ.)

ଅନୁଗୋଳ ଜିଲା ବନ୍ତଳା ଥାନା ଖିଣ୍ଡା କାଳୀ ପୂଜା କମିଟି ପକ୍ଷରୁ ରବିବାର ମା'ଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମା'ଙ୍କ ମେଢକୁ ସୁସଜ୍ଜିତ କରାଯାଇ ଶୋଭାଯାତ୍ରାରେ ନିଆଯାଇଥିଲା। ଏହି ଅବସରରେ ପୁରୀ ସମରକଳା ଓ ଲୋକନୃତ୍ୟ ଗ୍ରୁପ ତରଫରୁ ବିଭିନ୍ନ ଠାକୁରାଣୀ ମୁଖା ସହିତ ଅଗ୍ନି ଖେଳ ଗ୍ରାମବାସୀଙ୍କୁ ଆକୃଷ୍ଟ କରିଥିଲା। କଲେଇପଦାରୁ ଗ୍ରାମରେ ଶୋଭାଯାତ୍ରା ପରିକ୍ରମା ପରେ ବଣାମୀର ଗ୍ରାମ ପୋଖରୀରେ ମା'ଙ୍କୁ ବିସର୍ଜନ କରାଯାଇଥିଲା। ପୂଜା ପାଳନ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଜଟିଆ ଓ ଗଡସନ୍ତ୍ରୀ ମଧ୍ୟରେ ଦଣ୍ଡନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିସହ ପ୍ରସାଦସେବନର ମଧ୍ୟ ବ୍ୟବସ୍ଥା କରାଯାଇଥିଲା। କମିଟି ସଭାପତି ସୁଶାନ୍ତ କୁମାର ପ୍ରଧାନ, ଉପସଭାପତି କୃଷ୍ଣଚନ୍ଦ୍ର ସାହୁ, ସମ୍ପାଦକ ପ୍ରବୋଧ କୁମାର ବିଶ୍ୱାଳ, ଅକ୍ଷୟ କୁମାର ଦେହୁରି, ସୁନୀଲ କୁମାର ବିଶ୍ୱାଳ, ଅନିଲ କୁମାର ବିଶ୍ୱାଳ, ସୁଜିତ କୁମାର ସାହୁ, ସୁଜିତ କୁମାର ପ୍ରଧାନ, ଲୁଲୁ ବିହାରୀ ପ୍ରଧାନ, ବନମାଳୀ ବେହେରା, ଜ୍ଞାନ ଦେହୁରୀ, କାମଦେବ ଦେହୁରୀ, ଜୟ ସାହୁଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।





**ଭାକ୍ରା ବ୍ୟାସ ପରିଚାଳନା ବୋର୍ଡ**
(ପାୱାର ୱିଙ୍ଗ)
BHAKRA BEAS NATION'S PRIDE

**ଇ-ଟେଣ୍ଡର ଆମନ୍ତ୍ରଣକାରୀ ବିଜ୍ଞପ୍ତି**

ଏନ୍ଆଇଟି ନଂ.466/ପିଏଚ୍‌ଡି/ପିଓଏନ୍‌ଜି-341 ତାରିଖ: 30.10.2019

**କାର୍ଯ୍ୟାଳୟର ନାମ:** ଚିଫ୍ ଇଞ୍ଜିନିୟର / ସିଷ୍ଟମ୍ ଅପରେଶନ୍, ପ୍ଲାନିଂ ଓ ଡିଜାଇନ୍ (ପାୱାର ପ୍ଲାଣ୍ଟସ୍), ଡିଟିଇ. ବିବିଏମ୍‌ବି (ପିଡବ୍ଲ୍ୟୁ), ଏସ୍ଏଲ୍‌ଡିସି କମ୍ପ୍ଲେକ୍ସ, ଇଣ୍ଡଷ୍ଟ୍ରିଆଲ ଏରିଆ, ଫେଜ୍-I, ଚଣ୍ଡିଗଡ଼-160002, ଟେଲିଫାକ୍ସ: 0172-2637035

**କାର୍ଯ୍ୟର ନାମ:** ବିବିଏମ୍‌ବିର ବିଭିନ୍ନ ପାୱାର ହାଉସ୍ ତଥା ସବ୍ ଷ୍ଟେଶନଗୁଡ଼ିକ ପାଇଁ ଏଚ୍‌ଟି ପାୱାର କେବୁଲ ସଂଗ୍ରହଣ ଲାଗି ଅନ୍‌ଲାଇନ୍ ଟେଣ୍ଡର

| | |
|---|---|
| ଏହାର ୱେବ୍‌ସାଇଟ୍‌ରୁ ଟେଣ୍ଡର ସ୍ୱତନ୍ତ୍ରତା/ଟେଣ୍ଡର କାଗଜପତ୍ର ଡାଉନଲୋଡିଂ | ଆରମ୍ଭ ତାରିଖ: 01.11.2019, 10.00 ଘଟିକାରୁ<br>ଶେଷ ତାରିଖ: 20.12.2019, 17.00 ଘଟିକା ପର୍ଯ୍ୟନ୍ତ |
| ସମ୍ପୂର୍ଣ୍ଣ ପ୍ରାକ୍-ଯୋଗ୍ୟତା ଦସ୍ତାବିଜ ଅପ୍‌ଲୋଡିଂର ଶେଷ ତାରିଖ ଓ ସମୟ | 05.12.2019, 17.00 ଘଟିକା ପର୍ଯ୍ୟନ୍ତ |
| ବିଡ୍ ଦାଖଲର ଆରମ୍ଭ ତାରିଖ ଓ ସମୟ | 01.11.2019, 10.00 ଘଟିକାଠାରୁ |
| ଅନ୍‌ଲାଇନ୍ ବିଡ୍ ଦାଖଲର ଶେଷ ତାରିଖ ଓ ସମୟ | 06.01.2020, 11.00 ଘଟିକା ପର୍ଯ୍ୟନ୍ତ |
| https://bbmbeproc.abcprocure.comରେ ଅନ୍‌ଲାଇନ୍ ବିଡ୍ ଖୋଲାଯିବାର ତାରିଖ ଓ ସମୟ (ଭାଗ-I) | 06.01.2020, 11.30 ଘଟିକା ପରଠାରୁ |

ବିଡ୍‌ଗୁଡ଼ିକ ଅନ୍‌ଲାଇନ୍‌ରେ ଦାଖଲ କରାଯିବ। ଟେଣ୍ଡର କାଗଜପତ୍ର ମୂଲ୍ୟ, ସ୍ୱତନ୍ତ୍ରତା ମୂଲ୍ୟ, ବିସ୍ତୃତ ଏନ୍ଆଇଟି ଏବଂ ଅମାନତ ରାଶି ତଥା ସବିଶେଷ ଏନ୍ଆଇଟି ପାଇଁ ଦୟାକରି ବିବିଏମ୍‌ବି ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: **www.bbmbeproc.abcprocure.com, www.bbmb.gov.in**

372-PR-SO-7 ନିଜର ଉତ୍ତମ ଭବିଷ୍ୟତ ପାଇଁ ଆଜି ଶକ୍ତି ସଞ୍ଚୟ କରନ୍ତୁ

**OFFICE OF THE NOTIFIED AREA COUNCIL, BINKA**
**Dist: Subarnapur (Pin-767019),Email id: nacbinka@gmail.com, Phone/Fax: 06654-241113**
**E-tender call notice No. 1606/ 02.11.2019**

**Tender Reference No. BINKA-NAC-04/2019-20**

Bid Documents consisting of work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in the Govt. website i.e. **www.tendersorissa.gov.in**.

| | | |
|---|---|---|
| 1 | Type of the work:- | Civil work |
| 2 | No. of works:- | 13 Nos. |
| 3 | Estimated Cost:- | As per DTCN |
| 4 | Period of Completion:- | As per DTCN |
| 5 | Date & Time of Bidding from:- | Dtd. 04.11.2019 after 10.00 AM |
| 6 | Last date & time for receipt online:- | Dtd. 13.11.2019 upto 05.00 PM |
| 7 | Documents will be received by post/O/o Executive Officer on or before:- | Dtd. 14.11.2019 upto 05.30 PM |
| 8 | Bids received shall be opened on:- | Dtd. 15.11.2019 at 10.00 AM |
| 9 | Name and address of the Officer inviting Bid:- | Executive Officer, Binka N.A.C. |

Further details can be seen from the procurement portal i.e. **www.tendersorissa.gov.in**.

**Sd./- Executive Officer**
**Notified Area Council, Binka**

## ସଂକ୍ଷେପରେ

### ଦୁଇ ଟ୍ରକ୍ ମୁହାଁମୁହିଁ ଧକ୍କା: ୨ ଡ୍ରାଇଭର ଗୁରୁତର



**ବସ୍ତା, ୩।୧୧(ସ୍ୱ.ପ୍ର.):** ବାଲେଶ୍ୱର ଜିଲା ବସ୍ତା ବ୍ଲକ ଦେଇଯାଇଥିବା ୬୦ନଂ. ଜାତୀୟ ରାଜପଥର ଭେଲୋରା ନିକଟରେ ବାରମ୍ବାର ଦୁର୍ଘଟଣା ଘଟୁଥିଲେ ମଧ ପ୍ରଶାସନ ତରଫରୁ ସେଭଳି କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ। ଅଣ୍ଡରପାସ୍ କାମ ସରୁ ନ ଥିବାରୁ ଯାତାୟାତରେ ବହୁତ ହଇରାଣ ହେବାକୁ ପଡୁଛି। ରବିବାର ଦୁଇ ଟ୍ରକ ମଧରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଦୁଇ ଟ୍ରକର ଡ୍ରାଇଭର ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ ଉଦ୍ଧାର କରି ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ପଠାଇଛନ୍ତି। ଦୁର୍ଘଟଣା ପରେ ଉକ୍ତ ସ୍ଥାନରେ କିଛି ସମୟ ପାଇଁ ରାସ୍ତା ଅବରୋଧ ହୋଇଥିଲା। ବସ୍ତା ପୋଲିସ ଏବଂ ଏସ୍‌ଡ଼ିପିଓ ରଣଜିତ ପୃଷ୍ଟି ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।

### ସ୍ୱାସ୍ଥ୍ୟ ଶିବିରରେ ୪୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ଚିକିତ୍ସା



**ବାଲେଶ୍ୱର ଅଫିସ, ୩।୧୧:** ବାଲେଶ୍ୱର ମୁସଲିମ ୱେଲଫେୟାର ସୋସାଇଟି ପକ୍ଷରୁ ଦରଘା ମଇଦାନସ୍ଥିତ ମଦ୍ରାସା କଦମ ରସୁଲଠାରେ ରବିବାର ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ସହରର ବିଭିନ୍ନ ପ୍ରାନ୍ତରରୁ ୪୦୦ରୁ ଊର୍ଦ୍ଧ୍ୱ ରୋଗୀ ଶିବିରକୁ ଆସି ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ଔଷଧ ନେଇଥିଲେ। ଭଦ୍ରକସ୍ଥିତ ୟୁନାନୀ ଡାକ୍ତରଖାନାରୁ ଡାକ୍ତର ଅବଦୁର ରସିଦ, ଡାକ୍ତର ସୋହେବ ଆହେମାଦ ଖାନ, ଡା. ସୟଦ ମୁଜାମିଲ ଅଲ୍ଲୀ ପ୍ରମୁଖ ଉପସ୍ଥିତ ରହି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସୋସାଇଟି ସଭାପତି ରେହାନ କାଦ୍ରୀ, ସମ୍ପାଦକ ସଲିମ୍ ରାଜା, ଉପସଭାପତି ମହମ୍ମଦ ଆସଲମ ଖାନ, ସହ ସମ୍ପାଦକ ହାଜି ଗୋଲାମ ଖାନ, କୋଷାଧକ୍ଷ ହାଜି ସେଖ ଜମାଲ, ଅବଦୁଲ ହମିଦ ଖାନ, ସେଖ ଅଲ୍ଲୀ ମହମ୍ମଦ, ସେଖ ଅବଦୁଲ ମଜିଦ, ସେଖ ଆୟୁବ, ସେଖ ମସ୍ତାନ ଓ ରଜ୍ଜାବ ଅଲ୍ଲୀ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ବୃଦ୍ଧଙ୍କ ସଲିଳ ସମାଧି

**ବସ୍ତା, ୩।୧୧(ସ୍ୱ.ପ୍ର.):** ସିଂଲା ଥାନା ଅନ୍ତର୍ଗତ ଲଙ୍ଗଳେଶ୍ୱର ଗ୍ରାମନିବାସୀ ମାଗୁଣି ପଛାୟତ(୮୫) ପୋଖରୀରେ ବୁଡିଯାଇ ମୃତ୍ୟୁବରଣ କରିଛନ୍ତି। ମାଗୁଣି କୌଣସି କାମରେ ଶନିବାର ସନ୍ଧ୍ୟାରେ ପୋଖରୀକୁ ଯାଇ ଗଭୀର ପାଣି ଭିତରକୁ ଖସିଯାଇଥିଲେ। ରବିବାର ସକାଳେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପୋଲିସକୁ ଜଣାଇଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ଜରାଶ୍ରମ ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ

ରେମୁଣା, ୩।୧୧(ଡି.ଏନ.ଏ.)
ରେମୁଣା ବ୍ଲକସ୍ଥିତ ଭୁଇଁପଡ଼ାଠାରେ ସ୍ୱେଚ୍ଛାସେବୀ ସଙ୍ଗଠନ ନେସନସ୍ ପ୍ରାଇଡ୍ ପକ୍ଷରୁ ନିର୍ମାଣ ହୋଇଥିବା ଦିବ୍ୟ ମନ୍ଦିର ନାମରେ ଏକ ଜରାଶ୍ରମକୁ ରବିବାର କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉଦ୍‌ଘାଟନ କରିଛନ୍ତି। ଅନ୍ୟତମ ଅତିଥି ଭାବରେ ସମାଜସେବୀ ସୁବାସିନୀ ଜେନା ଉପସ୍ଥିତ ଥିଲେ। ଏହି ଅବସରରେ ଆୟୁର୍ବେଦ ସ୍ୱାସ୍ଥ୍ୟ ସେବା ଶିବିର ଓ ଚନ୍ଦାପଣରୁ ମୁକ୍ତି ପାଇଁ ମାଗଣାରେ ଔଷଧ ବିତରଣ କରାଯାଇଥିଲା। ସଂସ୍ଥାର ସଭାପତି ଜନ୍ମେଜୟ ଶତ୍‌ପଥୀ ଓ ସମ୍ପାଦକ ସନ୍ତୋଷ କୁମାର ନାୟକ, ଉପସଭାପତି ଶାନ୍ତିଲତା ଚାତର, ସବିତା ମହାନ୍ତି, ଅନ୍ନପୂର୍ଣ୍ଣା ନାୟକ, ସୁକାନ୍ତି ଦାସ , ପ୍ରଶାନ୍ତ ରାଉତ, ରବୀନ୍ଦ୍ର ନାଥ ସ, ଦିନେଶ ଚନ୍ଦ୍ର ବିଶୋଇ, ମହେଶ୍ୱର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

■ ନକଲି ସାର୍ଟିଫିକେଟ୍ ଦେଇ ଧରାପଡ଼ିଲେ

# ଅଷ୍ଟମ ଫେଲ୍, ତଥାପି ଶିକ୍ଷକ

**ବ୍ରହ୍ମପୁର ଅଫିସ୍/ ଧରାକୋଟ (ଡି.ଏନ୍.ଏ.), ୩।୧୧**

ନିଯୁକ୍ତି ବେଳେ ଶିକ୍ଷାଗତ ଯୋଗ୍ୟତାର ନକଲି ସାର୍ଟିଫିକେଟ୍ ଦେଇ ଗଞ୍ଜାମ ଜିଲାର ୪ ଶିକ୍ଷକ ଧରାପଡ଼ିଛନ୍ତି। ଧରାକୋଟ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ଏହି ଶିକ୍ଷକମାନଙ୍କ ବିରୋଧରେ ଥାନାରେ ଏତଲା ଦେବାକୁ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଶିକ୍ଷୟିତ୍ରୀଙ୍କ ସମେତ ୩ ଶିକ୍ଷକଙ୍କୁ ବହିଷ୍କାର ଓ ଅନ୍ୟ ଜଣେ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି।

ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡାଙ୍କ ସୂଚନା ଅନୁଯାୟୀ, ଗତ କିଛି ମାସ ତଳେ ଜିଲାରେ ବିଭିନ୍ନ ବର୍ଗରେ କାର୍ଯ୍ୟରତ ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ଶିକ୍ଷାଗତ ଯୋଗ୍ୟତା ସାର୍ଟିଫିକେଟ୍ ଯାଞ୍ଚ କରାଯାଇଥିଲା। ଶିକ୍ଷୟିତ୍ରୀଶିକ୍ଷକମାନେ ସେମାନଙ୍କ ସାର୍ଟିଫିକେଟ୍ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିଥିଲେ। ଧରାକୋଟ ବ୍ଲକର ୪ ଶିକ୍ଷକ ଯଥା ମାଣିକପୁର ନୂଆସାହି ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସନ୍ତୋଷ କୁମାର ନାହାକ, ବରଡ଼ାବାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟର କନିଷ୍ଠ ଶିକ୍ଷୟିତ୍ରୀ ପ୍ରଜ୍ଞା କୁମାରୀ ଗୌଡ଼, ତାନାର୍ଜିପଲ୍ଲୀ ପ୍ରାଥମିକ ବିଦ୍ୟାଳୟର କନିଷ୍ଠ ଶିକ୍ଷକ ଅମରେଶ ଚନ୍ଦ୍ର ପଣ୍ଡା ଏବଂ ଝିଲିମିଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କନିଷ୍ଠ ଶିକ୍ଷକ ନାରାୟଣ ବେହେରାଙ୍କ ସାର୍ଟିଫିକେଟ୍ ଯାଞ୍ଚ ବେଳେ ନକଲି ଜଣାପଡିଥିଲା। ଗତ ୧ ତାରିଖରେ ଜିଲା ଶିକ୍ଷା ଅଧିକାରୀ ପଣ୍ଡା ଏବଂ ଧରାକୋଟ ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ପଣ୍ଡା ଏହି ଶିକ୍ଷକମାନଙ୍କ ସାର୍ଟିଫିକେଟ୍ ପୁନଃ ଯାଞ୍ଚ କରିଥିଲେ। ବରଡ଼ାବାଲି ବିଦ୍ୟାଳୟର କନିଷ୍ଠ ଶିକ୍ଷୟିତ୍ରୀ ଗୌଡ଼ ନିଯୁକ୍ତି ବେଳେ ସୋରଡ଼ା ଏସ୍.ନୂଆଗଡ଼ ଜେ.ଜେ. ବିଦ୍ୟାପୀଠରେ ୨୦୦୭ ମସିହାରେ ୫୪୧ ମାର୍କ ରଖି ଫାଷ୍ଟ ଡିଭିଜନ ପାଇ ମାଟ୍ରିକ ପାସ୍ କରିଥିବା ସାର୍ଟିଫିକେଟ୍ ଦେଇଥିଲେ। ହେଲେ ଯାଞ୍ଚ ବେଳେ ସେ ୨୮୩ ମାର୍କ ରଖି ଥାର୍ଡ ଡିଭିଜନରେ ପାସ୍ କରିଥିବା ଜଣାପଡ଼ିଥିଲା। ସେହିପରି ମାଣିକପୁର ନୂଆସାହି ବିଦ୍ୟାଳୟର ସହକାରୀ ଶିକ୍ଷକ ନାହାକ ରମ୍ଭା ହାଇସ୍କୁଲରୁ ୨୦୦୪ ମସିହାରେ ୫୨୨ ନମ୍ବର ରଖି ଫାଷ୍ଟ ଡିଭିଜନରେ ପାସ୍ କରିଥିବା ସାର୍ଟିଫିକେଟ୍ ଦେଇଥିଲେ। ସେ କରେସ୍‌ପଣ୍ଡେଣ୍ଟରେ ପାସ୍ କରିଥିବା ତଥ୍ୟ ଦେଇଥିଲେ। ହେଲେ ବୋର୍ଡରୁ ମିଳିଥିବା ସୂଚନା ଅନୁଯାୟୀ, ସେ ୧୯୯୫ ମସିହାରେ ୩୫୫ ମାର୍କ ରଖି ସେକେଣ୍ଡ ଡିଭିଜନରେ ପାସ୍ କରିଥିବା ଜଣାପଡ଼ିଥିଲା। ଜନ୍ମ ତାରିଖ ସମ୍ପର୍କରେ ମଧ ସେ ଭୁଲ୍ ତଥ୍ୟ ଦେଇଥିଲେ। ନକଲି ସାର୍ଟିଫିକେଟ୍‌ରେ ଜନ୍ମ ତାରିଖ ୧୯୮୭ ମସିହା ସେପ୍ଟେମ୍ବର ୪ତାରିଖ ଥିବା ବେଳେ ଅସଲି ସାର୍ଟିଫିକେଟ୍‌ରେ ୧୯୯୭ ମସିହା ନଭେମ୍ବର ୫ ତାରିଖ ରହିଛି। ତାନାର୍ଜିପଲ୍ଲୀ ବିଦ୍ୟାଳୟର କନିଷ୍ଠ ଶିକ୍ଷକ ପଣ୍ଡା ଆସିକା ଗୁଣ୍ଡୁପଡ଼ା ଜଗଦଳପୁର ହାଇସ୍କୁଲରୁ ୨୦୦୦ ମସିହାରେ ୫ଶହ ମାର୍କ ସହ ପ୍ରଥମ ଶ୍ରେଣୀରେ ମାଟ୍ରିକ୍ ପାସ୍ କରିଥିବା ନିଯୁକ୍ତି ବେଳେ ତଥ୍ୟ ଦେଇଥିଲେ। କିନ୍ତୁ ଯାଞ୍ଚ ବେଳେ ସେ ୩୮୦ ମାର୍କ ସହ ସେକେଣ୍ଡ ଡିଭିଜନରେ ପାସ୍ କରିଥିବା ଜଣାପଡ଼ିଥିଲା। ଝିଲିମିଲି ବିଦ୍ୟାଳୟର କନିଷ୍ଠ ଶିକ୍ଷକ ନରାୟଣ ବେହେରାଙ୍କ ନକଲି ସାର୍ଟିଫିକେଟ୍‌କୁ ନେଇ ଆଶ୍ଚର୍ଯ୍ୟଜନକ ତଥ୍ୟ ମିଳିଥିଲା। ଆସିକା ଗୁଣ୍ଡୁପଡ଼ା ଜଗଦଳପୁର ହାଇସ୍କୁଲରୁ ସେ ୨୦୦୦ ମସିହାରେ ୫୦୨ ମାର୍କ ସହ ଫାଷ୍ଟ ଡିଭିଜନରେ ପାସ୍ କରିଥିବା ସାର୍ଟିଫିକେଟ ଦେଇଥିଲେ। କିନ୍ତୁ ଯାଞ୍ଚ ବେଳେ ୨୦୦୦ ମସିହାରେ ସେହି ବିଦ୍ୟାଳୟରରୁ ନାରାୟଣ ବେହେରା ନାମକ କୌଣସି ଛାତ୍ର ପାସ୍ କରି ନ ଥିବା ଜଣାପଡ଼ିଥିଲା। ଏପରିକି ଅଧିକ ତଦନ୍ତ କରାଯିବାରୁ ସେ କାଳଷଣ୍ଢପୁର ଉଚ୍ଚ ବିଦ୍ୟାପୀଠରେ ପଢୁଥିଲେ ବୋଲି ଜଣାପଡିଥିଲା। ଅଷ୍ଟମ ଶ୍ରେଣୀରେ ଫେଲ୍ ହେବା ପରେ ୧୯୯୭ ମସିହା ମେ ୩୧ତାରିଖରେ ବିଦ୍ୟାଳୟରୁ ସେ ଟି.ସି ନେଇ ଯାଇଥିଲେ। ତାଙ୍କ ବାପାଙ୍କ ନାମ ରାମ ବେହେରା ବୋଲି ଟି.ସିରେ ଉଲ୍ଲେଖ ଥିଲା। ହେଲେ ନିଯୁକ୍ତି ସମୟରେ ସେ ଯେଉଁ ସାର୍ଟିଫିକେଟ୍ ଦେଇଥିଲେ, ସେଥିରେ ବାପାଙ୍କ ନାମ ସନ୍ନ୍ୟାସୀ ବେହେରା ବୋଲି ଉଲ୍ଲେଖ ରହିଥିଲା।

ତଦନ୍ତ ସମ୍ପର୍କିତ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ୪ ନକଲି ଶିକ୍ଷକଙ୍କ ନାଁରେ ଥାନାରେ ଏତଲା ଦେବାକୁ ଧରାକୋଟ ବ୍ଲକ ଶିକ୍ଷା ଅଧିକାରୀ ପଣ୍ଡାଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସହକାରୀ ଶିକ୍ଷକ ସନ୍ତୋଷ କୁମାର ନାହାକଙ୍କ ବିରୋଧରେ ଏସିଏସ୍(ସିସିଆଣ୍ଡଏ)-୧୯୬୨ର ଧାରା ୧୫ରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଅନ୍ୟ ୩ କନିଷ୍ଠ ଶିକ୍ଷକଙ୍କ ନିଯୁକ୍ତି ରଦ୍ଦ (ବହିଷ୍କାର) ପାଇଁ ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ପଞ୍ଚଲିଙ୍ଗେଶ୍ୱର ପୀଠର ବିକାଶ ପ୍ରତି ଗୁରୁତ୍ୱ



**ସଜନାଗଡ, ୩।୧୧(ଡି.ଏନ.ଏ.)**

ପର୍ଯ୍ୟଟନ ଋତୁ ଆସୁଥିବାରୁ ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡରେ ଥିବା ବାବା ପଞ୍ଚଲିଙ୍ଗେଶ୍ୱର ଶୈବପୀଠର ବିକାଶ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି। ପର୍ଯ୍ୟଟକଙ୍କ ପାଇଁ ସୁବ୍ୟବସ୍ଥା କରିବା ଲାଗି ରବିବାର ଅପରାହ୍ନରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସମସ୍ତ ବିଭାଗୀୟ ଅଧିକାରୀ, ଟ୍ରଷ୍ଟବୋର୍ଡ଼ର ସଦସ୍ୟ, ନୀଳଗିରିର ବିଧାୟକ ଇଂ. ସୁକାନ୍ତ ନାୟକଙ୍କ ସମେତ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଙ୍କୁ ନେଇ ଏକ ଜରୁରୀ ବୈଠକ ଡାକି ଆଲୋଚନା କରିଥିଲେ।

ଶୈବପୀଠରେ ଥିବା ରେଷ୍ଟ ହାଉସ୍‌ର ପୁନରୁଦ୍ଧାର କରାଯିବା ସହ ବାହାରୁ ଆସୁଥିବା ପର୍ଯ୍ୟଟକମାନେ ବଣଭୋଜି କରୁଥିବା ସ୍ଥାନଗୁଡ଼ିକ ପରିଷ୍କାର କରାଯିବା, ପୋଲିସ୍ ପାଟ୍ରୋଲିଂ ପାଇଁ ଏକ ଅସ୍ଥାୟୀ ବିଟ୍ ହାଉସ୍, ଶୈବପୀଠରେ ଥିବା ପାର୍କିଂରେ ରଖୁଥିବା ଗାଡ଼ି ମାଲିକମାନେ ପାର୍କିଂ ରସିଦ୍‌ର ସମୟ ସୀମା ୨୪ଘଣ୍ଟା ପର୍ଯ୍ୟନ୍ତ ଅବଧି, ଶୈବପୀଠର ବିଦ୍ୟୁତୀକରଣ ପାଇଁ ୩୩ କେଭିର ଷ୍ଟ୍ରକଚର ନିର୍ମାଣ, ପର୍ଯ୍ୟାପ୍ତ ପରିମାଣରେ ପାଣି ଯୋଗାଣ, ନୂତନ ମାର୍କେଟ କମ୍ପ୍ଲେକ୍ସର ନିର୍ମାଣ ଯୁଦ୍ଧକାଳୀନ ଭିତ୍ତିରେ କରିବା ପାଇଁ ଜିଲାପାଳ ଉପସ୍ଥିତ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ନୀଳଗିରି ଉପଜିଲାପାଳ ହରିଶ ଚନ୍ଦ୍ର ଜେନା, ପିଏଆଇଟିଏ ବୀର କିଶୋର ପାଣିଗ୍ରାହୀ, ତହସିଲଦାର ସୁଶ୍ରିତା ଟୁଡୁ, ଜିଲା ପର୍ଯ୍ୟଟନ ଅଧିକାରୀ ଗଗନ କୁମାର ସାହୁ, ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀଯନ୍ତ୍ରୀ ନନ୍ଦ ଦୁଲାଲ ଘଡ଼ାଇ, ଏସ୍‌ଡିପିଓ ସୁଦାମ ଚରଣ ସାହୁ, ଔପଦା ବିଡିଓ ପୀତାମ୍ବର ଭୋଇ, ଆର୍‌ଡବ୍ଲୁଏସ୍‌ଏସ୍‌ର ନିର୍ବାହୀ ଯନ୍ତ୍ରୀ ରୌପ୍ୟ ରଞ୍ଜନ ବେହେରା, ଭାଗୀରଥି ଦାସ, ବିଦ୍ୟୁତ୍ ବିଭାଗର ଏସ୍‌ଡିଓ ଯଯାତି ସିଂହ, ନୀଳଗିରି ଆଇଟିଡିଏର ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ସାମଲ, ଯନ୍ତ୍ରୀ ରତିକାନ୍ତ ମଢ଼େଇ, ସନ୍ତରାଗଡ଼ିଆ ଆର୍‌ଆଇ ମିଥୁନ୍ କୁମାର ସେଠୀ, ସରପଞ୍ଚ ଉଷାରାଣୀ ରାଉଳ, କମିଟିର ଅନ୍ୟ ସଦସ୍ୟମାନଙ୍କ ସହିତ ଅମର ପଟ୍ଟନାୟକ, ଚିତ୍ତରଞ୍ଜନ ଷଡ଼ଙ୍ଗୀ, କୈଳାସ ପଣ୍ଡା, ବସନ୍ତ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାୟୀ ଫାଣ୍ଡି ପାଇଁ ଜିଲାପାଳ ରାଜ୍ୟ ସରକାରଙ୍କୁ ଜଣାଇବାର ପ୍ରତିଶ୍ରୁତି ଦେଇଛନ୍ତି।

## କାର୍ଯ୍ୟରେ ସ୍ୱଚ୍ଛତା ରଖିବାକୁ ଆହ୍ୱାନ



**ଆଠମଲ୍ଲିକ,୩।୧୧(ଡି.ଏନ.ଏ.)**

ଆଠମଲ୍ଲିକ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉପଲକ୍ଷେ ଏକ ଶପଥପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ ଉପସ୍ଥିତ ସମସ୍ତ କର୍ମଚାରୀଙ୍କୁ ଦୁର୍ନୀତି ନିବାରଣ ଉପରେ ସଚେତନ କରିବା ସହିତ ସମସ୍ତ କାର୍ଯ୍ୟରେ ସାଧୁତା ଓ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଉଦ୍ୟମ ଜାରି ରଖିବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଉପଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ତହସିଲ ତଥା ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ କର୍ମଚାରୀ ଶପଥପାଠ କରିଥିଲେ। ତହସିଲଦାର ବାସୁଦେବ ମହାପାତ୍ର, ସହକାରୀ ଜିଲାପାଳ ନାରାୟଣ ମହାପାତ୍ର, ଅତିରିକ୍ତ ତହସିଲଦାର ଅଶୋକ କୁମାର ଦେହୁରୀ, ଏନ୍‌ଏସି ନିର୍ବାହୀ ଅଧିକାରୀ ରବିନ୍ କୁମାର ଦାସ ଯୋଗ ଦେଇଥିଲେ। ସେହିପରି ବ୍ଲକ କାର୍ଯ୍ୟାଳୟରେ ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ, ବ୍ଲକର ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଯନ୍ତ୍ରୀ, ଜିଆରଏସ, କର୍ମଚାରୀଙ୍କୁ ଶପଥପାଠ କରାଇଥିଲେ।

## ଅଦରକାରୀ ପଦାର୍ଥରୁ ଆକର୍ଷଣୀୟ ସାମଗ୍ରୀ

**ସୋର, ୩।୧୧(ଡି.ଏନ.ଏ.)**

ସୋରସ୍ଥିତ ବାଗୁଡ଼ି ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଦୁଇଦିନିଆ କୋଲାଜ ପେଣ୍ଟିଂ କର୍ମଶାଳା ଶନିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଏହାକୁ ବରିଷ୍ଠ ଶିଳ୍ପୀ ରତିକାନ୍ତ ଦାଶ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରତିଷ୍ଠାନର କଳା ଶିକ୍ଷକ ଶିଳ୍ପୀ ରାଜବଲ୍ଲଭ ସାହୁ ଓ ସମ୍ମାନିତ ଅତିଥି ଭାବେ ବାଗୁଡ଼ି ଜବାହର ନବୋଦୟ ବିଦ୍ୟାଳୟର କଳା ଶିକ୍ଷକ ଧର୍ମପଦ ବିଶ୍ୱାଳ ଯୋଗଦେଇଥିଲେ। ପ୍ରତିଷ୍ଠାନର ଶହେ ଜଣ ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ।

ଅଧ୍ୟକ୍ଷା ଜୟମାଳା ସେଠୀ ସଭାପତିତ୍ୱ କରିଥିଲେ। ପ୍ରତିଷ୍ଠାନରେ କଳାଶିକ୍ଷକ ଦୀର୍ଘଦିନ ଧରି ନ ଥିବା ସତ୍ତ୍ୱେ ଏଭଳି କାର୍ଯ୍ୟକ୍ରମ କରାଯାଇଥିଲା। କେବଳ ଛିଣ୍ଡା କାଗଜ, ଅଦରକାରୀ ପଦାର୍ଥ ଓ ଅଠା ସାହାଯ୍ୟରେ ଛାତ୍ରୀଛାତ୍ରମାନେ ବିଭିନ୍ନ ଆକର୍ଷଣୀୟ ସାମଗ୍ରୀ ପ୍ରସ୍ତୁତ କରିଥିଲେ। ବିଶେଷ କରି ଜୀବଜନ୍ତୁ, ଗଛଲତା, ଫୁଲଦାନି ସହ ପାଠ୍ୟ ଉପକରଣ ତିଆରି କରାଯାଇଥିଲା। ଏହି ସାମଗ୍ରୀଗୁଡ଼ିକୁ ପ୍ରଦର୍ଶନ କରାଯାଇଥିଲା। ଅତିଥିମାନେ କୋଲାଜ ପେଣ୍ଟିଂ କର୍ମଶାଳା ଉଦ୍ଦେଶ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଶେଷରେ ଶିକ୍ଷକ କଳିଙ୍ଗ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମା'ଭଣେଶ୍ୱରୀ ଫୁଟବଲ:ବଡ଼ସଡା ବିଜୟୀ



**କଣିହାଁ,୩।୧୧(ଡି.ଏନ.ଏ.)**

କଣିହାଁ ବ୍ଲକ ଡେରେଙ୍ଗ ଗ୍ରାମ ମା'ଭଣେଶ୍ୱରୀ ଫୁଟବଲ ବ୍ଲକ ତରଫରୁ ରବିବାର ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଲଲହଡ଼ା ଓ କଣିହାଁ ବ୍ଲକ ଅଞ୍ଚଳର ୮ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ଡେରେଙ୍ଗ ଓ ପାଲଲହଡ଼ା ବଡ଼ସଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବଡ଼ସଡା ବିଜୟୀ ହୋଇଥିଲା। ଅନିଲ ସାହୁ, ତୁଷାରକାନ୍ତ ମହାପାତ୍ର ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଶୁଶାନ୍ତ କୁମାର ସାହୁ, ଟିକନ ବେହେରା, ଇନ୍ଦ୍ରମଣି ସାହୁ ଯୋଗଦେଇ ବିଜୟୀ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ। ପ୍ରଶାନ୍ତ ବେହେରା, ସମୀର ଦେହୁରି, ବିଜୟ ଦେହୁରି ସହଯୋଗ କରିଥିଲେ।

## ମୃତ ଚାଷୀଙ୍କ ପରିବାରକୁ ୫ଲକ୍ଷ ପ୍ରଦାନ

**ବାଲେଶ୍ୱର ଅଫିସ, ୩।୧୧**

ଜଳେଶ୍ୱର ସମବାୟ କେନ୍ଦ୍ର ବ୍ୟାଙ୍କ ଅଧୀନ ଚାଫଲା ସେବା ସମବାୟ ସମିତିର ଜଣେ କିଷାନ କ୍ରେଡ଼ିଟ୍ କାର୍ଡ଼ଧାରୀ ଲକ୍ଷ୍ମୀନାରାୟଣ ଦାସ ଗତ ଜାନୁଆରୀ ମାସ ୧୩ ତାରିଖରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ ଦାସଙ୍କ ବିଧବା ପତ୍ନୀଙ୍କୁ ୫ଲକ୍ଷ ଟଙ୍କାର ଏକ ଚେକ୍ ପ୍ରଦାନ କରାଯାଇଛି। ନିର୍ଦ୍ଦେଶକ ମାନସ କୁମାର ଜେନା, ସେବା ସମବାୟ ସମିତିର ସଭାପତି ରବୀନ୍ଦ୍ର ପାତ୍ର, ସମ୍ପାଦକ ଅମିତ୍ ପ୍ରମାଣିକ, ଶାଖା ପରିଚାଳକ ମୃତ୍ୟୁଞ୍ଜୟ ପ୍ରଧାନ ଓ ସୁପରଭାଇଜର ଅଜୟ କୁମାର କର ପ୍ରମୁଖ ଚେକ୍ ପ୍ରଦାନ କରିଥିଲେ।

## ପ୍ରତି ଗ୍ରାମରେ ହେବ ସଂକୀର୍ତ୍ତନ



**ଢେଙ୍କାନାଳ ଅଫିସ, ୩।୧୧**

ଗଁଦିଆ ବ୍ଲକ ଅଧୀନ କାବେରା ଗ୍ରାମରେ ଦଶଦୋଳ କମିଟିର ଗ୍ରାମ୍ୟ ସଦସ୍ୟଙ୍କୁ ନେଇ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟିର ସଭାପତି ଚିତ୍ତରଞ୍ଜନ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ହରଡ଼ବେଣା, ବରସାହି, ବିଧାରପୁର, ଅନ୍ନପୁର, ଚିରଳେଇ, କାବେରା, ଦଧିସିଙ୍ଗା, ମାର୍ଥାପୁର, ସନ୍ଥସରା, ମାଧପୁର ଗ୍ରାମର ପ୍ରତିନିଧି ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରତିନିଧିମାନେ ବିଭିନ୍ନ ଗ୍ରାମ ପରିକ୍ରମା କରି ସଂକୀର୍ତ୍ତନମଣ୍ଡଳୀ ଏବଂ ସଂକୀର୍ତ୍ତନପ୍ରେମୀଙ୍କୁ ଏକତ୍ରିତ କରିବାକୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। କୃଷ୍ଣନାମ ପ୍ରଚାର ଏବଂ ଆଧାତ୍ମିକ ବାତାବରଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ ସନ୍ଧ୍ୟାରେ ଗ୍ରାମର କୋଠଘର ଏବଂ ମନ୍ଦିରରେ ସଂକୀର୍ତ୍ତନ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। କମିଟିର ସମ୍ପାଦକ ଅଲେଖ ଭୂୟାଁ, କୀର୍ତ୍ତନ ବିଶ୍ୱାଳ, ସନାତନ ରାଉଳ, ହୃଷୀକେଶ ବେହେରା, ଭଗବାନ ସାହୁ, ବ୍ରହ୍ମାନନ୍ଦ ନାୟକ, ହଳଧର ମହାଳିକ, ହେମନ୍ତ ରାଉଳ, ସାଧୁ ବେହେରା, କୃଷ୍ଣଚନ୍ଦ୍ର ମହାନ୍ତି, ମାୟାଧର ମହାନ୍ତି, ବିଦ୍ୟାଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ମହେନ୍ଦ୍ର ରାଉତ, ଉପେନ୍ଦ୍ର ଦାସ, ଭୀମସେନ ନାୟକ ବୈଠକ ପରିଚାଳନା କରିଥିଲେ।

■ବିକାଶ ଯୋଜନା ପ୍ରଶିକ୍ଷଣ ଶିବିର

## ଲିଙ୍ଗଗତ ବୈଷମ୍ୟ ହଟାଇବାକୁ ଯୋଜନା ହେଉ

**ଢେଙ୍କାନାଳ ଅଫିସ, ୩।୧୧**



ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଏବଂ ଐରା ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳିତ ସହଯୋଗରେ ଯୋରନ୍ଦାସ୍ଥିତ ପାନ୍ଥନିବାସରେ ଚାଲିଥିବା ପଞ୍ଚାୟତ ବିକାଶ ଯୋଜନା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଐରା ଅନୁଷ୍ଠାନର ସଂଯୋଜକ ପ୍ରଦ୍ୟୁମ୍ନ ପଣ୍ଡା ଯୋଗଦେଇ କହିଲେ, ମହିଳାମାନେ ସମାଜର ମେରୁଦଣ୍ଡ। ଶିଶୁ, ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ମୌଳିକ ଅଧିକାରର ସୁରକ୍ଷା ସରକାରଙ୍କ କର୍ତ୍ତବ୍ୟ। ବିଜ୍ଞାନର ଅଗ୍ରଗତି ସତ୍ତ୍ୱେ ଲିଙ୍ଗଗତ ବୈଷମ୍ୟ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ଏଥିପ୍ରତି ସମ୍ବେଦନଶୀଳ ହୋଇ ଯୋଜନା ପ୍ରସ୍ତୁତ କଲେ ସବୁବର୍ଗର ଲୋକେ ଉପକୃତ ହୋଇପାରିବେ ବୋଲି ସେ ମତ ରଖିଥିଲେ।

ଶିବିରରେ ମନ୍ଦାର, ମଠତେନ୍ତୁଳିଆ, ଖଙ୍କିରା, ଲେଥକା, ଲାଉଲଇ ପଞ୍ଚାୟତର ଜନପ୍ରତିନିଧି ଉପସ୍ଥିତ ଥିଲେ। ସେମାନଙ୍କୁ ଲିଙ୍ଗଗତ ସମସ୍ୟା, ଏହାକୁ ନଜରରେ ରଖି ଯୋଜନା ପ୍ରସ୍ତୁତି, କ୍ଷେତ୍ର ପରିଦର୍ଶନ, ଗୋଷ୍ଠୀ ଆଲୋଚନା, ସମ୍ବଳ ମାନଚିତ୍ର ପ୍ରସ୍ତୁତି, ତଥ୍ୟଭିତ୍ତିକ ଉପସ୍ଥାପନା ସମ୍ପର୍କରେ ତାଲିମ ଦିଆଯାଇଥିଲା। ଅମର ମିଶ୍ର, ସନ୍ତୋଷ ସାହୁ ତାଲିମଦାତା ଭାବେ ଯୋଗ ଦେଇଥିଲେ। ମିଳନ କଅଁର, କିଶୋର ସାହୁ, ସୁଶାନ୍ତ ପଣ୍ଡା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଆଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ମାଧପୁର-୯୯୩୭୬୪୪୫୫୨, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ପାକିସ୍ତାନକୁ ଆମେରିକାର ସମାଲୋଚନା

ଆତଙ୍କବାଦୀ ସଂଗଠନ ଲଶ୍କର-ଇ-ତୋଇବା (ଏଲଇଟି) ଏବଂ ଜୈଶ-ଇ-ମହମ୍ମଦ (ଜେଇଏମ୍) ଭାରତ ପାଇଁ ବିପଦ ହୋଇ ରହିଆସିଥିବା ଆମେରିକା କହିଛି। ଗତ ସାଧାରଣ ନିର୍ବାଚନରେ ପାକିସ୍ତାନ ଲଶ୍କର ସଂଗଠନର କେତେଜଣ ସଦସ୍ୟଙ୍କୁ ପ୍ରାର୍ଥୀ କରିଥିବାରୁ ଆମେରିକା ଏହାର ସମାଲେଚନା କରିଛି।



ଆଗ୍ରାର ତାଜମହଲ ନିକଟସ୍ଥ ଦଶହରା ଘାଟରେ ଛଟ୍‌ପୂଜା ଅବସରରେ ଉଦୀୟମାନ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଉଛନ୍ତି ମହିଳାମାନେ।



ମେକ୍ସିକୋ ସିଟିରେ ମୃତକଙ୍କ ଦିବସ ପାଳନ ବେଳେ ପ୍ରଦର୍ଶନକାରୀମାନେ ପରେଡ୍‌ରେ ଭାଗନେଇଛନ୍ତି।

■ ଦିଲ୍ଲୀ ହାଇକୋର୍ଟରେ ଓକିଲ-ପୋଲିସ ସଂଘର୍ଷ ମାମଲା

# ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୩।୧୧(ପି.ଟି.)**

ଦିଲ୍ଲୀର ତିସ୍ ହଜାରୀ ଜେଲ୍ ପରିସରରେ ଶନିବାର ଘଟିଥିବା ଓକିଲ-ପୋଲିସ ସଂଘର୍ଷ ଘଟଣାର ବିଚାର ବିଭାଗୀୟ ତଦନ୍ତ ଲାଗି ରବିବାର ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଏସ୍.ପି. ଗର୍ଗ ଏହି ମାମଲାର ତଦନ୍ତ କରିବେ ବୋଲି ମୁଖ୍ୟ ବିଚାରପତି ଡି.ଏନ୍. ପଟେଲ ଏବଂ ଜଷ୍ଟିସ୍ ସି. ହରି ଶଙ୍କରଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଗଣମାଧ୍ୟମ ରିପୋର୍ଟ ଆଧାରରେ ହାଇକୋର୍ଟ ନିଜଆଡୁ ମାମଲାକୁ ଶୁଣାଣି ପାଇଁ ଗ୍ରହଣ କରିଥିଲେ।

ଏଥିସହିତ ତଦନ୍ତ ସମୟରେ ସ୍ୱତନ୍ତ୍ର କମିଶନର ସଞ୍ଜୟ ସିଂ ଏବଂ ଅତିରିକ୍ତ ଡିସିପି ହରିନ୍ଦର ସିଂଙ୍କୁ ବଦଳି କରିବା ଲାଗି ଖଣ୍ଡପୀଠ ଦିଲ୍ଲୀ ପୋଲିସ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ଆଇନଜୀବୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ଖଣ୍ଡପୀଠ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି।

ଶନିବାର ଅପରାହ୍ଣରେ ତିସ୍ ହଜାରୀ କୋର୍ଟ କମ୍ପ୍ଲେକ୍ସରେ ପୋଲିସ ଓ ଆଇନଜୀବୀଙ୍କ ମଧ୍ୟରେ ସଂଘର୍ଷ ଘଟି ଅନେକ ପୋଲିସ ଓ ଆଇନଜୀବୀ ଆହତ ହୋଇଥିଲେ। ଏଥିସହିତ ୧୭ ଗାଡ଼ି ଭଙ୍ଗାରୁଜା କରାଯାଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ ହୋଇଥିବା ଶୁଣାଣି ବେଳେ ଦିଲ୍ଲୀ ପୋଲିସ ଅଦାଲତଙ୍କୁ ଜଣାଇଥିଲେ। ଏହି ଘଟଣାରେ ଜଣେ ଏଏସ୍‌ଆଇଙ୍କୁ ନିଲମ୍ବିତ କରାଯିବା ସହ ଅନ୍ୟ ଜଣଙ୍କୁ ବଦଳି କରାଯାଇଛି। ସଂଘର୍ଷରେ ୨୧ ପୋଲିସ ଓ ୮ ଓକିଲ ଆହତ ହୋଇଥିବା ଦିଲ୍ଲୀ ପୋଲିସ ପକ୍ଷରୁ ଆଇନଜୀବୀ ରାହୁଲ ମେହରା କୋର୍ଟରେ କହିଥିଲେ। ତେବେ ଓକିଲମାନଙ୍କ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଥିଲା। ଅଧିକ ସଂଖ୍ୟାରେ ଓକିଲ ଆହତ ହୋଇଥିବା ସେମାନେ ଦର୍ଶାଇବା ସହ ପୋଲିସ ଗୁଳିରେ ଦୁଇଜଣ ଆହତ ହୋଇଥିବା କହିଥିଲେ।

# ଦିଲ୍ଲୀ ଛାଡ଼ିବାକୁ ଚାହାନ୍ତି ୪୦ ପ୍ରତିଶତ

**ନୂଆଦିଲ୍ଲୀ,୩।୧୧**

■ ଅନ୍ୟ ସହର ଯିବାକୁ ବାବୁଙ୍କ ଚେତାବନୀ

ବାୟୁ ପ୍ରଦୂଷଣକୁ ନେଇ ଦିଲ୍ଲୀବାସୀ ଅତିଷ୍ଠ ହୋଇପଡିଲେଣି। ଦିଲ୍ଲୀ ଓ ଜାତୀୟ ରାଜଧାନୀ ଅଞ୍ଚଳ(ଏନ୍‌ସିଆର୍)ର ୪୦ ପ୍ରତିଶତରୁ ଊର୍ଦ୍ଧ୍ୱ ବାସିନ୍ଦା ସହର ଛାଡ଼ି ଅନ୍ୟତ୍ର ଚାଲିଯିବାକୁ ଇଚ୍ଛା ପ୍ରକାଶ କରିଥିଲାବେଳେ ଏହି ସମୟରେ ବାହାରକୁ ଭ୍ରମଣରେ ଯିବାକୁ ୧୬ ପ୍ରତିଶତ ଚାହୁଁଥିବା ଏକ ସର୍ଭେ ବେଳେ କହିଛନ୍ତି। ଦିଲ୍ଲୀ ଓ ଏନ୍‌ସିଆର୍‌ର ୧୭ ହଜାର ଲୋକଙ୍କଠାରୁ ମତାମତ ସଂଗ୍ରହ କରାଯାଇଥିଲା। ପ୍ରଦୂଷଣରୁ ରକ୍ଷା ପାଇବା ପାଇଁ ସେମାନଙ୍କ ପାଖରେ ଅନ୍ୟ ବିକଳ୍ପ ନ ଥିବା ୧୩ ପ୍ରତିଶତ ବାସିନ୍ଦା କହିଥିଲେ। ବାୟୁ ପ୍ରଦୂଷଣ ଯନ୍ତ୍ର (ଏୟାର ପ୍ୟୁରିଫାୟର), ମାସ୍କ ଆଦି ବ୍ୟବହାର କରି ଦିଲ୍ଲୀରେ ରହିବାକୁ ଚାହାନ୍ତି ବୋଲି ୩୧ ପ୍ରତିଶତ ମତ ଦେଇଥିଲେ। ଅନ୍‌ଲାଇନ ସଂସ୍ଥା 'ଲୋକାଲ ସର୍କଲ୍ସ' ପକ୍ଷରୁ ଏହି ସର୍ଭେ କରାଯାଇଥିଲା।

ଗତ ସପ୍ତାହରେ ବାୟୁ ପ୍ରଦୂଷଣ ସେମାନଙ୍କୁ ତଥା ସେମାନଙ୍କ ପରିବାରକୁ କିପରି ପ୍ରଭାବିତ କରିଛି ବୋଲି ପ୍ରଶ୍ନ ହେବାରୁ ଅଧିକାଂଶ ପରିବାରରେ କେହି ନା କେହି ହସ୍ପିଟାଲ ଯାଇଥିବା ଓ ଡାକ୍ତରଙ୍କ ପରାମର୍ଶ ନେଇଥିବା କହିଥିଲେ। ତେବେ ପ୍ରଦୂଷଣଜନିତ ସ୍ୱାସ୍ଥ୍ୟ ସମସ୍ୟା ସତ୍ତ୍ୱେ ୪୪ ପ୍ରତିଶତ ହସ୍ପିଟାଲ ଯାଇ ନାହାନ୍ତି। ୧୪ ପ୍ରତିଶତ କହିଛନ୍ତି, ପ୍ରଦୂଷଣର କୌଣସି ପ୍ରଭାବ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ପଡ଼ିନାହିଁ।

ଦିଲ୍ଲୀ-ଏନ୍‌ସିଆର୍ ଅଞ୍ଚଳରେ ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ରବିବାର ୬୨୫ରେ ପହଞ୍ଚିଥିଲାବେଳେ ଦିଲ୍ଲୀ ଓ ଅନ୍ୟ ପଡୋଶୀ ସହରର ସ୍କୁଲ କଲେଜ ବନ୍ଦ କରିଦିଆଯାଇଛି। ୩୭ଟି ବିମାନକୁ ଅନ୍ୟ ବିମାନ ବନ୍ଦରକୁ ପଠାଇ ଦିଆଯାଇଛି। ପ୍ରତିବର୍ଷ ଶୀତଦିନେ ଦିଲ୍ଲୀରେ ଏଭଳି ସ୍ଥିତି ଦେଖାଦେଉଥିଲାବେଳେ ତାହାର ପ୍ରତିକାର ଦିଗରେ ବିଶେଷ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ନରେନ୍ଦ୍ର ମୋଦି ସରକାରରେ ଉଚ୍ଚ ପଦବୀରେ ଥିବା ଜଣେ ବାବୁ ଦିଲ୍ଲୀ ଛାଡ଼ିବା ପାଇଁ ଚେତାବନୀ ଦେଇଛନ୍ତି। ମୋଦିଙ୍କ ଘନିଷ୍ଠ ଭାବେ ଜଣାଶୁଣା ନୀତି ଆୟୋଗ ସିଇଓ ଅମିତାଭ କାନ୍ତ କେରଳ ଚାଲିଯିବା ପାଇଁ ଟୁଇଟର ମାଧ୍ୟମରେ ଆଗ୍ରହ ପ୍ରକାଶ କରିଛନ୍ତି। ଆମ୍ ଆଦ୍‌ମୀ ପାର୍ଟି ଶାସନରେ ଥିବା ଦିଲ୍ଲୀ, ଭାଜପା-ଜେଜେପି ଶାସନାଧୀନ ହରିୟାଣାର ଗୁରୁଗ୍ରାମ ଓ ଫରିଦାବାଦ ଏବଂ ଭାଜପା ଶାସନାଧୀନ ଉତ୍ତରପ୍ରଦେଶର ନୋଏଡା ଓ ଗାଜିଆବାଦରେ ବାୟୁର ମାନ ଅତ୍ୟନ୍ତ ଖରାପ। ଦିଲ୍ଲୀ ଛାଡ଼ି ବାମଦଳ ଶାସିତ ରାଜ୍ୟ କେରଳରେ ରହିବାକୁ କାନ୍ତ ଟୁଇଟ୍ କରିଥିଲାବେଳେ ଏହା କେନ୍ଦ୍ର ସରକାରଙ୍କୁ କ୍ଷୁବ୍ଧ କରିଛି।



# ପ୍ରିୟଙ୍କା ହ୍ୟାକିଂର ଶିକାର

**ନୂଆଦିଲ୍ଲୀ,୩।୧୧(ପି.ଟି.)**



ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ହ୍ୱାଟ୍ସଆପ୍‌ରେ ଗୁପ୍ତଚରଗିରିକୁ ନେଇ ବିବାଦ ତେଜିବାରେ ଲାଗିଥିବାବେଳେ କେନ୍ଦ୍ର ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛି କଂଗ୍ରେସ। ଦଳର ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ହ୍ୟାକିଂର ଶିକାର ହୋଇଛନ୍ତି। ପ୍ରିୟଙ୍କାଙ୍କ ଫୋନ୍ ହ୍ୟାକ୍ କରାଯିବା ନେଇ ଏକ ମେସେଜ୍ ତାଙ୍କ ଫୋନ୍‌କୁ ଆସିଥିଲା ବୋଲି ରବିବାର କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା ଅଭିଯୋଗ ଆଣିବା ପରେ ରାଜନୀତି ସରଗରମ ହୋଇଛି। ଏନ୍‌ସିପି ନେତା ପ୍ରଫୁଲ ପଟେଲ ଓ ଯାଇଥିଲା, ସେତେବେଳେ ସମାନ ଧରଣର ମେସେଜ୍ ପ୍ରିୟଙ୍କା ମଧ୍ୟ ପାଇଥିଲେ। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ନରେନ୍ଦ୍ର ମୋଦିଙ୍କ ଭାଜପା ଅନ୍ୟ ଦଳ ରାଜନେତା ଓ ଲୋକଙ୍କ ଉପରେ ନଜର ରଖିବା ପାଇଁ ଏପରି ଗୁପ୍ତଚରଗିରି କରାଉଥିଲା କି। କ୍ଷମତାରେ



## ହ୍ୱାଟ୍ସଆପ୍ ସ୍ପାଏଗେଟ୍
## ଭାଜପା ବିରୋଧରେ କଂଗ୍ରେସର ଅଭିଯୋଗ

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନିକଟକୁ ଫେସ୍‌ବୁକ୍ ମାଲିକାନାରେ ଥିବା ମେସେଜିଂ ପ୍ଲାଟ୍‌ଫର୍ମରୁ ହ୍ୟାକିଂ ମେସେଜ୍ ଆସିବା ନେଇ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ ସୁର୍ଜେୱାଲା କହିଛନ୍ତି, ପ୍ରିୟଙ୍କା ଗାନ୍ଧୀଙ୍କ ଫୋନ୍‌କୁ ମଧ୍ୟ ଏକ ହ୍ୱାଟ୍ସଆପ୍ ମେସେଜ୍ ଆସିଥିଲା। ହ୍ୱାଟ୍ସଆପ୍ ପକ୍ଷରୁ ଯେତେବେଳେ ଅନ୍ୟମାନଙ୍କ ପାଖକୁ ହ୍ୟାକିଂ ମେସେଜ୍ ଥିବା ଲୋକେ ଦଣ୍ଡନୀୟ ଅପରାଧରେ ସମ୍ପୃକ୍ତ ଥିଲେ କି। ବିଶିଷ୍ଟ ବ୍ୟକ୍ତିମାନଙ୍କ ଉପରେ ଏହି ବେଆଇନ ସ୍ପାଏୱେର୍‌କୁ ନିୟୋଜିତ କରାଯାଇଥିଲା କି ବୋଲି ସୁର୍ଜେୱାଲା ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ପ୍ରଫୁଲ ପଟେଲ କହିଛନ୍ତି, ଫୋନ୍ ହ୍ୟାକ୍ ଅଭିଯୋଗ ଭିତ୍ତିହୀନ। ତାଙ୍କ ପାଖକୁ ଏପରି କୌଣସି ମେସେଜ୍ ଆସିନାହିଁ। ପ୍ରକାଶ ଯେ, ଇସ୍ରାଏଲ୍‌ର ସ୍ପାଏୱେର ପେଗାସସ୍ ପକ୍ଷରୁ ବିଶ୍ୱର ବିଭିନ୍ନ ଦେଶରେ ମାନବାଧିକାର କର୍ମୀ ଓ ଖବରଦାତାଙ୍କ ଉପରେ ନଜର ରଖାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୨୧ ଜଣ ଭାରତୀୟ ଥିବା ଜଣାପଡ଼ିଥିଲା। ଏନେଇ ଭାରତ ସରକାରଙ୍କୁ ଗତ ସେପ୍ଟେମ୍ବରରେ ହ୍ୱାଟ୍ସଆପ୍ ପକ୍ଷରୁ ଅବଗତ କରାଯାଇଥିଲା। କିନ୍ତୁ ପୂର୍ବରୁ ମିଳିଥିବା ଏ ସଂକ୍ରାନ୍ତ ତଥ୍ୟ ଅପର୍ଯ୍ୟାପ୍ତ ଓ ଅସମ୍ପୂର୍ଣ୍ଣ ଥିଲା ବୋଲି ସୂଚନା ଓ ପ୍ରଯୁକ୍ତିବିଦ୍ୟା (ଆଇଟି) ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ତେବେ ପେଗାସସ୍ ସ୍ପାଏୱେର୍ ନେଇ ଗତ ସପ୍ତାହରେ ସରକାର ସ୍ପଷ୍ଟୀକରଣ ମାଗିଥିବାବେଳେ ମେସେଜିଂ ପ୍ଲାଟ୍‌ଫର୍ମ ଏବେ ତା'ର ଜବାବ ରଖିଥିବା ଜଣାପଡ଼ିଛି।

## ତଦନ୍ତ କରିବେ ୨ ପାର୍ଲାମେଣ୍ଟ କମିଟି

**ନୂଆଦିଲ୍ଲୀ,୩।୧୧(ପି.ଟି.)**

କଂଗ୍ରେସ ନେତାମାନଙ୍କ ନେତୃତ୍ୱରେ ଦୁଇଟି ପାର୍ଲାମେଣ୍ଟ କମିଟି ହ୍ୱାଟ୍ସଆପ୍ ଗୋଇନ୍ଦାଗିରି ନେଇ ତଦନ୍ତ କରିବେ। ଏହି ଦୁଇ କମିଟି ସ୍ୱରାଷ୍ଟ୍ର ସଚିବଙ୍କ ସମେତ କେତେଜଣ ଶୀର୍ଷ ସରକାରୀ ଅଧିକାରୀଙ୍କଠାରୁ ଏ ସଂକ୍ରାନ୍ତ ତଥ୍ୟ ମାଗିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ସ୍ୱରାଷ୍ଟ୍ର ବ୍ୟାପାର ସମ୍ପର୍କିତ ପାର୍ଲାମେଣ୍ଟାରି କମିଟି ଅଧ୍ୟକ୍ଷ ତଥା କଂଗ୍ରେସ ନେତା ଆନନ୍ଦ ଶର୍ମା ହ୍ୱାଟ୍ସଆପ୍ ଗୋଇନ୍ଦାଗିରିକୁ ଚିନ୍ତାଜନକ ବୋଲି ଦର୍ଶାଇଛନ୍ତି। ସେ କହିଛନ୍ତି, ଆସନ୍ତା ୧୫ ତାରିଖରେ ବସିବାକୁ ଥିବା କମିଟିର ପରବର୍ତ୍ତୀ ବୈଠକରେ ଏହି ପ୍ରସଙ୍ଗରେ ଆଲୋଚନା କରାଯିବ। ସ୍ୱରାଷ୍ଟ୍ର ସଚିବ ପରବର୍ତ୍ତୀ ବୈଠକରେ ଜମ୍ମୁ-କଶ୍ମୀର ସ୍ଥିତି ନେଇ କମିଟିକୁ ଅବଗତ କରାଇବେ। ଉକ୍ତ କମିଟିରେ ତାଙ୍କଠାରୁ ହ୍ୱାଟ୍ସଆପ୍ ଗୋଇନ୍ଦାଗିରି ସମ୍ପର୍କରେ ତଥ୍ୟ ମଗାଯିବ। ସେହିପରି ସୂଚନା ଓ ପ୍ରଯୁକ୍ତିବିଦ୍ୟା (ଆଇଟି) ସମ୍ପର୍କିତ



ଆନନ୍ଦ ଶର୍ମା



ଶଶୀ ଥରୁର

ପାର୍ଲାମେଣ୍ଟାରି କମିଟି ଅଧ୍ୟକ୍ଷ ଶଶୀ ଥରୁର କହିଛନ୍ତି, ସାଇବର ସୁରକ୍ଷା ଆମ ଏଜେଣ୍ଡାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଏନେଇ ଅନ୍ୟ ସଦସ୍ୟମାନଙ୍କ ସହ ଇ-ମେଲ୍‌ରେ ପରାମର୍ଶ କରାଯିବ। ସରକାରଙ୍କଠାରୁ ସ୍ପଷ୍ଟୀକରଣ ଲୋଡ଼ାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଶପଥ ନେଲେ ମଧ୍ୟପ୍ରଦେଶ ହାଇକୋର୍ଟ ମୁଖ୍ୟ ବିଚାରପତି



**ଭୋପାଳ,୩।୧୧(ପି.ଟି.):** ମଧ୍ୟପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ୍ ଏ.କେ. ମିତ୍ତଲ ରବିବାର ଶପଥ ନେଇଛନ୍ତି। ରାଜଭବନରେ ରାଜ୍ୟପାଳ ଲାଲ୍‌ଜୀ ଟଣ୍ଡନ ତାଙ୍କୁ ଶପଥ ପାଠ କରାଇଥିଲେ। ପୂର୍ବରୁ ଜଷ୍ଟିସ୍ ମିତ୍ତଲ ମେଘାଳୟ ହାଇକୋର୍ଟର ମୁଖ୍ୟ ବିଚାରପତି ଥିଲେ। ଶପଥ ଗ୍ରହଣ ଉତ୍ସବରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥ, ରାଜ୍ୟର ଏକାଧିକ ମନ୍ତ୍ରୀ, ମୁଖ୍ୟ ସଚିବ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ନେପାଳର ୭ ରାଜ୍ୟପାଳ ବହିଷ୍କୃତ

**କାଠମାଣ୍ଡୁ,୩।୧୧(ପି.ଟି.):** ନେପାଳ ରାଷ୍ଟ୍ରପତି ବିଦ୍ୟାଦେବୀ ଭଣ୍ଡାରୀ ରବିବାର ସମସ୍ତ ୭ ପ୍ରଦେଶର ରାଜ୍ୟପାଳଙ୍କୁ ବହିଷ୍କାର କରିଛନ୍ତି। ରାଜ୍ୟପାଳମାନଙ୍କୁ ମନ୍ତ୍ରୀ ପରିଷଦର ସରକାରଙ୍କ ସୁପାରିସକ୍ରମେ ସାମ୍ବିଧାନିକ ନିୟମାନୁସାରେ ସେମାନଙ୍କ ପଦବୀରୁ ହଟାଯାଇଛି ବୋଲି ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ବହିଷ୍କୃତ ହୋଇଥିବା ରାଜ୍ୟପାଳମାନେ ହେଲେ ବାହାଦୁର ତୁମହାଙ୍ଗ, ରତ୍ନେଶ୍ୱର କାୟସ୍ଥ, ଅନୁରାଧା କୋଇରାଲା, ବାବୁରାମ କୁଁୱର, ଉମାକାନ୍ତ ଝା, ଦୁର୍ଗା ଖନାଲ ଓ ରତ୍ନେଶ୍ୱର ମଲ୍ଲ। ଦୁଇବର୍ଷ ତଳେ ଶେର୍ ବାହାଦୁର ଦେଉବା ସରକାରଙ୍କ ଅମଳରେ ଏହି ପ୍ରାଦେଶିକ ମୁଖ୍ୟମାନଙ୍କୁ ନିଯୁକ୍ତି ଦିଆଯାଇଥିଲା।

### ମାଙ୍କଡ଼ଠାରୁ ପଥର ଖସି ଶିଶୁର ମୃତ୍ୟୁ

**ମୁଜାଫରନଗର,୩।୧୧(ପି.ଟି.):** ଉତ୍ତରପ୍ରଦେଶର ମୁଜାଫରନଗର ଜିଲା ଅନ୍ତର୍ଗତ ସୋହଜାନି ଗ୍ରାମରେ ୪ ମାସର ଶିଶୁଟି ଘରେ ଶୋଇଥିଲାବେଳେ ମାଙ୍କଡ଼ ଏକ ପଥର ଖସାଇଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ କହିବା ଅନୁଯାୟୀ, ଶନିବାର ଛାତ ଉପରେ ଥିବା ମାଙ୍କଡ଼ଟି ପଥର ଖଣ୍ଡେ ଉଠାଉଥିଲାବେଳେ ତାହା ଖସିପଡିଥିଲା। ତଳ ମହଲାରେ ଶୋଇଥିବା ଶିଶୁ ଉପରେ ଉକ୍ତ ପଥର ଖଣ୍ଡ ପଡିବାରୁ ସେ ଗୁରୁତର ଆହତ ହୋଇଥିଲେ। ହସ୍ପିଟାଲକୁ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଇତିହାସର ଆଇନାରେ

### ନଭେମ୍ବର ୪ର ପ୍ରମୁଖ ଘଟଣା

୨୦୦୮ ନଭେମ୍ବର ୪ରେ ବାରାକ ଓବାମା ଆମେରିକା ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ। ଆମେରିକା ରାଷ୍ଟ୍ରପତି ନିର୍ବାଚିତ ହେବାରେ ସେ ଥିଲେ ପ୍ରଥମ ଅଣଶ୍ୱେତାଙ୍ଗ।

୧୯୯୫ ନଭେମ୍ବର ୪ରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ୟିଝାକ୍ ରବିନଙ୍କୁ ଜଣେ ଉଗ୍ରପନ୍ଥୀ ହତ୍ୟା କରିଥିଲେ। ଏହି ସମୟରେ ଇସ୍ରାଏଲୀ ଓ ପାଲେଷ୍ଟାଇନ ବାସୀଙ୍କ ମଧ୍ୟରେ ସଂଘର୍ଷ ଚାଲିଥିଲା।

# ଛଟ୍ ପୂଜା ବେଳେ ୮ ମୃତ

**ପାଟନା/ରାଞ୍ଚି,୩।୧୧ (ପି.ଟି./ଆଇଏଏନ୍‌ଏସ୍)**

## ବିହାରରେ ୫, ଝାଡ଼ଖଣ୍ଡରେ ୩

ବିହାରରେ ରବିବାର ଛଟ୍ ପୂଜା ପାଳନବେଳେ ଦୁଇଟି ପୃଥକ୍ ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ଘଟିଥିବାସ୍ଥଳେ ୧୭ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୨ ମହିଳା ଓ ୨ ଜଣ ଶିଶୁ ଅଛନ୍ତି। ସମସ୍ତିପୁର ଜିଲାର ହାସନପୁର ଥାନା ଅନ୍ତର୍ଗତ ବଡ଼ଗାଁ ଅଞ୍ଚଳରେ ଶ୍ରଦ୍ଧାଳୁମାନେ ଏକ ପୁଷ୍କରିଣୀ ପାଖରେ ରୁଣ୍ଡ ହୋଇଥିଲାବେଳେ ମନ୍ଦିର ପାଚେରି ଭୁଶୁଡ଼ି ପଡ଼ିବାରୁ ୩ ଜଣଙ୍କ ମୃତ୍ୟୁ ଘଟିବା ସହ ୧୦ ଜଣ ଆହତ ହୋଇଥିଲେ। ଶନିବାର ରାତିରେ ଔରଙ୍ଗାବାଦର ସୂର୍ଯ୍ୟ ମନ୍ଦିରରେ ଦଳାଚକଟାରେ ୨ ଶିଶୁ ପ୍ରାଣ ହରାଇଥିଲେ। ଏହି ଘଟଣାରେ ୭ ଜଣ ଆହତ ହୋଇଛନ୍ତି। ସେହିପରି ଝାଡ଼ଖଣ୍ଡରେ ଛଟ୍ ପୂଜା ବେଳେ ରବିବାର ପାଲାମୁ ଓ ଗିରିଡିହ ଜିଲାରେ ଦୁଇ ଭଉଣୀଙ୍କ ସମେତ ୩ ଜଣ ପାଣିରେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବା ଲାଗି ନଦୀଘାଟରେ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା। ବାଙ୍କା ନଦୀ ଶଯ୍ୟାରେ ଖୋଳାଯାଇଥିବା ଚୁଆରେ ଦୁଇଭଉଣୀ ବୁଡ଼ିଯାଇଥିଲେ। ଗିରିଡିହ ଜିଲାର ରାଜକୁମାର ବର୍ମା ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଲାବେଳେ ପୁଷ୍କରିଣୀରେ ବୁଡ଼ିଯାଇଥିଲେ ବୋଲି ପୋଲିସ କହିଛି।

## ଦୁର୍ଘଟଣା ନେଲା ୧୫ ଜୀବନ

**କାଠମାଣ୍ଡୁ,୩।୧୧(ପି.ଟି.)**

ନେପାଳର ସିନ୍ଧୁପାଲଚୌକ୍ ଜିଲାରେ ରବିବାର ଏକ ଯାତ୍ରୀବାହୀ ବସ୍ ନଦୀ ଭିତରକୁ ଖସିପଡ଼ିଛି। ଏହି ମର୍ମନ୍ତୁଦ ଦୁର୍ଘଟଣାରେ ଜଣେ ୩ ବର୍ଷୀୟ ଶିଶୁଙ୍କ ସମେତ ୧୫ ଜଣଙ୍କ ଜୀବନ ଯାଇଛି। ଦୋଲଖା ଜିଲାରୁ ରାଜଧାନୀ କାଠମାଣ୍ଡୁ ଅଭିମୁଖେ ଯାଉଥିବା ବସ୍‌ଟି ରାସ୍ତାରେ ଭାରସାମ୍ୟ ହରାଇ ୧୦୦ ମିଟର ତଳକୁ ଖସି ନଦୀରେ ପଡ଼ିଥିଲା। ଫଳରେ ୧୫ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି।

# ପ୍ରତିରକ୍ଷା ସହଯୋଗ ବଢ଼ାଇବେ ଭାରତ, ଥାଇଲାଣ୍ଡ

**ବ୍ୟାଙ୍କକ୍,୩।୧୧(ପି.ଟି.)**

ପ୍ରତିରକ୍ଷା ଶିଳ୍ପ କ୍ଷେତ୍ରରେ ସହଯୋଗ ବୃଦ୍ଧି ଲାଗି ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ଥାଇଲାଣ୍ଡ ପ୍ରତିପକ୍ଷ ପ୍ରୟୁତ୍ ଚାନ୍-ଓ-ଚା ସହମତି ପ୍ରକାଶ କରିଛନ୍ତି। ଆସିଆନ୍ ସମିଟ୍ ଅବସରରେ ରବିବାର ଦୁଇ ନେତାଙ୍କ ମଧ୍ୟରେ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଏହାବ୍ୟତୀତ ଦୁଇଦେଶ ମଧ୍ୟରେ ବାଣିଜ୍ୟିକ ସମ୍ପର୍କ ଓ ଯୋଗାଯୋଗ ବୃଦ୍ଧି ଉପରେ ମଧ୍ୟ ଉଭୟ ନେତା ଜୋର ଦେଇଥିଲେ। ଭାରତ ଓ ଥାଇଲାଣ୍ଡ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଗତବର୍ଷ ୨୦ ପ୍ରତିଶତ ବୃଦ୍ଧି ପାଇଥିବାରୁ ଏହାକୁ ଦୁଇ ପ୍ରଧାନମନ୍ତ୍ରୀ ସ୍ୱାଗତ କରିଥିଲେ। ଏଥିସହିତ ବାଣିଜ୍ୟ ଓ ପୁଞ୍ଜିନିବେଶ ଅଧିକ ବଢ଼ାଇବା ଲାଗି କ'ଣ ସବୁ ପଦକ୍ଷେପ ନିଆଯାଇପାରିବ ତାହା ଉପରେ ଦୁଇଦେଶର ଅଧିକାରୀମାନେ ଆଲୋଚନା କରିବାକୁ ନିଷ୍ପତ୍ତି ହୋଇଥିଲା।



ଥାଇଲାଣ୍ଡ ସହ ଭାରତର ବିମାନ ଯୋଗାଯୋଗ ବେଶ୍ ବୃଦ୍ଧି ପାଇଛି। ବ୍ୟାଙ୍କକ ଓ ଗୁଆହାଟୀ ମଧ୍ୟରେ ସିଧାସଳଖ ବିମାନ ଚଳାଚଳ ଆରମ୍ଭ ହୋଇଥିଲାବେଳେ ଥାଇଲାଣ୍ଡର ରାନୋଙ୍ଗ ବନ୍ଦର ଏବଂ ଭାରତର କୋଲକାତା, ଚେନ୍ନାଇ, ବିଶାଖାପାଟଣା ବନ୍ଦର ମଧ୍ୟରେ ସହଯୋଗ ପାଇଁ ଚୁକ୍ତିନାମା ଚୂଡ଼ାନ୍ତ ହୋଇଛି। ପ୍ରାଚ୍ୟଦେଶଗୁଡିକ ସହ ସମ୍ପର୍କ ବୃଦ୍ଧିକୁ ଭାରତ ପ୍ରାଧାନ୍ୟ ଦେଇଆସୁଛି। ପ୍ରଧାନମନ୍ତ୍ରୀ ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକୋ ୱିଡୋଡୋଙ୍କ ସହ ମଧ୍ୟ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ।

# 'ଶିବସେନା ପାଖରେ ୧୭୦ ବିଧାୟକ'

**ମୁମ୍ବାଇ,୩।୧୧**

ଶିବସେନା ପାଖରେ ୧୭୦ ବିଧାୟକଙ୍କ ସମର୍ଥନ ରହିଛି। ଏହି ସଂଖ୍ୟା ୧୭୫ରୁ ମଧ୍ୟ ଅଧିକ ହୋଇପାରେ। ତେଣୁ ଭାଜପା ସହ ଆଲୋଚନା କେବଳ ମୁଖ୍ୟମନ୍ତ୍ରୀ ପଦକୁ ନେଇ ହେବ ବୋଲି ବରିଷ୍ଠ ଶିବସେନା ନେତା ସଞ୍ଜୟ ରାଉତ୍ କହିଛନ୍ତି। ମହାରାଷ୍ଟ୍ରରେ ସରକାର ଗଠନ ନେଇ ଅଚଳାବସ୍ଥା ଜାରି ରହିଥିବାବେଳେ ସଞ୍ଜୟଙ୍କ ଏହି ମନ୍ତବ୍ୟ ଦୁଇ ସହଯୋଗୀଙ୍କ ମଧ୍ୟରେ ମତଭେଦକୁ ଅଧିକ ତୀବ୍ର କରିଛି। ୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଅକ୍ଟୋବର ୨୧ରେ ହୋଇଥିଲା, ଯାହାର ଫଳାଫଳ ଗତ ୨୪ ତାରିଖରେ ଆସିଥିଲା। ସରକାର ଗଠନ ପାଇଁ ମ୍ୟାଜିକ୍ ନମ୍ବର ୧୪୫ ହୋଇଥିବାବେଳେ ଭାଜପା ୧୦୫ ଓ ଏହାର ସହଯୋଗୀ ୫୬ ଆସନ ଦଖଲ କରିବାରେ ସକ୍ଷମ ହୋଇଛନ୍ତି। ସେହିପରି ବିରୋଧୀ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ୫୪ ଓ କଂଗ୍ରେସ ୪୪ ଆସନରେ ସଫଳତା ପାଇ ସନ୍ତୁଷ୍ଟ ହୋଇଛନ୍ତି। ଫଳରେ ଭାଜପା ସହ ୫୦:୫୦ ସୂତ୍ରରେ ସରକାର ଗଠନ ପାଇଁ ଶିବସେନା ଅଡ଼ିବସିଛି। କିନ୍ତୁ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ନାରାଜ। ତେଣୁ ଶିବସେନା ଯଥାସାଧ୍ୟ ନିଜ ମୂଲଚାଲ ସାମର୍ଥ୍ୟ ବଢ଼ାଇବା ପାଇଁ ଉଦ୍ୟମ ଜାରି ରଖିଛି। ଏହିକ୍ରମରେ ରାଜ୍ୟ ସଭା ସଦସ୍ୟ ସଞ୍ଜୟ ରାଉତ୍ ରବିବାର କହିଛନ୍ତି, ଅଚଳାବସ୍ଥା ଜାରି ରହିଛି। ସରକାର ଗଠନ ନେଇ ଅଦ୍ୟାବଧି କିଛି ଆଲୋଚନା ହୋଇନାହିଁ। ଆଲୋଚନା ହେଲେ ତାହା କେବଳ ମୁଖ୍ୟମନ୍ତ୍ରୀ ପଦକୁ ନେଇ ହେବ। ଭାଜପାର ସାହସ ଥିଲେ ମହାରାଷ୍ଟ୍ରରେ ରାଷ୍ଟ୍ରପତି ଶାସନ ଜାରି କରି ଦେଖାଉ। ଏପରି କଲେ ତାହା ଭାଜପା ପାଇଁ ଚଳିତ ଶତାବ୍ଦୀର ସବୁଠୁ ବଡ଼ ପରାଜୟର କାରଣ ସାଜିବ ବୋଲି ସଞ୍ଜୟ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଅଚଳାବସ୍ଥା ଦୂର କରିବା ପାଇଁ ଫଡ଼ନବିସ ସୋମବାର ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କୁ ଭେଟିବେ। ସେହିପରି ବିକଳ୍ପ ପନ୍ଥା ଲାଗି ଏନ୍‌ସିପି ମୁଖ୍ୟ ଶରଦ ପାୱାର ମଧ୍ୟ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ସାକ୍ଷାତ କରିପାରନ୍ତି।

## 'ବଜାରକୁ ୫୦:୫୦ ବିସ୍କୁଟ ଆସିଛି କି'

**ହାଇଦ୍ରାବାଦ,୩।୧୧**



ମହାରାଷ୍ଟ୍ରରେ ୫୦:୫୦ ସୂତ୍ରରେ କ୍ଷମତା ଭାଗବଣ୍ଟା ପାଇଁ ଶିବସେନା ଅଡ଼ିବସିଥିବାବେଳେ ଏହାକୁ ନେଇ ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ତଥା ହାଇଦ୍ରାବାଦ ଏମ୍‌ପି ଅସାଦୁଦ୍ଦିନ୍ ଓୱାଇସି ତାଚ୍ଛଲ୍ୟ କରିଛନ୍ତି। ଲଗାଣ ବର୍ଷା ଯୋଗୁ ଫସଲହାନି ହୋଇଛି। କ୍ଷତିଗ୍ରସ୍ତ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଥିବାବେଳେ ଏମାନେ ୫୦:୫୦ କଥା କହୁଛନ୍ତି। ବଜାରକୁ ନୂଆ ଫିଫ୍ଟି ଫିଫ୍ଟି ବିସ୍କୁଟ ଆସିଛି କି ବୋଲି ଓୱାଇସି ପ୍ରଶ୍ନ କରିଛନ୍ତି। ଏହାସହ ଭାଜପା କିମ୍ବା ଶିବସେନାକୁ ଏଆଇଏମ୍‌ଆଇଏମ୍ ସମର୍ଥନ ଦେବନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ମହାରାଷ୍ଟ୍ରରେ ଶିବସେନା କ୍ଷମତାରେ ରହିବ କି ନାହିଁ ସେ ନେଇ ଲୋକେ ଖୁବ୍‌ଶୀଘ୍ର ଜାଣିବାକୁ ପାଇବେ।

**-ଉଦ୍ଧବ ଠାକରେ, ଶିବସେନା ଅଧ୍ୟକ୍ଷ**



## ସଂକ୍ଷେପରେ

### ବିଶ୍ୱ ହିନ୍ଦୁ ପରିଷଦର କାର୍ଯ୍ୟକାରିଣୀ ବୈଠକ



**ଢେଙ୍କାନାଳ ଅଫିସ, ୩।୧୧:** ସ୍ଥାନୀୟ ଶ୍ରୀବଳରାମ ମନ୍ଦିର ପରିସରରେ ରବିବାର ବିଶ୍ୱ ହିନ୍ଦୁ ପରିଷଦ (ବିଏଚ୍‌ପି)ର ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ରଘୁନାଥ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବପ୍ରାନ୍ତ ସଂରକ୍ଷକ ଶରତ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ସଙ୍ଗଠନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ମାର୍ଗଦର୍ଶନ କରାଇଥିଲେ। ଉପସଭାପତି ରତ୍ନଭୂଷଣ ସାହୁ ସାଙ୍ଗଠନିକ କାର୍ଯ୍ୟକ୍ରମକୁ ଆଗକୁ ନେବାକୁ ଆହ୍ୱାନ ଦେଇଥିଲେ। ଏଥିସହ ସଙ୍ଗଠନର ଦାୟିତ୍ୱ ଏବଂ ପଦବୀ ଘୋଷଣା କରିଥିଲେ। ସେହିପରି ଜିଲାର ପୁରାତନ ମଠମନ୍ଦିର, ଐତିହ୍ୟର ସୁରକ୍ଷା ଲାଗି କାର୍ଯ୍ୟ କରିବାକୁ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଜିଲା ସମ୍ପାଦକ ଉମେଶ ଚନ୍ଦ୍ର ରାଉତ ପୂର୍ବବର୍ଷର ସାଙ୍ଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିବାବେଳେ ଜିଲା ସଂରକ୍ଷକ ଧୀରେନ୍ଦ୍ର କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

### ଶିଶୁମନ୍ଦିରରେ ରକ୍ତଦାନ ଶିବିର

**ରାସୋଳ, ୩।୧୧(ଡି.ଏନ୍.ଏ.):** ରାସୋଳ ପଞ୍ଚାୟତ ପର୍ଶୁରାମପୁରସ୍ଥିତ ସରସ୍ୱତୀ ଶିଶୁମନ୍ଦିରରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ର, ଗୁରୁମାଗୁରୁଜୀ, ପୂର୍ବତନ ଛାତ୍ରୀଛାତ୍ର, ଅଭିଭାବକ ଏବଂ ଶୁଭେଚ୍ଛୁଙ୍କୁ ମିଶାଇ ମୋଟ ୧୨୬ ଜଣ ରକ୍ତଦାନ କରିଥିଲେ। ସ୍କୁଲ ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା, କର୍ମଚାରୀ, କଳିଙ୍ଗା ମର୍ଦ୍ଦରାଜପୁର ସତ୍ୟସାଇ ସେବା ସଙ୍ଗଠନର କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ। ଅନୁଗୋଳ ଜିଲା ରକ୍ତ ଭଣ୍ଡାର ଟିମ୍ ସଦସ୍ୟ ରକ୍ତ ସଂଗ୍ରହ କରିଥିଲେ।

### ଗ୍ରୀନ୍ କୋର୍ଟ କାର୍ଯ୍ୟକ୍ରମ

**ପରଜଙ୍ଗ, ୩।୧୧(ଡି.ଏନ୍.ଏ.):** ପରଜଙ୍ଗ ଜେଏମ୍ଏଫ୍‌ସିଙ୍କ ଅଦାଲତ ପରିସରରେ ଶୁକ୍ରବାର 'କ୍ଲିନ୍ କୋର୍ଟ, ଗ୍ରୀନ୍ କୋର୍ଟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରଜଙ୍ଗ ବାର୍ ଆସୋସିଏଶନ, କୋର୍ଟ କର୍ମଚାରୀଙ୍କ ମିଳିତ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ପ୍ରଜ୍ଞା ପଣ୍ଡା ଶୁଭାରମ୍ଭ କରିଥିଲେ। ଏହି ଅବସରରେ କୋର୍ଟ ପରିସରକୁ ସଫେଇ କରାଯିବା ସହ ଚାରା ରୋପଣ କରାଯାଇଥିଲା। ବାର୍ ସଭାପତି ଅଶୋକ ଦଳବେହେରା, ସରକାରୀ ଓକିଲ ଗିରୀଶ ଚନ୍ଦ୍ର ମୁଦୁଲି, ଆଇନଜୀବୀ ପ୍ରଦୀପ ସାହୁ, ବିପିନ ବିହାରୀ ପାଣି, ସଦାଶିବ ମଲ୍ଲିକ, ଦିଲୀପ ଧର, ବିନୋଦ ସାହୁ, ନିରଞ୍ଜନ ସାହୁଙ୍କ ସମେତ ବହୁ ଆଇନଜୀବୀ ଏବଂ କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ।

## ■ବୁଦ୍ଧେଶ୍ୱର ଶୈବପୀଠ ଜମି ବିବାଦ

# ପରିଚାଳନା କମିଟିର ସମାଧାନ ଉଦ୍ୟମ

**ଭୁବନ, ୩।୧୧(ଡି.ଏନ.ଏ.)**

■ଜମି ମାଲିକଙ୍କୁ ମନାଇବାକୁ ପ୍ରୟାସ

■୧୬ରେ ବସିବ ତ୍ରିପାକ୍ଷିକ ବୈଠକ

ଢେଙ୍କାନାଳ ଜିଲା ଭୁବନର ପ୍ରସିଦ୍ଧ ବୁଦ୍ଧେଶ୍ୱର ଶୈବପୀଠର ପଶ୍ଚିମ ପାର୍ଶ୍ୱରେ ଥିବା ଏକ ଘରୋଇ ଜମିକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ଏହାର ସମାଧାନ ପାଇଁ ଉଦ୍ୟମ ଆରମ୍ଭ କରିଛି ମନ୍ଦିର ପରିଚାଳନା କମିଟି। ଏ ନେଇ ରବିବାର କମିଟି ସଦସ୍ୟଙ୍କୁ ନେଇ ଏକ ବୈଠକ ପୀଠ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ନନ୍ଦକିଶୋର ସାହୁ ଅଧକ୍ଷତା କରି କହିଲେ, ଉକ୍ତ ଜାଗା ଅଞ୍ଚଳର ଗୁଣନିଧି ପୋଥାଳଙ୍କ ନାମରେ ରେକର୍ଡଭୁକ୍ତ ଅଛି। ହେଲେ ଦୀର୍ଘବର୍ଷ ହେଲା ଏହାକୁ ମନ୍ଦିର କମିଟି ରକ୍ଷଣାବେକ୍ଷଣ କରୁଛି। ବିଭିନ୍ନ ପର୍ବପର୍ବାଣିରେ ଏହାକୁ ବ୍ୟବହାର କରାଯାଉଛି। ସର୍ବସାଧାରଣଙ୍କ ସୁବିଧା ଲାଗି ସରକାରଙ୍କ ପକ୍ଷରୁ ସେହି ସ୍ଥାନରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ବିଶ୍ରାମ ପାଇଁ ସିମେଣ୍ଟ ଚେୟାର ନିର୍ମାଣ କରାଯାଇଛି।

କିଛି ଦିନ ତଳେ ଗୁଣନିଧି ତାଙ୍କ ଜମିରେ ସିମେଣ୍ଟ ପାଚେରି ନିର୍ମାଣ କରିଥିଲେ। ଏହାକୁ ମନ୍ଦିର କମିଟି କର୍ମକର୍ତ୍ତା ଏବଂ ସ୍ଥାନୀୟ ଯୁବକ ବିରୋଧ କରିଥିଲେ। ଏହାପରେ ଜମିମାଲିକ ୧୭ଜଣଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଏକ ମାମଲା ରୁଜୁ ହୋଇଛି। ଘଟଣା ଥାନାକୁ ଯିବା ପରେ ଏହାର ସମାଧାନ କରିବାକୁ ପରିଚାଳନା କମିଟି ସଦସ୍ୟ ଏବଂ ଅଞ୍ଚଳର ବୁଦ୍ଧିଜୀବୀମାନେ ଜିଲାପାଳ, ଏସ୍‌ପି, ଉପଜିଲାପାଳଙ୍କୁ ନିବେଦନ କରିଥିଲେ। ଏଥିସହ ଅଞ୍ଚଳବାସୀଙ୍କ ବୃହତର ସ୍ୱାର୍ଥ ଦୃଷ୍ଟିରୁ ଜମି ମାଲିକଙ୍କୁ ଉକ୍ତ ଜାଗାକୁ ମନ୍ଦିର ପରିଚାଳନା କମିଟିକୁ ହସ୍ତାନ୍ତର କରିବାକୁ ନିବେଦନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏ ନେଇ ଆସନ୍ତା ୧୬ ତାରିଖରେ ପ୍ରଶାସନ, ମନ୍ଦିର କମିଟି ଏବଂ ଜମି ମାଲିକଙ୍କୁ ନେଇ ତ୍ରିପାକ୍ଷିକ ବୈଠକ ବସିବ। ଆଲୋଚନାରୁ ନିଶ୍ଚୟ ସୁଫଳ ମିଳିବ ବୋଲି ସଭାପତି ଆଶାବ୍ୟକ୍ତ କରିଛନ୍ତି।

ବୈଠକରେ ସହର ସଙ୍ଗଠନ ସଭାପତି ବାସୁଦେବ ବେହେରା, ଏନ୍‌ଏସିର ପୂର୍ବତନ ଅଧକ୍ଷ ନରହରି ସାହୁ, ଆଇନଜୀବୀ କୁଞ୍ଜବିହାରୀ ଚିନ୍ନରା, ମନ୍ଦିର କମିଟି ସମ୍ପାଦକ ଶ୍ରୀଧର ବେହେରା, ବରିଷ୍ଠ କାର୍ଯ୍ୟକର୍ତ୍ତା କୋଦଣ୍ଡଧର ସାହୁ, ପଦ୍ମନାଭ ବେହେରା, ରାମଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ମନ୍ଦିର ପରିଚାଳନା କମିଟି କାର୍ଯ୍ୟକର୍ତ୍ତାଙ୍କ ସମେତ ଅନ୍ୟମାନେ।

## ଆଇସ୍‌କ୍ରିମ୍ ବେପାରରେ ବେଶ୍ ଖୁସୀ



**ଦିନକର କାହାଣୀ**
**ମଣିଆ ଭୋଇ**

ଢେଙ୍କାନାଳ-ଯୋରନ୍ଦା ରାସ୍ତା ପାର୍ଶ୍ୱରେ ଏକ ଛୋଟିଆ ଗ୍ରାମରେ ରୁହନ୍ତି ମଣିଆ ଭୋଇ (୩୨)। ସ୍ତ୍ରୀ ମହରଗି ଏବଂ ୧୦ମ ପଢୁଆ ପୁଅ ମହେଶ୍ୱରଙ୍କୁ ନେଇ ତାଙ୍କ ପରିବାର। ବର୍ଷର ୮ମାସ ଆଇସ୍‌କ୍ରିମ୍ ଏବଂ ଅନ୍ୟ ୪ ମାସ ଚାଷବାସ କରି ସଂସାର ରଥକୁ ବାଟ କଢ଼ାଉ ନେଉଛନ୍ତି ମଣିଆ। ଏଥିରେ ସେ ବେଶ୍ ଖୁସୀ ଥିବା କହିଛନ୍ତି।

ମଣିଆଙ୍କ ସୁଆଦିଆ ଆଇସ୍‌କ୍ରିମର ଚାହିଦା କାହିଁରେ କେତେ। ସେ ୫ବର୍ଷ ହେଲା ଏହି ବେପାର କରି ଆସୁଛନ୍ତି। ଏଥିରୁ ଦୈନିକ ୪୦୦ ଟଙ୍କା ଯାଏ ରୋଜଗାର ହେଉଥିବା ସେ କହିଛନ୍ତି। ନିଜ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ମଣିଆ କୁହନ୍ତି, ବ୍ୟବସାୟ ପାଇଁ ସେ ସଅଳ ବିଛଣା ଛାଡ଼ନ୍ତି। ପ୍ରାତଃ ସାଢ଼େ ୪ଟା ସୁଦ୍ଧା ନିତ୍ୟକର୍ମ ସହ ସାରିଦିଅନ୍ତି ଠାକୁର ପୂଜା। ଏହାପରେ କ'ଣ ଦିଟା ଖାଇ ୮ଟା ସୁଦ୍ଧା ଆଇସ୍‌କ୍ରିମ୍ ଡବା ଧରି ବାହାରି ପଡ଼ନ୍ତି। ସିମିଳିଆ, ସରଖିଆ, କନ୍ଧପଡା, ଜଙ୍ଗିରା, ବେଲଟିକିରି, ଦୁର୍ଗାପ୍ରସାଦ, ବନ୍ଧନୂଆଗାଁ, ଦାନ୍ଦରନାଳି, ପାଟିଆ, ଚନ୍ଦ୍ରଶେଖରପୁର, ନେଉଳପୋଇ ଅଞ୍ଚଳର ଗଳିକନ୍ଦି ସହ ଗ୍ରାମର ସ୍କୁଲ ପାଖରେ ଡମ୍ବରୁ ବଜାଇ ସେ ଆଇସ୍‌କ୍ରିମ୍ ବିକିଥାନ୍ତି। ମଧ୍ୟାହ୍ନରେ ଯେଉଁଠି ସୁବିଧା ହୁଏ ସେଠି ଖାଇଦିଅନ୍ତି। ବେଳେବେଳେ ଘରକୁ ମଧ ଆସନ୍ତି। ଅପରାହ୍ନ ୪ଟା ଯାଏ ବିକ୍ରିବଟା ଚାଲେ। ସନ୍ଧ୍ୟାରେ ଘରକୁ ଫେରିଲେ ସଫାସୁତରା ହୋଇ ହନୁମାନଚାଳିଶା ପଢ଼ନ୍ତି। ଏହାପରେ ରାତି ଭୋଜନ କରି ୯ଟାରେ ବିଛଣାକୁ ଯାଆନ୍ତି। ପୁଅ ଏବଂ ସ୍ତ୍ରୀ ଘରକାମ, ଚାଷବାସ କଥା ବୁଝନ୍ତି। ନିଜର ରୁଚି ସମ୍ପର୍କରେ ସେ କୁହନ୍ତି, ତାଙ୍କର ଗୀତ ଗାଇବାରେ ଦୁର୍ବଳତା ଅଛି। ଗାଁ କୀର୍ତ୍ତନମଣ୍ଡଳୀର ସେ ଜଣେ ସଦସ୍ୟ। କର୍ମ ହିଁ ଭଗବାନ। ନିଷ୍ଠାପର ଭାବରେ କାମ କରିଚାଲିଲେ ଭଗବାନ ନିଶ୍ଚିତ ଭଲ ଫଳ ଦେବେ।

ଆଇସ୍‌କ୍ରିମ୍ ନେବ ଆଇସ୍‌କ୍ରିମ୍... କ୍ଷୀରବାଲା ଆଇସ୍‌କ୍ରିମ୍.... ନାଲି ଆଇସ୍‌କ୍ରିମ... ମିଠା ଆଇସ୍‌କ୍ରିମ୍... ଡମ୍ବରୁ ଶବ୍ଦ ସହ ଏପରି ଚିହ୍ନା ପରିଚିତ ସ୍ୱର ଶୁଣିଲେ ଧାଇଁଆସନ୍ତି ପିଲାମାନେ। ଆଉ ପିଲାଙ୍କ ହାତକୁ ଆଇସ୍‌କ୍ରିମ୍ ବଢ଼ାଇ ଦେଉ ଦେଉ ମଣିଆଙ୍କ ମୁହଁରେ ଉକୁଟି ଉଠେ ଆତ୍ମତୃପ୍ତିର ଚେନାଏ ହସ।

ରିପୋର୍ଟ:ପ୍ରଳୟ ଦାସ

# ମନମୋହିଲା ମେଲୋଡ଼ି

**ଭୁବନ, ୩।୧୧(ଡି.ଏନ.ଏ.)**

ଭୁବନ କାଳୀବଜାର ବଣିକ ସଂଘର ୪୦ତମ ବାର୍ଷିକ ଉତ୍ସବ ସମାରୋହର ରବିବାର ଥିଲା ଦ୍ୱିତୀୟ ଦିବସ। କଟକ ସହେନ୍ଦ୍ରା ମେଲୋଡ଼ିର କଳାକାରମାନଙ୍କ ରଙ୍ଗାରଙ୍ଗ ନୃତ୍ୟ ସଙ୍ଗୀତର କାର୍ଯ୍ୟକ୍ରମ ଦେଖିବାକୁ ହଜାର ହଜାର ଦର୍ଶକଙ୍କ ସମାଗମ ହୋଇଥିଲା। ଓଡ଼ିଶାର ଖ୍ୟାତନାମା କଣ୍ଠଶିଳ୍ପୀ ରାଜନନ୍ଦିନୀ ପଣ୍ଡା ସଙ୍ଗୀତ ପରିବେଷଣ କରି ଦେଖଣାହାରୀଙ୍କ ମନ ମୋହିଥିଲେ। ଶେଷରେ କଳାକାରଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ଦିବସ ସାଂସ୍କୃତିକ ସନ୍ଧ୍ୟାକୁ ବଣିକ ସଂଘ ସଭାପତି ସମୀର କୁମାର ସାହୁ ଉଦ୍‌ଘାଟନ କରିଥିଲେ। କମିଟିର ସମସ୍ତ କର୍ମକର୍ତ୍ତା ଏବଂ ପୋଲିସ ଶାନ୍ତିଶୃଙ୍ଖଳା ରକ୍ଷା କରିବାରେ ନିୟୋଜିତ ହୋଇଥିଲେ।



କଣ୍ଠଶିଳ୍ପୀ ରାଜନନ୍ଦିନୀ ସଙ୍ଗୀତ ପରିବେଷଣ କରୁଛନ୍ତି।

# ଆଣ୍ଟି ର୍‌ୟାଗିଂ କମିଟି ବୈଠକ




**ଢେଙ୍କାନାଳ ଅଫିସ, ୩।୧୧**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ପଞ୍ଚାୟତ ସମିତି (ଓପିଏସ୍) କଲେଜ ପରିସରରେ ଶନିବାର ଆଣ୍ଟି ର୍‌ୟାଗିଂ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଡ.ଶମ୍ଭୁ ପ୍ରସାଦ ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ ବୈଠକରେ ମୋଟଙ୍ଗା ଥାନାଧିକାରୀ ନମିତା ନାୟକ ଯୋଗଦେଇ କହିଲେ, ଜୀବନରେ ସଫଳତା ପାଇଁ ସାଧନା ଜରୁରୀ। ଛାତ୍ରୀଛାତ୍ରମାନେ ସାହସୀ ହେଲେ ଅନେକ ସମସ୍ୟାର ସମାଧାନ ହୋଇପାରିବ ବୋଲି ସେ ମତ ରଖିଥିଲେ। କଲେଜ ଅଧକ୍ଷ ପିଲାଙ୍କୁ ଶୃଙ୍ଖଳିତ ହେବାକୁ ଆହ୍ୱାନ ଦେଇଥିଲେ। ହିନ୍ଦୋଳ ରୋଡ୍ ଫାଣ୍ଡି ଅଧିକାରୀ ଅକ୍ଷୟ ଦାସ, ଅଧ୍ୟାପକ ବିଜୟ ସାହୁ, ଡ. ତପନ ପଣ୍ଡା, ତ୍ରିଲୋଚନ ସାହୁ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରାଇଥିଲେ। ଆଣ୍ଟି ର୍‌ୟାଗିଂ କମିଟି ଆବାହିକା ଡ. ମାନସୀ କର ନୈତିକ ଶିକ୍ଷା ମାଧ୍ୟମରେ ସମାଜକୁ ଶୃଙ୍ଖଳିତ କରିହେବ ବୋଲି ପରାମର୍ଶ ଦେଇଥିଲେ। ଦୀପକ ପଟ୍ଟନାୟକ, ଅଧ୍ୟାପକ ପ୍ରଣବ ହୋତାଙ୍କ ସମେତ ସମସ୍ତ କର୍ମଚାରୀ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ୧୪୩ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ

**ରାସୋଳ, ୩।୧୧(ଡି.ଏନ.ଏ.)**

ରାସୋଳ ପଞ୍ଚାୟତ ପର୍ଶୁରାମପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଦୁଇଦିନିଆ ବିଭାଗସ୍ତରୀୟ ଶିଶୁଭାରତୀ ପଦାଧିକାରୀ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଢେଙ୍କାନାଳ ବିଭାଗ ଅନ୍ତର୍ଗତ ୨୬ ଶିଶୁମନ୍ଦିରର ୧୪୩ ଜଣ ଛାତ୍ରୀଛାତ୍ର ଭାଗନେଇଥିଲେ। ବିଭାଗ ପ୍ରମୁଖ ଶଶିଭୂଷଣ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ମଧ ସମ୍ଭାଗ ସଂଯୋଜକ କିଶୋର ପଣ୍ଡା, ବିଭାଗ ନିରୀକ୍ଷକ ସୁଧୀର ନାୟକ ପିଲାମାନଙ୍କ ମାର୍ଗଦର୍ଶନ କରାଇଥିଲେ। ଏହି ଅବସରରେ ଶିଶୁଭାରତୀର ଦାୟିତ୍ୱ ଏବଂ କର୍ତ୍ତବ୍ୟ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଶିକ୍ଷାନୁଷ୍ଠାନ ସଭାପତି ରମେଶ ସାହୁ, ସୁଶୀଳ ପାଳ, ଯୁଗ୍ମ ସମ୍ପାଦକ ବିଜୟ କର, କୋଷାଧକ୍ଷ ସରୋଜ ସାହୁଙ୍କ ସମେତ ସମସ୍ତ ଗୁରୁମା ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଫୁଲ୍ଲ ଦେହୁରୀ ଧନ୍ୟବାଦ ଦେଇଥିଲେ।




ଶିବିରରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ।

## ■କୁନି ମ୍ୟାଜିସିଆନ ସାରା

# ଦର୍ଶକଙ୍କୁ କରୁଛନ୍ତି ମତୁଆଲା

**ଭୁବନ, ୩।୧୧(ଡି.ଏନ.ଏ.)**

ବୟସ ମାତ୍ର ୫। ଅଥଚ ଦର୍ଶକଙ୍କ ଆଖି ଆଗରେ ଇନ୍ଦ୍ରଜାଲ ସୃଷ୍ଟି କରିବାରେ ସେ ବେଶ୍ ପାରଙ୍ଗମ। ପିଲାମାନଙ୍କ ଖେଳିବୁଲିବା ବୟସରେ ମ୍ୟାଜିକ୍ ଭଳି ଜଟିଳ ବିଷୟକୁ ଅତି ସହଜରେ କରାୟତ୍ତ କରିଥିବା ଏହି କୁନି ଝିଅ ହେଲେ ଭୁବନ ଅଞ୍ଚଳର ସାରା ସାହୁ।

କୁହାଯାଏ କଳା ହେଉଛି ଈଶ୍ୱରପ୍ରଦତ୍ତ ପ୍ରତିଭା, ଯାହା ପ୍ରବାହିତ ହେଉଛି ସାରାଙ୍କ ରକ୍ତରେ। ସାରାଙ୍କ ବାପା ଶକ୍ତି ପ୍ରସାଦ ସାହୁ ପେସାରେ ଜଣେ ଇଞ୍ଜିନିୟର। ହେଲେ ରାଜ୍ୟର ପ୍ରତିଷ୍ଠିତ ମ୍ୟାଜିସିଆନ ଭାବେ ସେ ବେଶ୍ ପରିଚିତ। ଏଥିରେ ପିଲାଟି ଦିନରୁ ପ୍ରଭାବିତ ହୋଇଛନ୍ତି ସାରା। ପ୍ରାୟ ବର୍ଷେ ହେଲା ସେ ବାପାଙ୍କଠାରୁ ଶିଖୁଛନ୍ତି ମ୍ୟାଜିକ୍। ଗତ ଶନିବାର ଭୁବନ କାଳୀବଜାର ବଣିକ ସଂଘ ପକ୍ଷରୁ ଆୟୋଜିତ ୪୦ତମ ବାର୍ଷିକ ଉତ୍ସବକୁ ଆମନ୍ତ୍ରିତ ହୋଇ ଆସିଥିଲେ ସାରା। ଆଉ ଅତି ଚମତ୍କାର ଶୈଳୀରେ ତାଙ୍କ ହାତର କରିସ୍ମାରେ ସେ କରିଥିଲେ ଦର୍ଶକଙ୍କ ମନୋରଞ୍ଜନ। ସେ ତାସ୍, କୋଲଡ୍ରିଙ୍କସ୍‌କୁ ନେଇ ଅତି ସୁନ୍ଦର ଭାବେ ମ୍ୟାଜିକ୍ ଦେଖାଇଥିଲେ, ଯାହା ଦର୍ଶକଙ୍କ ବେଶ୍ କରତାଳି ସାଉଁଟିଥିଲା।

ସୂଚନାଯୋଗ୍ୟ, ସାରା ଭୁବନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରାରମ୍ଭ ଶ୍ରେଣୀର ଛାତ୍ରୀ। ବାପାଙ୍କଠାରୁ ଶିଖିଥିବା ମ୍ୟାଜିକ୍‌କୁ ସେ ପ୍ରଥମେ ସ୍କୁଲର ସହପାଠୀଙ୍କ ନିକଟରେ ପ୍ରଦର୍ଶନ କରି ଚର୍ଚ୍ଚାର ପରିସରକୁ ଆସିଥିଲେ। ତାଙ୍କର ଯାଦୁବିଦ୍ୟା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। କୁନି ବୟସରୁ ଏପରି ନିଆରା କଳାର ଅଧିକାରୀ ସାରା ବାପାଙ୍କ ପ୍ରେରଣାରେ ଅଞ୍ଚଳ ପାଇଁ ସୁନାମ ଆଣିବେ ବୋଲି ଅଞ୍ଚଳବାସୀ କହିଛନ୍ତି।



ସାରା ମ୍ୟାଜିକ୍ ପରିବେଷଣ କରୁଛନ୍ତି।

## ■ବୈଜ୍ଞାନିକ ଉପଦେଷ୍ଟାମଣ୍ଡଳୀ ବୈଠକ

# କ୍ଷେତ୍ର ବୁଲିଲେ ବିଶେଷଜ୍ଞ

**ଢେଙ୍କାନାଳ ଅଫିସ, ୩।୧୧**

ଢେଙ୍କାନାଳ ଜିଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଶୁକ୍ରବାର ବୈଜ୍ଞାନିକ ଉପଦେଷ୍ଟାମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୃଷି ବିଶେଷଜ୍ଞମାନେ ଚାଷର ଉନ୍ନତି ପାଇଁ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏଥିସହ କ୍ଷେତ୍ର ପରିଦର୍ଶନ କରି ଚାଷୀଙ୍କୁ ବିଭିନ୍ନ ବିଷୟରେ ପରାମର୍ଶ ଦେଇଥିଲେ।

କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ସମ୍ପ୍ରସାରଣ ଅଧକ୍ଷ ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ କଲିକତାସ୍ଥିତ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଆଞ୍ଚଳିକ ନିର୍ଦ୍ଦେଶାଳୟ ଜୋନ୍-୫ର ପ୍ରମୁଖ ବୈଜ୍ଞାନିକ ଡ. ପାର୍ଥପ୍ରତିମ୍ ପାଲ, ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ରର ପ୍ରମୁଖ ବୈଜ୍ଞାନିକ ଡ. ଗୋବିନ୍ଦ ଆଚାର୍ଯ୍ୟ, ଆଞ୍ଚଳିକ ଗବେଷଣା କେନ୍ଦ୍ରର ସହଯୋଗୀ ନିର୍ଦ୍ଦେଶକ ଡ. ଦେବବ୍ରତ ପାଣିଗ୍ରାହୀ, ଜିଲା କୃଷି ଉପନିର୍ଦ୍ଦେଶକ ଛବୀନ୍ଦ୍ର ବେହେରା, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଭଗବାନ ଦାସଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ବିମଳେନ୍ଦୁ ମହାନ୍ତି ୨୦୧୯-୨୦ ବର୍ଷରେ ରବି ଫସଲ ପାଇଁ ନିର୍ଦ୍ଧାରିତ କାର୍ଯ୍ୟ ବିବରଣୀ ପ୍ରଦାନ କରିଥିଲେ। ବୈଠକରେ ଉପସ୍ଥିତ ଚାଷୀମାନେ ସେମାନଙ୍କ ସମସ୍ୟା ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ। ଏହାପରେ ଅଧିକାରୀମାନେ କୃଷିବିଜ୍ଞାନ କେନ୍ଦ୍ର ପରିସରରେ ଥିବା ମାଛଚାଷ, ଯାଆଁଳ ଉତ୍ପାଦନ କେନ୍ଦ୍ର, ଫଳ ବଗିଚା, ଔଷଧୀୟ ବଗିଚା, କୁକୁଡା ଚାଷ, ବତକ ପାଳନ ୟୁନିଟ୍ ପରିଦର୍ଶନ କରିଥିଲେ। ଏଥିସହ କୃଷି ବିଜ୍ଞାନ କେନ୍ଦ୍ର ପରାମର୍ଶରେ ଉଦିତ କୁମାର ସିଂଙ୍କ ଦ୍ୱାରା କରାଯାଇଥିବା ସୁଗନ୍ଧିତ ଘାସ ୟୁନିଟ୍ ବୁଲି ଦେଖିଥିଲେ।




ବୈଠକରେ କୃଷି ବୈଜ୍ଞାନିକଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀମାନେ।

## OFFICE OF THE DISTRICT MANAGER ODISHA STATE CIVIL SUPPLIES CORPORATION LTD., KHORDHA

### Auction Sale of Mobile VAN

No. CAD-532: Sealed tenders are invited for auction sale of old Mobile Van bearing No. OR/02L/2549 of this organization. The up-set price of said vehicle is fixed to Rs. 1,40,000/- only. The last date of receipt of tender is dt. 15.11.19 upto 5.30 PM. The detail tender documents with terms & conditions of the tender shall be available in the District website i.e. www.khordha.nic.in or can be obtained from DM, OSCSC. Ltd., Khordha.

**Sd./- District Manager**
**OSCSC Ltd., Khordha**

07007/11/0003/1920



## OFFICE OF THE DIVISIONAL FOREST OFFICER, PURI WILDLIFE DIVISION

**CHAKRATIRTHA ROAD, PURI e-mail- dfopuri@gmail.com**
**Tele Phone / Fax - 06752-228281**
**Tender Notice No.5674, Date: 23.10.2019**

### TENDER CALL NOTICE

No.MM-85 :- Sealed tenders are invited in two Bid systems from established / reputed / registered / experienced and accredited manufacturers for supply of following item for use in Puri Wildlife Division, Puri.

| Item | Cost of tender paper | EMD to be deposited |
|---|---|---|
| 1 | 2 | 3 |
| HDPE Floating Jetty | Rs.1,000/- | Rs.70,000/- |

Non transferable tender documents for supply of the item stated above will be available and can be available and can be collected in person from the office of the Divisional Forest Officer, Puri Wildlife Division, Chakratirtha Road, Puri, Odisha on payment of tender document cost specified above. The tender document cost which is non-refundable, should be payable in shape of crossed Demand Draft drawn in favour of the "**Divisional Forest Officer, Puri Wildlife Division**" payable at Puri.

1. Tender papers / documents will be available for sale in the O/o the Divisional Forest Officer, Puri Wildlife Division, Chakratirtha Road, Puri, During office hours from the date of publication of Tender Notice.
2. Receiving of Tender Papers will be within 3 P.M. of Dt.08.11.2019
3. Tender opening time 4 P.M. of dt.08.11.2019

**Sd./- Divisional Forest Officer**
**Puri Wildlife Division, Puri**

08031/11/0002/1920



## ODISHA TOURISM DEVELOPMENT CORPORATION LIMITED

(A Government of Odisha Undertaking)
Panthanivas (Old Block), Lewis Road, Bhubaneswar – 751014

No. CAD-526

### QUOTATION CALL NOTICE

Sealed quotations are invited separately for different sections from registered Shopkeepers / Suppliers for supply of Groceries, Vegetables, Non- Veg. Items to the Panthanivases / Restaurants of OTDC inside the State for a period of one year w.e.f.1st day of signing of agreement. The detail information can be had from our website www. panthanivas.com. The last date of submitting quotation is by 2.00 P.M. on 14.11.2019.

**Sd./-MANAGING DIRECTOR**
**O.T.D.C. Ltd.**

37002/11/0013/1920



## ନୋଟିସ

F-61

ଠିକଣା:

Khwaja Rehmat Ali
At : 2RB – 16/3
Unit – VIII
Gopabandhu Nagar,
Bhubaneswar

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ ଆପଣ ବିନା ଛୁଟି ଦରଖାସ୍ତ ଓ ବିନା ଅନୁମତିରେ ସରକାରୀ କାର୍ଯ୍ୟରେ ଗତ ୩୧.୦୭.୨୦୧୯ ଠାରୁ ଅଦ୍ୟାବଧି ଅନୁପସ୍ଥିତ ରହିଅଛନ୍ତି । ଆପଣ ସରକାରୀ କାର୍ଯ୍ୟରେ ଯୋଗ ନଦେଇ କର୍ତ୍ତବ୍ୟରେ ଅବହେଳାପୂର୍ବକ କାର୍ଯ୍ୟ ସ୍ଥଳରେ ନିରବଛିନ ଭାବେ ଅନୁପସ୍ଥିତ ରହିଛନ୍ତି । ଆପଣଙ୍କୁ ବାରମ୍ବାର ନିର୍ଦ୍ଦେଶ ଦେବା ସତ୍ତ୍ୱେ ଆପଣ ସରକାରୀ କାର୍ଯ୍ୟରେ ଯୋଗ ଦେଉନାହାନ୍ତି କିମ୍ବା କୌଣସି ଉତ୍ତର ମଧ ରଖୁନାହାଁନ୍ତି । ଆପଣଙ୍କ ଏତାଦୃଶ ଅନୁପସ୍ଥିତି କାରଣରୁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଛି ଏବଂ ଯେଉଁ କାର୍ଯ୍ୟ ନିମନ୍ତେ ଆପଣଙ୍କୁ ନିଯୁକ୍ତି ପ୍ରଦାନ କରଯାଇଥିଲା ତାହାର ଉଦ୍ଦେଶ ସାଧିତ ହେଉନାହିଁ ।

ଏଣୁ ଆପଣଙ୍କୁ ଉକ୍ତ ନୋଟିସ ଜରିଆରେ ଜଣାଇ ଦିଆଯାଉଛି ଯେ ଏହି ସମ୍ବାଦ ପ୍ରକାଶନର ୧୫ (ପନ୍ଦର) ଦିନ ମଧରେ ଆପଣ ନିଜ ଅଫିସ କାର୍ଯ୍ୟରେ ଯୋଗଦାନ କରିବେ ଓ ପରବର୍ତ୍ତୀ ସମୟରେ ଅନୁପସ୍ଥିତିର କାରଣ ଆବଶ୍ୟକୀୟ / ଆନୁସଙ୍ଗିକ ଦସ୍ତାବିଜ ସହ ଉପସ୍ଥାପନ କରିବେ । ଉକ୍ତ ନିର୍ଦ୍ଧାରିତ ସମୟ ମଧରେ କାର୍ଯ୍ୟରେ ଯୋଗ ନଦେଲେ ଆପଣଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

- ସ୍ୱା -
(ବିରଞ୍ଚି ନାରାୟଣ ଦାଶ)
ଅନୁଶାସନ ସଚିବ
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

24001/11/0261/1920


# ପୁରୀରେ ଶ୍ରଦ୍ଧାଳୁଙ୍କ ଭିଡ଼: ପୋଲିସ ନାକେଦମ୍

ପୁରୀ ଅଫିସ, ୩।୧୧

ଧର୍ମ ମାସ କାର୍ତ୍ତିକ ସହ ରବିବାର ଥିବାରୁ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଶ୍ରୀକ୍ଷେତ୍ରକୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଆସିଥିଲେ। ସେହିପରି ଛୁଟିଦିନ ଥିବାରୁ ପର୍ଯ୍ୟଟକଙ୍କ ସଂଖ୍ୟା ବି କିଛି କମ୍ ନ ଥିଲା। ଫଳରେ ସହର ମଧରେ ଥିବା ଜଗନ୍ନାଥ ବଲ୍ଲଭ, ପୁରୁଣା ଜେଲ୍ ପରିସର ଆଦି କେତେକ ପାର୍କିଂ ଫୁଲ୍ ହୋଇଯିବା ପରେ ପୋଲିସ ସହର ଭିତରକୁ ଚାରିଚକିଆ ଯାନ ଆଉ ଛାଡି ନ ଥିଲା। ଫଳରେ ଯାତ୍ରୀ ଏବଂ ଶ୍ରଦ୍ଧାଳୁ ହଇରାଣ ହୋଇଥିଲେ। ପୋଲିସ ସେମାନଙ୍କୁ ସହର ବାହାରେ ବାଇପାସ୍ ରୋଡରେ ଛାଡିଥିଲା। ଏଥିପାଇଁ ଅନେକଙ୍କର ବିଳମ୍ବ ହେବାରୁ ସେମାନେ କ୍ଷୁବ୍ଧ ହୋଇଥିଲେ। ଅନ୍ୟପକ୍ଷରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ବି ପୋଲିସକୁ ନାକେଦମ୍ ହେବାକୁ ପଡିଥିଲା। ରବିବାର ଛୁଟିଦିନ ଥିବାରୁ ଠାକୁରଙ୍କୁ ଦର୍ଶନ ଏବଂ ପୁରୀ ବୁଲିବା ପାଇଁ ଅନେକ ଲୋକ ସପରିବାର ଆସିଥିଲେ। ସକାଳ ପ୍ରାୟ ସାଢେ ୯ଟା ସୁଦ୍ଧା ଜଗନ୍ନାଥବଲ୍ଲଭ ପାର୍କିଂ, ପୁରୁଣା ଜେଲ୍ ପରିସର ସମେତ ସହରର ଆଉ କେତେକ ପାର୍କିଂ ଫୁଲ୍ ହୋଇଯାଇଥିଲା। ଫଳରେ ଟ୍ରାଫିକ ନିୟନ୍ତ୍ରଣ ଅଣାୟତ୍ତ ହୋଇପଡିଥିଲା। ଟ୍ରାଫିକ ଆଇଆଇସି ଗୋକୁଳ ରଞ୍ଜନ ଦାଶ ଟିମ୍ ସହ ମାଳତୀପାଟପୁର ଛକରୁ ଚାରିଚକିଆ ଗାଡିଗୁଡ଼ିକୁ ପୁରୀ–କୋଣାର୍କ ମେରାଇନ ଡ୍ରାଇଭ ରୋଡକୁ ଡାଇଭର୍ଟ କରିଥିଲେ। କିନ୍ତୁ ଅନେକ ଲୋକ ବ୍ରହ୍ମଗିରି, ସାତପଡ଼ା, ବୀରହରେକୃଷ୍ଣପୁର ଯିବାକୁ କହିବାରୁ ପୁନଶ୍ଚ ବୀରହରେକୃଷ୍ଣପୁର ଛକରୁ ଗାଡିଗୁଡ଼ିକ ମଙ୍ଗଳାଘାଟକୁ ଛଡା ଯାଇଥିଲା। ମଧ୍ୟାହ୍ନ ପ୍ରାୟ ୧୨ଟା ବେଳକୁ ସହରର ପ୍ରାୟ ପ୍ରମୁଖ ରାସ୍ତା ପାର୍ଶ୍ୱରେ କାର ପାର୍କିଂ କରାଯାଇଥିବାରୁ ପୋଲିସ ମଙ୍ଗଳାଘାଟରୁ ଷ୍ଟର୍ଲିଂକୁ ଗାଡିଗୁଡିକ ଡାଇଭର୍ଟ କରିଥିଲା। ଫଳରେ ଲୋକମାନଙ୍କର ବିଳମ୍ବ ହେବାକୁ ଏହାକୁ ନେଇ ଅନେକେ ଅସନ୍ତୋଷ ବ୍ୟକ୍ତ କରିଥିଲେ।


idco — Your power to grow — ISO 9001 & 14001 Corporation | ODISHA NEW OPPORTUNITIES

CAD-530

## OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, JANPATH, BHUBANESWAR-751022

**Tender Call Notice No. H.O./P&C/EST/E-1243/02/2019/ 18619, Dt:- 31.10.2019**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the Work :- Construction of Internal Road & CD works at Kapileswarpur Industrial Estate, Khorda.
2. Estimated cost :- Rs. 103.07 Lakhs (Approx.).
3. Period of completion :- 03 (Three) Calendar Months.
4. Other details :

| Procurement Officer | Bid/ Tender reference No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Tender/ Bid reference No. PC/EST/ E-37/ 2019-20 | 06.11.2019 at 16.00 Hrs. | 22.11.2019 up to 17.00 Hrs. |

Further details can be seen from the e-Procurement Portal: **www.tendersodisha.gov.in** and Corrigendum if any will not be published in newspapers and can only be seen in the e-procurement portal **www.tenderodisha.gov.in** and **www.idco.in**.

**Sd./-**
**Chief General Manager (P&C) I/C, IDCO, Bhubaneswar**

14003/11/0004/1920



idco — Your power to grow — ISO 9001 & 14001 Corporation | ODISHA NEW OPPORTUNITIES

CAD-528

## OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, JANPATH, BHUBANESWAR-751022

**Tender Call Notice No. H.O./P&C/ EST/E-1243/03/2019/ 18562, Dt:- 30.10.2019**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the Work :- Construction of RCC/ SFRC Pre-cast compound wall at Kapileswarpur I.E., Khorda.
2. Estimated cost :- Rs. 87.19 Lakhs (Approx.).
3. Period of completion :- 03 (Three) Calendar Months.
4. Other details :

| Procurement Officer | Bid/ Tender reference No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Tender/ Bid reference No. PC/EST/ E-36/ 2019-20 | 05.11.2019 at 16.00 Hrs. | 21.11.2019 up to 17.00 Hrs. |

Further details can be seen from the e-Procurement Portal: **www.tendersodisha.gov.in** and Corrigendum if any will not be published in newspapers and can only be seen in the e-procurement portal **www.tenderodisha.gov.in** and **www.idco.in**.

**Sd./-**
**Chief General Manager (P&C) I/C, IDCO, Bhubaneswar**

14003/11/0002/1920


# ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

No.: II-57

## ଘୋଷଣା

**L.A. No.: ୭୫/୧୮– ଢେଙ୍କାନାଳ–୪୦୯୮/RRCS ତା୨୮।୦୮।୨୦୧୯**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ – ୨୦୧୩ (R.F.C.T.L.A.R&R Act - ୨୦୧୩)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା– କରଡ଼ାବଣି, ଥାନା– ଗନ୍ଦିଆ, ତହସିଲ– ଗନ୍ଦିଆ, ଜିଲ୍ଲା– ଢେଙ୍କାନାଳରେ ନିମ୍ନ ତଫସିଲମତେ ପ୍ରାୟ ଏ.୪୬.୬୭୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି। ଏହି ଭୂମି ଅଧିଗ୍ରହଣର ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ – ୨୦୧୩ (R.F.C.T.L.A.R.&R Act - ୨୦୧୩)ର ୧୧(୧) ଧାରା ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୫୯୧, ତା୦୬।୦୨।୨୦୧୯ରିଖରେ ପ୍ରକାଶିତ ହୋଇଅଛି। ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା– କରଡ଼ାବଣି, ଥାନା– ଗନ୍ଦିଆ, ତହସିଲ– ଗନ୍ଦିଆ, ଜିଲ୍ଲା– ଢେଙ୍କାନାଳ ନିମନ୍ତେ ବିସ୍ଥାପିତ ପରିବାର ଥିବାରୁ କମିଶନର ପୁନର୍ବାସ ଓ ଥଇଥାନ ଦ୍ୱାରା ଧାରା ୧୭(୧) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନାର ସାରମର୍ମ ଏଥିସହିତ ସଂଲଗ୍ନ କରାଗଲା।

କିମ୍ବା

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା– କରଡ଼ାବଣି, ଥାନା– ଗନ୍ଦିଆ, ତହସିଲ– ଗନ୍ଦିଆ, ଜିଲ୍ଲା– ଢେଙ୍କାନାଳରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ ଜିଲ୍ଲା ୱେବ୍‌ସାଇଟ୍‌ରେ ଓ ରାଜ୍ୟ ସରକାରଙ୍କ ୱେବସାଇଟରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ମଣ୍ଡଳ ଅଧିକାରୀ, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

### ତଫସିଲ – କ
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ଢେଙ୍କାନାଳ — ତହସିଲ: ଗନ୍ଦିଆ

| ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|
| କରଡ଼ାବଣି | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ୧୦୬.୨୭୦ | ୪୬.୬୭୦ | ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧରୁ ଏ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

| ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|
| ପ୍ରଯୁଜ୍ୟ ନୁହେଁ | | | | | | |

ଅଧିସୂଚନାର ବୈଧ ତାରିଖ ୧୯।୦୩।୨୦୧୯

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ

## ରେଙ୍ଗାଳି ଦକ୍ଷିଣ ପାର୍ଶ୍ୱ କେନାଲ

**ମୌଜା– କରଡ଼ାବଣି, ତହସିଲ– ଗଁଦିଆ, ନମ୍ବର – ୫୦୫, ଥାନା– ଗଁଦିଆ, ନମ୍ବର – ୧୮୩, ଜିଲ୍ଲା– ଢେଙ୍କାନାଳ,**


କେନାଲର ନାମ: (୧) ଦର୍ପଣ ଶାଖା କେନାଲର କ୍ରମିକ ଦୂରତା ୮୮୧୫୧ମି. ଠାରୁ ୯୦୩୪୧ମି. ପର୍ଯ୍ୟନ୍ତ।
(୨) ବାରମାଣ ଡିଷ୍ଟ୍ରିବ୍ୟୁଟାରୀ ଦୂରତା ୦ମି. ଠାରୁ ୧୨୦୧ମି. ପର୍ଯ୍ୟନ୍ତ।

| ଖତିୟାନର କ୍ରମିକ ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅର୍ଜିତ ରକବା | ରୟତଙ୍କ ନାମ ଏବଂ ପିତା/ସ୍ୱାମୀଙ୍କ ନାମ |
|---|---|---|---|---|
| ରୟତି ଜମି | | | | |
| ୨ | ୧୪୫୦ | ୧.୬୪୦ | ୦.୦୮୦ | ଅଗଣି ପ୍ରଧାନ, ପି.– ସାଗର ପ୍ରଧାନ |
| ୪ | ୧୬୧୪/୧୮୨୭ | ୦.୩୨୦ | ୦.୨୧୦ | ଅନାଦି ବାରିକ, ପି.– ଚିନ୍ତାମଣି ବାରିକ |
| ୯ | ୫୩୬ | ୦.୩୨୦ | ୦.୩୨୦ | ଆସେଲୀ ସ୍ୱାଇଁ, ପି.– ଦନେଇ ସ୍ୱାଇଁ ଓଗେର |
| ୧୧ | ୧୯୦ | ୦.୫୦୦ | ୦.୫୦୦ | ଉଦ୍ଧବ ଦେହୁରୀ, ପି.– ଚକ୍ର ଦେହୁରୀ ଓଗେର |
| | ୧୯୫ | ୧.୭୨୦ | ୦.୦୨୦ | |
| ୧୪ | ୧୦୧୫ | ୦.୨୧୦ | ୦.୨୧୦ | କପିଳ ଲେଙ୍କା, ପି.– ପରି ଲେଙ୍କା |
| | ୨୯୧ | ୦.୨୧୦ | ୦.୨୧୦ | |
| | ୫୨୪ | ୦.୫୩୦ | ୦.୩୩୦ | |
| | ୧୧୮୦ | ୦୫୫୦ | ୦.୪୦୦ | |
| | ୧୪୪୯ | ୧.୫୫୦ | ୧.୨୨୦ | |
| | ୧୪୬୪ | ୦.୬୨୦ | ୦.୦୫୦ | |
| ୧୬ | ୨୭୨/୧୬୨୭ | ୦.୧୦୦ | ୦.୧୦୦ | କରୁଣାକର ପୃଷ୍ଟି, ପି.– କାହ୍ନୁ ପୃଷ୍ଟି ଓଗେର |
| | ୧୯୨ | ୦.୧୬୦ | ୦.୦୧୦ | |
| | ୨୩୯ | ୦.୧୬୦ | ୦.୦୨୦ | |
| | ୨୪୦ | ୦.୧୮୦ | ୦.୦୬୦ | |
| ୧୯ | ୧୧୫୪ | ୦.୨୩୦ | ୦.୧୭୦ | କରୁଣାକର ପୃଷ୍ଟି, ପି.– କାହ୍ନୁ ପୃଷ୍ଟି ଓଗେର |
| | ୧୧୫୦ | ୦.୫୪୦ | ୦.୩୯୦ | |
| | ୨୬୨ | ୦.୨୨୦ | ୦.୧୬୦ | |
| | ୨୬୬ | ୦.୧୬୦ | ୦.୧୬୦ | |
| ୨୬ | ୧୩୮୯ | ୦.୭୭୦ | ୦.୨୭୦ | କୀର୍ତ୍ତନ ସ୍ୱାଇଁ, ପି.– ଭୋଳି ସ୍ୱାଇଁ ଓଗେର |
| ୨୭ | ୧୧୫୭ | ୦.୬୪୦ | ୦.୪୬୦ | କୀର୍ତ୍ତନ ସ୍ୱାଇଁ, ପି.– ଭୋଳେଶ୍ୱର ସ୍ୱାଇଁ ଓଗେର |
| | ୧୧୫୬ | ୦.୧୫୦ | ୦.୧୫୦ | |
| | ୧୧୫୫ | ୦.୧୬୦ | ୦.୧୬୦ | |
| | ୧୧୫୩ | ୦.୫୨୦ | ୦.୦୮୦ | |
| | ୨୫୦ | ୦.୧୭୦ | ୦.୦୨୦ | |
| | ୨୬୧ | ୦.୪୧୦ | ୦.୪୧୦ | |
| | ୨୬୫ | ୦.୧୯୦ | ୦.୧୯୦ | |
| | ୩୧୨ | ୦.୫୯୦ | ୦.୨୫୦ | |
| | ୧୩୭୦/୧୭୧୭ | ୧.୪୫୦ | ୦.୨୨୦ | |
| ୩୨ | ୨୯୩ | ୦.୨୦୦ | ୦.୧୭୦ | କୃତ୍ତିବାସ ଲେଙ୍କା, ପି.– ଦରି ଲେଙ୍କା |
| | ୪୨୬ | ୦.୩୨୦ | ୦.୩୨୦ | |
| ୩୯ | ୧୮୯ | ୦.୫୩୦ | ୦.୫୩୦ | ଗୁରୁବାରୀ ସାମଲ, ପି.– ଦାସ ସାମଲ ଓଗେର |
| ୪୫ | ୧୪୦୬ | ୧.୩୨୦ | ୦.୪୦୦ | ଗୋପାଳ ଚରଣ ପୃଷ୍ଟି, ପି.– କରୁଣାକର ପୃଷ୍ଟି ଓଗେର |
| ୪୬ | ୫୨୩ | ୦.୩୫୦ | ୦.୧୧୦ | ଗୋପାଳ ଚରଣ ପୃଷ୍ଟି, ପି.– କରୁଣାକର ପୃଷ୍ଟି ଓଗେର |
| | ୫୪୧ | ୦.୧୦୦ | ୦.୦୧୦ | |
| | ୫୪୩ | ୦.୩୪୦ | ୦.୦୩୦ | |
| ୪୭ | ୯୪୦ | ୦.୩୨୦ | ୦.୦୧୦ | ଗୋପାଳ ଚରଣ ପୃଷ୍ଟି, ପି.– କରୁଣାକର ପୃଷ୍ଟି ଓଗେର |
| | ୯୬୬ | ୦.୭୨୦ | ୦.୦୨୦ | |
| | ୨୫୭/୧୮୦୬ | ୦.୧୦୦ | ୦.୧୦୦ | |
| | ୪୧୫ | ୦.୧୧୦ | ୦.୦୨୦ | |
| ୫୦ | ୨୯୪ | ୦.୨୫୦ | ୦.୨୫୦ | ଚକ୍ରଧର ଲେଙ୍କା, ପି.– ଦରି ଲେଙ୍କା |
| ୫୬ | ୨୪୬ | ୨.୩୦୦ | ୦.୨୪୦ | ଚହନି ସାହୁ, ପି.– ମାନ ସାହୁ |
| | ୧୩୯୪ | ୦.୪୧୦ | ୦.୧୬୦ | |
| ୫୮ | ୨୯୨ | ୦.୩୭୦ | ୦.୩୭୦ | ଚୈତନ୍ୟ ଲେଙ୍କା, ପି.– ହରି ଲେଙ୍କା ଓଗେର |
| | ୨୯୫ | ୦.୦୮୦ | ୦.୦୧୦ | |
| | ୫୨୨ | ୦.୩୮୦ | ୦.୧୦୦ | |
| | ୫୪୦ | ୦.୧୨୦ | ୦.୦୭୦ | |
| ୬୧ | ୪୨୨ | ୦.୦୬୦ | ୦.୦୩୦ | ଚୈତନ୍ୟ ଲେଙ୍କା, ପି.– ହରି ଲେଙ୍କା ଓଗେର |
| | ୪୨୪ | ୦.୧୨୦ | ୦.୦୧୦ | |
| | ୫୩୯ | ୦.୧୦୦ | ୦.୧୦୦ | |
| ୬୨ | ୧୪୦୨ | ୦.୨୨୦ | ୦.୦୧୦ | ଚୈତନ୍ୟ ଲେଙ୍କା, ପି.– ହରି ଲେଙ୍କା ଓଗେର |
| ୬୪ | ୧୧୮୮ | ୦.୮୪୦ | ୦.୧୬୦ | ଚୈତନ୍ୟ ସାହୁ, ପି.– ସିନ୍ଧୁ ସାହୁ ଓଗେର |
| | ୧୧୮୯ | ୦.୧୫୦ | ୦.୦୧୦ | |
| ୬୯ | ୨୪୨ | ୦.୧୫୦ | ୦.୧୫୦ | ଯୁଧିଷ୍ଠିର ବେହେରା, ପି.– କାଶି ବେହେରା |
| ୭୦ | ୧୮୬/୧୮୯୬ | ୦.୫୧୦ | ୦.୦୧୦ | ଯୁଧିଷ୍ଠିର ବେହେରା, ପି.– କାଶି ବେହେରା ଓଗେର |
| ୭୪ | ୯୪୨ | ୦.୧୬୦ | ୦.୦୩୦ | ଦାମ ଜଟ, ପି.– ମଧୁ ଜଟ ଓଗେର |
| | ୫୨୫ | ୦.୨୩୦ | ୦.୨୩୦ | |
| | ୫୨୬ | ୦.୧୬୦ | ୦.୧୬୦ | |
| | ୧୩୬୬ | ୧.୨୫୦ | ୦.୨୫୦ | |
| | ୧୩୬୭ | ୧.୦୦୦ | ୦.୩୪୦ | |
| ୭୭ | ୨୬୭ | ୦.୧୦୦ | ୦.୧୦୦ | ଦାଶରଥି ପୃଷ୍ଟି, ପି.– କାହ୍ନୁ ପୃଷ୍ଟି |
| | ୨୭୦ | ୦.୨୧୦ | ୦.୦୨୦ | |
| | ୨୯୯/୧୮୧୫ | ୦.୩୦୦ | ୦.୩୦୦ | |
| | ୯୪୦/୧୮୭୦ | ୦.୨୬୦ | ୦.୦୧୦ | |
| ୭୯ | ୧୮୯/୧୬୯୭ | ୦.୪୦୦ | ୦.୪୦୦ | ଦିବାକର ନାଏକ, ପି.– ଗଣି ନାଏକ |
| ୮୪ | ୧୦୦୮ | ୦.୬୬୦ | ୦.୬୬୦ | ଦୈତାରୀ ବେହେରା, ପି.– କୁଞ୍ଜ ବେହେରା ଓଗେର |
| | ୧୪୧୬ | ୧.୪୨୦ | ୦.୫୨୦ | |
| | ୧୦୧୯/୨୭୧୪ | ୦.୧୦୦ | ୦.୧୦୦ | |
| ୮୯ | ୨୫୭ | ୦.୩୬୦ | ୦.୩୬୦ | ଧରଣୀଧର ପୃଷ୍ଟି, ପି.– କାହ୍ନୁ ପୃଷ୍ଟି |
| | ୨୯୯ | ୦.୨୬୦ | ୦.୧୨୦ | |
| | ୪୧୬ | ୦.୧୪୦ | ୦.୦୧୦ | |
| | ୪୧୭ | ୦.୦୮୦ | ୦.୦୮୦ | |
| ୯୪ | ୧୪୬୨ | ୦.୧୧୦ | ୦.୦୧୦ | ନାଥ ଓଝା, ପି.– କ୍ଷେତ୍ର ଓଝା |
| | ୧୪୬୭/୧୬୭୧ | ୦.୧୬୦ | ୦.୧୬୦ | |
| ୯୫ | ୨୫୮ | ୦.୧୮୦ | ୦.୦୧୦ | ନାଥ ପୃଷ୍ଟି, ପି.– ପୁନି ପୃଷ୍ଟି |
| | ୨୬୯ | ୦.୦୮୦ | ୦.୦୮୦ | |
| | ୪୨୦ | ୦.୪୩୦ | ୦.୩୮୦ | |
| ୯୭ | ୧୪୦୮ | ୦.୮୨୦ | ୦.୪୪୦ | ଶ୍ରୀ ଦଧିବାମନ ଜୀଉ ବିଜେ ନିଜଗାଁ ମାର୍ଫତ, ନାଥ ପୃଷ୍ଟି, ପି.– ପୁନି ପୃଷ୍ଟି ଓଗେର |
| ୧୦୦ | ୪୨୭ | ୦.୫୦୦ | ୦.୦୧୦ | ନାରାୟଣ ଲେଙ୍କା, ପି.– ମଣି ଲେଙ୍କା |
| ୧୦୧ | ୯୪୪ | ୦.୪୫୦ | ୦.୪୫୦ | ନାରାୟଣ ଜଟ, ପି.– ଚନ୍ଦ୍ର ଜଟ |
| | ୯୭୧ | ୦.୩୯୦ | ୦.୦୧୦ | |
| ୧୦୩ | ୧୪୧୫ | ୦.୫୫୦ | ୦.୩୩୦ | ନାରାୟଣ ପୃଷ୍ଟି, ପି.– କାହ୍ନୁ ପୃଷ୍ଟି ଓଗେର |
| ୧୦୫ | ୧୦୦୭ | ୦.୪୦୦ | ୦.୦୯୦ | ନିଧି ସ୍ୱାଇଁ, ପି.– ଗୋବିନ୍ଦ ସ୍ୱାଇଁ ଓଗେର |
| | ୧୦୦୬ | ୦.୨୧୦ | ୦.୦୯୦ | |
| | ୯୪୧ | ୦.୨୬୦ | ୦.୦୫୦ | |
| | ୨୪୮ | ୦.୬୧୦ | ୦.୦୪୦ | |
| | ୧୩୯୧ | ୧.୩୩୦ | ୦.୪୮୦ | |
| ୧୦୮ | ୧୫୭୪ | ୧.୫୩୦ | ୦.୩୩୦ | ନୀଳମଣି ମହାଳିକ, ପି.– ଭଗବାନ ମହାଳିକ ଓଗେର |
| | ୧୫୭୫ | ୦.୨୮୦ | ୦.୧୫୦ | |
| ୧୦୯ | ୨୬୮ | ୦.୧୨୦ | ୦.୧୨୦ | ନୃସିଂହ ଚରଣ ପୃଷ୍ଟି, ପି.– ମଧୁ ପୃଷ୍ଟି ଓଗେର |
| ୧୧୧ | ୯୬୭/୧୭୩୯ | ୦.୩୮୦ | ୦.୩୮୦ | ନୃସିଂହ ଚରଣ ପୃଷ୍ଟି, ପି.– ମଧୁ ପୃଷ୍ଟି ଓଗେର |
| | ୯୬୭ | ୦.୩୯୦ | ୦.୩୪୦ | |
| | ୧୪୧୧ | ୦.୬୭୦ | ୦.୫୭୦ | |
| | ୪୧୯ | ୦.୩୨୦ | ୦.୩୨୦ | |
| ୧୧୭ | ୫୨୭ | ୦.୪୬୦ | ୦.୪୬୦ | ପାଣ୍ଡୁ ସାହୁ, ପି.– ବୁରୁନ୍ଦୁ ସାହୁ ଓଗେର |
| | ୫୩୨ | ୦.୫୦୦ | ୦.୪୬୦ | |
| | ୧୪୦୯ | ୦.୬୫୦ | ୦.୫୦୦ | |
| ୧୧୯ | ୧୦୦୯ | ୦.୧୮୦ | ୦.୦୮୦ | ପାଣ୍ଡୁ ସାହୁ, ପି.– ବୁରୁନ୍ଦୁ ସାହୁ ଓଗେର |
| ୧୨୧ | ୧୧୮୧ | ୦.୯୬୦ | ୦.୭୮୦ | ପ୍ରାଣବନ୍ଧୁ ଲେଙ୍କା, ପି.– କପିଳ ଲେଙ୍କା ଓଗେର |
| ୧୨୫ | ୧୦୧୩ | ୦.୧୦୦ | ୦.୦୩୦ | ବଂଶୀ ବିନ୍ଧାଣୀ, ପି.– ଭଳି ବିନ୍ଧାଣୀ |
| | ୧୦୧୬ | ୦.୪୨୦ | ୦.୦୬୦ | |
| | ୧୪୨୦ | ୧.୦୦୦ | ୦.୪୦୦ | |
| | ୧୪୨୧ | ୦.୧୮୦ | ୦.୧୮୦ | |
| ୧୨୭ | ୧୩୯୫ | ୦.୩୨୦ | ୦.୦୬୦ | ବାଞ୍ଛା ଜଟ, ପି.– ହରି ଜଟ |
| | ୧୩୯୯ | ୦.୩୧୦ | ୦.୨୦୦ | |
| ୧୩୫ | ୧୧୭୮ | ୧.୩୦୦ | ୦.୦୫୦ | ବାବାଜୀ ପାଣ୍ଡବ, ପି.– ପାଣ୍ଡୁ ପାଣ୍ଡବ ଓଗେର |
| | ୧୪୨୨ | ୦.୭୧୦ | ୦.୪୬୦ | |
| ୧୪୪ | ୧୪୪୫/୧୮୬୫ | ୧.୫୭୦ | ୦.୦୧୦ | ବିନୋଦ ବିହାରୀ ଲେଙ୍କା, ପି.– ବ୍ରଜବନ୍ଧୁ ଲେଙ୍କା |
| ୧୫୦ | ୫୮୫ | ୦.୦୬୦ | ୦.୦୬୦ | ବୁଧିମନ୍ତ ମଲ୍ଲିକ, ପି.– ଶ୍ରୀଧର ମଲ୍ଲିକ ଓଗେର |
| ୧୫୧ | ୨୪୭ | ୧.୭୪୦ | ୧.୨୦୦ | ବୁଧିମନ୍ତ ମଲ୍ଲିକ, ପି.– ଶ୍ରୀଧର ମଲ୍ଲିକ ଓଗେର |
| ୧୫୩ | ୫୮୮ | ୨.୧୦୦ | ୦.୪୨୦ | ବୁଧିମନ୍ତ ମଲ୍ଲିକ, ପି.– ଶ୍ରୀଧର ମଲ୍ଲିକ ଓଗେର |
| | ୧୬୧୩ | ୧.୯୦୦ | ୧.୦୦୦ | |
| ୧୬୨ | ୧୦୧୯/୧୬୭୭ | ୦.୧୩୦ | ୦.୧୧୦ | ବୋଧି ପ୍ରଧାନ, ପି.– କାଳୀ ପ୍ରଧାନ |
| | ୧୦୧୭ | ୦.୩୨୦ | ୦.୨୯୦ | |
| ୧୭୦ | ୯୭୦ | ୦.୪୩୦ | ୦.୪୧୦ | ଭାବି ରାଉତ, ସ୍ୱା.– ପୂର୍ଣ୍ଣ ରାଉତ |
| ୧୭୪ | ୨୯୬ | ୦.୨୪୦ | ୦.୧୨୦ | ଭିକାରୀ ଲେଙ୍କା, ପି.– ବାସୁଦେବ ଲେଙ୍କା ଓଗେର |
| | ୪୨୫ | ୦.୨୨୦ | ୦.୨୨୦ | |
| ୧୭୮ | ୧୫୭୧ | ୨.୧୦୦ | ୦.୨୦୦ | ମହନ୍ତ ମହାଳିକ, ପି.– ମାଗୁଣି ମହାଳିକ ଓଗେର |
| | ୧୫୭୨ | ୧.୩୨୦ | ୦.୮୨୦ | |
| | ୧୫୭୩ | ୪.୬୩୦ | ୦.୯୦୦ | |
| ୧୮୦ | ୧୬୧୯/୨୮୨୮ | ୦.୬୨୦ | ୦.୧୦୦ | ମାଗି ମହାଳିକ, ସ୍ୱା.– ନୀଳମଣି ମହାଳିକ |
| ୧୮୨ | ୧୦୧୯ | ୨.୧୦୦ | ୦.୧୮୦ | ମାଟିଆ ମଳିକ, ପି.– ସେନେଇ ମଳିକ ଓଗେର |
| ୧୮୩ | ୧୪୪୭ | ୦.୮୦୦ | ୦.୪୮୦ | ମାଧବ ଲେଙ୍କା, ପି.– ମୁରଲୀ ଲେଙ୍କା ଓଗେର |
| | ୧୪୪୮ | ୦.୨୬୦ | ୦.୨୬୦ | |
| | ୧୪୪୮/୧୮୫୬ | ୦.୧୨୦ | ୦.୦୩୦ | |
| | ୧୪୪୭/୧୮୫୭ | ୦.୯୧୦ | ୦.୦୧୦ | |
| | ୧୪୫୧ | ୦.୨୪୫ | ୦.୧୫୦ | |
| | ୧୪୫୨ | ୦.୫୯୫ | ୦.୫୦୦ | |
| ୧୮୫ | ୪୧୮ | ୦.୩୭୦ | ୦.୩୦୦ | ମାଧବ ଲେଙ୍କା, ପି.– ମୁରଲୀ ଲେଙ୍କା ଓଗେର |
| | ୫୩୩ | ୦.୦୬୦ | ୦.୦୬୦ | |
| | ୫୩୩/୧୮୨୩ | ୦.୦୮୦ | ୦.୦୮୦ | |
| ୧୮୬ | ୧୪୧୨ | ୦.୧୨୦ | ୦.୦୪୦ | ମାଧବ ଲେଙ୍କା, ପି.– ମୁରଲୀ ଲେଙ୍କା ଓଗେର |
| | ୧୪୧୩ | ୦.୬୩୦ | ୦.୪୩୦ | |
| | ୧୪୧୪ | ୦.୧୨୦ | ୦.୧୨୦ | |
| | ୧୪୬୩ | ୦.୫୭୦ | ୦.୪୭୦ | |
| ୧୯୩ | ୯୬୮ | ୦.୩୬୦ | ୦.୨୭୦ | ରାମ ରାଉଳ, ପି.– ଈଶ୍ୱର ରାଉଳ ଓଗେର |
| | ୯୪୯ | ୧.୬୪୦ | ୦.୧୦୦ | |
| ୧୯୪ | ୧୧୮୭ | ୦.୯୦୦ | ୦.୫୦୦ | ରାମ ରାଉଳ, ପି.– ଈଶ୍ୱର ରାଉଳ ଓଗେର |
| ୧୯୫ | ୧୪୧୭ | ୦.୯୧୦ | ୦.୫୨୦ | ଶ୍ରୀ ଦଧିବାମନ ଜୀଉ ବିଜେ ନିଜଗାଁ ମାର୍ଫତ, ରାମ ରାଉଳ, ପି.– ଈଶ୍ୱର ରାଉଳ ଓଗେର |
| ୧୯୭ | ୧୬୧୪ | ୦.୯୦୦ | ୦.୨୮୦ | ଲାକ୍ଷ୍ମମାନ ପଲେଇ, ପି.– ଯାଦୁ ପଲେଇ |
| | ୧୬୨୦/୧୮୨୯ | ୦.୬୧୦ | ୦.୦୧୦ | |
| ୧୯୮ | ୫୩୭ | ୦.୩୬୦ | ୦.୩୬୦ | ଲସମିଧର ରାଉତ, ପି.– ମାଗୁଣି ରାଉତ |
| ୨୦୦ | ୨୫୫ | ୦.୩୪୦ | ୦.୧୮୦ | ସୌରୀ ରାଉତ, ପି.– ଯତନି ରାଉତ |
| | ୨୬୩ | ୦.୨୦୦ | ୦.୦୧୦ | |
| | ୨୬୪ | ୦.୨୯୦ | ୦.୨୯୦ | |
| | ୫୮୩ | ୪.୫୬୦ | ୧.୩୦୦ | |
| | ୧୩୯୭ | ୦.୭୮୦ | ୦.୪୩୦ | |
| | ୧୩୯୮ | ୦.୧୮୦ | ୦.୦୭୦ | |
| ୨୦୭ | ୨୯୦ | ୧.୦୪୦ | ୦.୭୨୦ | ଶତ୍ରୁଘ୍ନ ପୃଷ୍ଟି, ପି.– କରୁଣାକର ପୃଷ୍ଟି ଓଗେର |
| ୨୧୪ | ୯୬୪/୧୮୭୪ | ୦.୮୨୦ | ୦.୭୪୦ | ଶ୍ରୀଧର ପ୍ରଧାନ, ପି.– ବସନ୍ତ ପ୍ରଧାନ ଓଗେର |
| | ୨୭୨ | ୦.୧୧୦ | ୦.୦୨୦ | |
| ୨୨୦ | ୧୧୬୨ | ୧.୧୦୦ | ୦.୦୨୦ | ହାଡ଼ିବନ୍ଧୁ ଦାସ, ପି.– ରାମଚନ୍ଦ୍ର ଦାସ ଓଗେର |
| ୨୨୧ | ୯୬୯ | ୧.୧୧୦ | ୦.୯୦୦ | ହୃଦାନନ୍ଦ ଜଟ, ପି.– ଧନୀ ଜଟ ଓଗେର |
| ୨୨୪ | ୨୫୬ | ୦.୫୦୦ | ୦.୩୦୦ | ହୃଷିକେଶ ପୃଷ୍ଟି, ପି.– ମଧୁ ପୃଷ୍ଟି ଓଗେର |
| | ୨୭୧ | ୦.୨୧୦ | ୦.୧୦୦ | |
| | ୨୮୮ | ୦.୮୦୦ | ୦.୦୩୦ | |
| | ୪୨୧ | ୦.୩୯୦ | ୦.୨୭୦ | |
| ୨୨୪/୨ | ୧୯୧ | ୦.୧୬୦ | ୦.୧୬୦ | କୋକିଳ ବେହେରା, ସ୍ୱା.– ଯୁଧିଷ୍ଠିର ବେହେରା |
| | ୧୯୪ | ୦.୮୬୦ | ୦.୮୦୦ | |
| ୨୨୪/୩ | ୨୮୯ | ୦.୧୧୦ | ୦.୦୧୦ | ବୈରାଗୀ ଚରଣ ପୃଷ୍ଟି, ପି.– ନୃସିଂହ ପୃଷ୍ଟି |
| ୨୧୪/୧୫ | ୧୦୧୪ | ୦.୨୦୦ | ୦.୧୪୦ | ଆକୁଳ ଜଟ, ପି.– କୁଶ ଜଟ |
| ୨୨୪/୩୧ | ୧୧୮୨ | ୦.୪୧୦ | ୦.୪୧୦ | ଗୋପୀ ପଧାନ, ପି.– କ୍ଷେତ୍ର ପଧାନ |
| | ୧୧୮୩ | ୦.୮୮୦ | ୦.୭୪୦ | |
| | ୧୧୮୦/୧୬୪୩ | ୦.୧୮୦ | ୦.୦୧୦ | |
| ୨୨୪/୩୬ | ୧୮୮/୧୯୩୧ | ୦.୬୯୦ | ୦.୬୯୦ | ବିଦ୍ୟାଧର ପାତ୍ର, ପି.– ବାଞ୍ଛା ପାତ୍ର ଓଗେର |
| ୨୨୪/୪୭ | ୫୨୧ | ୦.୫୨୦ | ୦.୧୦୦ | ପ୍ରଫୁଲ୍ଲ କୁମାର ରାଉତ, ପି.– ସୌରୀ ରାଉତ |
| ୨୨୪/୮୬ | ୧୩୯୫/୨୦୨୭ | ୦.୧୬୦ | ୦.୧୬୦ | ଲକ୍ଷ୍ମୀଧର ସାହୁ, ପି.– ପ୍ରାଣବନ୍ଧୁ ସାହୁ ଓଗେର |
| ୨୨୪/୧୧୪ | ୧୦୦୩ | ୦.୬୨୦ | ୦.୪୮୦ | ସୁଲଭ ସେଠୀ, ପି.– ଶଙ୍କର ସେଠୀ |
| ୨୨୪/୧୧୮ | ୨୯୮ | ୧.୪୦୦ | ୦.୭୦୦ | ଭାରତ ଚନ୍ଦ୍ର ପୃଷ୍ଟି, ପି.– ମାନଗୋବିନ୍ଦ ପୃଷ୍ଟି ଓଗେର |
| ୨୨୪/୧୪୨୦ | ୧୩୫୮/୨୦୪୬ | ୦.୫୨୦ | ୦.୦୪୦ | ସୁକାନ୍ତ ପ୍ରଧାନ, ପି.– ଗୋପୀ ପ୍ରଧାନ |
| ୨୨୪/୧୩୪ | ୧୧୪୯ | ୦.୫୧୦ | ୦.୦୧୦ | ଅନ୍ତର୍ଯ୍ୟାମୀ ସେଠୀ, ପି.– ଶଙ୍କର ସେଠୀ |
| ୨୨୪/୧୩୬ | ୧୩୬୧/୨୦୫୬ | ୦.୮୦୦ | ୦.୧୧୦ | ଶରତ ଚନ୍ଦ୍ର ସାହୁ, ପି.– କୈଳାଶ ଚନ୍ଦ୍ର ସାହୁ |
| ୨୨୪/୧୪୫ | ୧୩୬୨/୨୦୬୪ | ୦.୬୦୦ | ୦.୧୬୦ | ବଟକୃଷ୍ଣ ଲେଙ୍କା, ପି.– ବିଶ୍ୱମ୍ବର ଲେଙ୍କା |
| ୨୨୪/୧୪୮ | ୧୪୦୭ | ୦.୪୯୦ | ୦.୨୦୦ | ଅଶୋକ କୁମାର ଲେଙ୍କା, ପି.– କେଶବ ଚନ୍ଦ୍ର ଲେଙ୍କା ଓଗେର |
| ୨୨୪/୧୪୯ | ୯୯୩ | ୦.୪୯୦ | ୦.୦୨୦ | ଦଶରା ଜଟ, ପି.– ଯୁଧିଷ୍ଟି ଜଟ |
| | ୯୪୩ | ୦.୧୮୦ | ୦.୧୦୦ | |
| ୨୨୪/୧୫୨ | ୧୪୫୨/୨୦୭୧ | ୦.୪୬୦ | ୦.୦୧୦ | କେଶବ ଚନ୍ଦ୍ର ଲେଙ୍କା, ପି.– ନାରାୟଣ ଲେଙ୍କା |
| ୨୨୪/୧୬୦ | ୨୫୯ | ୦.୧୪୦ | ୦.୦୫୦ | ଯୁଗଳ ପରିଡ଼ା, ପି.– ଭୀମ ପରିଡ଼ା |
| | ୨୬୦ | ୦.୩୪୦ | ୦.୩୪୦ | |
| ୧/୨୨୪/୨୭ | ୧୪୧୦/୧୯୩୬ | ୦.୯୬୦ | ୦.୬୪୦ | ସନାତନ ପଧାନ, ପି.– ଧାଡ଼ି ପଧାନ |
| | ୯୬୪/୧୯୩୩ | ୦.୫୧୦ | ୦.୦୨୦ | |
| ୧–୨୨୪/୨୮ | ୯୬୪ | ୦.୭୫୦ | ୦.୭୫୦ | ବୋଧି ପଧାନ, ପି.– କାଳିଆ ପଧାନ |
| | ୯୬୩ | ୦.୧୯୦ | ୦.୧୯୦ | |
| | ୧୪୧୦ | ୦.୮୮୦ | ୦.୭୫୦ | |
| | | ୧୦୬.୨୭୦ | ୪୬.୬୭୦ | |

24034/14/0061/1920

## ଟାଇପ-୧ ଡାଇବେଟିସ୍ ପାଇଁ ରୋଟାଭାଇରସ ଇନ୍ଫେକ୍ଶନ ଦାୟୀ

ଡାଇବେଟିସ୍ ଏବେ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ପାଲଟିଗଲାଣି । ଆମ ଦେଶରେ ଏହି ରୋଗୀଙ୍କ ସଂଖ୍ୟା ଏପରି ବଢ଼ି ଚାଲିଛି ଯେ, ଭାରତକୁ 'ଡାଇବେଟିସ୍‌ର ରାଜଧାନୀ' (କ୍ୟାପିଟାଲ ଅଫ୍ ଡାଇବେଟିସ୍) ଭାବରେ ଅଭିହିତ କରାଯାଉଛି । ସାଧାରଣତଃ ଡାଇବେଟିସ୍ ଦୁଇ ପ୍ରକାର : ଟାଇପ-୧, ଟାଇପ-୨ । ନିକଟରେ ଅଷ୍ଟ୍ରେଲିଆସ୍ଥିତ ମେଲ୍‌ବୋର୍ନ ୟୁନିଭର୍ସିଟିର ବିଶେଷଜ୍ଞଙ୍କ ଦ୍ୱାରା ହୋଇଥିବା ସର୍ଭେରୁ ଜଣାପଡ଼ିଛି ଯେ, ରୋଟାଭାଇରସ ଇନ୍ଫେକ୍ଶନ ମଧ୍ୟ ଟାଇପ-୧ ଡାଇବେଟିସ୍ ପାଇଁ ଦାୟୀ । ଏପରି ଇନ୍ଫେକ୍ଶନକୁ କମାଇବା ପାଇଁ ଟିକାକରଣ ବ୍ୟବସ୍ଥା ରହିବା ଦ୍ୱାରା ଏପରି ଆଶଙ୍କା କେତେକାଂଶରେ କମ୍ ରହିଛି ବୋଲି ସେମାନେ ପ୍ରକାଶ କରିଛନ୍ତି । ସେମାନେ କେତେଜଣ ଟାଇପ-୧ ଡାଇବେଟିସ୍ ରୋଗୀଙ୍କ ଉପରେ ତର୍ଜମା କରିବା ସମୟରେ ଏପରି ତଥ୍ୟ ଜଣାପଡ଼ିଥିଲା ।





## ବୁଦ୍ଧିମତ୍ତା ବଢ଼ାଏ ଯୋଗ

ନିୟମିତ ଯୋଗ କରିବା ଦ୍ୱାରା କି ଉପକାର ମିଳେ ତାହା କେବଳ ଅନୁଭବୀ ହିଁ ଜାଣେ । ତେଣୁ ଆଜିକାଲି ଅନେକେ ଏହାକୁ ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରିଛନ୍ତି । ଯୋଗ କରିବା ଫଳରେ ଆମର ଯେଉଁ ଉପକାର ହୋଇଥାଏ ସେହି ତାଲିକାରେ ନିକଟରେ ଆଉ ଏକ କଥାକୁ ସାମିଲ କରାଯାଇଛି । ତାହା ହେଲା ବୁଦ୍ଧିମତ୍ତା । ଅର୍ଥାତ୍, ପ୍ରତିଦିନ ଯୋଗ କରିବା ଦ୍ୱାରା ବୁଦ୍ଧିମତ୍ତାର ବିକାଶ ଘଟିଥାଏ । 'ବୁଦ୍ଧିମତ୍ତା ଓ ଯୋଗ' ଶୀର୍ଷକ ବିଷୟକୁ ନେଇ ଲଣ୍ଡନ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ ନିକଟରେ ଏକ ସର୍ଭେ କରିଥିଲେ । ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କର ବୁଦ୍ଧିମତ୍ତାକୁ ଯୋଗ କରୁ ନ ଥିବା ବ୍ୟକ୍ତିଙ୍କର ବୁଦ୍ଧିମତ୍ତା ସହ ତୁଳନା କରାଯାଇଥିଲା । ଆଶ୍ଚର୍ଯ୍ୟଜନକ ଭାବରେ ନିୟମିତ ଯୋଗ କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଙ୍କର ବୁଦ୍ଧିମତ୍ତା ଯୋଗ କରୁ ନ ଥିବା ବ୍ୟକ୍ତିଙ୍କଠାରୁ ପ୍ରଖର ଥିବାର ଜଣାପଡ଼ିଥିଲା । ତେବେ ଯୋଗ କରିବା ପୂର୍ବରୁ ପରିବେଶ ଏବଂ ନିଜର ସ୍ୱାସ୍ଥ୍ୟ ପ୍ରତି ନଜର ଦେବାକୁ ସେମାନେ ପରାମର୍ଶ ଦେଇଛନ୍ତି ।


## ନିଃସଙ୍ଗତାର ସାଥୀ ରୋବୋ

ଆଜିକାଲି ରୋବୋକୁ ବିଭିନ୍ନ କାମରେ ନିୟୋଜିତ କରା ଯାଉଛି । ଏପରି କି ଚିକିତ୍ସା ବିଜ୍ଞାନରେ ବିଭିନ୍ନ ଜଟିଳ ଅପରେଶନରେ ଏହା ଡାକ୍ତରମାନଙ୍କୁ ସାହାଯ୍ୟ କରିବାର ଉଦାହରଣ ମଧ୍ୟ ରହିଛି । ନିକଟରେ ଜାପାନର ବୈଜ୍ଞାନିକମାନେ ଏପରି ଏକ ରୋବୋ ପ୍ରସ୍ତୁତ କରିଛନ୍ତି ଯାହା ନିଃସଙ୍ଗତା ଦୂରକରିପାରିବ । ଏହାର ସହାୟତା ନେଇ ଜଣେ ମନପସନ୍ଦର ଗୀତ ମଧ୍ୟ ଶୁଣିପାରିବ । ଏପରି କି ମନର କ୍ଳାନ୍ତି ଦୂରକରିବା ପାଇଁ ଉକ୍ତ ହାଇଟେକ୍ ରୋବୋ ସହ ବାର୍ତ୍ତାଳାପ କରିପାରିବ । ସମ୍ପୃକ୍ତ ବ୍ୟକ୍ତିର ମନୋଭାବକୁ ଭଲ ଭାବରେ ଅନୁଧ୍ୟାନ କରିବା ପରେ ତାହାର କିପରି ସମାଧାନ କରାଯାଇପାରିବ ସେ ନେଇ ଟିପ୍ସ ମଧ୍ୟ ଦେଇପାରିବ । ତେବେ ପରୀକ୍ଷାମୂଳକ ଭାବରେ ଏଥିରୁ ସଫଳତା ମିଳିଥିଲେ ମଧ୍ୟ ବଜାରରେ ଉପଲବ୍ଧ ହେବାକୁ ଆଉ କିଛି ସମୟ ଲାଗିବ ବୋଲି ପ୍ରସ୍ତୁତକର୍ତ୍ତା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି ।




## କେଶରୁ ଜାଣିହେବ ସ୍କିଜୋଫ୍ରେନିଆ ଲକ୍ଷଣ

ସ୍କିଜୋଫ୍ରେନିଆ ହେଉଛି ଏକ ମସ୍ତିଷ୍କଜନିତ ରୋଗ । ଏପରି ରୋଗ ଦ୍ୱାରା ଆକ୍ରାନ୍ତ ହେଲେ ସ୍ମରଣଶକ୍ତି ପ୍ରଭାବିତ ହୋଇଥାଏ । ମସ୍ତିଷ୍କରେ ହାଇଡ୍ରୋଜେନ ସଲ୍‌ଫାଇଡ୍ ଅଧିକ କ୍ଷରଣ ହେଲେ ଏହି ରୋଗର ଆଶଙ୍କା ଅଧିକ ରହିଥାଏ । ଆମେରିକାସ୍ଥିତ ଇଏବିଓ ମଲିକୁଲାର ମେଡିସିନ ସଂସ୍ଥା ଦ୍ୱାରା ଏ ନେଇ ଏକ ଗବେଷଣା କରାଯାଇଥିଲା । ଏହି ଗବେଷଣା ସମୟରେ ସେମାନେ ଏକ ଏନ୍‌ଜାଇମକୁ ଠାବକରିବାରେ ସକ୍ଷମ ହୋଇଥିଲେ । ଉକ୍ତ ଏନ୍‌ଜାଇମ୍ ମସ୍ତିଷ୍କରେ ହାଇଡ୍ରୋଜେନ ସଲ୍‌ଫାଇଡ୍ ଅଧିକ କ୍ଷରଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ତେବେ କେଶକୁ ଅନୁଧ୍ୟାନକରି ଏପରି ଏନ୍‌ଜାଇମକୁ ସେମାନେ ଖୋଜି ପାଇଥିଲେ । ଏହାଦ୍ୱାରା ହାଇଡ୍ରୋଜେନ ସଲ୍‌ଫାଇଡ୍ ଅଧିକ କ୍ଷରଣକୁ ସହଜରେ ରୋକାଯାଇପାରିବ ଏବଂ ସ୍କିଜୋଫେନିଆ ମୃତ୍ୟୁହାରକୁ ମଧ୍ୟ କେତେକାଂଶରେ ନିୟନ୍ତ୍ରିତ କରାଯାଇପାରିବ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।



## ଲିଭର ରୋଗ ଚିହ୍ନଟ ହେବାର ନୂଆ ଉପାୟ

ଲିଭର ରୋଗକୁ ଚିହ୍ନଟ କରିବାର ଏକ ନୂଆ ଉପାୟ ନିକଟରେ ଉଦ୍ଭାବିତ ହୋଇଛି । ଏ କ୍ଷେତ୍ରରେ ସଫଳତା ଅର୍ଜନ କରିଛନ୍ତି ଆମେରିକାସ୍ଥିତ ଜର୍ଜିଆ ୟୁନିଭର୍ସିଟିର ବିଶେଷଜ୍ଞମାନେ । ଉକ୍ତ ୟୁନିଭର୍ସିଟିର ପ୍ରଫେସର ୟାଙ୍ଗ୍‌ଙ୍କ ନେତୃତ୍ୱରେ ଏକ ବିଶେଷଜ୍ଞ ଗ୍ରୁପ୍ ଏ ନେଇ ଗବେଷଣା କରିଥିଲେ । ବର୍ତ୍ତମାନ ଆମେରିକାରେ ନୋନାଲକୋହୋଲିକ ଫ୍ୟାଟି ଲିଭର ରୋଗ ନିଜର କାୟାବିସ୍ତାର କରିଚାଲିଛି । ଏହି ରୋଗକୁ ସହଜରେ ଚିହ୍ନଟ କରିବାର ଏକ ଉପାୟ ସେମାନେ ଖୋଜିପାଇଛନ୍ତି । ପ୍ରଥମେ ଏକ ମୂଷାର ଟିସୁକୁ ପରୀକ୍ଷାକରି ସେମାନେ ସଫଳ ହୋଇଥିଲେ । ମନୁଷ୍ୟମାନଙ୍କ କ୍ଷେତ୍ରରେ ଏପରି ପ୍ରଣାଳୀ ମଧ୍ୟ ସଫଳ ହେବ ବୋଲି ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି ପ୍ରଫେସର ୟାଙ୍ଗ୍ ।



## ନୋବେଲ ପୁରସ୍କାର ରସାୟନ ବିଜ୍ଞାନ -୨୦୧୯



ପ୍ର. ରମେଶ ଚନ୍ଦ୍ର ପରିଡ଼ା


"ଏବେ ଆମେ ବ୍ୟବହାର କରୁଥିବା ଅସଂଖ୍ୟ ସ୍ମାର୍ଟଫୋନ୍, ଲ୍ୟାପ୍‌ଟପ୍ ତଥା ଅନ୍ୟାନ୍ୟ ବହନୀୟ ଇଲେକ୍‌ଟ୍ରୋନିକ୍ ଯନ୍ତ୍ରପାତି ଏବଂ ରାଜମାର୍ଗରେ ଗଡ଼ିବାକୁ ଆରମ୍ଭ କରିଥିବା ନୂତନ ପିଢ଼ିର ଯାନବାହନ ଯେଉଁ ପୁନଃ ଚାର୍ଜକ୍ଷମ ବ୍ୟାଟେରି ଦ୍ୱାରା ଚାଳିତ ତାହା ହେଲା ଲିଥିୟମ୍ ଆୟନ୍ ବ୍ୟାଟେରି । ସାମରିକ ଏବଂ ବିମାନ ଚାଳନା କ୍ଷେତ୍ରରେ ମଧ୍ୟ ଏହାର ବ୍ୟବହାର ବ୍ୟାପକ ହେବାରେ ଲାଗିଛି। ଏହି ଅତ୍ୟାବଶ୍ୟକ ତଥା ସୁଦୂରପ୍ରସାରୀ ଭବିଷ୍ୟତ ସମ୍ପନ୍ନ ବ୍ୟବସ୍ଥାଟିର ଉଦ୍ଭାବନ ତଥା ବିବିଧ କ୍ଷେତ୍ରରେ ତାହାର ବ୍ୟବହାର ପାଇଁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛନ୍ତି ଆମେରିକାର ଜନ୍ ବି.ଗୁଡ୍‌ଏନ୍‌ଫ୍ ଏବଂ ଏମ୍.ଷ୍ଟାନ୍‌ଲୀ ଉଇଟିଂହାମ୍ ଓ ଜାପାନର ଅକିରା ୟୋସିନୋ । ଦ୍ରୁତ କ୍ଷୟପ୍ରାପ୍ତ ସଂସାଧନ ଜୀବାଶ୍ମ ଇନ୍ଧନର ବିକଳ୍ପ ରୂପେ ଉଭାହେବା ସହ ବାୟୁ ପ୍ରଦୂଷଣ ହ୍ରାସ କରିବା ଦିଗରେ ଏହାର ଭୂମିକାର ଗୁରୁତ୍ୱ କଥା ବିଚାରକୁ ନେଇ ସେମାନଙ୍କୁ ପ୍ରଦାନ କରାଯାଇଛି ଚଳିତ ବର୍ଷର ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର। "



ଜନ୍ ବି.ଗୁଡ୍‌ଏନଫ୍



ଏମ୍.ଷ୍ଟାନ୍‌ଲୀ ଉଇଟିଂହାମ୍



ଅକିରା ୟୋସିନୋ

## ସମାଜକୁ ଜୀବାଶ୍ମ ଇନ୍ଧନ ମୁକ୍ତ କରିବା ବ୍ୟାଟେରି

ଏବେ ଆମେ ବ୍ୟବହାର କରୁଥିବା ଅସଂଖ୍ୟ ସ୍ମାର୍ଟଫୋନ୍, ଲ୍ୟାପ୍‌ଟପ୍ ତଥା ଅନ୍ୟାନ୍ୟ ବହନୀୟ ଇଲେକ୍‌ଟ୍ରୋନିକ୍ ଯନ୍ତ୍ରପାତି ଏବଂ ରାଜମାର୍ଗରେ ଗଡ଼ିବାକୁ ଆରମ୍ଭ କରିଥିବା ନୂତନ ପିଢ଼ିର ଯାନବାହନ ଯେଉଁ ପୁନଃ ଚାର୍ଜକ୍ଷମ ବ୍ୟାଟେରି ଦ୍ୱାରା ଚାଳିତ ତାହା ହେଲା ଲିଥିୟମ୍ ଆୟନ୍ ବ୍ୟାଟେରି । ସାମରିକ ଏବଂ ବିମାନ ଚାଳନା କ୍ଷେତ୍ରରେ ମଧ୍ୟ ଏହାର ବ୍ୟବହାର ବ୍ୟାପକ ହେବାରେ ଲାଗିଛି । ଏହି ଅତ୍ୟାବଶ୍ୟକ ତଥା ସୁଦୂରପ୍ରସାରୀ ଭବିଷ୍ୟତ ସମ୍ପନ୍ନ ବ୍ୟବସ୍ଥାଟିର ଉଦ୍ଭାବନ ତଥା ବିବିଧ କ୍ଷେତ୍ରରେ ତାହାର ବ୍ୟବହାର ପାଇଁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛନ୍ତି ଆମେରିକାର ଜନ୍ ବି.ଗୁଡ୍‌ଏନ୍‌ଫ୍ ଏବଂ ଏମ୍.ଷ୍ଟାନ୍‌ଲୀ ଉଇଟିଂହାମ୍ ଓ ଜାପାନର ଅକିରା ୟୋସିନୋ । ଦ୍ରୁତ କ୍ଷୟପ୍ରାପ୍ତ ସଂସାଧନ ଜୀବାଶ୍ମ ଇନ୍ଧନର ବିକଳ୍ପ ରୂପେ ଉଭାହେବା ସହ ବାୟୁ ପ୍ରଦୂଷଣ ହ୍ରାସ କରିବା ଦିଗରେ ଏହାର ଭୂମିକାର ଗୁରୁତ୍ୱ କଥା ବିଚାରକୁ ନେଇ ସେମାନଙ୍କୁ ପ୍ରଦାନ କରାଯାଇଛି ଚଳିତବର୍ଷର ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ।

ଜର୍ମାନୀର ଜେନାଠାରେ ୧୯୨୨ ମସିହାରେ ଜନ୍ମଲାଭ କରିଥିଲେ ଗୁଡ୍‌ଏନଫ୍ । ସେ ଶିକାଗୋ ବିଶ୍ୱବିଦ୍ୟାଳୟରୁ ୧୯୫୨ ମସିହାରେ ପିଏଚ୍.ଡି. ପ୍ରାପ୍ତ ହୋଇଥିଲେ ଏବଂ ଏବେ ଟେକ୍ସାସ୍ ବିଶ୍ୱବିଦ୍ୟାଳୟର ଇଞ୍ଜିନିୟରିଂ ବିଭାଗରେ ଥିବା ଏଚ୍.କୋକ୍ରେଲ୍ ଚେୟାରରେ ପ୍ରଫେସର ରୂପେ ଅଧିଷ୍ଠିତ । ନୋବେଲ ପୁରସ୍କାର ଇତିହାସରେ ଏହା ଲାଭ କରିବାରେ ସେ ହେଉଛନ୍ତି ସବୁଠାରୁ ବୟସ୍କ ବ୍ୟକ୍ତି । ସେହିପରି ଇଂଲଣ୍ଡରେ ୧୯୪୧ ମସିହାରେ ଜନ୍ମିତ ଉଇଟିଂହାମ୍ ୧୯୬୮ ମସିହାରେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି. ଲାଭ କରିଥିଲେ । ବର୍ତ୍ତମାନ ସେ ବିଂହାମନ୍ ବିଶ୍ୱବିଦ୍ୟାଳୟ ଏବଂ ନ୍ୟୁୟର୍କ ଷ୍ଟେଟ୍ ବିଶ୍ୱବିଦ୍ୟାଳୟରେ ପ୍ରଫେସର ରୂପେ କାର୍ଯ୍ୟରତ । ଅନ୍ୟପକ୍ଷରେ ୟୋସିନୋଙ୍କ ଜନ୍ମ ହୋଇଥିଲା ଜାପାନର ସୁଇଟାଠାରେ ୧୯୪୮ ମସିହାରେ । ତାଙ୍କୁ ୨୦୦୫ ମସିହାରେ ଓସାକା ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି. ମିଳିଲା ପରେ ସେ ଟୋକିଓସ୍ଥିତ ଆଶି କାସେଇ କର୍ପୋରେଶନର ଫେଲୋ ଏବଂ ନାଗୋୟା (ଜାପାନ)ସ୍ଥିତ ମେଇଜୋ ବିଶ୍ୱବିଦ୍ୟାଳୟଠାରେ ପ୍ରଫେସର ଦାୟିତ୍ୱରେ ଅଛନ୍ତି ।

ଲିଥିୟମ୍-ଆୟନ୍ ବ୍ୟାଟେରିର ଇତିହାସ ଆରମ୍ଭ ହୋଇଛି ୧୯୭୦ ଦଶକରୁ-ଉପସାଗରୀୟ ଯୁଦ୍ଧକାଳରେ ତୈଳ ସଙ୍କଟ ଉପୁଜିବା କାଳରୁ । ସେତେବେଳେ ଶକ୍ତି ଉତ୍ପାଦନ ଲାଗି ଜୀବାଶ୍ମ ଇନ୍ଧନମୁକ୍ତ ଟେକ୍ନୋଲୋଜିର ବିକାଶ କରିବାକୁ ଉଇଟିଂହାମ୍ ଗବେଷଣା ଆରମ୍ଭ କରିଥିଲେ । ଫଳରେ ସେ ଲିଥିୟମ ବ୍ୟାଟେରିର କ୍ୟାଥୋଡ୍ ମେରୁ (ବିଯୁକ୍ତ ମେରୁ) ରୂପେ କାର୍ଯ୍ୟ କରିବା ପାଇଁ ଉପଯୁକ୍ତ ହୋଇଥିବା ଟାଇଟାନିୟମ ଡାଇସଲ୍‌ଫାଇଡ୍‌ର ସନ୍ଧାନ ପାଇଲେ । ଆଣବିକ ସ୍ତରରେ ତହିଁରେ ଲିଥିୟମ୍ ଆୟନକୁ ସନ୍ନିବିଷ୍ଟ କରିବା ଲାଗି ଯଥେଷ୍ଟ ଖାଲିସ୍ଥାନ ଥିଲା । ଏହି ବ୍ୟାଟେରିର ଆନୋଡ୍ ମେରୁ (ଯୁକ୍ତ ମେରୁ) ଆଂଶିକ ଭାବେ ଧାତବ ଲିଥିୟମ୍‌ରେ ତିଆରି ହୋଇଥିଲା, ଯାହାର ଇଲେକ୍‌ଟ୍ରନ ବିମୁକ୍ତ କରିବାର ଶକ୍ତିଶାଳୀ ସାମର୍ଥ୍ୟ ଥିଲା । ଏହି ବ୍ୟାଟେରିର ଅନ୍ତର୍ନିହିତ ଶକ୍ତି ଥିଲା ୨ ଭୋଲ୍ଟ ମଧ୍ୟରେ । ତେବେ ବ୍ୟବହାରଯୋଗ୍ୟ ହୋଇପାରିଲା ନାହିଁ । କାରଣ ତହିଁରେ ବ୍ୟବହୃତ ଲିଥିୟମ୍ ଧାତୁ ଅତ୍ୟଧିକ କ୍ରିୟାଶୀଳ ଥିଲା ।

ଏହା ପରେ ଗୁଡ୍‌ଏନଫ୍ ବ୍ୟାଟେରିର ଅନ୍ତର୍ନିହିତ ସାମର୍ଥ୍ୟ ବୃଦ୍ଧି ପାଇଁ ଚିନ୍ତାକଲେ । ସେ ଉଇଟିଂହାମ ବ୍ୟବହାର କରିଥିବା ଧାତବ ସଲ୍‌ଫାଇଡ୍ ବଦଳରେ ଅନ୍ୟ ଏକ ଧାତବ ଅକ୍ସାଇଡ୍‌କୁ କ୍ୟାଥୋଡ୍ ମେରୁ ରୂପେ ବ୍ୟବହାର କରିବାକୁ ଚିନ୍ତାକଲେ । ଅତଏବ ୧୯୮୦ ମସିହାରେ ସେ ଲିଥିୟମ୍ ଆୟନରେ ସନ୍ନିବିଷ୍ଟ ହୋଇଥିବା କୋବାଲ୍ଟ ଅକ୍ସାଇଡ୍‌କୁ ଏ କାର୍ଯ୍ୟରେ ଲଗାଇଲେ । ଫଳରେ ୪ ଭୋଲ୍ଟ ପର୍ଯ୍ୟନ୍ତ ଶକ୍ତି ଉତ୍ପନ୍ନ ସମ୍ଭବ ହେଲା ଏବଂ ଅଧିକ ଶକ୍ତିଶାଳୀ ବ୍ୟାଟେରି ପ୍ରସ୍ତୁତି ଲାଗି ପଥ ଉନ୍ମୁକ୍ତ ହେଲା । ତତ୍ପରେ ଏହି କ୍ୟାଥୋଡ୍ ମେରୁ ବ୍ୟବହାରକରି ୟୋସିନୋ ବ୍ୟବସାୟିକ ଭାବେ ସଫଳ ହୋଇପାରିଲା ଭଳି ପ୍ରଥମ ବ୍ୟାଟେରି ତିଆରି କଲେ ୧୯୮୫ ମସିହାରେ । ତା'ପରେ ଅଙ୍ଗାରକରେ ଗଢ଼ା ପେଟ୍ରୋଲିୟମ କେକ୍‌କୁ ମଧ୍ୟ ଏଥିପାଇଁ ସେ ବିନିଯୋଗ କରିବାକୁ ଲାଗିଲେ । କ୍ୟାଥୋଡ୍ ମେରୁରେ ଥିବା କୋବାଲ୍ଟ ଅକ୍ସାଇଡ୍ ଭଳି ଏହା ମଧ୍ୟ ଲିଥିୟମ ଆୟନକୁ ସନ୍ନିବିଷ୍ଟ କରିପାରିଲା । ଏସବୁ ପରୀକ୍ଷା ନିରୀକ୍ଷା ଫଳରେ କ୍ରମେ ହାଲୁକା ଏବଂ ଦୃଢ଼ତା ସମ୍ପନ୍ନ ବ୍ୟାଟେରିମାନ ତିଆରି ସମ୍ଭବ ହେଲା ; ଯାହାକି ଶହ ଶହ ଥର ପୁନଃ ପୁନଃ ଭାବେ ଚାର୍ଜ କରାଯାଇପାରିବ । ଏଗୁଡ଼ିକ ବଜାରରେ ଉପଲବ୍ଧ ହେଲା । ୧୯୯୧ ମସିହାରେ ଉକ୍ତ ବ୍ୟାଟେରିଗୁଡ଼ିକର ସୁବିଧା ହେଲା ଯେ, ତାହା କ୍ୟାଥୋଡ୍ ମେରୁକୁ କ୍ଷୟ କରୁଥିବା ରାସାୟନିକ ପ୍ରକ୍ରିୟାଭିତ୍ତିକ ନୁହେଁ, ବରଂ ଆନୋଡ୍ ଓ କ୍ୟାଥୋଡ୍ ମଧ୍ୟରେ ନିୟମିତ ଏପାଖ ସେପାଖ ହୋଇ ପ୍ରବାହିତ ହେଉଥିବା ଲିଥିୟମ ଆୟନ ଉପରେ ନିର୍ଭରଶୀଳ ।



ବର୍ତ୍ତମାନ ଅନେକ ପ୍ରକାର ଲିଥିୟମ- ଆୟନ ବ୍ୟାଟେରି ଉପଲବ୍ଧ ହେଲାଣି । ଉଦାହରଣ ସ୍ୱରୂପ, କେତେକ କମ୍ପାନୀ ମୁଖ୍ୟତଃ ଲିଥିୟମ ପଲିମର ବ୍ୟାଟେରି ପ୍ରସ୍ତୁତ କରୁଛନ୍ତି । ଏଥିରେ ଲିଥିୟମ କୋବାଲ୍ଟ ଅକ୍ସାଇଡ୍‌କୁ କ୍ୟାଥୋଡ୍ ମେରୁ ଏବଂ ଅଧିକ ଦହନଗୁଣଧାରୀ ଜୈବ ରାସାୟନ (ଇଥର୍ ଭଳି) ବଦଳରେ ଏକ ପ୍ରକାର ପଲିମର ଜେଲ୍‌କୁ ବିଦ୍ୟୁତ୍ ଦ୍ରବଣରେ ଉପଯୋଗ କରାଯାଇଛି । ଏହାବ୍ୟତୀତ, ଲିଥିୟମ-ଲୌହ ଫସ୍‌ଫେଟ୍, ଲିଥିୟମ-ମାଙ୍ଗାନିଜ୍ ଅକ୍‌ସାଇଡ୍ ଏବଂ ନିକେଲ ମାଙ୍ଗାନିଜ୍-କୋବାଲ୍ଟ ଅକ୍‌ସାଇଡ୍‌କୁ କ୍ୟଥୋଡ୍ ରୂପେ ବ୍ୟବହର କରୁଥିବା ବ୍ୟାଟେରିମାନ ମଧ୍ୟ ଏବେ ମିଳିଲାଣି । ସେଗୁଡିକ କମ୍ ଶକ୍ତି-ସାନ୍ଦ୍ରତା ବିଶିଷ୍ଟ, କିନ୍ତୁ ଦୀର୍ଘସ୍ଥାୟୀ ଓ ନିରାପଦ । ଏ ପ୍ରକାର ବ୍ୟାଟେରି ଏବେ ବିବିଧ ଉଚ୍ଚମାନର ଇଲେକ୍‌ଟ୍ରୋନୀୟ ତଥା ମେଡିକାଲ ଯନ୍ତ୍ରପାତି ଏବଂ ଅନ୍ୟାନ୍ୟ ବ୍ୟବସ୍ଥାରେ ବ୍ୟବହୃତ ହେଉଛି । ଗାଡ଼ିମୋଟରରେ ବ୍ୟବହାର କଥା ବିଚାରକୁ ନେଇ ଏଗୁଡିକ ମଧ୍ୟରେ ସର୍ବାଧିକ ଗୁରୁତ୍ୱ ଲାଭ କରିଛି ଶେଷୋକ୍ତଟି ।

ଅଧିକ ଉନ୍ନତମାନର ଲିଥିୟମ-ଆୟନ୍ ବ୍ୟାଟେରି ତିଆରି ଲାଗି ଏବେ ମଧ୍ୟ ଉଦ୍ୟମ ଚାଲୁ ରହିଛି । ଫଳରେ ଆଗାମୀ ଦିନରେ ଏହାର ଉପଯୋଗ କାଳ, ଶକ୍ତି ସାନ୍ଦ୍ରତା, ନିରାପତ୍ତା, ଚାର୍ଜିଂ ବେଗ ଆଦି ବୃଦ୍ଧି ତଥା ଦାମ୍ ହ୍ରାସ ପାଇବ ବୋଲି ଆଶା କରାଯାଏ । ତେବେ ବର୍ତ୍ତମାନ ଅଧିକ ଧ୍ୟାନ ଦିଆଯାଉଛି ସହଜରେ ନିଆଁ ନ ଧରିଲା ଭଳି ବିଦ୍ୟୁତ୍ ଦ୍ରବଣର ବିକାଶ ଉପରେ । ସେଥିପାଇଁ ଯେଉଁ ପନ୍ଥାମାନ ଅନୁସରଣ କରାଯାଉଛି ତାହାର ଅନ୍ତର୍ଭୁକ୍ତ ହେଲେ ଜଳଯୁକ୍ତ ଲିଥିୟମ- ଆୟନ୍ ବ୍ୟାଟେରି, ସେରାମିକ କଠିନ ବିଦ୍ୟୁତ୍ ଦ୍ରବଣ, ପଲିମର ବିଦ୍ୟୁତ୍ ଦ୍ରବଣ, ଆୟନଯୁକ୍ତ ତରଳ ପଦାର୍ଥ ଏବଂ ଫ୍ଲୋରିନ୍‌ଯୁକ୍ତ ରସାୟନ ।

ଏସବୁର ବିକାଶ ମନରେ ପ୍ରତ୍ୟୟ ଆଣେ ଯେ ନିକଟରେ ଦିନେ ଲିଥିୟମ-ଆୟନ୍ ବ୍ୟାଟେରି ସମାଜକୁ ଜୀବାଶ୍ମ ଇନ୍ଧନମୁକ୍ତ କରିବା ସଙ୍ଗେ ସଙ୍ଗେ ବାୟୁ ପ୍ରଦୂଷଣ ହ୍ରାସ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ । ଅତଏବ ଏଭଳି ଯୁଗାନ୍ତକାରୀ ଉଦ୍ଭାବନ ମାଧ୍ୟମରେ ଗୁଡ୍‌ଏନଫ୍ , ଉଇଟିଂହାମ ଓ ୟୋସିନୋ ମାନବଜାତିର କଲ୍ୟାଣ ପାଇଁ ଯେଉଁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛନ୍ତି ତାହା ସେମାନଙ୍କୁ ୯ ନିୟୁତ ସ୍ୱିଡିସ୍ କ୍ରୋନାର ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ଦେବାର ଯଥାର୍ଥତା ପ୍ରମାଣ କରିଛି । କାରଣ ନୋବେଲ କମିଟିର ସଦସ୍ୟ ସାରା ସ୍ନୋଗେରୁପ ଲିନ୍‌ସେଙ୍କ ଭାଷାରେ ଏହା ଆମକୁ ଏକ ବୈଷୟିକ ବିପ୍ଳବ ମଧ୍ୟକୁ ବାଟ କଢ଼ାଇ ନେଇପାରିଛି ।

-ଉଷା ନିବାସ, ୧୨୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର-୩୦
ମୋ : ୯୯୩୭୯୮୫୭୬୭

“ ଚ୍ୟାଲେଞ୍ଜ ସତ୍ତ୍ୱେ ଅକ୍ଟୋବର ଯାନ ବିକ୍ରିରେ ଉନ୍ନତି ଆସିଛି। ଆସନ୍ତା ମାସଗୁଡିକରେ ବିକ୍ରିରେ ଉନ୍ନତ ଅଭିବୃଦ୍ଧି ନେଇ ଆଶାବାଦୀ ରହିଛୁ।
– ଶଶାଙ୍କ ଶ୍ରୀବାସ୍ତବ, ମାରୁତି ସୁଜୁକି ଇଡି



“ ଇ-କମର୍ସ କମ୍ପାନୀଗୁଡିକ ଏଫ୍‌ଡିଆଇ ନିୟମ ଅବମାନନା ସହ ଦେଶର ଖୁଚୁରା ବାଣିଜ୍ୟକୁ ଧ୍ୱଂସ କରୁଥିବାରୁ ଏହା ବିରୋଧରେ ଦେଶବ୍ୟାପୀ ଧର୍ମଘଟ କରାଯିବ।
– ପ୍ରଭୀନ ଖଣ୍ଡେଲୱାଲ, ମହାସଚିବ, ସର୍ବଭାରତୀୟ ବ୍ୟବସାୟୀ ମହାସଂଘ



## ସଂକ୍ଷେପରେ

### ବିଶ୍ୱ ଅଭିବୃଦ୍ଧିର କେନ୍ଦ୍ର ହେବ ଦକ୍ଷିଣ ଏସିଆ

**ୱାଶିଂଟନ,୩-୧୧:** ଭାରତ ନେତୃତ୍ୱରେ ଦକ୍ଷିଣ ଏସିଆ ଏବେ ବିଶ୍ୱ ଅଭିବୃଦ୍ଧିର କେନ୍ଦ୍ର ହେବା ଦିଗରେ ଅଗ୍ରସର ହେଉଛି। ୨୦୪୦ ବେଳକୁ ବିଶ୍ୱ ଅଭିବୃଦ୍ଧିର ଏକ ତୃତୀୟାଂଶ କେବଳ ଦକ୍ଷିଣ ଏସୀୟ ଦେଶଗୁଡିକ ଯୋଗଦାନ ରଖିବେ ବୋଲି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇ ଏମ୍‌ଏଫ୍) ନିକଟରେ ହୋଇଥିବା ଏକ ଅଧ୍ୟୟନରୁ ଏହା ସାମ୍ନାକୁ ଆସିଛି। ଏହି ରାଷ୍ଟ୍ରଗୁଡିକ ମଧ୍ୟରେ ଭାରତ, ବାଂଲାଦେଶ, ନେପା, ଶ୍ରୀଲଙ୍କା, ଭୁଟାନ ଏବଂ ମାଳଦ୍ୱୀପ ଭଳି ରାଷ୍ଟ୍ର ରହିଛନ୍ତି। ପାକିସ୍ତାନ ଏବଂ ଆଫଗାନିସ୍ତାନକୁ ଅଧ୍ୟୟନରେ ସାମିଲ କରାଯାଇନାହିଁ। ଦକ୍ଷିଣ ଏସିଆର ଯୁବ ଏବଂ ବୃହତ୍ତ ଶ୍ରମଶକ୍ତି, ଉଦାରଶୀଳ ପରିବେଶ ଭିତ୍ତିଭୂମି ବିକାଶ ଦିଗରେ ହେଉଥିବା ଉଦ୍ୟମକୁ ଆହୁରି ତ୍ୱରାନ୍ୱିତ କରିବ ବୋଲି ଇଜ ସାଉଥ ଏସିଆ ରେଡି ଫର ଟେକ୍ ଅଫ୍? ଏ ଷଷ୍ଟେନେବଲ ଆଣ୍ଡ ଇନକ୍ଲୁସିଭ ଗ୍ରୋଥ ଏଜେଣ୍ଡା ନାମକ ପେପରରେ ଉଲ୍ଲେଖ କରାଯାଇଛି।

### ସୋନି ଆଣିଲା ନୂଆ କ୍ୟାମେରା

**ଭୁବନେଶ୍ୱର,୩-୧୧:** ସୋନି ଇଣ୍ଡିଆ ପକ୍ଷରୁ ଆର୍‌ଏକ୍ସ ୧୦୦ ଭିଆଇଆଇ କ୍ୟାମେରା ମଡେଲ ବଜାର ପ୍ରବେଶ କରାଯାଇଛି। ଏହା ଆରଏକ୍ସ କ୍ୟାମେରା ସିରିଜରେ ନୂତନ ସଂଯୁକ୍ତି। କମ୍ପାକ୍ଟ କ୍ୟାମେରା ବର୍ଗରେ ଏହା ନୂଆ ସ୍ତର ଛୁଇଁଛି। ନୂଆ ମଡେଲରେ ଆଲ୍‌ଫା ୯ ମିରରଲେସ କ୍ୟାମେରା ଟେକ୍ନୋଲୋଜି ବ୍ୟବହାର କରାଯାଇଛି। ଏହା ଉଭୟ ଷ୍ଟିଲ ଏବଂ ମୁଭି ଶୁଟିଂରେ କାମରେ ଆସିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଦୈନନ୍ଦିନର ଶୁଟିଂ ଆବଶ୍ୟକତାକୁ ଧ୍ୟାନରେ ରଖି ଏଭଳି ଏକ ମଡେଲର କ୍ୟାମେରା ଗ୍ରାହକଙ୍କ ଲାଗି ବଜାରକୁ ଛଡାଯାଇଥିବା ସୋନି ଇଣ୍ଡିଆର ଡିଜିଟାଲ ଇମେଜିଂ ଡିଭିଜନ ମୁଖ୍ୟ ହିରୋୟୁକି ଟୋକୁନୁ କହିଛନ୍ତି।

### ବିଦ୍ୟୁତ୍ ବିତରଣ କମ୍ପାନୀଙ୍କ ଉପରେ ୭୦ ହଜାର କୋଟିର ବକେୟା

**ନୂଆଦିଲ୍ଲୀ,୩-୧୧:** ବିତରଣ କମ୍ପାନୀଙ୍କ ଉପରେ ବିଜୁଳି ଶକ୍ତି ଉତ୍ପାଦନ କରୁଥିବା ସଂସ୍ଥାଙ୍କ ବକେୟା ପ୍ରାୟ ୩୭% ବୃଦ୍ଧି ଘଟି ୬୯,୫୬୮ କୋଟି ଟଙ୍କାକୁ ବୃଦ୍ଧି ଘଟିଛି। ଚଳିତ ବର୍ଷ ସେପ୍ଟେମ୍ବର ସୁଦ୍ଧା ବିତରଣକାରୀ କମ୍ପାନୀଗୁଡିକ ଏଭଳି ବୃହତ୍ତ ପରିମାଣର ବକେୟା ରଖିଛନ୍ତି। ଗତ ବର୍ଷ ସେପ୍ଟେମ୍ବରରେ ଏହା ୫୦,୫୮୩ କୋଟି ଟଙ୍କା ରହିଥିଲା।

### ସହଜ ହେବ ମୋଟର ବୀମା କ୍ଲେମ୍

**ନୂଆଦିଲ୍ଲୀ,୩-୧୧:** ଇନସ୍ୟୁରାନ୍ସ ରେଗୁଲେଟୋରି ଆଣ୍ଡ ଡେଭଲପମେଣ୍ଟ ଅଥରିଟି (ଆଇଆରଡିଏଆଇ) ବର୍ତ୍ତମାନ ସେଲ୍ଫ ଆସେସମେଣ୍ଟର ସୀମା ବଢାଇବା ଲାଗି ବିଭିନ୍ନ ପ୍ରସ୍ତୁତି କରୁଛି। ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ଯାନ ମାଲିକଙ୍କ ଲାଗି ବୀମା କ୍ଲେମ୍ ପାଇବା ସହଜ ହେବ ବୋଲି ଜଣାପଡିଛି। ମୋଟର ଦୁର୍ଘଟଣା କ୍ଲେମ ଲାଗି ନିଜସ୍ୱ ଘୋଷଣା ସୀମା ଏବେ ୫୦ ହଜାର ରହିଛି। ଅଣମୋଟର କ୍ଷେତ୍ରରେ ଏହା ୧ ଲକ୍ଷ ରହିଛି। ଏହାଠାରୁ ଅଧିକ ମୂଲ୍ୟର କ୍ଲେମ୍ ଲାଗି ସର୍ଭେୟର ନିଯୁକ୍ତ କରିବାକୁ ପଡୁଛି। ନୂଆ ପ୍ରସ୍ତାବ ମୁତାବକ ଯାନ ଦୁର୍ଘଟଣା କ୍ଷେତ୍ରରେ ୭୫ ହଜାର ଟଙ୍କା ପର୍ଯ୍ୟନ୍ତ କ୍ଲେମ ଗ୍ରାହକ ନିଜେ ଘୋଷଣା କରିପାରିବେ। ଅଣ ମୋଟର କ୍ଷେତ୍ରରେ ଏହା ୧.୫ ଲକ୍ଷ ରହିଛି ବୋଲି ଆଇଆରଡିଏଆଇ ପକ୍ଷରୁ ଜାରି ଡ୍ରାଫ୍ଟ ପେପରରେ ଉଲ୍ଲେଖ ରହିଛି।

### ୟୁନିୟନ ବ୍ୟାଙ୍କର ସତର୍କତା ସଚେତନତା କାର୍ଯ୍ୟକ୍ରମ

Union Bank of India

**ଭୁବନେଶ୍ୱର,୩-୧୧:** ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ୱାକାଥନ ଅନୁଷ୍ଠିତ ହୋଇଥିଲା। ବ୍ୟାଙ୍କର ଉପମହାପ୍ରବନ୍ଧକ ରୂପଲାଲ ମୀନା ଏଥିରେ ଯୋଗ ଦେଇ ସ୍ୱଚ୍ଛତା ଏବଂ ଭ୍ରଷ୍ଟାଚାରମୁକ୍ତ ଜୀବନଶୈଳୀ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସତର୍କତା ଶପଥପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ସହାୟକ ମହାପ୍ରବନ୍ଧକ ପ୍ରକାଶ ଚନ୍ଦ୍ର ପତି, ସତର୍କତା ଅଧିକାରୀ ସୋହନ କୁମାର ସିଂ ଏବଂ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ୩୪୨୭ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଶାଖା ବନ୍ଦ

- ୫ ବର୍ଷ ସମୟ ଅବଧିରେ ବନ୍ଦ ହୋଇଛି
- ଏସ୍‌ବିଆଇର ୭୫ ପ୍ରତିଶତ ଶାଖା ସାମିଲ

**ନୂଆଦିଲ୍ଲୀ,୩-୧୧**

ଗତ ୫ ବର୍ଷରେ ଦେଶର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ୩୪୨୭ ଶାଖା ବନ୍ଦ କରିଥିବା ଜଣାପଡିଛି। ସୂଚନା ଅଧିକାର କର୍ମୀ ଚନ୍ଦ୍ର ଶେଖର ଗୌଡ ରିଜର୍ଭ ବ୍ୟାଙ୍କକୁ ଏ ନେଇ ମାଗିଥିବା ଏକ ସୂଚନାରୁ ଏହା ସାମ୍ନାକୁ ଆସିଛି। ମିଶ୍ରଣ କିମ୍ବା ବନ୍ଦ ପ୍ରକ୍ରିୟା ମୁତାବକ ଏହି ଶାଖାଗୁଡିକ ବନ୍ଦ କରାଯାଇଛି। ବନ୍ଦ ହୋଇଥିବା ମୋଟ ଶାଖା ମଧ୍ୟରୁ ପ୍ରାୟ ୭୫% ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ)ର। ଏସ୍‌ବିଆଇ ସହ ଏହାର ୫ ସହଯୋଗୀ ବ୍ୟାଙ୍କ ଏବଂ ମହିଳା ବ୍ୟାଙ୍କର ମିଶ୍ରଣ ପରେ ଅନେକ ଶାଖା ବନ୍ଦ କରାଯାଇଥିଲା। ୧୦ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମିଶ୍ରଣ ଦ୍ୱାରା ୪ ବଡ ବ୍ୟାଙ୍କ ଗଠନ ଦିଗରେ ଏବେ ସରକାର କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଏଭଳି ସମୟରେ ବ୍ୟାଙ୍କ ବନ୍ଦ ନେଇ ସୂଚନା ଲୋକ ଲୋକଚନକୁ ଆସିଛି। ରିଜର୍ଭ ବ୍ୟାଙ୍କ ସୂଚନା ମୁତାବକ ଦେଶର ୨୬ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ୨୦୧୪-୧୫ରେ ୯୦ ଶାଖା ବନ୍ଦ କରିଥିଲେ। ସେହିଭଳି ୨୦୧୫-୧୬ରେ ୧୨୬ ଶାଖା, ୨୦୧୬-୧୭ ୨୫୩ ଶାଖା, ୨୦୧୭-୧୮ରେ ୨୦୮୩ ଶାଖା ଏବଂ ୨୦୧୮-୧୯ରେ ୮୭୫ ଶାଖା ବନ୍ଦ କିମ୍ବା ଅନ୍ୟ ଶାଖା ସହ ମିଶ୍ରଣ କରି ଦିଆଯାଇଛି। ଏହି ପ୍ରକ୍ରିୟାରେ ଏସ୍‌ବିଆଇର ସର୍ବାଧିକ ୨,୫୬୮ଶାଖା ପ୍ରଭାବିତ ହୋଇଛି। ଶାଖାଗୁଡିକ ବନ୍ଦ ନେଇ ସ୍ପଷ୍ଟ କରିବାକୁ ଉତ୍ତର ଲୋଡାଯାଇଥିଲେ ମଧ୍ୟ କେନ୍ଦ୍ରୀୟ ବ୍ୟାଙ୍କ ସୂଚନା ଦେଇ ନ ଥିବା ଜଣାପଡ଼ିଛି।




### ମିଶ୍ରଣ ହୋଇଥିବା ବିଭିନ୍ନ ବ୍ୟାଙ୍କ

ରିଜର୍ଭ ବ୍ୟାଙ୍କ ସୂଚନା ମୁତାବକ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ସହ ଭାରତୀୟ ମହିଳା ବ୍ୟାଙ୍କ, ଷ୍ଟେଟ ବ୍ୟାଙ୍କ ଅଫ୍ ବିକାନେର ଏବଂ ଜୟପୁର, ଷ୍ଟେଟ ବ୍ୟାଙ୍କ ଅଫ୍ ହାଇଦ୍ରାବାଦ, ଷ୍ଟେଟ ବ୍ୟାଙ୍କ ଅଫ୍ ମହୀଶୂର, ଷ୍ଟେଟ ବ୍ୟାଙ୍କ ଅଫ ପଟିଆଲା, ଷ୍ଟେଟ ବ୍ୟାଙ୍କ ଅଫ୍ ଟ୍ରାଭାଙ୍କୋରର ମିଶ୍ରଣ ୨୦୧୭ ଏପ୍ରିଲଠାରୁ କାର୍ଯ୍ୟକାରୀ ହୋଇଥିଲା। ଏହାବାଦ ବ୍ୟାଙ୍କ ଅଫ୍ ବରୋଦା ସହ ବିଜୟା ଏବଂ ଦେନା ବ୍ୟାଙ୍କର ମିଶ୍ରଣ ୨୦୧୯ ଏପ୍ରିଲ ପହିଲାରୁ ହୋଇଛି।

### ପ୍ରଭାବିତ ହେବ ଆଉ ୭ ହଜାର ଶାଖା

ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମିଶ୍ରଣକୁ ଦେଶର ବ୍ୟାଙ୍କ କର୍ମଚାରୀ ସଂଘଗୁଡିକ ପକ୍ଷରୁ ବିରୋଧ କରାଯାଉଛି। ଅଲ୍ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲଇ ଆସୋସିଏଶନ (ଏଆଇବିଇଏ) ମହାସଚିବ ସିଏଚ୍ ଭେଙ୍କଟଚଳମ କହିଛନ୍ତି ଯେ, ଦେଶର ୧୦ ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ମିଶାଇ ସରକାର ୪ ବଡ଼ ବ୍ୟାଙ୍କ କରିବା ଲାଗି ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହା ଦ୍ୱାରା ପ୍ରାୟ ୭ ହଜାର ଶାଖା ପ୍ରଭାବିତ ହେବାର ଆଶଙ୍କା ଉପୁଜିଛି। ଏହା ମଧ୍ୟରେ ସହର ଏବଂ ମହାନଗରର ଅଧିକାଂଶ ଶାଖା ସାମିଲ ରହିଥିବା ସେ କହିଛନ୍ତି।

### ବ୍ୟାଙ୍କ ମିଶ୍ରଣ ସମୟର ଆବଶ୍ୟକତା

ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମିଶ୍ରଣ ସମୟର ଆବଶ୍ୟକତା ବୋଲି ଅର୍ଥନୀତିଜ୍ଞ ଜୟନ୍ତୀ ଲାଲ ଭଣ୍ଡାରୀ କହିଛନ୍ତି। ଛୋଟ ଛୋଟ ବ୍ୟାଙ୍କଗୁଡିକୁ ବଡ ବ୍ୟାଙ୍କ ସହ ମିଶ୍ରଣ ଦ୍ୱାରା ଆଗାମୀ ଦିନରେ ରାଜକୋଷକୁ ଫାଇଦା ହେବ। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ଦୃଢ ବିତ୍ତୀୟ ସ୍ଥିତି ଯୋଗୁ ଋଣ ଯୋଗାଣ ଉନ୍ନତ କରି ପାରିବେ। ଏହା ଦେଶର ବିକାଶରେ ସହାୟକ ହେବ ବୋଲି ସେ କହିଛନ୍ତି।

# ହିରୋର ମାନୁଫାକ୍ଚରିଂ ସଫଳତା



**ନୂଆଦିଲ୍ଲୀ,୩-୧୧**

ହିରୋମୋଟୋକର୍ପ ଲିମିଟେଡ ପକ୍ଷରୁ ଏହାର ହରିଦ୍ୱାର ମାନୁଫାକଚରିଂ ଫାସିଲିଟି ୨୫ ନିୟୁତ ୟୁନିଟ୍ ଉତ୍ପାଦନର ସଫଳତା ହାସଲ କରିଛି। ୨୦୦୮ରେ କମ୍ପାନୀ ଏହି ଫାସିଲିଟିକୁ ଶୁଭାରମ୍ଭ କରିଥିଲା। ୧୧ ବର୍ଷ ମଧ୍ୟରେ କମ୍ପାନୀ ଏହି ସଫଳତା ହାସଲ କରିବାକୁ ସକ୍ଷମ ହୋଇଛି। ଏହା ବିଶ୍ୱର ସର୍ବବୃହତ୍ ଫାସିଲିଟି। ଏହାର ଦୈନିକ ଉତ୍ପାଦନ କ୍ଷମତା ୯,୫୦୦ ୟୁନିଟ ରହିଛି। ଏହା ହିରୋମୋଟୋକର୍ପ ଲାଗି ଏକ ବଡ ସଫଳତା ବୋଲି ପରିଚାଳନା ବିଭାଗ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିକ୍ରମ କେଶବେକର କହିଛନ୍ତି। ସେ କହିଛନ୍ତି କମ୍ପାନୀ ମାନୁଫାକଚରିଂ କ୍ଷେତ୍ରରେ ସର୍ବଦା ଏକ ସ୍ୱତନ୍ତ୍ର ସ୍ଥାନରେ ରହିଛି। ଉକ୍ତ ସଫଳତା ଲାଗି ଗ୍ରାହକ, ନିବେଶକ ଏବଂ ଅଂଶୀଦାରଙ୍କୁ କେଶବେକର ଧନ୍ୟବାଦ ଦେଇଛନ୍ତି।

# କିଆ ପକ୍ଷରୁ ଲକି ଡ୍ରାଇଭ ଟୁ ସିଓଲ୍

**ନୂଆଦିଲ୍ଲୀ,୩-୧୧**

KIA

କିଆ ମୋଟର୍ସ ପକ୍ଷରୁ ଭାରତ ବଜାର ଲାଗି ଲକି ଡ୍ରାଇଭ ଟୁ ସିଓଲ କଣ୍ଟେଷ୍ଟ ଘୋଷଣା କରାଯାଇଛି। ଏହି କଣ୍ଟେଷ୍ଟ ଦ୍ୱାରା କମ୍ପାନୀ ୧୦ ଭାଗ୍ୟଶାଳୀ ବିଜେତା ବାଛିବା ସହ ସେମାନଙ୍କୁ ଦକ୍ଷିଣ କୋରିଆର ସିଓଲ ଭ୍ରମଣ କରିବାର ସୁବିଧା ପ୍ରଦାନ କରିବ। କେପପ୍ କଲଚରାଲ ଇଭେଣ୍ଟରେ ଯୋଗଦେବା ଲାଗି ଭାଗ୍ୟଶାଳୀ ବିଜେତା ସେମାନଙ୍କ ସହ ଆଉ ଜଣେ ନେବାର ସୁଯୋଗ ପାଇବେ। କୋରିଆର ସଂସ୍କୃତି, ଖାଦ୍ୟ, କେପପ୍ ସହ ୟୁଟ୍ୟୁବର ଲୋକପ୍ରିୟ କେପପ ଗାର୍ଲ ଗ୍ରୁପ ବ୍ରାଣ୍ଡ ମେମ୍ବର୍ସ ବ୍ଲାକ ପିଙ୍କଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ୨୫ ଅକ୍ଟୋବରରୁ ଏଥିଲାଗି କମ୍ପାନୀର ପୋର୍ଟାଲରେ ପଞ୍ଜୀକରଣ ଆରମ୍ଭ ହୋଇଛି ଯାହା ୬ ନଭେମ୍ବର ଯାଏ ଚାଲିବ। ଏଭଳି ଏକ କାର୍ଯ୍ୟକ୍ରମ ଦ୍ୱାରା ଗ୍ରାହକଙ୍କୁ ଭିନ୍ନ ଅନୁଭୂତି ପ୍ରଦାନ କରିବାର ଲକ୍ଷ୍ୟ ଧାର୍ଯ୍ୟ କରିଥିବା କିଆ ମୋଟର୍ସ ଇଣ୍ଡିଆର ସେଲ୍‌ସ ମାର୍କେଟିଂ ଉପସଭାପତି ମନୋହର ଭଟ୍ଟ କହିଛନ୍ତି।

# ବିଭିନ୍ନ ବ୍ୟାଙ୍କ ପକ୍ଷରୁ ଏକତା ଦିବସ

### ବ୍ୟାଙ୍କ ଅଫ୍ ବରୋଦା

ବ୍ୟାଙ୍କ ଅଫ୍ ବରୋଦା (ବିଓବି) ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ୱାକାଥନ ଅନୁଷ୍ଠିତ ହୋଇଥିଲା। କ୍ଷେତ୍ରୀୟ ମୁଖ୍ୟ ସୋମନାଥ ନନ୍ଦ, ଡିଆର୍‌ଏମ-୧ ଭାରତ ଭୂଷଣ, ଡିଆର୍‌ଏମ୍-୨ ଭୁବନେଶ୍ୱର ଶାଖା ମୁଖ୍ୟ ମନୋରଞ୍ଜନ ପାତ୍ରଙ୍କ ସମେତ କଟକ, ଭୁବନେଶ୍ୱର ଶାଖାର କର୍ମଚାରୀମାନେ ଏଥିରେ ଯୋଗ ଦେଇଥିଲେ।

### ଆନ୍ଧ୍ର ବ୍ୟାଙ୍କ

ଆନ୍ଧ୍ର ବ୍ୟାଙ୍କ କ୍ଷେତ୍ରୀୟ କାର୍ଯ୍ୟାଳୟ ବରମୁଣ୍ଡାଠାରେ ଏକତା ଦିବସ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ସର୍କଲ କାର୍ଯ୍ୟାଳୟ, କ୍ଷେତ୍ରୀୟ କାର୍ଯ୍ୟାଳୟ, କ୍ଷେତ୍ରୀୟ ନିରୀକ୍ଷଣାଳୟ, ମୁଦ୍ରା କୋଷ ଏବଂ ବରମୁଣ୍ଡା ଶାଖା କାର୍ଯ୍ୟାଳୟର କର୍ମଚାରୀମାନେ ଏଠାରେ ଯୋଗ ଦେଇଥିଲେ। ମଣ୍ଡଳ ମହାପ୍ରବନ୍ଧକ ରମାକାନ୍ତ ପ୍ରଧାନ, କ୍ଷେତ୍ରୀୟ ଉପମହାପ୍ରବନ୍ଧକ କେଭିଭିଏନ୍‌ଏସ୍ ରାମମୂର୍ତ୍ତି ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ।

# ୧୬,୪୬୪ କୋଟି ପୁଞ୍ଜି ନିବେଶ କଲେ ଏଫ୍‌ପିଆଇ

**ନୂଆଦିଲ୍ଲୀ,୩-୧୧**

ଅକ୍ଟୋବର ମାସରେ ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫ୍‌ପିଆଇ)ମାନେ ଦେଶର ପୁଞ୍ଜି ବଜାରରେ ୧୬,୪୬୪ କୋଟି ଟଙ୍କା ନିବେଶ କରିଛନ୍ତି। ବଜାରସ୍ଥିତିରେ ଉନ୍ନତି ଆସିବା ଯୋଗୁ ନିବେଶକମାନେ ଲଗାତାର ଭାବେ ଦ୍ୱିତୀୟ ମାସ ଲାଗି ଏଭଳି ନିବେଶ କରିଛନ୍ତି। ଡିପୋଜିଟୋରି ତଥ୍ୟ ମୁତାବକ ୩୧ ଅକ୍ଟୋବର ପର୍ଯ୍ୟନ୍ତ ଏଫ୍‌ପିଆଇମାନେ ଶେୟାରରେ ୧୨,୪୭୫.୭ କୋଟି ଏବଂ ବଣ୍ଡ ବଜାରରେ ୩,୯୮୮.୯ କୋଟି ଟଙ୍କା ନିବେଶ କରିଥିବା ଜଣାପଡିଛି। ଏଫ୍‌ପିଆଇମାନେ ସେପ୍ଟେମ୍ବରରେ ପୁଞ୍ଜି ବଜାରରେ ୬,୫୫୭ କୋଟି ଟଙ୍କା ନିବେଶ କରିଥିଲେ।

CLASSIFIED DISPLAY
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY ASTROLOGY

BUSINESS BUSINESS

Registration Free..Govt. Approved
ସିୟା ରାମ ରିଲାଏନ୍ସ JEO
କଂପାନୀ ଦ୍ୱାରା ନିଜର ଖାଲି ଜମି ଓ ଛାତ ଉପରେ 3G/4G ରେଡିଏସନ ଫ୍ରୀ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 90,000/- ଟଙ୍କା ପାଆନ୍ତୁ । ଚାକିରି + ୨୦ ବର୍ଷର କୋଟ ଅଗ୍ରୀମେଣ୍ଟ
Plot No - 15/012, Devaraja Mohalla, Bangalore, Karnataka 570001
9529777097
9560376626

KUBER FINANCE
Kuber ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, କୃଷି ଆଧାରକାର୍ଡ ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ମାତ୍ର ୧ ଦିନରେ, 2% ସୁଧ 40% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
Call or SMS Now
8146524009

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ ସମସ୍ତ ପ୍ରକାର LOAN
BARSA FINANCE ଯୋଗାଇ ଦେଉଛି । ସୁଧ=1%
M = 7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
GLOBAL FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
07376033092

FINANCE FINANCE

ଋଣ ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ମୁଦ୍ରା ଫାଇନାନ୍ସ
1980ରୁ ଆପଣଙ୍କ ସେବାରେ
ମାର୍କଶିଟ୍ ପ୍ରପର୍ଟି ଆଧାରକାର୍ଡ ପର୍ସନାଲ ପଶୁପାଳନ ଗୃହ ଋଣ ବ୍ୟବସାୟ ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 50% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
ଠକମାନଙ୍କ ପ୍ରତି ସାବଧାନ
7289948952
8929619951
SCO-106, Second Floor, Vishal Tower, Cannaught Place, Delhi.

ଶ୍ରୀରାମ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
ଧୋକେବାଜ ଙ୍କୁ ସାବଧାନ
Mahaveer Nagar, Lewis Road, Bangalore
08587970541
09499469559

FINANCE
All India ଋଣ ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୦% ସୁଧ ୫୦% ଛାଡ ଘରେବସି ପାଆନ୍ତୁ
Call / SMS Now
Janavi - 7566-888-563
Sagar - 7773-817-838
Manasi- 8827-505-029
Manisa- 7772-970-949
Sradha - 7583-808-884
Visakha- 8269-150-310
Vasundhara Mall, West Boring Canal Rd, Rajapur, Patna, Bihar 800001

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଭାରତର ନଂ. 1 କମ୍ପାନୀ
Hindusthan Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ
DIGITAL ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

ଶୁଭଜନଲକ୍ଷ୍ମୀ ଫାଇନାନ୍ସ
ଗୃହ ଋଣ, ମାର୍କଶିଟ୍ ଋଣ, କୃଷି ଋଣ, ପର୍ସନାଲ ଋଣ, ଗ୍ରୁପ୍ ଋଣ, ମାତ୍ର 5 ବାର୍ଷିକ ସୁଧ ହାରରେ ।
ଯୋଗାଯୋଗ କରନ୍ତୁ
9899289162
9858323204
Dehradun, UK

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Bhagyalaxmi Finance
Reg No. U6519TN198PLC00855
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ଓ ସମସ୍ତ ଋଣ 2-3 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି, ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
ମୋ.7689936101
7310644390
Vishal Mansion, Mahatma Gandhi Road, UP

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ବ୍ୟାଙ୍କ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ମୃତ୍ୟୁଞ୍ଜୟ ମଣ୍ଡଳଙ୍କୁ ଚାମ୍ପିୟନ ଟାଇଟଲ୍

**କଟକ ଅଫିସ,୩।୧୧:** ମଧୁପାଟଣାସ୍ଥିତ ପ୍ରମିଳା ମଣ୍ଡପଠାରେ ଆଇ.ଏସ୍ ଚେସ୍ ସେଣ୍ଟର, କଟକ ଜିଲା ଚେସ୍ ଆସୋସିଏଶନ ଏବଂ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଚାଲିଥିବା ପ୍ୟାରୀମୋହନ ସାମନ୍ତରାୟ ସ୍ମାରକୀ ରାଜ୍ୟସ୍ତରୀୟ ସ୍କୁଲ ଚେସ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ୭ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଚାମ୍ପିୟନ ଟାଇଟଲ ହାସଲ କରିଛନ୍ତି କଟକର ମୃତ୍ୟୁଞ୍ଜୟ ମଣ୍ଡଳ। ମୃତ୍ୟୁଞ୍ଜୟ ୭ ପଏଣ୍ଟ ହାସଲ କରିଥିଲେ। ସତ୍ୟମ ନାୟକ, ପ୍ରତ୍ୟାଶା ଜେନା, ସିଦ୍ଧାର୍ଥ ଭୂୟାଁ, ଓମ ପ୍ରକାଶ, ଅଞ୍ଜଳି ମିଶ୍ର, ପିୟୁଷ କୁମାର ସାହୁ, ଓମ ଆଦିତ୍ୟ ରାଉତ, ବିଶ୍ୱପ୍ରୀତ ରାୟ, ଆୟୁଷ ଅଭିଷେକ ଦାସ ଯଥାକ୍ରମେ ୨ୟରୁ ୧୦ନଂ ସ୍ଥାନରେ ରହିଛନ୍ତି।

### ଧୋନୀଙ୍କୁ ପଛରେ ପକାଇଲେ ରୋହିତ

**ନୂଆଦିଲ୍ଲୀ,୩।୧୧:** ସ୍ଥାନୀୟ ଅରୁଣ ଜେଟଲୀ ଷ୍ଟାଡିୟମରେ ବାଂଲାଦେଶ ବିପକ୍ଷରେ ରବିବାର ଖେଳାଯାଇଥିବା ପ୍ରଥମ ଟି୨୦ ମ୍ୟାଚ୍‌ରେ କାମଚଳା ଭାରତୀୟ ଅଧିନାୟକ ରୋହିତ ଶର୍ମା ନିଜ କ୍ୟାରିୟରରେ ସଫଳତାର ଆଉ ଏକ ଫର୍ଦ୍ଦ ଯୋଡ଼ିଛନ୍ତି। ଭାରତ ପାଇଁ ସର୍ବାଧିକ ଟି୨୦ ମ୍ୟାଚ୍ ଖେଳିଥିବା ଖେଳାଳିଙ୍କ ମଧ୍ୟରେ ରୋହିତ ମହେନ୍ଦ୍ର ସିଂ ଧୋନୀଙ୍କୁ ପଛରେ ପକାଇ ଦେଇଛନ୍ତି। ୨୦୦୭ ଟି୨୦ ବିଶ୍ୱକପ୍‌ରେ ପଦାର୍ପଣ କରିଥିବା ରୋହିତ ୯୯ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଛନ୍ତି। ଏଥିସହ ଦେଶ ପାଇଁ ସର୍ବାଧିକ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର ରେକର୍ଡର ସେ ଅଧିକାରୀ ହୋଇଛନ୍ତି। ଏହି ଧାରାରେ ଧୋନୀ ୯୮ ମ୍ୟାଚ୍ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବିଶ୍ୱରେ ସର୍ବାଧିକ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ଖେଳିବାର ରେକର୍ଡ ପାକିସ୍ତାନ ଅଲରାଉଣ୍ଡର ଶୋଏବ ମଲିକ (୧୧୧ ମ୍ୟାଚ୍)ଙ୍କ ନାମରେ ରହିଛି। ତାଙ୍କ ପଛକୁ ଶାହିଦ ଆଫ୍ରିଦୀ (୯୯) ରହିଛନ୍ତି।



ୟୁଏସ୍ ଫର୍ମୁଲାୱାନ ଗ୍ରାଁ ପ୍ରି କ୍ୱାଲିଫାଇଂରେ ଅଳ୍ପକେ ପୋଲ୍ ପୋଜିଶନରୁ ବଞ୍ଚିତ ହୋଇଥିଲେ ମଧ୍ୟ ଫର୍ମକୁ ଫେରିଥିବାରୁ ମୁଁ ଖୁସି।
– ସେବାଷ୍ଟିଆନ ଭେଟେଲ, ଫେରାରି ଡ୍ରାଇଭର



ଟୋକିଓ ଅଲିମ୍ପିକ୍ସ ପୂର୍ବରୁ ଭାରତୀୟ ପୁରୁଷ ହକି ଦଳକୁ ଡିଫେନ୍ସ ବିଭାଗ ଏବଂ ଫିନିଶିଂରେ ଅଧିକ ପାରଙ୍ଗମ ହେବାକୁ ପଡ଼ିବ।
– ଗ୍ରାହମ ରିଡ୍, ଜାତୀୟ ପୁରୁଷ ହକି କୋଚ୍

# ପ୍ରଥମ ଟି୨୦ରେ ଭାରତ ପରାସ୍ତ

**ନୂଆଦିଲ୍ଲୀ,୩।୧୧(ପି.ଟି.)**

ଭାରତ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍‌ରେ ଭ୍ରମଣକାରୀ ବାଂଲାଦେଶ ୩ଟି ବଲ୍ ବାକି ରଖି ୭ ଉଇକେଟରେ ଅତି ସହଜରେ ବିଜୟ ହାସଲ କରିଛି। ସ୍ଥାନୀୟ ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ଟସ୍ ଜିତି ବାଂଲାଦେଶ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଭାରତ ପ୍ରଥମେ ବ୍ୟାଟିଂ କରି ୬ ଉଇକେଟ ହରାଇ ୧୪୮ ରନ ସଂଗ୍ରହ କରିଥିଲା। ଜବାବରେ ବାଂଲାଦେଶ ୧୯.୩ ଓଭରରେ ୩ ଉଇକେଟ ହରାଇ ୧୫୪ ରନକରି ବିଜୟୀ ହୋଇଛି। ଫଳରେ ୩ ମ୍ୟାଚ ବିଶିଷ୍ଟ ଏହି ସିରିଜରେ ବାଂଲାଦେଶ ୧-୦ରେ ଅଗ୍ରଣୀ ହାସଲ କରିଛି।୧୪୯ ରନ ଟାର୍ଗେଟ ପିଛା କରି ବାଂଲାଦେଶ ଓପନର ଲିଟନ ଦାସଙ୍କୁ ହରାଇ ଆରମ୍ଭରୁ ଝଟ୍‌କା ଖାଇଥିଲା। ସେ ମାତ୍ର ୭ ରନକରି ଦୀପକ ଚହରଙ୍କ ବଲ୍‌ରେ କଭର ପଏଣ୍ଟରେ ରାହୁଲଙ୍କୁ କ୍ୟାଚ୍ ଦେଇଥିଲେ। ସେହିପରି ନବାଗତ ବ୍ୟାଟ୍ସମ୍ୟାନ ମହମ୍ମଦ ନଇମ ୨୮ ବଲରୁ ୨ ଚୌକା ଓ ୧ ଛକା ସହ ୨୬ ରନ କରିଥିବା ବେଳେ ସ୍ପିନର ୟୁଜବେନ୍ଦ୍ର ଚହଲଙ୍କ ବଲ୍‌ରେ ଲଙ୍ଗଅନ୍‌ରେ ଶିଖର ଧାୱନଙ୍କୁ କ୍ୟାଚ ଦେଇଥିଲେ। ତୃତୀୟ ଉଇକେଟରେ ସୌମ୍ୟ ସରକାର ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ମୁସ୍‌ଫିକର ରହିମ ୬୦ ରନ ସଂଗ୍ରହ କରିଥିଲେ। ସରକାର ୩୫ ବଲରୁ ୧ ଚୌକା ଓ ୨ ଛକା ସହ ୩୯ ରନ କରିଥିବା ବେଳେ ଖଲିଲ ଅହମ୍ମଦଙ୍କ ଦ୍ୱାର କ୍ଲିନ୍ ବୋଲ୍ଡ ହୋଇଥିଲେ। ମୁସଫିକର ରହିମ ୬୦ (୪୩ ବଲ, ୮ ଚୌକା, ୧ ଛକା) ରନ ଓ ମହମୁଦୁଲ୍ଲା ୧୫ ରନ କରି ଅପରାଜିତ ରହିବା ସହ ଦଳକୁ ବିଜୟୀ କରାଇଥିଲେ। ବୋଲିଂରେ ଭାରତ ତରଫରୁ ଚହର, ଖଲିଲ, ଚହଲ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ଆରମ୍ଭରୁ ଅଧିନାୟକ ତଥା ଓପନର ରୋହିତ ଶର୍ମାଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ନିୟମିତ ଅନ୍ତରରେ ଉଇକେଟ ହରାଇ ଭାରତ ବଡ଼ ସ୍କୋର ହାସଲ କରିବାରେ ସଫଳ ହୋଇ ପାରି ନ ଥିଲା। ୫ ବଲରୁ ୨ ଚୌକା ସହ ୯ ରନ କରିଥିବା ବେଳେ ରୋହିତ ସାଫିଉଲ ଇସ୍‌ଲାମଙ୍କ ଭିତରକୁ ଆସୁଥିବା ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ରୋହିତ ରିଭ୍ୟୁ ନେଇଥିଲେ ମଧ୍ୟ କୌଣସି ଫଳ ମିଳି ନ ଥିଲା। ଲୋକେଶ ରାହୁଲ ୨ ଚୌକା ସହ ୧୭ଟି ବଲ୍ ଖେଳି ୧୫ ରନ କରିଥିବା ବେଳେ ଲେଗ୍ ସ୍ପିନର ଅମିନୁଲ ଇସ୍‌ଲାମଙ୍କ ବଲ୍‌ରେ ଶର୍ଟ କଭରରେ ମହମୁଦୁଲ୍ଲାଙ୍କୁ ଏକ ସହଜ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଯୁବ ମିଡଲଅର୍ଡର ବ୍ୟାଟ୍ସମ୍ୟାନ ଶ୍ରେୟାସ ଆୟାର ୧୩ଟି ବଲ୍ ଖେଳି ୧ ଚୌକା ଓ ୨ ଛକା ସହ ୨୨ ରନକରି ସ୍କୋରକୁ ଆଗେଇ ନେଉଥିବା ବେଳେ ଆଉଟ ହୋଇଥିଲେ। ଲମ୍ବା ଶଟ୍ ଖେଳିବାକୁ ଯାଇ ସେ ଲଙ୍ଗ୍ ଅଫ୍‌ରେ ମହମ୍ମଦ ନଇମଙ୍କୁ କ୍ୟାଚ୍ ଦେଇ ଅମିନୁଲଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଏହାପରେ ପାଳି ପଡିଥିଲା ଅଭିଜ୍ଞ ଓପନର ଶିଖର ଧାୱନଙ୍କର। ସେ ୪୨ଟି ବଲ୍ ଖେଳି ୩ ଚୌକା ଓ ୧ ଛକା ମାରି ଦଳ ତରଫରୁ ସର୍ବାଧିକ ୪୧ ରନ କରି ପ୍ୟାଭିଲିୟନ ଫେରିଥିଲେ। ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କ ସହ ଦ୍ୱିତୀୟ ରନ ନେବାକୁ ପ୍ରୟାସ କରିଥିଲେ। ତେବେ ଧାୱନ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ୍ ହୋଇଥିଲେ। ପଦାର୍ପଣ କରିଥିବା ମୁମ୍ବାଇ ଯୁବ ଅଲରାଉଣ୍ଡର ଶିବମ୍ ଦୁବେ କିନ୍ତୁ ବିଫଳ ହୋଇଥିଲେ। ସେ ମାତ୍ର ୧ ରନ କରିଥିବା ବେଳେ ଅଫ୍ ସ୍ପିନର ଅଫିଫ୍ ହୋସେନଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ଶେଷରେ ପନ୍ତ ୨୬ ବଲରୁ ୩ ଚୌକା ସହ ୨୭ ରନ କରି ଦ୍ରୁତ ଗତିରେ ରନ୍ ସଂଗ୍ରହ କରିବାକୁ ପ୍ରୟାସ କରିଥିଲେ। ଲମ୍ବା ଶଟ୍ ଖେଳିବାକୁ ଯାଇ ସେ ଆଉଟ୍ ହୋଇଥିଲେ। ସାଫିଉଲଙ୍କ ବଲରେ ସେ ଲଙ୍ଗଅନ୍‌ରେ ମହମ୍ମଦ ନଇମଙ୍କୁ ଏକ ସହଜ କ୍ୟାଚ ଦେଇଥିଲେ ଓ ଏଥିସହିତ ଭାରତ ଷଷ୍ଠ ଉଇକେଟ ହରାଇଥିଲା। ଏହାପରେ କ୍ରୁନାଲ ପାଣ୍ଡ୍ୟା ଓ ୱାଶିଂଟନ ସୁନ୍ଦର ଦ୍ରୁତ ଗତିରେ ରନ ସଂଗ୍ରହ କରିଥିଲେ। ମାତ୍ର ୧୦ଟି ବଲରୁ ଏହି ଦୁଇ ବ୍ୟାଟ୍ସମ୍ୟାନ ସପ୍ତମ ଉଇକେଟ ଯୋଡିରେ ଅପରାଜିତ ୨୮ ରନ କରି ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। କ୍ରୁନାଲ ୮ ବଲରୁ ୧ ଚୌକା ଓ ୧ ଛକା ସହ ୧୫, ୱାଶିଂଟନ ୫ଟି ବଲ୍ ଖେଳି ୨ ଛକା ସହ ୧୪ ରନ କରି ଅପରାଜିତ ରହିଥିଲେ। ବାଂଲଦେଶ ତରଫରୁ ୮ଜଣ ବୋଲର ବୋଲିଂ କରିଥିଲେ। ସଫିଉଲ ଓ ଅମିନୁଲ ୨ଟି ଲେଖାଏ, ଅଫିଫ୍ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଭାରତ ପାଇଁ ଶିବମ ଦୁବେ ଟି୨୦ ପଦାର୍ପଣ କରିଥିବା ବେଳେ ସ୍ପିନର ୟୁଜବେନ୍ଦ୍ର ଚହଲ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେହିପରି ବାଂଲାଦେଶ ତରଫରୁ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ମହମ୍ମଦ ନଇମ ଟି୨୦ ପଦାର୍ପଣ କରିଛନ୍ତି।



ଏକ ପୁଲ ଶଟ୍ ଖେଳିବା ଅବସରରେ ଶିଖର ଧାୱନ

## ସ୍କୋର ବୋର୍ଡ

**ଭାରତ ଇନିଂସ**
ରୋହିତ ଶର୍ମା–ଏଲବିଡବ୍ଲ୍ୟୁ– ସାଫିଉଲ୍–୯
ଶିଖର ଧାୱନ–ରନଆଉଟ (ମହମୁଦୁଲ୍ଲା/ରହିମ୍)–୪୧
ରାହୁଲ–କ–ମହମୁଦୁଲ୍ଲା–ବୋ ଅମିନୁଲ–୧୫
ଆୟାର–କ–ନଇମ୍–ବୋ–ଅମିନୁଲ–୨୨
ରିଷଭ–କ–ନଇମ୍–ବୋ–ସାଫିଉଲ–୨୭
ଦୁବେ–କ ଆଣ୍ଡ୍ ବୋ–ଆଫିଫ୍ ହୋସେନ–୧
କ୍ରୁନାଲା ପାଣ୍ଡ୍ୟା–ନଟଆଉଟ–୧୫
ୱାଶିଂଟନ ସୁନ୍ଦର– ନଟଆଉଟ–୧୪
ଅତିରିକ୍ତ–୪
**ମୋଟ:** (୨୦ ଓଭର, ୬ ଉଇକେଟ) ୧୪୮।
ଉଇକେଟ ପତନ: ୧/୧୦, ୨/୩୬, ୩/୭୦, ୪/୯୫, ୫/୧୦୨, ୬/୧୨୦।
**ବୋଲିଂ (ବାଂଲାଦେଶ)**
ସାଫିଉଲ୍ ଇସ୍‌ଲାମ ୪–୦–୩୬–୨
ଅଲ୍ ଅମିନ ହୋସେନ ୪–୦–୨୭–୦
ମୁସ୍ତାଫିଜୁର ରହମନ ୨–୦–୧୫–୦
ଅମିନୁଲ ଇସ୍‌ଲାମ ୩–୦–୨୨–୨
ସୌମ୍ୟ ସରକାର ୨–୦–୧୬–୦
ଆଫିଫ୍ ହୋସେନ ୩–୦–୧୧–୧
ମୋସାଡେକ୍ ହୋସେନ ୧–୦–୮–୦
ମହମୁଦୁଲ୍ଲା ୧–୦–୧୦–୦।

**ବାଂଲାଦେଶ ଇନିଂସ**
ଲିଟନ ଦାସ–କ–ରାହୁଲ–ବୋ–ଚହର–୭
ନଇମ୍–କ–ଧାୱନ–ବୋ–ଚହଲ–୨୬
ସରକାର–ବୋ–ଖଲିଲ ଅହମ୍ମଦ–୩୯
ମୁସ୍‌ଫିକର ରହିମ–ନଟଆଉଟ–୬୦
ମହମୁଦୁଲ୍ଲା–ନଟଆଉଟ–୧୫
ଅତିରିକ୍ତ–୭
ମୋଟ: (୧୯.୩ ଓଭର, ୩ ଉଇକେଟ) ୧୫୪। (ଉଇକେଟ ପତନ: ୧/୮, ୨/୫୪, ୩/୧୧୪।
**ବୋଲିଂ (ଭାରତ)**
ଦୀପକ ଚହର ୩–୦–୨୪–୧
ୱାଶିଂଟନ ସୁନ୍ଦର ୪–୦–୨୫–୦
ଖଲିଲ ଅହମ୍ମଦ ୪–୦–୩୭–୧
ୟୁଜବେନ୍ଦ୍ର ଚହଲ ୪–୦–୨୪–୧
କ୍ରୁନାଲ ପାଣ୍ଡ୍ୟା ୪–୦–୩୨–୦
ଶିବମ ଦୁବେ ୦.୩–୦–୯–୦।



ରବିବାର ଇଣ୍ଡିଆନ୍ ସୁପର ଲିଗ୍‌ରେ ବେଙ୍ଗାଲୁରୁ ଏଫ୍‌ସି ଓ ଜାମସେଦପୁର ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ। ଏହା ଗୋଲଶୂନ୍ୟ ଭାବେ ଡ୍ର ରହିଥିଲା।

## ରୋହିତ, ଧାୱନଙ୍କୁ ଚକିତ କଲେ କେଶବ

**ନୂଆଦିଲ୍ଲୀ, ୩।୧୧**

ବାଂଲାଦେଶ ବିପକ୍ଷ ପ୍ରଥମ ମ୍ୟାଚ୍ ପୂର୍ବରୁ ୧୯ ବର୍ଷୀୟ ଲୋକାଲ ପେସର କେଶବ ଦାବାସ୍ ଭାରତୀୟ ଓପନର ରୋହିତ ଶର୍ମା ଓ ଶିଖର ଧାୱନଙ୍କୁ ଚକିତ କରିଦେଇଛନ୍ତି। ସେ ନିଜର ଦକ୍ଷ ବୋଲିଂରେ ରୋହିତଙ୍କୁ ଆଉଟ କରିବା ପରେ ଧାୱନଙ୍କ ଉଇକେଟ ଓପାଡ଼ି ଦେଇଛନ୍ତି। ଏହି ଘଟଣା ଭାରତୀୟ ଦଳର ଅଭ୍ୟାସ ସେସନରେ ଘଟିଥିଲା। ଏକ ସାକ୍ଷାତ୍‌କାର ସେ ଦେଇ କହିଛନ୍ତି, ଦେଶର ଦୁଇ ଦକ୍ଷ ବ୍ୟାଟ୍ସମ୍ୟାନଙ୍କୁ ଆଉଟ୍ କରି ଚମତ୍କାର ଅନୁଭବ କରୁଛି। କ'ଣ କହିବି ଜାଣିପାରୁ ନାହିଁ। ମୋତେ ଦଳୀୟ ବୋଲର ଶାର୍ଦ୍ଦୁଳ ଠାକୁର ପ୍ରଶଂସା କରିଥିଲେ। ଭଲ ଲେଙ୍ଥରେ ଓ ଅତ୍ୟଧିକ ବାଉନ୍ସ ଯୋଗୁ ବଲ ରୋହିତଙ୍କ ବ୍ୟାଟ୍‌ର ଏଜ୍ ନେଇଥିଲା। ରୋହିତ ବଲ ଫେରାଇବା ପୂର୍ବରୁ କେଶବ ଉଲ୍ଲସିତ ହୋଇଥିଲେ।

## ରିପିଚେଜ୍ ରାଉଣ୍ଡରେ ରବି

**ବୁଦାପେଷ୍ଟ, ୩।୧୧ (ପି.ଟି.)**

ଏଠାରେ ଚାଲିଥିବା ୨୩ ବର୍ଷରୁ କମ୍ ରେସ୍‌ଲିଂ ୱାର୍ଲ୍ଡ ଚାମ୍ପିୟନଶିପ୍‌ରେ ୩ଥର ପଦକ ବିଜେତା ସଜନ ଭାନୱାଲ (୭୭କେଜି) ଗ୍ରୀକୋ ରୋମାନ କାଟେଗୋରିରେ ବ୍ରୋଞ୍ଜ ପଦକ ଜିତିବାରେ ସଫଳ ହୋଇ ପାରି ନାହାନ୍ତି। କିନ୍ତୁ ରବି (୯୭କେଜି) ରିପିଚେଜ୍ ରାଉଣ୍ଡରେ ପ୍ରବେଶ କରି ପଦକ ସମ୍ଭାବନା ସୃଷ୍ଟି କରିଛନ୍ତି। ବ୍ରୋଞ୍ଜ ପଦକ ମୁକାବିଲାରେ ତୁର୍କୀର ସେରକାନ୍ ଆକୋୟୁନ୍ ଭନୱାନଲ୍‌ଙ୍କୁ ୧୦–୧ରେ ପରାସ୍ତ କରିଥିଲେ। ଅନ୍ୟପକ୍ଷରେ ରବି ପ୍ରି–କ୍ୱାର୍ଟରଫାଇନାଲରେ ଜର୍ଜିଆନ କୁସ୍ତି ଯୋଦ୍ଧା ଗିଓର୍ଗି ମେଲିଆଙ୍କଙ୍କ ଦ୍ୱାରା ୮–୦ରେ ପରାଜିତ ହୋଇଥିଲେ। କିନ୍ତୁ ମେଲିଆ ଫାଇନାଲରେ ପ୍ରବେଶ କରିବାରୁ ଭାରତୀୟ ରେସ୍‌ଲରଙ୍କୁ ଏକ ପଦକ ପାଇଁ ଲଢ଼ିବା ଲାଗି ସୁଯୋଗ ଆସିଛି। ରିପିଚେଜ୍ ରାଉଣ୍ଡରେ ଜିତିପାରିଲେ ରବି ବ୍ରୋଞ୍ଜ ପଦକ ଫାଇନାଲ ପ୍ଲେ–ଅଫ୍ ପାଇଁ ଯୋଗ୍ୟତା ହାସଲ କରିବେ। ରବିବାର ପ୍ରତିଯୋଗିତାର ଅନ୍ୟାନ୍ୟ ଫଳାଫଳ ମଧ୍ୟରେ ଅର୍ଜୁନ ହାଲାକୁର୍କୀ ୫୫ କେଜି ରିପିଚେଜ୍ ବାଉଟ୍‌ରେ ଆର୍ମେନିଆର ନୋରେର୍ ହାଖୋୟାନଙ୍କ ବିପକ୍ଷ ରିପିଚେଜ୍ ବାଉଟ୍ ୨–୧୦ରେ ପରାସ୍ତ ହୋଇଥିଲେ। ୮୭ କେଜି ଶ୍ରେଣୀରେ ସୁନୀଲ କୁମାର ସ୍ୱିଡେନର ଆଲେକ୍‌ସାଣ୍ଡର ଜିଓର୍ଜି ଷ୍ଟିପାନେଟିକ୍‌ଙ୍କ ବିପକ୍ଷ ପ୍ରଥମ ରିପିଚେଜ୍ ବାଉଟ୍ ୫–୩ରେ ଜିତି ଏକ ବ୍ରୋଞ୍ଜ ପଦକ ସମ୍ଭାବନା କରିଥିଲେ। ମାତ୍ର ଦ୍ୱିତୀୟ ରିପିଚେଜ୍ ବାଉଟ୍‌ରେ କ୍ରୋଏସିଆର ଇଭାନ ହକ୍‌ଲେକ୍ ତାଙ୍କୁ ୬–୩ରେ ହରାଇ ଦେଇଥିଲେ। ପ୍ରତିଯୋଗିତାରେ ଅନ୍ୟ କୌଣସି ଭାରତୀୟ ଗୋଟିଏ ହେଲେ ରାଉଣ୍ଡ ଜିତିପାରି ନ ଥିଲେ।

### ଜାତୀୟ ଜୁନିୟର ହକି କ୍ୟାମ୍ପ

## ପୁରୁଷରେ ଓଡ଼ିଶାରୁ ୬ ଖେଳାଳି

**ନୂଆଦିଲ୍ଲୀ,୩।୧୧(ପି.ଟି.)**

ସୋମବାରଠାରୁ ବେଙ୍ଗାଲୁରୁରେ ଆରମ୍ଭ ହେବାକୁ ଥିବା ଜାତୀୟ ଜୁନିୟର ପୁରୁଷ ପ୍ରଶିକ୍ଷଣ ଶିବିର ଲାଗି ହକି ଇଣ୍ଡିଆ (ଏଚ୍‌ଆଇ) ପକ୍ଷରୁ ରବିବାର ୩୩ ଜଣିଆ ଖେଳାଳିଙ୍କ ତାଲିକା ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ୬ ଖେଳାଳିଙ୍କୁ ସ୍ଥାନ ମିଳିଛି। ସେମାନେ ହେଲେ ସୁମନ ବେକ, ପ୍ରତାପ ଲାକ୍ରା, ନବୀନ କୁଜୁର, ସାହିଲ କୁମାର ନାୟକ, ସୁଦୀପ ଚିର୍ମାକୋ ଓ ଗ୍ରେଗୋରି ଖେସ୍। ୪ ସପ୍ତାହ ଧରି ଚାଲିବାକୁ ଥିବା କ୍ୟାମ୍ପ ପାଇଁ ଖେଳାଳିମାନେ ବେଙ୍ଗାଲୁରୁସ୍ଥିତ ସାଇ କେନ୍ଦ୍ରରେ ରିପୋର୍ଟ କରିବେ। ଚଳିତ ମାସରେ ଶେଷ ହୋଇଥିବା ୯ମ ସୁଲତାନ ଅଫ୍ ଜୋହର କପ୍‌ରେ ଭାରତୀୟ ଜୁନିୟର ଦଳ ମାଲେସିଆ, ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆକୁ ହରାଇଥିଲା। ଫାଇନାଲରେ ଗ୍ରେଟ ବ୍ରିଟେନଠାରୁ ହାରିବା ପରେ ଭାରତ ରନର୍ସଅପ୍ ଭାବେ ଅଭିଯାନ ଶେଷ କରିଥିଲା।



ପ୍ରତାପ ଲାକ୍ରା

### ମହିଳାରେ ମାରିଆନା, ଅଜମିନ ଓ ଜୀବନ

ସୋମବାରଠାରୁ ଆରମ୍ଭ ହେବାକୁ ଥିବା ଭାରତୀୟ ଜୁନିୟର ମହିଳା ହକି ଦଳର କ୍ୟାମ୍ପ୍ ଲାଗି ୩୯ ଜଣିଆ କୋର୍ ଗ୍ରୁପ୍ ତାଲିକା ପ୍ରକାଶ କରିଛି। ବେଙ୍ଗାଲୁରୁସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) କେନ୍ଦ୍ରରେ କୋଚ୍ ବଲ୍‌ଜିତ୍ ସିଂ ସଇନିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ପ୍ରଶିକ୍ଷଣ ଶିବିର ନଭେମ୍ବର ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଭାରତୀୟ ଜୁନିୟର ମହିଳା ଦଳ ଡିସେମ୍ବର ୩ରୁ ଅଷ୍ଟ୍ରେଲିଆରେ ହେବାକୁ ଥିବା ତ୍ରି–ରାଷ୍ଟ୍ରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି। ଘରୋଇ ଅଷ୍ଟ୍ରେଲିଆ ବ୍ୟତୀତ ୩ୟ ଦଳ ଭାବେ ନ୍ୟୁଜିଲାଣ୍ଡ ଏଥିରେ ଅଂଶଗ୍ରହଣ କରିବ। ଏହି ପ୍ରତିଯୋଗିତା ଲାଗି କ୍ୟାମ୍ପରୁ ଖେଳାଳି ମନୋନୀତ କରାଯିବ। ଏହି ୩୯ ଜଣିଆ କୋର୍ ଗ୍ରୁପ୍ ତାଲିକାରେ ଓଡ଼ିଶାର ୩ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ମିଡ୍‌ଫିଲ୍ଡର ମାରିଆନା କୁଜୁର, ଅଜମିନ କୁଜୁର ଓ ଫରୱାର୍ଡ ଜୀବନ କିଶୋରୀ ଟପ୍ପୋ।

## ରାଉରକେଲା, ରାଞ୍ଚି ଚାମ୍ପିୟନ

### ସର୍ବଭାରତୀୟ ଫୁଟବଲ ଉଦ୍‌ଯାପିତ

**ଖୁଣ୍ଟା,୩।୧୧(ଡି.ଏନ୍.ଏ.)**

ଖୁଣ୍ଟା ବ୍ଲକ ଅଧୀନ ଭୋଳାଗଡ଼ିଆ ମିନି ଷ୍ଟାଡିୟମରେ ଶିମିଳିପାଳ ସ୍ପୋର୍ଟ୍ସ ଆଣ୍ଡ ଆଥଲେଟିକ ଆସୋସିଏଶନ ପକ୍ଷରୁ ଆୟୋଜିତ ସର୍ବ ଭାରତୀୟ ୨ ଦିନିଆ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ତେଲେଙ୍ଗାନା ରାଜ୍ୟରୁ ମୋଟ ୮ ପୁରୁଷ ଓ ୪ ମହିଳା ଫୁଟବଲ ଦଳ ଅଂଶ ଗ୍ରହଣ କରିଥିଲେ। ପୁରୁଷ ବର୍ଗରେ ଓଡ଼ିଶା ପୋଲିସ ଓ ରାଉରକେଲା ୟୁନାଇଟେଡ଼ ସ୍ପୋର୍ଟ୍ସ କ୍ଲବ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କୌଣସି ଦଳ ଗୋଲ ଦେଇ ପାରି ନ ଥିବା ବେଳେ ଟାଇବ୍ରେକର ଜରିଆରେ ରାଉରକେଲା ଦଳ ଓଡ଼ିଶା ପୋଲିସ ଦଳକୁ ୩–୨ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ସେହିପରି ମହିଳା ବର୍ଗରେ ଓଡ଼ିଶା ମହିଳା ପୋଲିସ ଦଳ ଓ ରାଞ୍ଚି ମହିଳା ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିବା ବେଳେ ରାଞ୍ଚି ଦଳ ଓଡ଼ିଶା ପୋଲିସ ଦଳକୁ ୨–୦ ଗୋଲ ବ୍ୟବଧାନରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବାରିପଦା ବିଧାୟକ ପ୍ରକାଶ ସୋରେନ,ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ,ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି ,ପୂର୍ବତନ ବିଧାୟକ ଗୋଲକ ବିହାରୀ ନାଏକ , ଭୋଳାଗଡ଼ିଆ ସରପଞ୍ଚ ସାବିତ୍ରୀ ହେମ୍ବ୍ରମ ଓ ଆଥଲେଟ ଜଉନା ମୁର୍ମୁ , ଆୟୋଜକ ଆସୋସିଏଶନ ଉପଦେଷ୍ଟା ଠାକୁରା ମୁର୍ମୁ ଓ ମସା ଆର୍ମି ଛାତ୍ର ସଂଗଠନର ରାଜ୍ୟ ସଭାପତି ସୁକୁଲାଲ ମାର୍ଣ୍ଡି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ଚାମ୍ପିୟନ ଓ ରନର୍ସଅପ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଆସୋସିଏଶନର ସକ୍ରିୟ ସଦସ୍ୟ ସାକିଲା ମୁର୍ମୁଙ୍କ ସମେତ ଅନ୍ୟ ସଦସ୍ୟମାନେ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ସଭାପତି ସର୍ଦାର ହେମ୍ବ୍ରମ ଓ ସମ୍ପାଦକ ସୁକେନ୍ଦୁ ଦାସ ମଞ୍ଚ ପରିଚାଳନା କରିଥିଲେ।



ପୁରୁଷ ବିଭାଗ ଚାମ୍ପିୟନ ରାଉରକେଲା ଦଳ।



“ ଫିଲିପ୍ ଆଇଲାଣ୍ଡରେ ଖରାପ ପ୍ରଦର୍ଶନ ପରେ ସେପଙ୍ଗ ସର୍କିଟରେ ମାଲେସିଆନ ମୋଟୋ ଜିପି ଟାଇଟଲ ହାସଲ କରିଥିବାରୁ ରୋମାଞ୍ଚିତ।
– ମାଭେରିକ୍ ଭିନେଲ୍ସ, ସ୍ପାନିଶ ମୋଟର ସାଇକେଲ ରେସର



“ ଲେଭାଣ୍ଟେ ଭଳି ଦଳଠାରୁ ଶକ୍ତିଶାଳୀ ବାର୍ସିଲୋନା ପରାଜିତ ହେବା ଆଶ୍ଚର୍ଯ୍ୟଜନକ। ଦଳର କମ୍ବିନେଶନରେ ତ୍ରୁଟି ରହିଥାଇପାରେ।
– ଆଣ୍ଟୋନି ଗ୍ରିଜ୍‌ମ୍ୟାନ, ଫ୍ରେଞ୍ଚ ପ୍ରଫେଶନାଲ ଫୁଟବଲର

## ସଂକ୍ଷେପରେ

### ଭିନେଲ୍ସ ଜିତିଲେ ମାଲେସିଆନ ମୋଟୋଜିପି

**ସେପଙ୍ଗ, ୩।୧୧ (ଏଏଫ୍‌ପି):** ସ୍ପେନର ମାଭେରିକ୍ ଭିନେଲ୍ସ ଏଠାରେ ରବିବାର ଅନୁଷ୍ଠିତ ମାଲେସିଆନ ମୋଟୋ ଜିପି ଟାଇଟଲ ବିଜୟୀ ହୋଇଛନ୍ତି। ବିଶ୍ୱ ଚାମ୍ପିୟନ ମାର୍କ ମାର୍କ୍ୱେଜଙ୍କୁ ରେସ୍‌ରେ ସଂଘର୍ଷ କରିବାକୁ ହୋଇଥିଲା। ସେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଡୁକାଟି ଡ୍ରାଇଭର ଆଣ୍ଡ୍ରିଆ ଡୋଭିଜିଓସୋ ତୃତୀୟ ହୋଇଥିଲେ। କିନ୍ତୁ ଫ୍ରେଞ୍ଚ ରାଇଡର ଫାବିଓ କ୍ୱାର୍ଟାରାରୋ ପୋଲ ପୋଜିଶନରୁ ଆରମ୍ଭ କରିଥିଲେ ମଧ୍ୟ ୭ମ ସ୍ଥାନ ଅଧିକାର କରିଥିଲେ। ସିଜନରେ ଭିନେଲ୍ସଙ୍କର ଏହା ଦ୍ୱିତୀୟ ବିଜୟ। ଗତ ସପ୍ତାହରେ ଅଷ୍ଟ୍ରେଲିଆନ ମୋଟୋଜିପି ବେଳେ ରେସ୍‌ର ଅଧିକାଂଶ ସମୟ ଅଗ୍ରଣୀ ରହିଥିଲେ ମଧ୍ୟ ସାମାନ୍ୟ ତ୍ରୁଟି ଯୋଗୁ ବିଜୟ ହାସଲ କରି ପାରି ନ ଥିଲେ। ତାଙ୍କ ଟିମ୍‌ମେଟ୍ ମାର୍କ୍ୱେଜ ଟାଇଟଲ ଜିତିଥିଲେ।

### ଭିଏତ୍‌ନାମଠାରୁ ହାରିଲା ଭାରତ

**ନୂଆଦିଲ୍ଲୀ, ୩।୧୧(ପି.ଟି.):** ବିଶ୍ୱ ଫୁଟବଲର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଫିଫା ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଭାରତ ୦-୩ ଗୋଲ ବ୍ୟବଧାନରେ ଭିଏତ୍‌ନାମଠାରୁ ପରାସ୍ତ ହୋଇଛି। ଘରୋଇ ଦଳ ତରଫରୁ ଅଷ୍ଟମ ମିନିଟ୍‌ରେ ଥି ଏନ୍‌ହୁଙ୍ଗ୍ ପ୍ରଥମ ଗୋଲ ଦେଇ ଅଗ୍ରଣୀ କରାଇଥିଲେ। ତେବେ ୮୨ ତମ ମିନିଟ୍‌ରେ ଥି ଭାନ ଗୋଲ ଦେଇଥିଲେ। ଶେଷରେ ୮୯ତମ ମିନିଟ୍‌ରେ ଥି ଥୁଇ ହାଙ୍ଗ ଗୋଲ ଦେଇ ଭିଏତନାମକୁ ୩-୦ରେ ଅଗ୍ରଣୀ କରାଇଥିଲେ। ଦ୍ୱାଦଶ ମିନିଟ୍‌ରେ ଭାରତୀୟ ଗୋଲ କିପର ଆଦିତି ଚୌହାନ ଭିଏତ୍‌ନାମ ଖେଳାଳିଙ୍କ ଏକ ଜବରଦସ୍ତ ପ୍ରୟାସକୁ ପଣ୍ଡ କରିଥିଲେ। ମ୍ୟାଚ୍‌ର ମଧ୍ୟରେ ଭାରତର ବାଲା ଦେବୀ ସେଣ୍ଟରୁ ଏକ ଜବରଦସ୍ତ ଶଟ୍ ମାରିଥିଲେ ଓ ଏହା ଅଳ୍ପକେ ଗୋଲ ପୋଷ୍ଟ ମିସ୍ କରିଥିଲା। ୩୨ତମ ମିନିଟ୍‌ରେ ସୁମିତ୍ରାଙ୍କ ବଦଳରେ ଦୟାଙ୍କୁ କୋଚ୍ ମେମୋଲ ରକି ଖେଳାଇଥିଲେ। ୮୦ତମ ମିନିଟ ପର୍ଯ୍ୟନ୍ତ ଗୋଲ କିପର ଚୌହାନ ଦମ୍‌ଦାର ପ୍ରଦର୍ଶନ କରିଥିଲେ ଓ ଭିଏତନାମଙ୍କୁ ଅଧିକ ଗୋଲ କରିବାର ସୁଯୋଗ ଦେଇ ନ ଥିଲେ। ମ୍ୟାଚ୍‌ର ଶେଷ ଭାଗରେ ଭିଏତନାମ ଖେଳାଳି ଦୁଇଟି ଗୋଲ ଦେଇଥିଲେ। ବୁଧବାର ଦ୍ୱିତୀୟ ମ୍ୟାଚ୍ ଖେଳାଯିବ।

# ସିରିଜ୍ ବରାବର କଲା ନ୍ୟୁଜିଲାଣ୍ଡ

**ୱେଲିଂଟନ,୩।୧୧**

ଇଂଲଣ୍ଡ ବିପକ୍ଷରେ ପ୍ରଥମ ମ୍ୟାଚ୍‌ରେ ପରାସ୍ତ ହୋଇଥିବା ନ୍ୟୁଜିଲାଣ୍ଡ ଏଠାରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌କୁ ୨୧ ରନ୍‌ରେ ଜିତି ନେଇଛି। ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଏବେ ୧-୧ରେ ସମାନ ସ୍ଥିତିରେ ରହିଛି। ବିଜୟୀ ଦଳ ପାଇଁ ଚମତ୍କାର ବୋଲିଂ କରିଥିବା ମିଚେଲ ସାଣ୍ଟନରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଦଳ ଧାର୍ଯ୍ୟ ୨୦ ଓଭରରେ ୮ ଉଇକେଟ ହରାଇ ୧୭୬ ରନ୍ କରିଥିଲା। ଦଳ ପାଇଁ ଜେମ୍ସ ନିଶାମ ୪୨, ମାର୍ଟିନ ଗୁପଟିଲ ୪୧, କଲିନ ଡେ ଗ୍ରାଣ୍ଡହୋମ ୨୮ ଓ ରସ ଟେଲର ୨୮ ରନ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ ବୋଲିଂରେ କ୍ରିସ ଜୋର୍ଡାନ ୩ ଓ ସାମ କୁରାନ ୨ ଉଇକେଟ ହାତେଇଥିଲେ। ଜବାବରେ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଇଂଲଣ୍ଡ ୧୯.୫ ଓଭରରେ ୧୫୫ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଡେଭିଡ ମଲାନ ୩୯, କ୍ରିସ ଜୋର୍ଡାନ ୩୬ ଓ ଅଧିନାୟକ ଇଆନ ମୋର୍ଗାନ ୩୨ ରନ୍ କରିଥିଲେ। ଦଳର ୮ ଜଣ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ସ୍କୋର ଛୁଇଁ ପାରି ନ ଥିଲେ। ବିଜୟୀ ଦଳର ମିଚେଲ ସାଣ୍ଟନର ୩ ଉଇକେଟ ନେଇଥିବାବେଳେ ଅଧିନାୟକ ଟିମ ସୌଦି, ଲୋକି ଫର୍ଗୁସନ ଓ ଇଶ ସୋଧି ୨ଟି ଲେଖାଏ ଉଇକେଟ ହାସଲ କରିଥିଲେ। ସିରିଜ୍‌ର ତୃତୀୟ ମ୍ୟାଚ୍ ୫ ତାରିଖରେ ନେଲସନଠାରେ ଖେଳାଯିବ।



ବ୍ୟାଟିଂ ଅବସରରେ ମାର୍ଟିନ୍ ଗୁପଟିଲ।

### ସଂକ୍ଷିପ୍ତ ସ୍କୋର

**ନ୍ୟୁଜିଲାଣ୍ଡ:** ୨୦ ଓଭରରେ ୧୭୬/୮ (ମାର୍ଟିନ ଗୁପଟିଲ ୪୧, ଜେମ୍ସ ନିଶାମ ୪୨, କଲିନ ଡେ ଗ୍ରାଣ୍ଡହୋମ ୨୮, କ୍ରିସ ଜୋର୍ଡାନ ୩/୨୩, ସାମ କୁରାନ ୨/୨୨)।

**ଇଂଲଣ୍ଡ:** ୧୯.୫ ଓଭରରେ ୧୫୫/ଅଲଆଉଟ୍ (ଡେଭିଡ ମଲାନ ୨୯, କ୍ରିସ ଜୋର୍ଡାନ ୩୬, ଇଆନ ମୋର୍ଗାନ ୩୨, ମିଚେଲ ସାଣ୍ଟନର ୩/୨୫, ଟିମ୍ ସୌଦି ୨/୨୫)।

# ବାର୍ଟିଙ୍କୁ ଟାଇଟଲ



**ଶେନଝେନ, ୩।୧୧**

ବିଶ୍ୱର ୧ନମ୍ବର ମହିଳା ଟେନିସ ଖେଳାଳି ଅଷ୍ଟ୍ରେଲିଆର ଆସେଲେ ବାର୍ଟି ଏକ ବଡ଼ ଧରଣର ସଫଳତା ହାସଲ କରିଛନ୍ତି। ବାର୍ଟି ଏଠାରେ ଖେଳାଯାଇଥିବା ଡବ୍ଲୁଟିଏ ଫାଇନାଲ୍ସର ଟାଇଟଲ ଜିତିଛନ୍ତି। ସ୍ଥାନୀୟ ଶେନ୍‌ଝେନ ବେ ସ୍ପୋର୍ଟ୍ସ ସେଣ୍ଟରରେ ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ସେ ଗତଥରର ଚାମ୍ପିୟନ ୟୁକ୍ରେନର ଏଲିନା ସ୍ୱିତୋଲିନାଙ୍କୁ ୬-୪, ୬-୩ ସେଟରେ ହରାଇ ଚାମ୍ପିୟନ ହୋଇଛନ୍ତି। ଏଥି ସହିତ ସେ ଉଭୟ ପୁରୁଷ ଓ ମହିଳା ଟେନିସ ଇତିହାସର ରେକର୍ଡ ସର୍ବାଧିକ ଆର୍ଥିକ ପୁରସ୍କାର ହାସଲ କରିଛନ୍ତି। ବାର୍ଟି ୪.୪୨ ମିଲିୟନ ଆମେରିକୀୟ ଡଲାର ବା ୩,୪୨ ମିଲିୟନ ପାଉଣ୍ଡ ପୁରସ୍କାର ଜିତିଛନ୍ତି।

ଫାଇନାଲରେ ବିଜୟୀ ହେବା ପାଇଁ ବାର୍ଟିଙ୍କୁ ମାତ୍ର ଏକ ଘଣ୍ଟା ୨୬ ମିନିଟ ସମୟ ଆବଶ୍ୟକ ହୋଇଥିଲା। ୨୩ ବର୍ଷୀୟ ବାର୍ଟି ପୂର୍ବରୁ ସ୍ୱିତୋଲିନାଙ୍କ ବିପକ୍ଷ ସବୁ ୫ଟି ଯାକ ମ୍ୟାଚ୍‌ରେ ପରାସ୍ତ ହୋଇଥିଲେ ମଧ୍ୟ ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ବାଜି ମାରିଥିଲେ। ଚଳିତ ବର୍ଷ ମୋର ପ୍ରଦର୍ଶନ ଆଶାନୁରୂପ ହୋଇପାରିଛି ବୋଲି ଫ୍ରେଞ୍ଚ ଓପନ୍ ଚାମ୍ପିୟନ ବାର୍ଟି କହିଛନ୍ତି। ଏହା ପୂର୍ବରୁ ସେମିଫାଇନାଲରେ ବାର୍ଟି ୪-୬, ୬-୨, ୬-୩ ସେଟରେ କାରୋଲିନା ପ୍ଲିସ୍କୋଭାଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ।

### ଇର୍ଫାନ ବୟୋଜ୍ୟେଷ୍ଠ ବୋଲର



**ସିଡ୍‌ନୀ,୩।୧୧:** ୧୯୯୨ରେ ଇମ୍ରାନ ଖାଁଙ୍କ ପରେ ବୟୋଜ୍ୟେଷ୍ଠ ଦ୍ରୁତ ବୋଲର ଭାବେ ମହମ୍ମଦ ଇର୍ଫାନ ପାକିସ୍ତାନ ପକ୍ଷରୁ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ଏଠାରେ ପାକିସ୍ତାନ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିବା ବର୍ଷା ବାଧାପ୍ରାପ୍ତ ପ୍ରଥମ ଟି୨୦ ମ୍ୟାଚ୍‌ରେ ସେ ଏହି ସଫଳତା ପାଇଛନ୍ତି। ଇର୍ଫାନଙ୍କ ବୟସ ଏବେ ୩୭। ଇମ୍ରାନ ୩୯ ବର୍ଷ ବୟସରେ ପାକିସ୍ତାନ ପାଇଁ ୧୯୯୨ ବିଶ୍ୱକପ୍ ଖେଳିଥିଲେ। ମୋଟ ଉପରେ ପାକିସ୍ତାନ ପାଇଁ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ବୟୋଜ୍ୟେଷ୍ଠ ଖେଳାଳି ହେଉଛନ୍ତି ମିରାନ ବଖଶ। ସେ ୪୭ ବର୍ଷ ବୟସରେ ୧୯୫୫ରେ ଦେଶ ପାଇଁ ଏକମାତ୍ର ମ୍ୟାଚ୍ ଖେଳିଥିଲେ।

## ପ୍ରଥମ ଟି୨୦

# ଅଷ୍ଟ୍ରେଲିଆ ବିଜୟରେ ବର୍ଷା ବାଧକ

**ସିଡ୍‌ନୀ, ୩।୧୧(ଏଏଫ୍‌ପି)**

ବର୍ଷା ଯୋଗୁ ପାକିସ୍ତାନ ଏକ ନିଶ୍ଚିତ ପରାଜୟରୁ ରକ୍ଷା ପାଇଛି। ସ୍ଥାନୀୟ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଅଷ୍ଟ୍ରେଲିଆ ଓ ପାକିସ୍ତାନ ମଧ୍ୟରେ ରବିବାର ଖେଳାଯାଇଥିବା ପ୍ରଥମ ଟି୨୦ ମ୍ୟାଚ୍ ଲଗାତର ବର୍ଷା କାରଣରୁ ବିନା ଫଳାଫଳରେ ଶେଷ ହୋଇଛି। ୩ ମ୍ୟାଚ୍ ବିଶିଷ୍ଟ ସିରିଜର ଏହି ମୁକାବିଲାରେ ଅବଶ୍ୟ ଅଷ୍ଟ୍ରେଲିଆ ସୁବିଧାଜନକ ସ୍ଥିତିରେ ଥିଲା। ବିଜୟ ହାସଲରୁ ବଞ୍ଚିତ ହୋଇଥିବାରୁ ଅଷ୍ଟ୍ରେଲିଆ ନିରାଶ ହୋଇଛି। ମଙ୍ଗଳବାର କାନବେରାରେ ଦ୍ୱିତୀୟ ଓ ଶୁକ୍ରବାର ପର୍ଥରେ ତୃତୀୟ ଟି୨୦ ମ୍ୟାଚ୍ ଖେଳାଯିବ।



ବର୍ଷା କାରଣରୁ ଗ୍ରାଉଣ୍ଡ ଷ୍ଟାଫ୍ ପିଚ୍ ଘୋଡାଇବାକୁ ଯାଉଛନ୍ତି।

ବର୍ଷା ଯୋଗୁ ମ୍ୟାଚ୍‌କୁ ୧୫ ଓଭରକୁ କମାଇ ଦିଆଯାଇଥିଲା। ଅଷ୍ଟ୍ରେଲିଆ ଟସ୍‌ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ହରାଇ ୧୦୭ ରନ ସଂଗ୍ରହ କରିଥିଲା। ତେବେ ଡକ୍‌ୱର୍ଥ ଲୁଇସ- ଷ୍ଟେର୍ନ ନିୟମରେ ଅଷ୍ଟ୍ରେଲିଆ ସମ୍ମୁଖରେ ୧୫ ଓଭରରେ ୧୧୯ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଜବାବରେ ବ୍ୟାଟିଂ ଆରମ୍ଭ କରି ଅଷ୍ଟ୍ରେଲିଆ ୩.୧ ଓଭରରେ ବିନା କ୍ଷତିରେ ୪୧ ରନ ସଂଗ୍ରହ କରିଥିଲା ଓ ଏତିକି ବେଳେ ବର୍ଷା ହୋଇଥିଲା ଓ ଆଉ ଖେଳ ସମ୍ଭବ ହୋଇପାରି ନ ଥିଲା। ଫଳରେ ମ୍ୟାଚ୍‌କୁ ବାତିଲ କରିବାକୁ ପଡିଥିଲା। ଓପନର ଡେଭିଡ ୱାର୍ନର ୪ ବଲରୁ ୨ ଓ ଅଧିନାୟକ ଆରୋନ ଫିଞ୍ଚ୍ ୫ ଚୌକା ଓ ୨ ଛକା ସହ ୧୬ ବଲରୁ ଦ୍ରୁତ ୩୭ ରନ କରି ଅପରାଜିତ ରହିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ତରଫରୁ ଅଧିନାୟକ ବାବର ଆଜମ ୩୮ ବଲରୁ ୫ ଚୌକା ଓ ୨ ଛକା ସହ ଅପରାଜିତ ୫୯ ରନ ଓ ମହମ୍ମଦ ରିଜୱାନ ୩୧ ରନ୍ କରିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ମିଚେଲ ଷ୍ଟାର୍କ ଓ କେନ୍ ରିଚାର୍ଡସନ ୨ଟି ଲେଖାଏ, ଆଷ୍ଟନ ଅଗର ଗୋଟିଏ ଉଇକେଟ ନେଇଥିଲେ।


## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ରବୀନ୍ଦ୍ରନାଥ ସେଠୀ**
ତଳବାରଙ୍ଗ, କେନ୍ଦ୍ରାପଡ଼ା,
ତିରୋଧାନ: ୧୬।୧୧।୨୦୧୮
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ବଳଦେବଜୀଉଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:**
ସ୍ତ୍ରୀ: ପ୍ରଭାତୀ ସେଠୀ, ପୁଅ: ଚନ୍ଦ୍ରଭାନୁ ରାଉତ, ଝିଅ: ଅମ୍ବିକା ସେଠୀ, ଜ୍ୱାଇଁ: ଅଶୋକ ସେଠୀ, ନାତୁଣୀ: ଲାଡଲି ଓ ଗୁଡଲି।
ଧ-୧୫୦୬୬

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଭକ୍ତବୀର ପାତ୍ର**
ଆବିର୍ଭାବ: ୦୧।୦୧।୧୯୯୫
ତିରୋଧାନ: ୧୫।୧୧।୨୦୧୮
ଗ୍ରାମ: ରଘୁନାଥପୁର,ନନ୍ଦନକାନନ
ଜିଲ୍ଲା: ଖୋର୍ଦ୍ଧା
ଚାହୁଁ ଚାହୁଁ ଗୋଟେ ବର୍ଷ ବିତିଗଲା ଆଖିର ଲୁହ ପିଇକି ଭାଇ, ତୋର ସ୍ନେହ, ଶ୍ରଦ୍ଧା, ଭଲପାଇବା ଏ ଜନ୍ମରେ କେବେହେଲେ ଭୁଲି ପାରିବୁନି, ଆଜି ତୋ' ପାଇଁ ଆମେ ଖାଲି ନୁହେଁ ପୁରା ଗାଁ ଝୁରୁଛି ତତେ ଭାଇ, ତୋର ପ୍ରତିଟି କଥା ମନେ ପଡ଼ିଗଲା ଠୁ ଆଖିରୁ ଲୁହ ବୋହି ଯାଉଛି। ତୁ ଯୋଉଠି ଅଛୁ ଭଲରେ ଥା ଆଜି ତୋର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମର ଏତିକି କାମନା।
**ଶୋକସନ୍ତପ୍ତ:**
ଭାଇ, ଭାଉଜ, ବୋଉ, ଭଉଣୀ, ଅଜା, ଆଈ, ମାମୁ, ମାଇଁ, ସାଙ୍ଗ ସାଥୀ, ବନ୍ଧୁ ଓ ପରିବାରବର୍ଗ।
ଧ-୬୮୫୦୪

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ବାସନ୍ତୀ ହୋତା**
ମାଧପୁର, ଆଠମଲ୍ଲିକ, ଅନୁଗୁଳ
ଆବିର୍ଭାବ: ୦୯।୧୦।୧୯୩୯
ତିରୋଧାନ: ୨୪।୧୦।୨୦୧୯
ତୋର ସ୍ନେହ, ତ୍ୟାଗ, କର୍ତ୍ତବ୍ୟନିଷ୍ଠା, ଆମ ପାଇଁ ସଦାସର୍ବଦା ଚିରସ୍ମରଣୀୟ ରହିବ। ତୋର ପବିତ୍ର ଆତ୍ମାର ମୋକ୍ଷ ପ୍ରାପ୍ତି ହେଉ, ଏବଂ ଆମ ପାଇଁ ସଦାସର୍ବଦା ଆଶୀର୍ବାଦ ଥାଉ।
**ଶୋକସନ୍ତପ୍ତ**
ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀ ଏବଂ ପରିବାର ଗଣ।
ଧ-୧୫୦୬୦

**ଦଶମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ବସନ୍ତ କୁମାରୀ ମହାନ୍ତି**
ସ୍ୱାମୀ: ସ୍ୱର୍ଗତ ନଟବର ମହାନ୍ତି
ବସନ୍ତ ନିବାସ, ଅରିଲୋ, କଟକ
ତିରୋଧାନ: ୨୬।୧୦।୨୦୦୯
ବୋଉ, ତୋତେ ହରାଇ ଆମେ ସର୍ବହରା। ତୋର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ତୋର ଆଦର୍ଶ,ଆଶୀର୍ବାଦ ଆମ ଜୀବନର ପାଥେୟ ହେଉ।
**ଶୋକସନ୍ତପ୍ତ:**
ବନ୍ଧୁ ଓ ପରିବାରବର୍ଗ ।
ଧ-୧୫୦୬୧

**୧୪ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଦ୍ୱିଜବର ପାତ୍ର**
ନହରକଣ୍ଟା, ଭୁବନେଶ୍ୱର
ଆବିର୍ଭାବ: ୧୫।୦୨।୧୯୪୦
(ଶୁକ୍ଳ ମାଘସପ୍ତମୀ)
ତିରୋଧାନ: ୦୯।୧୧।୨୦୦୫
(କାର୍ତ୍ତିକ ଗୋଷ୍ଠାଷ୍ଟମୀ)
ଆପଣଙ୍କ ଅମରାତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ବନ୍ଧୁ, ପରିବାରବର୍ଗ।
ଧ-୧୫୦୩୩

**୧୪ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଇଂ. ସ୍ୱର୍ଗତ ଚକ୍ରଧର ପାତ୍ର**
ନାଗେଶ୍ୱରଟାଙ୍ଗୀ, ଭୁବନେଶ୍ୱର
ଆବିର୍ଭାବ: ୦୪।୦୧।୧୯୩୮
ତିରୋଧାନ: ୩୦।୧୦।୨୦୦୬
ପବିତ୍ର ଗୋଷ୍ଠାଷ୍ଟମୀ ଅବସରରେ ଆପଣ ଆମକୁ ଶୋକସାଗରରେ ଭସାଇ ଆରପାରିକୁ ଚାଲିଗଲ। ଆପଣଙ୍କ ନିତୀ ଆଦର୍ଶ, ସ୍ନେହ ଆମପାଇଁ ପାଥେୟ ହୋଇରହୁ। ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କରନ୍ତୁ।
**ଶୋକସନ୍ତପ୍ତ:**
ସ୍ତ୍ରୀ: ପ୍ରଭାସିନୀ, ପୁଅବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ ଏବଂ ବନ୍ଧୁବାନ୍ଧବ।
ଧ-୬୭୨୪୮


### ନେଦରଲାଣ୍ଡ୍ସ ଟି୨୦ କ୍ୱାଲିଫାଇଂ ଇଭେଣ୍ଟ ଚାମ୍ପିୟନ

**ଦୁବାଇ,୩।୧୧(ଏଏଫ୍‌ପି)**

ନେଦରଲାଣ୍ଡ ଫାଇନାଲରେ ପପୁଆ ନ୍ୟୁ ଗିନିକୁ ୭ ଉଇକେଟରେ ହରାଇ ଟି୨୦ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟରେ ଚାମ୍ପିୟନ ହୋଇଛି। ଉଭୟ ଦଳ ଅଷ୍ଟ୍ରେଲିଆରେ ହେବାକୁ ଥିବା ବିଶ୍ୱକପ୍‌ରେ ସ୍ଥାନ ପକ୍କା କରିସାରିଛନ୍ତି। ଏହାବାଦ୍ ଓମାନ, ସ୍କଟଲାଣ୍ଡ, ନାମ୍ବିଆ ଓ ଆୟର୍ଲାଣ୍ଡ ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି। ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ପିଏନ୍‌ଜି ଧାର୍ଯ୍ୟ ୨୦ ଓଭରରେ ୮ ଉଇକେଟ ହରାଇ ୧୨୮ ରନ୍ କରିଥିଲା। ଦଳ ପାଇଁ ଲେଗା ସିକା ୩୯, ସେସେ ବାଉ ୨୯ ଓ ଜାସନ କିଲା ୨୭ ରନ୍ କରିଥିଲେ। ନେଦରଲାଣ୍ଡ ପକ୍ଷରୁ ବ୍ରାଣ୍ଡନ ଗ୍ଲୋଭର ୩ ଉଇକେଟ ନେଇଥିଲେ। ଜବାବରେ ୧୯ ଓଭରରେ ୩ ଉଇକେଟ ହରାଇ ନେଦରଲାଣ୍ଡ ୧୩୪ ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ଚାମ୍ପିୟନ ଦଳ ଲାଗି ବେନ କୁପର ୪୧, ରିଆନ ଟେନ ଡେସସ୍କେଟ ୩୪ ଓ କଲିନ ଆକମ୍ୟାନ ୨୯ ରନ୍ କରିଥିଲେ। ପିଏନ୍‌ଜିର ବୋଲରଙ୍କ ମଧ୍ୟରେ ନୋସାଇନା ପୋକାନା ଓ ଅଧିନାୟକ ଅସାଦ ଭଲା ଗୋଟିଏ ଲେଖାଏ ଉଇକେଟ ପାଇଥିଲେ।

# ସେମିରେ ୟୁନିୟନ୍ ସ୍ପୋର୍ଟିଂ

**ଭୁବନେଶ୍ୱର, ୩।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**

ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ରବିବାରଠାରୁ ମହମ୍ମଦ ଇମ୍ରାନ ମେମୋରିଆଲ ଟ୍ୱିନ୍ ସିଟି କ୍ରିକେଟ୍ ଟୁର୍ନାମେଣ୍ଟ (୧୭ ବର୍ଷରୁ କମ୍) ଆରମ୍ଭ ହୋଇଯାଇଛି। ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜ ଖେଳପଡ଼ିଆରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟକୁ ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନର ସମ୍ପାଦକ ସୌମ୍ୟ ରଞ୍ଜନ ପରିଜା, ପୂର୍ବତନ କ୍ରୀଡ଼ା ନିର୍ଦ୍ଦେଶକ ଅଶୋକ ମହାନ୍ତି ଓ ମାଧବ ଚରଣ ସାହୁ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ୍‌ରେ କଟକର ୟୁନିୟନ ସ୍ପୋର୍ଟିଂ ୩ ଉଇକେଟ୍‌ରେ ଗ୍ରୀନ୍ସ କ୍ରିକେଟ୍ ଏକାଡେମୀକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ବିନାୟକ ମହାନ୍ତିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।

ପୁରସ୍କାର ବିତରଣୀ ଉତ୍ସବରେ ପୂର୍ବତନ କ୍ରିକେଟର୍ ସଞ୍ଜୀବ ଶତପଥୀ, ଜାତୀୟ ଫୁଟ୍‌ବଲ ରେଫରି ଜିତେନ୍ଦ୍ର ସାମନ୍ତସିଂହାର ଅତିଥିଭାବେ ଯୋଗଦେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରିଣ୍ଟୁ ମିତ୍ର, ତପନ ସାହୁ, ବଦ୍ରୀ ପାତ୍ର, ବାସୁଦେବ ଓଝା, ଉମାକାନ୍ତ ବେହେରା, ଜଗମୋହନ ସ୍ୱାଇଁ, ବିଷ୍ଣୁ ସାହୁ, ଲିଙ୍ଗରାଜ ମହାନ୍ତି, ଦୀପକ ମଲ୍ଲିକ, ଅମୂଲ୍ୟ ନାୟକ, ପ୍ରଦୀପ କୁମାର ଜେନା ଓ ଶରତ ଚନ୍ଦ୍ର ସାହୁ ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହିଥିଲେ। ମ୍ୟାଚ୍‌କୁ ପ୍ରସନ୍ନ ବେଉରା ଓ ସୁଶାନ୍ତ ଦାସ ପରିଚାଳନା କରିଥିବାବେଳେ ମନୁ ମହାପାତ୍ର ରେଫରି ଦାୟିତ୍ୱ ସମ୍ଭାଳିଥିଲେ।





ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ବିନାୟକ ମହାନ୍ତି।

## ଆନ୍ତଃ ବିଦ୍ୟାଳୟ ଗେଟ୍‌ବଲ୍

# ପଳାଶୁଣୀ ୟୁଜି ଉଚ୍ଚ ବିଦ୍ୟାଳୟ ଚାମ୍ପିୟନ

**ଭୁବନେଶ୍ୱର, ୩।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**

ଇଣ୍ଡିଆନ୍ ଗେଟ୍‌ବଲ୍ ୟୁନିୟନ ଆନୁକୂଲ୍ୟରେ ସ୍ଥାନୀୟ ୟୁନିଟ୍-୯ ବାଳିକା ବିଦ୍ୟାଳୟ ପ୍ରାଙ୍ଗଣରେ ପ୍ରଥମ ଆନ୍ତଃ ବିଦ୍ୟାଳୟ ଗେଟ୍‌ବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଫାଇନାଲରେ ପଳାଶୁଣୀର ୟୁ.ଜି. ଉଚ୍ଚ ବିଦ୍ୟାଳୟ ୧୨-୧୧ ସ୍କୋରରେ ଓଡିଏମ୍ ପବ୍ଲିକ ସ୍କୁଲକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ସେମିଫାଇନାଲରେ ପ୍ରବେଶ କରିଥିବା କ୍ୟାପିଟାଲ ହାଇସ୍କୁଲ-ଏ ଓ କ୍ୟାପିଟାଲ ହାଇସ୍କୁଲ-ବି ଟିମ୍ ଯଥାକ୍ରମେ ୩ୟ ଓ ୪ର୍ଥ ରନର୍ସଅପ୍ ଭାବେ ଅଭିଯାନ ଶେଷ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କ୍ୟାପିଟାଲ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୋନାଲିକା ରାୟ ମୁଖ୍ୟ ଅତିଥିଭାବେ ଏବଂ ତ୍ରିଲୋଚନ ଦେବତା, ସଞ୍ଜୟ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଇଣ୍ଡିଆନ ଗେଟ୍‌ବଲ ୟୁନିୟନର ସଭାପତି ଦୈପାୟନ ପଟ୍ଟନାୟକ, ସମ୍ପାଦକ ଦିଲ୍ଲୀପ କୁମାର ଦାସ, କୋଷାଧ୍ୟକ୍ଷ ବିଶ୍ୱରଞ୍ଜନ ମିଶ୍ର ଓ ସମସ୍ତ କର୍ମକର୍ତ୍ତା ପ୍ରତିଯୋଗିତାକୁ ସଫଳ ଭାବେ ପରିଚାଳନା କରିବାରେ ସହଯୋଗ କରିଥିଲେ।

ଏହି ପ୍ରତିଯୋଗିତାରେ ୟୁନିଟ୍-୧ ବାଳକ ଉଚ୍ଚ ବିଦ୍ୟାଳୟ, ରାମକୃଷ୍ଣ ବିଦ୍ୟାପୀଠ, ଓଡିଏମ୍ ପବ୍ଲିକ ସ୍କୁଲ, ଆଇ.ଆର୍.ସି. ଭିଜେଜ ଉଚ୍ଚ ବିଦ୍ୟାଳୟ, ଏଫ୍‌ଏମ୍‌ଏସ୍ ବିଦ୍ୟାଳୟ, ଇଟିପୁର ଉଚ୍ଚ ବିଦ୍ୟାଳୟ, କିସ୍, ପଳାଶୁଣୀ ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୯ ବାଳିକା ବିଦ୍ୟାଳୟ, ଭେଙ୍କଟେଶ୍ୱର ସ୍କୁଲ, ସତ୍ୟସାଇ ବାଳିକା ବିଦ୍ୟାଳୟ, ଉତ୍କଳ ଆଶ୍ରମ ବିଦ୍ୟାଳୟ ଆଦି ଭୁବନେଶ୍ୱରସ୍ଥିତ ୨୪ ଗୋଟି ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସମସ୍ତ ସ୍କୁଲ ମୋଟ୍ ୬ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।





ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ସୋମବାର, ନଭେମ୍ବର ୪/୨୦୧୯ Dhenkanal, Monday , November 4 / 2019

## ସଂକ୍ଷେପରେ

### ଉଦଳାରେ ଡେଙ୍ଗୁ ରୋଗୀ ଚିହ୍ନଟ

ଉଦଳା,୩।୧୧(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ଅଞ୍ଚଳରେ ଜଣେ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ରୋଗୀ ଜଣକ ଏବେ ବାରିପଦା ପିଆରଏମ୍ ମେଡିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁଯାୟୀ, ଉଦଳା ବ୍ଲକ ଅଧୀନ କୋଚିଲାଡିହା ପଞ୍ଚାୟତ ଅଞ୍ଚଳର ଜଣେ ଯୁବକ ଭୁବନେଶ୍ୱରଠାରେ ରହି କାର୍ଯ୍ୟ କରୁଥିଲେ। ଗତ କାଳୀପୂଜା ସମୟରେ ସେ ନିଜ ଗାଁକୁ ଆସିଥିଲେ। ତେବେ କାଳୀପୂଜା ପର ଦିନଠାରୁ ତାଙ୍କୁ ଜ୍ୱର ହୋଇଥିଲା। ଜ୍ୱର ନ କମିବାରୁ ପରିବାର ଲୋକେ ତାଙ୍କୁ ଉଦଳା ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଥିବା ବେଳେ ତାଙ୍କର ରକ୍ତ ପରୀକ୍ଷା କରାଯାଇଥିଲା। ସେ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିବାରୁ ଶନିବାର ରାତିରେ ଚିକିତ୍ସା ନିମନ୍ତେ ତାଙ୍କୁ ବାରିପଦା ପିଆରଏମ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ୫ଜୁଆଡ଼ି ଗିରଫ

ବଡ଼ସାହି,୩।୧୧(ସ୍ୱ.ପ୍ର): ବଡ଼ସାହି ଥାନା ସାନକେରକ ମ.ଇ ସ୍କୁଲ ପଛପଟେ ଜୁଆ ଖେଳୁଥିବା ୫ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଟିକାୟତପୁର ଗ୍ରାମର ଅଶୋକ ନାଏକ, ଦଶରଥ ମହାନ୍ତ, ବଇଲୁ ମହାନ୍ତ, କନ୍ଦଲିଆଶୋଳ ଗ୍ରାମର ସିଦ୍ଧାନ୍ତ ମିଶ୍ର ଓ ବସ୍ତା ଥାନା ବାସୁଚାକୁରାଇର ମାନସ ମହାନ୍ତ। ପୋଲିସ ଏକ ମାମଲା ରୁଜୁ କରିଛି।

■ଏଆଇୟୁଟିୟୁସିର ଦ୍ୱିତୀୟ ଜିଲା ସମ୍ମିଳନୀ

# ‘ସ୍ଥାୟୀ କାମରେ ଠିକା ନିଯୁକ୍ତି ବନ୍ଦ କର’

**ଅନୁଗୋଳ ଅଫିସ, ୩।୧୧**



ଅନୁଗୋଳ ଜିଲା ଟାଉନ ହଲ ଠାରେ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଏଆଇୟୁଟିୟୁସି ପକ୍ଷରୁ ଦ୍ୱିତୀୟ ଶ୍ରମିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଶତାଧିକ ଶ୍ରମିକ, କର୍ମଚାରୀ ଶୋଭାଯାତ୍ରାରେ ବାହାରି ଟାଉନ ହଲ ଠାରେ ପହଞ୍ଚିଥିଲେ।

ଏଆଇୟୁଟିୟୁସି ଜିଲା ସଭାପତି ପ୍ରହଲ୍ଲାଦ ଚନ୍ଦ୍ର ସାହୁ, ଭିକାରୀ ଚରଣ ପ୍ରଧାନ, ରାଜେଶ ରଞ୍ଜନ ପାଣି ସଭାରେ ଉପସ୍ଥିତ ଥିଲେ। ଏଆଇୟୁଟିୟୁସି ଜିଲା ସମ୍ପାଦକ ମଣ୍ଡଳୀ ସଭ୍ୟ ତୀର୍ଥବାସୀ ଭୋଇ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ଜିଲା ସମ୍ପାଦକ ସାଙ୍ଗଠନିକ ବିବରଣୀ ଓ ପ୍ରଦୀପ କୁମାର ପ୍ରଧାନ ସମ୍ମିଳନୀର ମୁଖ୍ୟ ଚିଠା ପ୍ରସ୍ତାବ ଆଗତ କରିଥିଲେ। ମୁଖ୍ୟବକ୍ତା ଭାବେ ଏଆଇୟୁଟିୟୁସି ରାଜ୍ୟ ଉପସଭାପତି ବିଷ୍ଣୁ ଦାସ ଓ ଅନ୍ୟତମ ବକ୍ତା ଭାବେ ରାଜ୍ୟ ସମ୍ପାଦକ ଯୋଗଦେଇ ୫୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ନିଷ୍ପତ୍ତିକୁ ତୀବ୍ର ନିନ୍ଦା କରିଥିଲେ। ସ୍ଥାୟୀ କାମରେ ଠିକା ନିଯୁକ୍ତି ସମ୍ପୂର୍ଣ୍ଣ ବନ୍ଦ କରିବା, ପାଚିକା, ଆଶା, ଅଙ୍ଗନୱାଡ଼ି କର୍ମଚାରୀମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦେବା ପାଇଁ ମଧ୍ୟ ସେ ଦାବି କରିଥିଲେ। ସରକାରଙ୍କ ଶ୍ରମିକମାରଣ ନୀତି ବିରୋଧରେ ସଙ୍ଗଠିତ, ଅସଙ୍ଗଠିତ କ୍ଷେତ୍ରର ସମସ୍ତ ଶ୍ରମିକ କର୍ମଚାରୀ ଶକ୍ତିଶାଳୀ ଆନ୍ଦୋଳନ ପାଇଁ ସେ ଆହ୍ୱାନ ଦେଇଥିଲେ। ଆଗାମୀ ଦିନରେ ଅନୁଗୋଳ ଜିଲାରେ ସଙ୍ଗଠନ ଓ ଶ୍ରମିକ ଆନ୍ଦୋଳନକୁ ନେତୃତ୍ୱ ଦେବା ପାଇଁ ସଭାପତି ଭାବେ ପ୍ରହଲ୍ଲାଦ ଚନ୍ଦ୍ର ସାହୁ, ଉପସଭାପତି ଭାବେ ଭିକାରୀ ପ୍ରଧାନ, ରାଜେଶ ରଞ୍ଜନ ପାଣି, ସମ୍ପାଦକ ବ୍ରଜବନ୍ଧୁ ସାହୁ, ସମ୍ପାଦକ ମଣ୍ଡଳୀ ସଦସ୍ୟ ତୀର୍ଥବାସୀ ଭୋଇ, ଟୁନା ନାଏକ, ଦୁଃଖିଶ୍ୟାମ ମଲ୍ଲିକ, ପ୍ରଦୀପ ପ୍ରଧାନ, ପ୍ରତାପ ପ୍ରଧାନ, ଅଭୟ ନାଏକ ଓ କୋଷାଧ୍ୟକ୍ଷ ପ୍ରତାପ ଚନ୍ଦ୍ର ସାହୁଙ୍କୁ ନେଇ ଏକ ୪୬ ଜଣିଆ ଜିଲା କମିଟି ନିର୍ବାଚିତ କରାଯାଇଥିଲା।

# ମେଧାବୃତ୍ତି ପରୀକ୍ଷାରୁ ଶତାଧିକ ବଞ୍ଚିତ ଅଭିଯୋଗ

**ଅନୁଗୋଳ ଅଫିସ, ୩।୧୧**

ଅନୁଗୋଳ ଜିଲାରେ ମେଧାବୃତ୍ତି ପାଇଁ ପରୀକ୍ଷା ରବିବାର ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ସଦର ମହକୁମା ଓ ଉପକଣ୍ଠରେ ୬ଟି ପରୀକ୍ଷା କେନ୍ଦ୍ର କରାଯାଇଥିଲା। ଏଥିରେ ମୋଟ୍ ୨,୨୩୨ ଜଣ ପରୀକ୍ଷା ଦେବାକୁ ଥିବାବେଳେ ୨,୧୧୫ ଜଣ ପରୀକ୍ଷା ଦେଇଥିବା ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ବିଭିନ୍ନ ଅଞ୍ଚଳରୁ ଆସିଥିବା କେତେଜଣ ମେଧାବୀ ଆଡମିଟ୍ କାର୍ଡ ମିଳି ନ ଥିବାରୁ ଏହି ପରୀକ୍ଷାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି।

ଅନୁଗୋଳ ଜିଲାର ବିଭିନ୍ନ ବିଦ୍ୟାଳୟରୁ ଜାତୀୟ ମେଧାବୃତ୍ତି(ଏନ୍‌ଟିଏସ୍ଇ) ପରୀକ୍ଷା ପାଇଁ ମୋଟ୍ ୭୪୭ ଜଣ ଆବେଦନ କରିଥିବାବେଳେ ୬୯୭ ଜଣ ପରୀକ୍ଷା ଦେଇଛନ୍ତି। ଏ ନେଇ ଅନୁଗୋଳ ଉଚ୍ଚ ବିଦ୍ୟାଳୟ ଓ ଟାଉନ୍ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷାକେନ୍ଦ୍ର କରାଯାଇଥିଲା। ସେହିପରି ଜାତୀୟ ଆୟ ଭିତ୍ତିକ ମେଧାବୃତ୍ତି (ଏନ୍‌ଏମ୍‌ଏମ୍‌ଏସ୍ଇ) ପରୀକ୍ଷା ପାଇଁ ୧୪୮୫ ଜଣ ଆବେଦନ କରିଥିବାବେଳେ ୨୧୧୫ ଜଣ ପରୀକ୍ଷା ଦେଇଛନ୍ତି। ଏଥିପାଇଁ ୪ଟି କେନ୍ଦ୍ର ଅନୁଗୋଳ ବାଳିକା ଉଚ୍ଚ ବିଦ୍ୟାଳୟ, ପିଟିସି ହାଇସ୍କୁଲ, ଖଲାରୀ ଉଚ୍ଚ ବିଦ୍ୟାଳୟ ଓ କୁମଣ୍ଡ-ଜରାସିଂହା ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। କିନ୍ତୁ ଉପରୋକ୍ତ ଦୁଇଟି ମେଧାବୃତ୍ତି ପରୀକ୍ଷାରୁ କେତେଜଣ ଛାତ୍ରୀଛାତ୍ର ବଞ୍ଚିତ ରହିଛନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କଣିହାଁ ବ୍ଲକ ଅଞ୍ଚଳର କିଛି ଛାତ୍ରୀଛାତ୍ର ମଧ୍ୟ ଉକ୍ତ ପରୀକ୍ଷାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଜିଲା ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି ଯେ, କେତେଜଣ ଛାତ୍ରୀଛାତ୍ର ସେମାନଙ୍କ ଆବେଦନ ଫର୍ମ ଭୁଲ କରିଥିବାରୁ ଆଡମିଟ୍‌କାର୍ଡ ଅପ୍‌ଲୋଡ ହୋଇପାରିନାହିଁ। ଏପରି କି ଭାଲିଡେଶନ୍ ହୋଇ ନ ଥିବାରୁ ଆଇକାର୍ଡ ମିଳିପାରିନାହିଁ। ତେଣୁ ପରୀକ୍ଷାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ପୂର୍ବରୁ ମଧ୍ୟ ଜିଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟକୁ ୧୩ଟି ଅଭିଯୋଗ ଆସିଥିଲା। ସେମାନେ ଭୁଲ ଆବେଦନ କରିଥିବାରୁ ସମସ୍ୟା ଉପୁଜିଥିବା କଥା ବିଭାଗ ପକ୍ଷରୁ କୁହାଯାଇଛି।

■ତଳମୂଳ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ

# ବଣିହାବାହାଳ ଚାମ୍ପିୟନ



ଟୁର୍ନାମେଣ୍ଟ ଆୟୋଜନ ଅବସରରେ ଯୋଗ ଦେଇଥିବା ଅତିଥିମାନେ।

**ବଅଁରପାଳ, ୩।୧୧(ଡି.ଏନ.ଏ.)**

ବଅଁରପାଳ ବ୍ଲକ ଅନ୍ତର୍ଗତ ତଳମୂଳ ମା’ ହିଙ୍ଗୁଳା କ୍ଲବ ଦ୍ୱାରା ଆୟୋଜିତ ମା’ ହିଙ୍ଗୁଳା ଏକ ଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଖପାଖ ଅଞ୍ଚଳରୁ ୮ଟି ଦଳ ଭାଗ ନେଇଥିଲେ। ଫାଇନାଲ ଖେଳ ଜରଡା ଓ ବଣିହାବାହାଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବଣିହାବାହାଳ ୨-୦ ଗୋଲ୍‌ରେ ଜରଡାକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗ ଦେଇଥିଲେ। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ବିଜେଡି ଯୁବନେତା ଅରୁନବ ସିଂ ମୁଖ୍ୟଅତିଥି, ଅମରେଶ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

■ନିଶା କାରବାର ଅଭିଯୋଗ

# ୩ ଗିରଫ, ୨ ବାଇକ୍ ଜବତ

**ଅନୁଗୋଳ ଅଫିସ, ୩।୧୧**



ଅନୁଗୋଳ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ଦୀନକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ସ୍ପେଶାଲ ସ୍କ୍ୱାଡ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଶୁକ୍ରବାର ୧୭.୭୮୦ ଗ୍ରାମର ବ୍ରାଉନସୁଗାର ଓ ୧୩ଟି କଫ୍ ସିରପ ଜବତ କରିଛି। ଏଥିସହ ଏହି କାରବାର ଅଭିଯୋଗରେ ତୁରଙ୍ଗ ଗ୍ରାମର ଅଜିତ କୁମାର ସାହୁ(୪୬), ବଅଁରପାଳ ଥାନା ଗୋତମରା ଗ୍ରାମର ଦୀପକ ସାମଲ(୩୮) ଓ ନାଲ୍‌କୋ ଥାନା ଗିରାଙ୍ଗ ଗ୍ରାମର ସନ୍ତୋଷ କୁମାର ସାହୁ(୩୬)ଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏ ସମ୍ପର୍କରେ ଜିଲା ପୋଲିସ ପକ୍ଷରୁ ଏକ ପ୍ରେସ୍ ବିବୃତିରେ ସୂଚନା ପ୍ରଦାନ କରାଯାଇଛି।

ସୂଚନା ମୁତାବକ, ଅନୁଗୋଳ ଥାନା ତୁରଙ୍ଗ ଗ୍ରାମର ଅଜିତ ବେଆଇନ ଭାବେ ନିଶାଯୁକ୍ତ କଫସିରପ ବିକ୍ରି କରୁଥିବା ଜଣାପଡିବା ପରେ ଚଢ଼ାଉ କରାଯାଇଥିଲା। ଏ ନେଇ ଅନୁଗୋଳ ଥାନାରେ ନଂ. ୯୧୦/୧୯ରେ ମାମଲା ରୁଜୁ କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେହିପରି ନାଲ୍‌କୋ ଥାନା ଗିରାଙ୍ଗର ସନ୍ତୋଷଙ୍କଠାରୁ ୧୦.୮୦ ଗ୍ରାମର ବ୍ରାଉନସୁଗାର, ଦୁଇଟି ମୋବାଇଲ ଫୋନ, ୯ ହଜାର ୬୩୦ ଟଙ୍କା ଓ ଏକ ବାଇକ୍ (ଓଡ଼ି-୧୯-ଜେ-୭୫୨୮) ଜବତ କରାଯାଇଛି। ଏ ନେଇ ନାଲ୍‌କୋ ଥାନାରେ ୧୬୬/୧୯ରେ ଏକ ମାମଲା ରୁଜୁ କରାଯାଇ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ସେହିଭଳି ବଅଁରପାଳ ଥାନା ଗୋତମରା ଗ୍ରାମର ଦୀପକଙ୍କ ନିକଟରୁ ୭.୭୧୦ ଗ୍ରାମର ବ୍ରାଉନସୁଗାର, ଗୋଟିଏ ମୋବାଇଲ ଫୋନ, ୧୨ ଶହ ୫୦ ଟଙ୍କା ଓ ଏକ ବାଇକ୍ (ନଂ.ଓଆର୍-୧୯-ଏନ୍-୦୧୩୮) ଜବତ କରିଛି। ବଅଁରପାଳ ଥାନାରେ ନଂ. ୨୪୮/୧୯ରେ ମାମଲା ରୁଜୁ କରାଯାଇ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଏନ୍‌ଡିପିଏସ୍ ମାମଲା ରୁଜୁ କରାଯାଇଥିବା ପୋଲିସ କହିଛି।

# ଦୁର୍ନୀତିରୁ ଦୂରେଇ ରହିବାକୁ ପରାମର୍ଶ

**ବଇଣ୍ଡା,୩।୧୧(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ସରସ୍ୱତୀ ଶିଶୁମନ୍ଦିର ପରିସରରେ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଓ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଠାକୁରଗଡ଼ ଗ୍ରାମ୍ୟ ବ୍ୟାଙ୍କର ଶାଖା ପରିଚାଳକ ଜିତେନ୍ଦ୍ର କୁମାର ସାହୁ ଯୋଗଦେଇ ଦୁର୍ନୀତିଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଶ୍ରୀକାନ୍ତ କୁମାର ସିଂ, ବିଦ୍ୟାଳୟର ଯୁଗ୍ମ ସମ୍ପାଦକ ହେମନ୍ତ କୁମାର ଖୁଣ୍ଟିଆ, ପ୍ରଧାନ ଆଚାର୍ଯ୍ୟ ଅକ୍ଷୟ କୁମାର ସାହୁ, ଜିତେନ୍ଦ୍ର ସାହୁ, ଲିଟିଲ ବିଶ୍ୱାଳ, ଗଜାନନ ସାହୁ, ସମରେନ୍ଦ୍ର ପ୍ରଧାନ, ମିତାରାଣୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।



ଶିଶୁମନ୍ଦିରରେ ଆୟୋଜିତ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ।

### ଜାଲ୍ ଆଇଡିରେ ରେଳ ଟିକେଟ ବୁକିଂ: ଯୁବକ ଗିରଫ

ରାଇରଙ୍ଗପୁର,୩।୧୧(ଡି.ଏନ୍.ଏ.): ରାଇରଙ୍ଗପୁର ସହରାଞ୍ଚଳରେ ଜାଲ୍ ମେଲ୍ ଆଇଡି ମାଧ୍ୟମରେ ରେଳ ଟିକେଟ ବୁକିଂ କରୁଥିବା ଜଣେ ଯୁବକଙ୍କୁ ଝାଡ଼ଖଣ୍ଡ ଟାଟାନଗର ଆର୍‌ପିଏଫ୍ ଗିରଫ କରିଛି। ଗିରଫ ଯୁବକ ହେଲେ ରାଇରଙ୍ଗପୁର ସହରାଞ୍ଚଳର ସ୍ୱାମୀ ଜେରକ୍ସ କମ୍ପ୍ୟୁଟର ମାଲିକଙ୍କ ପୁଅ ରାଉଲ ସ୍ୱାମୀ। ଆର୍‌ପିଏଫ୍ ଏଏସ୍‌ଆଇ ଜିସି ମଲ୍ଲିକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଅଭିଯୁକ୍ତ ରାଉଲଙ୍କୁ ଗିରଫ କରି ଟାଟାନଗର ନେଇ ଯାଇଥିବା ଜଣାପଡ଼ିଛି। ରେଳବାଇର ବିନା ଅନୁମତିରେ ସେ ରେଳ ଟିକେଟ ବୁକିଂ କରି ବ୍ୟବସାୟ ଚଳାଉଥିବା ଅଭିଯୋଗ ହୋଇଥିଲା।

### ଭାଲୁ ଆକ୍ରମଣରେ ଛେଳି ଚରାଳି ଗୁରୁତର

ଉଦଳା,୩।୧୧(ଡି.ଏନ୍.ଏ.): ଭାଲୁ ଆକ୍ରମଣରେ ଜଣେ ଛେଳି ଚରାଳି ଗୁରୁତର ଆହତ ହୋଇଛନ୍ତି। ଆହତ ଜଣକ ହେଲେ ଉଦଳା ବ୍ଲକ ଖଲାଡି ପଞ୍ଚାୟତ ଅଧୀନ ଶିରିପୁର ଗ୍ରାମର ପ୍ରଭାକର ଦେହୁରୀ(୫୫)। ରବିବାର ସେ ଛେଳି ନେଇ ନିକଟସ୍ଥ ହୁଡିକୁ ଚରାଇବାକୁ ଯାଇଥିଲେ। ଏହି ସମୟରେ ହଠାତ୍ ୩ଟି ଭାଲୁ ତାଙ୍କୁ ଆକ୍ରମଣ କରିଥିଲେ। ଖବରପାଇ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ବନବିଭାଗ ପକ୍ଷରୁ ତାଙ୍କୁ ଆର୍ଥିକ ସହଯୋଗ ଯୋଗାଇ ଦେବା ନିମନ୍ତେ ଦାବି ହୋଇଛି।

# କୃଷକଙ୍କ ସମସ୍ୟାକୁ ସରକାର ଗୁରୁତ୍ୱ ଦିଅନ୍ତୁ



**ବଇଣ୍ଡା,୩।୧୧(ଡି.ଏନ.ଏ.)**

ଦିନକୁ ଦୁଇ ମୁଠା ଖାଦ୍ୟ ଯୋଗାଉଥିବା କୃଷକ ଏବେ ଘୋର ସମସ୍ୟା ଦେଇ ଗତି କରୁଛି। ଜଳସେଚନ ବ୍ୟବସ୍ଥା ନ ଥିବା ସାଙ୍ଗକୁ ସରକାରୀ ସ୍ତରରେ ପ୍ରଚଳିତ ହେଉଥିବା ଯୋଜନା ଗୁଡ଼ିକ ଠିକ ଭାବେ ପହଞ୍ଚି ପାରିନାହିଁ। ଫଳରେ ଧୋଇ, ମରୁଡ଼ିରେ ସମ୍ମୁଖୀନ ହୋଇ କୃଷକ ଆତ୍ମହତ୍ୟା କରୁଛନ୍ତି। ସରକାର କୃଷକଙ୍କ ପ୍ରତ୍ୟେକ ସମସ୍ୟା ଉପରେ ଗୁରୁତ୍ୱ ଦେଇ ସମାଧାନ କରନ୍ତୁ ବୋଲି ରବିବାର ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଷୋଳପଦା କଲେଜ ପଡ଼ିଆଠାରେ ଆୟୋଜିତ ଆଠମଲ୍ଲିକ ଉପଖଣ୍ଡ ନିଖିଳ ଉତ୍କଳ ଚଷା ସମାଜର ସାଙ୍ଗଠନିକ ବୈଠକରେ ଯୋଗଦେଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଷୋଳପଦା ପ୍ରଗଣାର ସଭାପତି ହରେକୃଷ୍ଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ପ୍ରଫୁଲ୍ଲ ପ୍ରଧାନ, ସଂଯୁକ୍ତ ସମ୍ପାଦକ ଈଶ୍ୱର ଚନ୍ଦ୍ର ସାହୁ, ପତକା ସଭାପତି ପ୍ରମୋଦ ପ୍ରଧାନ, ବାଇଶିପାଲି ସଭାପତି ଉପେନ୍ଦ୍ର ପ୍ରଧାନ, ଚଉରାଅଶୀ ସଭାପତି ଯତିନ୍ଦ୍ର ପ୍ରଧାନ, ଉପଦେଷ୍ଟା କୈଳାସ ଚନ୍ଦ୍ର ପ୍ରଧାନ, ଟାଇଁସି ଅଞ୍ଚଳର ସଭାପତି ବଳଭଦ୍ର ପ୍ରଧାନ, ଆମ୍ୱଶରମୁଣ୍ଡା ସରପଞ୍ଚ ମହେଶ୍ୱର ଦେହୁରି, ନାରାୟଣ ପ୍ରଧାନ, କୁଞ୍ଜ ବିହାରୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ସମାଜର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ବିଭିନ୍ନ ପୁଞ୍ଜର କର୍ମକର୍ତ୍ତା ଯୋଗ ଦେଇଥିଲେ।

■ଜମିହରା ବିସ୍ଥାପିତଙ୍କ ବୈଠକ

# ଦାବି ପୂରଣ ନ ହେଲେ ଆନ୍ଦୋଳନ

**ଛେଣ୍ଡିପଦା, ୩।୧୧(ସ୍ୱ.ପ୍ର.)**



କୋଲ ବ୍ଲକରେ ଜମି ହରାଇଥିବା ଗ୍ରାମବାସୀ।

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବରପଦା ପଞ୍ଚାୟତର ଗୋପୀବଲ୍ଲଭପୁର ଗ୍ରାମବାସୀ ଉତ୍କଳ (ଇ) କୋଲବ୍ଲକ ପାଇଁ ଜମି ହରାଇଥିଲେ ହେଁ ସେମାନଙ୍କୁ ବିସ୍ଥାପନ କି କୌଣସି ସୁବିଧା ସୁଯୋଗ ପ୍ରଦାନ କରାଯାଇ ନ ଥିବା ଅଭିଯୋଗ କରିଛନ୍ତି। ଏ ନେଇ ରବିବାର ଗ୍ରାମ ସଭାପତି ତ୍ରିପୁର ଗଡନାୟକଙ୍କ ନେତୃତ୍ୱରେ ସ୍ଥାନୀୟ କାଳୀମନ୍ଦିର ସମ୍ମୁଖରେ ଏକ ବୈଠକ ବସିଥିଲା। ଏଥିରେ ଗ୍ରାମବାସୀ ଅଭିଯୋଗ କରିଥିଲେ ଯେ, ଏହି କୋଲ ବ୍ଲକରେ ଗୋପୀବଲ୍ଲଭପୁର ଗ୍ରାମର ୧୮୨୦ ହେକ୍ଟର, ଗୋପୀନାଥପୁର ଗ୍ରାମର ୨୫ ହେକ୍ଟର, କୋଶଳା ଗ୍ରାମର ୫ ହେକ୍ଟର ଓ କୋରଡା ଗ୍ରାମର ୬୦ ହେକ୍ଟର ଜମି ଅଧିଗ୍ରହଣ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତଦନୁଯାୟୀ ତା୧୮।୮।୨୦୦୮ ରିଖରେ ୪(୧) ଜାରି କରିବା ସହିତ ଏକ ସବ୍‌କମିଟି ଗଠନ ହୋଇଥିଲା। ଆରପିଡିଏସି ବୈଠକରେ ଏକର ପ୍ରତି ୧୧ଲକ୍ଷ ହିସାବରେ ବିସ୍ଥାପିତ ଜମିହରା ପ୍ରଜାମାନଙ୍କୁ ଦିଆଯିବା ପାଇଁ ସ୍ଥିର ହୋଇଥିଲା। ହେଲେ କିଛି ଜମିହରା ଅର୍ଥ ପାଇଥିଲେ ହେଁ ଆଜି ପର୍ଯ୍ୟନ୍ତ ଗ୍ରାମର ୨ଶହରୁ ଊର୍ଦ୍ଧ୍ୱ ପରିବାର ଅର୍ଥ ପାଇନାହାନ୍ତି। ଏଥିସହ ରାସ୍ତା, ପାନୀୟ ଜଳ ଆଦି ମୌଳିକ ସୁବିଧା ତଥା ସରକାରୀ ଯୋଜନାରୁ ମଧ୍ୟ ସେମାନେ ବାଦ ପଡିଥିବା ଗୋପୀବଲ୍ଲଭପୁର ଗ୍ରାମବାସୀ ପ୍ରକାଶ କରିଛନ୍ତି। ଆସନ୍ତା ଡିସେମ୍ବର ସୁଦ୍ଧା କମ୍ପାନୀ କର୍ତ୍ତୃପକ୍ଷ ଏବଂ ଜିଲା ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କୁ ବିସ୍ଥାପନ ସହ ଅନ୍ୟାନ୍ୟ ସୁବିଧା ପ୍ରଦାନ କରାଯିବାକୁ ଦାବି କରାଯିବା ସହ ଏ ସଂକ୍ରାନ୍ତରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଦାବି ପୂରଣ ନ ହେଲେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏହି ବୈଠକରେ ଗାଁ ସମ୍ପାଦକ ମଳିଆ କଠାର, ବାନାମ୍ବର ପରିଡା, ବରପଦାର ପୂର୍ବତନ ସରପଞ୍ଚ ଶତ୍ରୁଘନ ପ୍ରଧାନ, ଅଙ୍ଗଦ ସାହୁ, ବଳରାମ ବେହେରା, ଗିରିଧାରୀ ଗଡନାୟକ, ବିକର୍ଣ୍ଣ ଗଡନାୟକ ପ୍ରମୁଖଙ୍କ ସମେତ ଗ୍ରାମର ଶତାଧିକ ମହିଳା ପୁରୁଷ ଯୋଗ ଦେଇଥିଲେ।

ଏ ସମ୍ପର୍କରେ ବିଡିଓ ସୁନୀଲ କେରକେଟା କୁହନ୍ତି, କୋଇଲା ଖଣି ପାଇଁ ଉକ୍ତ ଜାଗା ଅଧିଗ୍ରହଣ ହୋଇଥିବାରୁ ସେଠାରେ ସରକାରଙ୍କ ପକ୍ଷରୁ କୌଣସି ଉନ୍ନୟନ କାର୍ଯ୍ୟ ହୋଇପାରିବ ନାହିଁ। ଜମି ଅଧିଗ୍ରହଣ କରିଥିବା କମ୍ପାନୀ ହିଁ ଲୋକଙ୍କ ସମସ୍ୟା ସମାଧାନ କରିପାରିବ ବୋଲି ବିଡିଓ ପ୍ରକାଶ କରିଛନ୍ତି।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ